RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-223 ◆BHUBANESWAR ◆WEDNESDAY ◆7 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୨୩ ◆ଭୁବନେଶ୍ୱର ◆ବୁଧବାର ◆୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ବ୍ରେକ୍‌ରେ ପ୍ରଭାସ

▶ପୃଷ୍ଠା ୧୫ ଦେଖନ୍ତୁ...

### ପରୀ ହତ୍ୟା ମାମଲାରେ ଶିଶୁ ଅଦାଲତଙ୍କ ରାୟ

# ସରୋଜକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

■ **ନୟାଗଡ଼/କଟକ, ୬।୨ (ସମିସ):** ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଯଦୁପୁର ଗାଁର ବହୁଚର୍ଚ୍ଚିତ ନାବାଳିକା ପରୀ ହତ୍ୟା ମାମଲାରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ଅତିରିକ୍ତ ଦୌରାଜଜ୍ ତଥା ଶିଶୁ ଅଦାଲତ ବିଚାରପତି ଲିଲି ସେନାପତି ଏହି ମାମଲାର ବିଚାର କରି ଆସାମୀ ସରୋଜକୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୧୩୧ ପୃଷ୍ଠାର ଦସ୍ତାବିଜ୍, ୧୮ଟି ବ୍ୟବହୃତ ପଦାର୍ଥ ଏବଂ ୩୧ଜଣ ସାକ୍ଷୀ ବୟାନକୁ ଆଧାର କରି ଆଜି କୋର୍ଟ ରାୟ ଶୁଣାଇଛନ୍ତି।



ଅଭିଯୁକ୍ତ ସରୋଜ ସେଠୀକୁ ମଙ୍ଗଳବାର କୋର୍ଟରେ ହାଜର କରାଯାଇଥିଲା। ଏଥିପାଇଁ ରାଉରକେଲା ବାଳ ସ୍ୱଧାର ଗୃହରୁ ନୟାଗଡ଼ ଶିଶୁ ଅଦାଲତକୁ ଅଣାଯାଇଥିଲା। ଗତ ଜାନୁଆରୀ ୩୦ ତାରିଖରେ ଶୁଣାଣି ଶେଷ ହେବା ପରେ କୋର୍ଟ ରାୟ ସଂରକ୍ଷିତ କରିଥିଲେ। ୬ ପକ୍ସୋ ଆଇନରେ ସରୋଜକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଥିବା ବେଳେ ୩୨୦ ଦଫାରେ ୨୦ ବର୍ଷ, ୩୬୩ ଦଫାରେ ୩ ବର୍ଷ, ୨୦୧ ଦଫାରେ ୩ ବର୍ଷ କାରାଦଣ୍ଡାଦେଶ ହୋଇଛି। ଏହା ସହିତ ଜରିମାନା ଅନାଦେୟ ୧ ବର୍ଷ ଅଧିକ ଦଣ୍ଡ ବିଧାନ ବ୍ୟବସ୍ଥା ରହିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଚିତ୍ତରଞ୍ଜନ କାନୁନଗୋ ସୂଚନା ଦେଇଛନ୍ତି। ଆସାମୀକୁ ଏବେ ବାଳ ସ୍ୱଧାର ଗୃହକୁ ପଠାଯିବ। ତାକୁ ୨୧ ବର୍ଷ ହୋଇଗଲେ, ସେଠାରୁ ନୟାଗଡ଼ ଉପକାରାଗାରକୁ ପଠାଯିବ ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅନୱାର ମଲ୍ଲିକ ସୂଚନା ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୦ ମସିହା ଜୁଲାଇ ୧୪ ତାରିଖରେ ଗାଁ ଦାଣ୍ଡରେ ଖେଳୁଥିବା ୬ବର୍ଷୀୟା ପରୀ ହଠାତ୍ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ନ ପାଇ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଟିମ୍ ଗଠନ କରି ତଦନ୍ତ କରିବା ସହ ଡଗ୍ ସ୍କ୍ୱାଡ୍ ଆଣି ଖୋଳତାଡ଼ କରିଥିଲା। ସେହି ମାସ ୨୩ ତାରିଖ ଦିନ ତାଙ୍କ ଘର ବାରିପଟରେ ଥିବା ଏକ ଗାଡ଼ିଆ ନିକଟରୁ ▶ପୃଷ୍ଠା-୯

## ‘ପରୀ’ ରାୟ ଖୋଲିଛି ରାଜ୍ୟ ବିଜେପିର ଅସଲ ମୁଖା: ବିଜେଡି

### ଧର୍ମେନ୍ଦ୍ର ଓ ତାଙ୍କ ଅନୁଗତଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଦୋଷୀକୁ ମିଳିଲା ଦଣ୍ଡ



- ସମ୍ବେଦନଶୀଳ ପ୍ରସଙ୍ଗରେ ହୀନ ରାଜନୀତି ଲାଗି ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ
- ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଏସ୍ଆଇଟି ଗଠନ କରିଥିଲେ ରାଜ୍ୟ ସରକାର
- ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତଦାରଖରେ କରାଯାଇଥିଲା ମାମଲାର ଅନୁଧ୍ୟାନ

■ **ଭୁବନେଶ୍ୱର, ୬।୨ (ସମିସ):** ଆଜି ପରୀକୁ ନ୍ୟାୟ ମିଳିଛି। ଦୋଷୀକୁ ଦଣ୍ଡାଦେଶ ହୋଇଛି। ଏହା ସହିତ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ମୋଡ଼ି ମକଚି ରାଜନୀତି କରୁଥିବା ରାଜ୍ୟ ବିଜେପିର ମୁଖା ଖୋଲି ଯାଇଛି । ଏକ ସ୍ପର୍ଶକାତର ଘଟଣାକୁ ନେଇ ହୀନ ରାଜନୀତି ଆରମ୍ଭ କରିଥିବା ଏହି ରାଜ୍ୟ ବିଜେପିର ନେତାମାନେ ଏଥିପାଇଁ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଆହ୍ୱାନ ଦେଇଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟିକା ତଥା ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନାବାଳିକା ପରୀର ନିଖୋଜ ଓ ହତ୍ୟା ଘଟଣା ଅତ୍ୟନ୍ତ ଦୁଃଖଦ ଥିଲା। ଏହି ଘଟଣା ସମସ୍ତଙ୍କୁ ମର୍ମାହତ କରିଥିଲା। ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାର ଏସଆଇଟି ଗଠନ କରିଥିଲେ ଓ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ ତଦନ୍ତକୁ ତଦାରଖ କରିବା ପାଇଁ। ନିୟମିତ ବ୍ୟବଧାନରେ ତଦନ୍ତର ଅଗ୍ରଗତି ନେଇ ଏସଆଇଟି ଷ୍ଟାଟସ୍ ରିପୋର୍ଟ ଦାଖଲ କରୁଥିଲା। ▶ପୃଷ୍ଠା-୯

### ମୁଖ୍ୟ ସଚେତକ ରଖିଲେ ଧନ୍ୟବାଦ ପ୍ରସ୍ତାବ

# ସବୁ କ୍ଷେତ୍ରରେ ଓଡ଼ିଶା ପାଇଛି ଉତ୍କର୍ଷ

■ **ଭୁବନେଶ୍ୱର, ୬।୨ (ସମିସ):** ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବିପର୍ଯ୍ୟୟ ପରିଚାଳନା, ସବୁକ୍ଷେତ୍ରରେ ଓଡ଼ିଶା ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଯେଉଁ ରାଜ୍ୟକୁ ଦିନେ ଅପବାଦ ସହିବାକୁ ପଡୁଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେହି ଓଡ଼ିଶା ଆଜି ସମଗ୍ର ବିଶ୍ୱର ମାର୍ଗଦର୍ଶନ କରୁଛି ବୋଲି ବିଧାନସଭାରେ କହିଛନ୍ତି ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି।



ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରି ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି ଯେ ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବହୁ ବାଧା ବିଘ୍ନ ସମ୍ମୁଖୀନ ହୋଇ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ଉତ୍କର୍ଷ ସାଧନ କରୁଛି। କୃଷିଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ପରିବହନ, ଶିକ୍ଷା ଭିତ୍ତିଭୂମିରେ ରୂପାନ୍ତରୀକରଣ, ମାଓ ମୁକାବିଲାରେ ସଫଳତା, ଗ୍ରାମୀଣ ଗୃହ ନିର୍ମାଣ, ଜଳ ଯୋଗାଣ, କ୍ରୀଡ଼ା ପର୍ଯ୍ୟଟନ ଭିତ୍ତିଭୂମିରେ ଆଖିଦୃଶିଆ ବିକାଶ, ପ୍ରଶାସନିକ ଏବଂ ସାଧାରଣ ଆର୍ଥିକ ପରିଚାଳନା କ୍ଷେତ୍ରରେ ସଂସ୍କାର କ୍ଷେତ୍ରରେ ସରକାର ଅଭୂତପୂର୍ବ ସଫଳତା ପାଇଛନ୍ତି। ହକି ବିଶ୍ୱକପ୍ ଆୟୋଜନ ହେଉ ଅବା କୋଭିଡ୍ ପରିଚାଳନା, ବିଏସ୍‌କେୱାଇ ହେଉ ଅବା ଶ୍ରୀମନ୍ଦିରର ରୂପାନ୍ତରଣ, ସବୁଠି ବିକାଶର ପଦଚିହ୍ନ ସ୍ପଷ୍ଟ ବାରିହୋଇ ପଡୁଛି। ଦେଶରେ ସର୍ବାଧିକ ଧାନ ଉତ୍ପାଦନରେ ଓଡ଼ିଶା ଆଗୁଆ ରହିଛି। ଉନ୍ନତ ଜଳସେଚନ ପାଇଁ ବିଲରେ ସୁନା ଫସଲ ଫଳୁଛି। ଧନୀ ଗରିବ ସମସ୍ତେ ଆଜି ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ବିଏସ୍‌କେୱାଇ ଗରିବ ଲୋକଙ୍କ ପାଇଁ ସଞ୍ଜିବନୀ ସାଜିଛି। ମମତା ଯୋଜନା ହେଉ ଅବା କାଳିଆ, ବଳରାମ ଯୋଜନା, ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ସୁନିଶ୍ଚିତ କରାଯାଇଛି। ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ଏବଂ ଅପପୁଷ୍ଟି ଦୂର କରିବାରେ ରାଜ୍ୟ ସରକାର ସଫଳତା ପାଇଛନ୍ତି। ଏହା ହେଉଛି ନୂଆ ଓଡ଼ିଶା, ରୂପାନ୍ତରିତ ଓଡ଼ିଶା।

ସେ ପୁଣି କହିଛନ୍ତି ଯେ ମିଲେଟ୍ ମିଶନ୍‌ରେ ଓଡ଼ିଶା ରେକର୍ଡ ପରିମାଣର ମାଣ୍ଡିଆ ଅମଳ କରିଛି। ରାଜ୍ୟ ସରକାର ବିଜୁ ପକ୍କା ଘର, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଓ ମୋ ଘର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୪-୧୫ରୁ ଏଯାଏଁ ୩୪.୨୫ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି। ଏଯାବତ୍ ୨.୪୦ ଲକ୍ଷ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଶିଳ୍ପ, କ୍ରୀଡ଼ା, ଆଇଟି, ପର୍ଯ୍ୟଟନ ଭିତ୍ତିଭୂମି ଆଜି ବିଶ୍ୱର ବଡ଼ ବଡ଼ ପୁଞ୍ଜିପତିଙ୍କୁ ଆକୃଷ୍ଟ କରୁଛି। ସେହିପରି ମିଶନ ଶକ୍ତି ଅଧିନରେ ୭୦ ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି। ଚଳିତ ଆର୍‌ଥିକ ବର୍ଷରେ ମୋଟ ୧୫ ହଜାର କୋଟି ଟଙ୍କାର ଋଣ ସଂଯୋଗୀକରଣ ସୁବିଧା ଯୋଜନା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜ୍ୟରେ ୫୩.୦୯ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଉଛି। ମେକ୍ ଇନ୍ ଓଡ଼ିଶା ହେଉ ଅବା ସଦ୍ୟ ସମାପ୍ତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଓଡ଼ିଶା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ରାଜ୍ୟରେ ଶାନ୍ତି ଶୃଙ୍ଖଳା ବଜାୟ ରହିଥିବା ବେଳେ ମାଓ ଉପଦ୍ରବ ନିୟନ୍ତ୍ରଣକୁ ଆସିଛି। ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଦାରିଦ୍ର୍ୟ ହ୍ରାସ ପାଇଛି ବୋଲି ଶ୍ରୀ ମୁଦୁଲି କହିଛନ୍ତି ।




### ୨ ଦିନ ତଳେ ଖେଳ କୋଟାରୁ ପାଇଥିଲେ ଚାକିରି
# ଡିଏସ୍‌ପିଙ୍କ ବିରୋଧରେ ନାବାଳିକା ଦୁଷ୍କର୍ମ ମାମଲା

**ଜଳନ୍ଧର, ୬।୨ (ଏଜେନ୍ସି):** ଦୁଇ ଦିନ ତଳେ ପଞ୍ଜାବ ଡିଏସ୍‌ପି ନିଯୁକ୍ତ ହୋଇଥିବା ହକି ଖେଳାଳି ବରୁଣ କୁମାରଙ୍କ ବିରୋଧରେ ନାବାଳିକା ଦୁଷ୍କର୍ମ ମାମଲା ଲାଗିଛି। ହାଇଦରବାଦର ଜଣେ ଯୁବତୀ ଏହି ଅଭିଯୋଗ ଲଗାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ପରେ ସେ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଦୁଷ୍କର୍ମ କରିଥିଲେ। ବରୁଣଙ୍କ ବିରୋଧରେ ବେଙ୍ଗାଲୁରୁରେ ପକ୍ସୋ ସହିତ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ବେଙ୍ଗାଲୁରୁ ପୁଲିସ ଟିମ୍ ପଞ୍ଜାବ ଏବଂ ହିମାଚଳ ପ୍ରଦେଶରେ ଚଢ଼ଉ କରିଛି। ତେବେ ଏହାକୁ ନେଇ ପଞ୍ଜାବ ପୁଲିସ ପାଖରେ କୌଣସି ସୂଚନା ନାହିଁ। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଖୁବଶୀଘ୍ର ବରୁଣଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ଯୁବତୀ ପୁଅକୁ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ବରୁଣଙ୍କ ପିତା କହିଛନ୍ତି। ସୂଚନାଯୋଗ୍ୟ ଯେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଗତ ରବିବାର ଭାରତୀୟ ହକି ଟିମ୍‌ର ଡିଫେଣ୍ଡର ବରୁଣଙ୍କୁ ଡିଏସ୍‌ପି ନିଯୁକ୍ତ କରିଥିଲେ। ବରୁଣ ହିମାଚଳରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ଏବେ ସେ ଜଳନ୍ଧରରେ ପରିବାର ସହିତ ରହୁଛନ୍ତି। ସେ ଅଲମ୍ପିକର ବ୍ରୋଞ୍ଜ ମେଡ଼ାଲ ବିଜେତା ଟିମ୍‌ରେ ସାମିଲ ଥିଲେ।

# ଦିଲ୍ଲୀରୁ ଲସ୍କର ଆତଙ୍କବାଦୀ ଗିରଫ



**ନୂଆଦିଲ୍ଲୀ, ୬।୨ (ଏଜେନ୍ସି):** ଦିଲ୍ଲୀ ରେଳ ଷ୍ଟେସନରୁ ଜଣେ ଲସ୍କର-ଇ-ତୋଏବା (ଏଲ୍‌ଇଟି) ଆତଙ୍କବାଦୀକୁ ଗିରଫ କରାଯାଇଛି। ଏହି ଆତଙ୍କବାଦୀ ସଂଗଠନ ଜମ୍ମୁ-କାଶ୍ମୀର କୁପୱାଡ଼ାରେ ସକ୍ରିୟ ରହିଛି। ଏହାର ସଦସ୍ୟ ରିଆଜ ଅହମ୍ମଦକୁ ଦିଲ୍ଲୀ ପୁଲିସ ଧରିଛି। ପୁଲିସ ତା ନିକଟରୁ ମୋବାଇଲ ଫୋନ ଏବଂ ସିମ୍‌କାର୍ଡ ଜବତ କରିଛି। ସେ ଭାରତୀୟ ସ୍ଥଳସେନାରୁ ଅବସର ନେଇଥଇଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ସେପଟୁ ଗୋଳାବାରୁଦ ଆଣୁଥିଲା। ଦିଲ୍ଲୀ ପୁଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏ ବିଷୟରେ ଜମ୍ମୁ-କାଶ୍ମୀର ପୁଲିସକୁ ସୂଚନା ଦେଇଛି। ଜମ୍ମୁ-କାଶ୍ମୀର ପୁଲିସର ସଫଳ ଅଭିଯାନ ଯୋଗୁଁ ପାକିସ୍ତାନ କବ୍‌ଜାରେ ଥିବା କାଶ୍ମୀର (ପିଓକେ) ରୁ ପରିଚାଳିତ ଏଲଇଟି ଶାଖାର ପର୍ଦ୍ଦାଫାସ ହୋଇପାରିଛି। ଏହି ଆତଙ୍କବାଦୀ ସଂଗଠନ ଜମ୍ମୁ-କାଶ୍ମୀରରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲା। ସୂଚନା ଅନୁଯାୟୀ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଚୋରାଚାଲାଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କ ୫ ସହଯୋଗୀଙ୍କୁ ପୁଲିସ କରନାହରୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ଖୁର୍ସିଦ ଅହମ୍ମଦ ରାଥର ଏବଂ ଗୁଲାମ ସରୱର ରାଥର ସାମିଲ ଥିଲା। ସେହିପରି ଆକ୍ରମଣ ଷଡ଼ଯନ୍ତ୍ରରେ ରିଆଜ ସାମିଲ ରହିଥିଲା। ଦିଲ୍ଲୀ ପୁଲିସ ସୂଚନା ଅନୁଯାୟୀ ଜମ୍ମୁ-କାଶ୍ମୀରରୁ ଗିରଫ ଆତଙ୍କବାଦୀଙ୍କ ଜହୁର ଅହମ୍ମଦ ଭଟ୍ଟ ନିକଟରୁ ଏକେ ସିରିଜ ରାଇଫଲ, ମାଗାଜିନ, ଅନେକ ରାଉଣ୍ଡ ଗୁଳି ଏବଂ ଅନେକ ପିସ୍ତଲ ମିଳିଥିଲା। ସେ ପିଓକେ ସ୍ଥିତ ଏଲଇଟିର ୨ ଆତଙ୍କବାଦୀଙ୍କ ସହ ଯୋଗାଯୋଗରେ ଥିଲା। ଭାରତ ବିରୋଧୀ ଷଡ଼ଯନ୍ତ୍ର ପାଇଁ ସେ ଅସ୍ତ୍ରଶସ୍ତ୍ର ପଠାଉ ଥିଲା।

## ଫ୍ଲାଟ୍ ଦୁର୍ନୀତିରେ ଫସିଲେ ମୁଇଜ୍ଜୁଙ୍କ ପତ୍ନୀ

**ମାଲେ, ୬।୨ (ଏଜେନ୍ସି):** ଭାରତ ସହ ସମ୍ପର୍କ ଖରାପ କରିଥିବା ଅଭିଯୋଗରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି। ଏହା ମଧ୍ୟରେ ତାଙ୍କ ପତ୍ନୀ ତଥା ପ୍ରଥମ ମହିଳା ସାଜିଦାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ସେ ଫ୍ଲାଟ୍ ଦୁର୍ନୀତିରେ ଫସିଛନ୍ତି। ଗରିବଙ୍କ ପାଇଁ ନିର୍ମାଣ କରାଯାଇଥିବା ଫ୍ଲାଟକୁ ନିଜ ସହଯୋଗୀଙ୍କୁ ଦେଇଥିବା ଅଭିଯୋଗ ଲାଗିଛି। ତେବେ ରାଷ୍ଟ୍ରପତି ନିଜ ପତ୍ନୀଙ୍କୁ ନିର୍ଦ୍ଦୋଷ କହିଛନ୍ତି। ଏହା ପୂର୍ବରୁ ଦୁଇ ମାସ ତଳେ ଏକ ପ୍ରକଳ୍ପ କାମ ପାଇଁ ସାଜିଦା ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଇଥିବା ଅଭିଯୋଗ ଲାଗିଥିଲା। ଅନ୍ୟପକ୍ଷରେ ମୁଇଜ୍ଜୁ ଏକ ଦ୍ୱୀପ ଗସ୍ତ ସମୟରେ ମାଳଦ୍ୱୀପ ଋଣ ବୋଝରେ ଫସି ରହିଛି ବୋଲି କହିଛନ୍ତି।

## ଦେଶର ବିବାହ ପ୍ରତିଷ୍ଠାନକୁ ବଞ୍ଚାଇବା ଜରୁରୀ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ଦେଶର ବିବାହ ପ୍ରତିଷ୍ଠାନକୁ ସୁରକ୍ଷା ଦିଆଯିବା ଉଚିତ। ଏହାକୁ ସଂରକ୍ଷଣ ମିଳିବା ମଧ୍ୟ ଆବଶ୍ୟକ। କୋର୍ଟ ପଶ୍ଚିମ ଦେଶର ମେଡଲକୁ ଅନୁଶୀଳନ କରିବେ ନାହିଁ। ଏହି ସବୁ ଦେଶରେ ବିବାହ ବିନା ଶିଶୁ ଜନ୍ମ ନେଇଥାନ୍ତି। ସେଠାରେ ଏହା ସାଧାରଣ ଘଟଣା ପାଲଟି ଯାଇଛି। ଭାରତକୁ ପଶ୍ଚିମ ଦେଶ ଭଳି ହେବାକୁ ଦିଆଯିବ ନାହିଁ। ଏକକ ମହିଳାଙ୍କୁ ସନ୍ତାନ ଅନୁମତି ଦେବା ଭାରତୀୟ ସମାଜ ବିରୋଧୀ। ଏହା ଭାରତରେ ଅପବାଦ ଭଳି। ସରୋଗେସୀ ମାଧ୍ୟମରେ ମାଆ ହେବାକୁ ଚାହୁଁଥିବା ଜଣେ ଏକକ ମହିଳା (୪୪)ଙ୍କ ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ଭାରତୀୟ ଆଇନରେ ଅନୁମତି ଦିଆଯାଇ ନାହିଁ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଅଗଷ୍ଟାଇନ ଜର୍ଜ ମସିଙ୍କ ଖଣ୍ଡପୀଠ କହିଛନ୍ତି। ଶୁଣାଣିବେଳେ ଖଣ୍ଡପୀଠ କହିଥିଲେ ଯେ ଭାରତରେ ବିବାହ ପରେ ମାଆ ହେବାର ନିୟମ ରହିଛି। ବିନା ବିବାହରେ ମାଆ ହେବା ବେଆଇନ। ଶିଶୁର ମଙ୍ଗଳକୁ ଦେଖି ଆଲୋଚନା କରାଯାଉଛି।

## ଉତ୍ତରାଖଣ୍ଡ ବିଧାନସଭାରେ ୟୁସିସି ବିଲ୍ ଆଗତ

**ଡେରାଡୁନ, ୬।୨ (ଏଜେନ୍ସି):** ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଙ୍ଗଳବାର ବିଧାନସଭାରେ ଏକକ ନାଗରିକ ସଂହିତା (ୟୁସିସି) ଉପସ୍ଥାପନ କରିଛନ୍ତି। ଏହି ବିଲ୍‌ରେ ସବୁ ଧର୍ମ ଏବଂ ବର୍ଗର ଧ୍ୟାନ ରଖାଯାଇଛି ବୋଲି ସେ କହିଛନ୍ତି। ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ୟୁସିସି ଚିଠା ପ୍ରସ୍ତାବ ଆଣିଛି। ବିଲ୍ ଉପସ୍ଥାପନ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦୀର୍ଘ ଦିନ ହେଲା ଏହି ସମୟକୁ ଅପେକ୍ଷା କରାଯାଇଥିଲା। କେବଳ ପ୍ରଦେଶ ନୁହେଁ, ବରଂ ସାରା ଦେଶର ନଜର ଏହା ଉପରେ ରହିଛି। ଏହା ମହିଳା ସଶକ୍ତିକରଣକୁ ମଜବୁତ କରିବ। ବିଜେପି ନେତାଙ୍କୁ ଖୁସି କରିବା ପାଇଁ ଧାମି ଏହି ବିଲ୍ ଆଣିଛନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ କହିଛନ୍ତି। ସେହିପରି ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ଏହାକୁ ମୁସଲମାନ ବିରୋଧୀ କହିଛନ୍ତି। ୧୯୨ ପୃଷ୍ଠାର ଏହି ବିଲ୍ ୪ ଭାଗରେ ବିଭକ୍ତ। ଏଥିରେ ଲିଭ୍-ଇନ-ରିଲେସନସିପ ପାଇଁ ପଞ୍ଜିକରଣର ବ୍ୟବସ୍ଥା ରହିଛି। ଏପରି ନ କଲେ ୬ ମାସ ଜେଲ୍, ୨୫ ହଜାର ଟଙ୍କାର ଜରିମାନା କିମ୍ବା ଉଭୟ ଲଗାଯାଇପାରେ। ଏଥିରୁ ଜନ୍ମିତ ଶିଶୁକୁ ଆଇନଗତ ଧରାଯିବ।

### ବାଣ କାରଖାନାରେ ଭୟାବହ ବିସ୍ଫୋରଣ
# ୧୧ ଜୀବନ୍ତ ଦଗ୍ଧ ; ୭୦ରୁ ଅଧିକ ଆହତ

ଭୋପାଳ,୬।୨(ଏଜେନ୍ସି)

ମଧ୍ୟପ୍ରଦେଶର ହାର୍ଦ୍ଦା ଜିଲ୍ଲାର ବଇରାଗଡ଼ସ୍ଥିତ ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହିତ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଅବସ୍ଥା ଜଟିଳ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ବାଣ କାରଖାନାରେ କୌଣସି କାରଣରୁ ନିଆଁ ଲାଗି ଯିବା ପରେ ଘନ ଘନ ବିସ୍ଫୋରଣ ହୋଇଥିଲା। ଦୀର୍ଘ ସମୟ ଧରି ବିସ୍ଫୋରଣ ଘଟି ଚାଲିଥିଲା ବେଳେ କିଛି ମିନିଟ୍ ମଧ୍ୟରେ କାରଖାନାର ଆଖପାଖରେ ରହିଥିବା ବହୁ ଘର ମଧ୍ୟ ଜଳିଯାଇଥିଲା। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ଆଖପାଖରେ ରହିଥିବା ବହୁ ଯାନ ମଧ୍ୟ ଜଳିଯାଇଥିଲା। ନିମିଷକେ ମଧ୍ୟରେ ପ୍ରାୟ ୬୦ ଘର ଛାରଖାର ହୋଇଯାଇଥିଲା ବେଳେ ପାଖାପାଖି ୧୦୦ଟି ପରିବାରକୁ ଅନ୍ୟତ୍ର ହଟାଇ ଦିଆଯାଇଛି। ଏହି ବାଟ ଦେଇ ଯାଉଥିବା ୩୫ରୁ ଅଧିକ ଲୋକ ମଧ୍ୟ ବିସ୍ଫୋରଣ ଯୋଗୁଁ ଆହତ ହୋଇଛନ୍ତି।

- **ଉଡ଼ିଗଲା ୬୦ ଘର, ଜଳିଗଲା ବହୁ ଗାଡି**
- **ଉଦ୍ଧାର କାର୍ଯ୍ୟରେ ଏସ୍‌ଡିଆର୍‌ଏଫ୍, ୭ ଜିଲ୍ଲାର ଅଗ୍ନିଶମ ଟିମ୍ ନିୟୋଜିତ**
- **ପ୍ରଧାନମନ୍ତ୍ରୀଙ୍କ ଶୋକ; ମୃତକଙ୍କ ପରିବାରକୁ ୨ ଲକ୍ଷ, ଆହତଙ୍କୁ ୫୦ ହଜାର ସହାୟତା ଘୋଷଣା**

ଘଟଣାସ୍ଥଳରୁ ୧୧ ମୃତଦେହ ଉଦ୍ଧାର କରାଯିବା ସହ ଗୁରୁତର ଆହତମାନଙ୍କୁ ତୁରନ୍ତ ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ସକାଳେ ଏଭଳି ଏକ ଭୟାନକ ତଥା ଦୁଃଖଦ ଘଟଣା ମଙ୍ଗଳବାର ଘଟିବା ପରେ ସାରା ରାଜ୍ୟରେ ଦୁଃଖର ବାତାବରଣ ଖେଳିଯାଇଛି। ଘଟଣାସ୍ଥଳରେ ବହୁ ଅଗ୍ନିଶମ ଟିମ୍ ସହିତ ଏସଡିଆରଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚାଲୁ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ କିଛି ମନ୍ତ୍ରୀ ଏବଂ ପ୍ରମୁଖ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ପଠାଇ ଆନୁଷଙ୍ଗିକ ପଦକ୍ଷେପ ନେବାକୁ କହିଛନ୍ତି। ମଧ୍ୟପ୍ରଦେଶ ମନ୍ତ୍ରୀ ଉଦୟ ପ୍ରତାପ ସିଂ, ଅତିରିକ୍ତ ଶାସନ ସଚିବ ଅଜିତ କେଶରୀ, ହୋମଗାର୍ଡ ମହାନିର୍ଦ୍ଦେଶକ ଅରବିନ୍ଦ କୁମାର ହେଲିକପ୍ଟର ଯୋଗେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଉପ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲା ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ ଏବଂ ବେଦନାଦାୟକ ବୋଲି କହିବା ସହିତ ଘଟଣା ପଛରେ ରହିଥିବା ଦୋଷୀକୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହି



ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକ ଏବଂ ଆହତମାନଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତକମାନଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବାକୁ ମୋଦୀ ଘୋଷଣା କରିଛନ୍ତି।

### ଆପ୍‌ର ୧୨ ନେତାଙ୍କ ଠିକଣାରେ ଇଡି ଚଢ଼ଉ
# ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ଘରେ ଯାଞ୍ଚ

ନୂଆଦିଲ୍ଲୀ,୬।୨(ଏଜେନ୍ସି):

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଅନ୍ୟ କେତେକ ଘୋଟାଲାକୁ ନେଇ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନିଶାଣରେ ରହିଛି ଆମ୍ ଆଦମୀ ପାର୍ଟି(ଆପ୍)। ପୂର୍ବରୁ ଆପ୍ ସାଂସଦ ସଞ୍ଜୟ ସିଂଙ୍କ ସମେତ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରାଯାଇ ଜେଲରେ ଭର୍ତ୍ତି କରାଯାଇଥିଲା ବେଳେ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ୍ୟ ପାଞ୍ଚ ପାଞ୍ଚଥର ସମନ କରାଯାଇଛି। ଏହାମଧ୍ୟରେ ମଙ୍ଗଳବାର ଇଡି ଆପ୍‌ର ୧୨ ନେତାଙ୍କ ଠିକଣାରେ ଚଢ଼ଉ କରିଛି। ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ ସମେତ ଆପ୍ ରାଜ୍ୟସଭା ସାଂସଦ ତଥା ଦଳୀୟ କୋଷାଧ୍ୟକ୍ଷ ଏନ ଡି ଗୁପ୍ତା ଏବଂ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କ ବାସଭବନରେ ଇଡି ଅଧିକାରୀମାନେ ସକାଳୁ ସକାଳୁ ପହଞ୍ଚି ଏକ ସଙ୍ଗରେ ଚଢ଼ଉ କରିଛନ୍ତି। ଦିଲ୍ଲୀ ଜଳ



ଅଡୁଆରେ କେଜ୍ରିୱାଲ୍

ବୋର୍ଡ ଘୋଟାଲା ଏବଂ ଅର୍ଥ ହେରଫେରକୁ ନେଇ ପୂର୍ବତନ ଜଳ ବୋର୍ଡ ସଦସ୍ୟ ସଲାବ କୁମାରଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇଛି। ଇଡିର ଏଭଳି ଅଚାନକ ଚଢ଼ଉକୁ ନେଇ ଆପ୍ କେନ୍ଦ୍ର ସରକାରଙ୍କୁ ନିଶାଣ କରିବା ସହିତ ବିଜେପି ଆପ୍ ସରକାରକୁ ଭାଙ୍ଗି ଦେବାକୁ ମସୁଧା କରିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଚଢ଼ଉ ପରେ ଶିକ୍ଷାମନ୍ତ୍ରୀ ଆତିଶୀ ତୁରନ୍ତ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ପୂର୍ବରୁ ଇଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବାରମ୍ବାର ସମନ ପଠାଇ କେନ୍ଦ୍ର ସରକାର ଭୟଭୀତ କରିବାକୁ ଉଦ୍ୟମ କରିଥିଲା ବେଳେ ଏବେ ଦଳୀୟ ନେତାଙ୍କ ଘରେ ଚଢ଼ଉ କରି ସମସ୍ତଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଗତ କିଛି ଦିନ ହେଲା ଆପ୍ ଏବଂ ବିଜେପି ମଧ୍ୟରେ ବଢ଼ିଥିବା ତିକ୍ତତାକୁ ନେଇ ସ୍ଥିତି ଖରାପ ହେବାରେ ଲାଗିଥିବା ବେଳେ କୌଣସି ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଗିରଫ କରାଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଯେଉଁମାନେ ଦୁର୍ନୀତି କରି ଏବେ ଯାଞ୍ଚ ଏଜେନ୍ସିମାନଙ୍କ ବିରୋଧରେ ଟିକା ଟିପ୍ପଣୀ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ଏବଂ ଲୁଟ୍ ଅର୍ଥ ସେମାନେ ଫେରାଇବାକୁ ବାଧ୍ୟ ହେବେ ବୋଲି ଗତକାଲି ପ୍ରଧାନମନ୍ତ୍ରୀ ମୋଦୀ ସଂସଦରେ କହିଥିଲେ। ତେଣୁ ଇଡି କୌଣସି ମୁହୂର୍ତ୍ତରେ କେଜ୍ରିୱାଲଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କୁ ଗିରଫ କରିପାରେ ବୋଲି କୁହାଯାଉଛି।

### ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି
# ଅଜିତ ପାୱାର୍ ଗୋଷ୍ଠୀ ପ୍ରକୃତ ଏନ୍‌ସିପି



**ନୂଆଦିଲ୍ଲୀ,୬।୨(ଏଜେନ୍ସି):** ଶରଦ ପାଓ୍ୱାରଙ୍କ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି(ଏନସିପି)କୁ ନେଇ ମଙ୍ଗଳବାର ନିର୍ବାଚନ ଆୟୋଗ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଦଳର ଅନ୍ୟତମ ପ୍ରମୁଖ ନେତା ତଥା ପ୍ରତିଷ୍ଠାତା ଶରଦ ପାୱାରଙ୍କ ପୁତୁରା ଅଜିତ ପାୱାର ନିଜ ସମର୍ଥକମାନଙ୍କ ସହ ଦଳ ବିଭାଜନ କରିବା ପରେ ଏନସିପିର ପ୍ରକୃତ ନେତୃତ୍ୱ କାହା ହାତରେ ରହିବ , ତାହାକୁ ନେଇ ବିବାଦ ଉପୁଜିଥିଲା। ତେବେ ମଙ୍ଗଳବାର ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗ ନିଷ୍ପତ୍ତି ଶୁଣାଇଛନ୍ତି। ଅଜିତଙ୍କ ଗୋଷ୍ଠୀ ହିଁ ପ୍ରକୃତ ଏନସିପି ବୋଲି ଆୟୋଗ କହିଛନ୍ତି। ଏହାବ୍ୟତୀତ ପୂର୍ବରୁ ଏନସିପିର ରହିଥିବା 'ଘଡ଼ି' ଚିହ୍ନକୁ ମଧ୍ୟ ଅଜିତଙ୍କ ଗୋଷ୍ଠୀ ବ୍ୟବହାର କରିପାରିବେ ବୋଲି ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି। ଆଭ୍ୟନ୍ତରୀଣ ସାଂଗଠନିକ ନିର୍ବାଚନ ଏବଂ ବିଧାନସଭା ସଂଖ୍ୟାଗରିଷ୍ଠତାର ପରୀକ୍ଷା ପରେ ଅଜିତ ପାୱାରଙ୍କ ଗୋଷ୍ଠୀ ଏନସିପି ନିର୍ବାଚନ ଚିହ୍ନ ପାଇବାରେ ଅସୁବିଧା ନାହିଁ ବୋଲି ନିର୍ବାଚନ ଆୟୋଗ କହିଛନ୍ତି। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିସନଙ୍କ ଏହି ନିଷ୍ପତ୍ତି ଶରଦ ପାୱାର ଗୋଷ୍ଠୀ ପାଇଁ ଶକ୍ତ ଝଟକା ହୋଇଛି। କେବଳ ଶରଦ ପାୱାର ଗୋଷ୍ଠୀ ନୁହେଁ, ମହାରାଷ୍ଟ୍ର ରାଜନୀତି ପାଇଁ ମଧ୍ୟ ଏହି ବିଷୟ ସମସ୍ୟା ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।ଅଜିତ ପାୱାରଙ୍କ ପାଇଁ ଏହା ଏକ ବଡ ବିଜୟ ହୋଇଥିଲା ବେଳେ ଶରଦ ଗୋଷ୍ଠୀ ଏବେ କେଉଁ ସଙ୍କେତରେ ନିର୍ବାଚନ ଲଢ଼ିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ରାଜ୍ୟସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କର ନୂତନ ରାଜନୈତିକ ଗଠନର ନାମକରଣ କରିବାକୁ ନିର୍ବାଚନ ଆୟୋଗ ଶରଦ ପାୱାରଙ୍କୁ ବିଶେଷ ରିଆତି ଦେଇଛନ୍ତି।

### ପବ୍ଲିକ ଏଗ୍‌ଜାମିନେସନ ବିଲ୍ ଲୋକସଭାରେ ପାରିତ
# ପରୀକ୍ଷାରେ ଜାଲିଆତି ପାଇଁ ୧୦ ବର୍ଷ ଜେଲ୍

ନୂଆଦିଲ୍ଲୀ, ୬।୨ (ଏଜେନ୍ସି)

ସରକାରୀ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ, ଜାଲିଆତି ଉପରେ କଟକଣା ଲଗାଇବା ପାଇଁ ଅଣାଯାଇଥିବା ପବ୍ଲିକ ଏଗ୍‌ଜାମିନେସନ (ପ୍ରିଭେନସନ ଅଫ୍ ଅନଫେୟାର ମିନ୍ସ) ବିଲ୍ ମଙ୍ଗଳବାର ଲୋକସଭାରେ ପାରିତ ହୋଇଯାଇଛି। ଏଥିରେ ଅଧିକାରୀଙ୍କ ସହ ମିଶି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ କରୁଥିବା କିମ୍ବା ଉତ୍ତର ଖାତାରେ ଜାଲିଆତି କରୁଥିବା ଲୋକଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲଗାଇବାର ବ୍ୟବସ୍ଥା ରହିଛି। ଏବେ ଏହି ବିଲ୍‌କୁ ରାଜ୍ୟସଭାକୁ ପଠାଯିବ। ଏହା ପୂର୍ବରୁ ବଜେଟ ଅଧିବେଶନର ପଞ୍ଚମ ଦିନରେ ମଙ୍ଗଳବାର ଜମ୍ମୁ-କାଶ୍ମୀର ସ୍ଥାନୀୟ ନିର୍ବାଚନ (ପୌର ପାଳିକା ଏବଂ



- **ଦିନକ ପାଇଁ ବଢ଼ିଲା ସଂସଦର ବଜେଟ ଅଧିବେଶନ**
- **ୟୁପିଏର ଆର୍ଥିକ କୁପରିଚାଳନା ଉପରେ ଆସିବ 'ଶ୍ୱେତ ପତ୍ର'**
- **ଡିଏମ୍‌କେ ସାଂସଦଙ୍କ ମନ୍ତବ୍ୟକୁ ନେଇ ବିବାଦ**

ପଞ୍ଚାୟତ)ରେ ସଂରକ୍ଷଣ ନେଇ ଚର୍ଚ୍ଚା ହୋଇଥିଲା। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ଏହି ବିଲ୍ ଜମ୍ମୁ-କାଶ୍ମୀର ଲୋକାଲ ବଡିଜ ଲଜ୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୪ ଉପସ୍ଥାପନ କରିଥିଲେ। ସେହିପରି ରାଜ୍ୟସଭାରେ କନ୍‌ସିଡେରେସନ ଦ କନ୍‌ଷ୍ଟିଚ୍ୟୁସନ (ସିଡ୍ୟୁଲ ଟ୍ରାଇବ୍ସ) ଅର୍ଡର (ଆମେଣ୍ଡମେଣ୍ଟ) ବିଲ୍, ୨୦୨୪ ଏବଂ କନ୍‌ଷ୍ଟିଚ୍ୟୁସନ (ସିଡ୍ୟୁଲ୍ଡ କାଷ୍ଟସ ଆଣ୍ଡ ସିଡ୍ୟୁଲ୍ଡ ଟ୍ରାଇବ୍ସ) ଅର୍ଡର୍ସ (ଆମେଣ୍ଡମେଣ୍ଟ) ବିଲ୍ ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଗୃହରେ ଚର୍ଚ୍ଚା ଚାଲିଥିବା ସମୟରେ ଡିଏମ୍‌କେ ସାଂସଦ ଟିଆର ବାଲୁଙ୍କ ମନ୍ତବ୍ୟକୁ ନେଇ ବିରୋଧୀ ଏବଂ ଶାସକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସାଂସଦ ବାଲୁ କେନ୍ଦ୍ରମନ୍ତ୍ରୀ ଏଲ ମୁରୁଗନଙ୍କୁ ନିଶାଣ କରି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହା ଉପରେ ବିଜେପି ସାଂସଦ କଡ଼ା ଆପତ୍ତି ଉଠାଇ ଥିଲେ। ଡିଏମ୍‌କେ ସାଂସଦ ଦଳିତ ସମାଜକୁ ଅପମାନତି କରିଛନ୍ତି ବୋଲି କହିଥିଲେ। ଏହା ଉପରେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ।

ଏହା ମଧ୍ୟରେ କେନ୍ଦ୍ର ସରକାର ୟୁପିଏ ଶାସନରେ ହୋଇଥିବା ଆର୍ଥିକ କୁପରିଚାଳନା ଉପରେ 'ଶ୍ୱେତ ପତ୍ର' ଆଣିବାକୁ ଯାଉଛନ୍ତି। ଏଥିଲାଗି ସଂସଦର ବଜେଟ ଅଧିବେଶନକୁ ଦିନକ ପାଇଁ ବଢ଼ାଇ ଦିଆଯାଇଛି। ଏହି ଶ୍ୱେତ ପତ୍ରରେ ୟୁପିଏ ସରକାରର କୁପରିଚାଳନା ଯୋଗୁଁ ଭାରତର ଖରାପ ଆର୍ଥିକ ସ୍ଥିତି ଏବଂ ଅର୍ଥବ୍ୟବସ୍ଥା ଉପରେ ପଡ଼ିଥିବା ପ୍ରଭାବ ବିଷୟରେ ବିସ୍ତୃତ ସୂଚନା ଦିଆଯିବ।

# ମୁଖ୍ୟମନ୍ତ୍ରୀଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା



**ବେଙ୍ଗାଲୁରୁ, ୬।୨ (ଏଜେନ୍ସି):** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଉପରେ ହାଇକୋର୍ଟଙ୍କ ଛାଟ ବାଜିଛି। ବିକ୍ଷୋଭ ପ୍ରଦର୍ଶନ ପାଇଁ ଟ୍ରାଫିକ ବନ୍ଦ କରିବାକୁ ନେଇ ହାଇକୋର୍ଟ ମଙ୍ଗଳବାର ସିଦ୍ଧରମୈୟାଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। କଂଗ୍ରେସର ସାଧାରଣ ସମ୍ପାଦକ ରଣଦୀପ ସୁର୍ଯେୱାଲା, ମନ୍ତ୍ରୀ ଏମ୍‌ବି ପାଟିଲ ଏବଂ ରାମଲିଙ୍ଗା ରେଡ୍ଡୀଙ୍କ ଉପରେ ମଧ୍ୟ ସମାନ ଜରିମାନା ଲଗାଯାଇଛି। ଏହା ସହିତ ୨୦୨୨ର ଏହି ମାମଲା ରଦ୍ଦ ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ଅନୁରୋଧକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାର୍ଚ୍ଚ ୬ ତାରିଖରେ ସ୍ୱତନ୍ତ୍ର ଏମ୍‌ପି/ଏମଏଲଏ କୋର୍ଟରେ ହାଜର ହେବାକୁ କହିଛନ୍ତି। ଜନ ପ୍ରତିନିଧିମାନେ ଆଇନ ପାଳନ କରନ୍ତୁ ବୋଲି କୋର୍ଟ ପରାମର୍ଶ ଦେଇଛନ୍ତି। ସୂଚନା ଅନୁଯାୟୀ ୨୦୨୨ରେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପଞ୍ଚାୟତରାଜ ମନ୍ତ୍ରୀ କେଏସ୍ ଇଶ୍ୱରପ୍ପାଙ୍କୁ ବହିଷ୍କାର ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ସେତେବେଳେ ମନ୍ତ୍ରୀ ୪୦ ପ୍ରତିଶତ କମିଶନ ମାଗୁଥିବା ଅଭିଯୋଗ କରି ଠିକାଦାର ସନ୍ତୋଷ ପାଟିଲଙ୍କ ଆତ୍ମହତ୍ୟା କରିଥିଲେ। ପୁଲିସ ଅନୁଯାୟୀ ଏହି ପ୍ରଦର୍ଶନ ଲାଗି ରାସ୍ତା ବନ୍ଦ ହୋଇଯାଇଥିଲା। ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ।

**ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-223 BHUBANESWAR WEDNESDAY 7 FEBRUARY 2024 PAGE-16 ₹ 6.00
ବର୍ଷ-୪୧ ସଂଖ୍ୟା-୨୨୩ ଭୁବନେଶ୍ୱର ବୁଧବାର ୭ ଫେବୃଆରୀ ୨୦୨୪ ପୃଷ୍ଠା-୧୬ ଟ.୬.୦୦



ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି

▶କ୍ରୀଡ଼ା ପୃଷ୍ଠାରେ...




## ଓଡ଼ିଶାରେ ପହଞ୍ଚିଲା କଂଗ୍ରେସର 'ଭାରତ ଯୋଡ଼ ନ୍ୟାୟ ଯାତ୍ରା'

# ହିଂସା, ଘୃଣା, ଆକ୍ରୋଶ ବିରୋଧରେ ପଦଯାତ୍ରା: ରାହୁଲ



■ ରାଉରକେଲା, ୬।୨ (ସମିସ): 'ଭାରତ ଯୋଡ଼ ନ୍ୟାୟ ଯାତ୍ରା'ରେ ବାହାରିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଓଡ଼ିଶାରେ ପହଞ୍ଚିଛନ୍ତି। ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁରରେ ରାହୁଲଙ୍କୁ ଓଡ଼ିଶା କଂଗ୍ରେସ ନେତାମାନେ ସ୍ୱାଗତ କରିଛନ୍ତି। ଏହି ଅବସରରେ ସମବେତ ଜନସାଧାରଣଙ୍କୁ ରାହୁଲ ଉଦ୍‌ବୋଧନ ଦେଇ ଗରିବ ଜନସାଧାରଣଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ଏବଂ ଦେଶବ୍ୟାପୀ ଲୋକଙ୍କ ବିରୋଧରେ ଯେଉଁ ଆକ୍ରୋଶ ତଥା ଘୃଣାଭାବ ସୃଷ୍ଟି କରାଯାଇଛି ତା' ବିରୋଧରେ ଏହି ଭାରତ ଯୋଡ଼ ଯାତ୍ରା ଆରମ୍ଭ ହୋଇଛି ବୋଲି ରାହୁଲ କହିଛନ୍ତି ।

ରାହୁଲ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଏକଛତ୍ରବାଦ ବିରୋଧରେ ଓ ଗରିବ ଜନସାଧାରଣଙ୍କ ଅଧିକାର ପାଇଁ କଂଗ୍ରେସର ଏହି ନ୍ୟାୟ ଯାତ୍ରା ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଗରିବଙ୍କୁ ନ୍ୟାୟ ପ୍ରଦାନ, କୃଷକଙ୍କୁ ସେମାନଙ୍କ ଅଧିକାର, ଯୁବବର୍ଗଙ୍କୁ ରୋଜଗାର ଓ ଦଳିତ ତଥା ମହିଳାଙ୍କୁ ସାମାଜିକ ଅଧିକାର, ସମ୍ମାନ ଓ ନ୍ୟାୟ ପ୍ରଦାନ, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିର ପ୍ରତିବାଦ, ପବ୍ଲିକ ସେକ୍ଟରକୁ ବନ୍ଦ କରି ଘରୋଇକରଣକୁ ପ୍ରୋତ୍ସାହନ ଆଦି ବିରୋଧରେ ଏହି ଭାରତ ଯୋଡ଼ ନ୍ୟାୟ ଯାତ୍ରା କରାଯାଉଛି ବୋଲି ସେ କହିଛନ୍ତି। ଜାନୁଆରୀ ୧୪ରୁ ମଣିପୁରରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଆରମ୍ଭ ହୋଇଛି ଓ ସମଗ୍ର ଭାରତକୁ ଯୋଡ଼ିବା ଏହି ଯାତ୍ରାର ଲକ୍ଷ୍ୟ। ପୂର୍ବରୁ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ୪ ହଜାର କିଲୋମିଟର ଯାତ୍ରା କରିଥିଲି। ଭାରତ ଯୋଡ଼ ଯାତ୍ରାରେ ଓଡ଼ିଶା ସମେତ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବାରୁ ସେ ବେଶ୍ ଆନନ୍ଦିତ ବୋଲି କହିଛନ୍ତି । କଂଗ୍ରେସ ରାଜ୍ୟ ପ୍ରଭାରୀ ଡ. ଅଜୟ କୁମାର, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ବିଜୟ ପଟ୍ଟନାୟକ, ବିଧାୟକ ସୁର ରାଉତରାୟ, ତାରାପ୍ରସାଦ ବାହିନୀପତି, ନିରଞ୍ଜନ ପଟ୍ଟନାୟକ ଓ ରାଜ୍ୟର ଅନ୍ୟ ବରିଷ୍ଠ ନେତା ସମେତ ବିଧାୟକମାନେ ରାହୁଲଙ୍କୁ ସ୍ୱାଗତ କରିଥିଲେ। ପରେ ବିଶାଳ ଶୋଭାଯାତ୍ରା ବୀରମିତ୍ରପୁର ମୁଖ୍ୟ ମାର୍ଗ ଦେଇ ବସଷ୍ଟାଣ୍ଡଠାରେ ପହଞ୍ଚିଥିଲା। ସେଠାରେ ରାହୁଲ ଓ ଅନ୍ୟ ନେତାମାନେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଡିସିସି ସଭାପତି ରଶ୍ମିରଞ୍ଜନ ପାତ୍ରୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବରିଷ୍ଠ ନେତା ରବି ରାୟ, ବୀରେନ ସେନାପତି, ଦେବବ୍ରତ ବିହାରୀ, କୀର୍ତ୍ତନ ଦାସ, ଜ୍ଞାନେନ୍ଦ୍ର ଦାସ, ପ୍ରବୋଧ ଦାସ, ପ୍ରଫୁଲ କଂସାରୀଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଆଜି ବିଜାବାହାଲସ୍ଥିତ ରାମପାଲଠାରେ ରାହୁଲ ରାତ୍ରିଯାପନ କରିବେ ।

▶ପୃଷ୍ଠା-୯




## ରାଜ୍ୟସଭାରେ ଦୃଢ଼ ଦାବି ଉପସ୍ଥାପନ କଲେ ସାଂସଦ ମାନସ

# ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ରହୁ 'ବଜ୍ରପାତ'

■ ଭୁବନେଶ୍ୱର, ୬।୨ (ସମିସ): ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ବଜ୍ରାଘାତରେ ବାର୍ଷିକ ଦେଶରେ ୨୫୦୦ ଲୋକଙ୍କ ମୃତ୍ୟୁ ଘଟୁଛି। ବଜ୍ରପାତ ଯୋଗୁଁ ଅନେକ ଲୋକ ପୋଡ଼ି ହେଉଥିବା ବେଳେ ମାଂସପେଶୀ ଆଘାତପ୍ରାପ୍ତ ହେବା ଘଟଣା ସାମ୍ନାକୁ ଆସୁଛି। ସେହିପରି ବଜ୍ରଘାତ ଯୋଗୁଁ ଶରୀରର ଅନେକ ଅଂଶ କାମ ନ କରିବା ସହ ହୃଦ୍‌ଘାତ ଓ ଆକସ୍ମିକ ମୃତ୍ୟୁ ଭଳି ଘଟଣା ମଧ୍ୟ ଦୃଷ୍ଟିଗୋଚର ହେଉଛି। ଏହାର ଭୟାଭୟତାକୁ ଲକ୍ଷ୍ୟ ରଖି ୧ ଏପ୍ରିଲ ୨୦୧୫ରେ ଓଡ଼ିଶା ବଜ୍ରପାତକୁ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିଛି। ଏହାସହ ବଜ୍ରପାତରେ ମୃତକଙ୍କ ପରିବାରକୁ ଓଡ଼ିଶା ସରକାର ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି। ଅତଏବ କେନ୍ଦ୍ର ସରକାର ତୁରନ୍ତ ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରନ୍ତୁ। କେନ୍ଦ୍ର ସରକାର ଓଡ଼ିଶାର ଦାବିକୁ ଗ୍ରହଣ କରି ବଜ୍ରପାତକୁ ବିପର୍ଯ୍ୟୟ ସୂଚୀରେ ସାମିଲ କଲେ ମୃତକଙ୍କ ପରିବାରକୁ ଅଧିକ ଅନୁକମ୍ପାମୂଳକ ରାଶି ସହ ଅନ୍ୟ ସହାୟତା ମିଳିପାରିବ ବୋଲି ସଂସଦରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ସାଂସଦ ତଥା ରାଜ୍ୟସଭାରେ ଦଳର ମୁଖ୍ୟ ସଚେତକ ମାନସରଞ୍ଜନ ମଙ୍ଗରାଜ।



- ବଜ୍ରପାତରେ ବର୍ଷକୁ ଜୀବନ ହରାଉଛନ୍ତି ୨୫୦୦ରୁ ଊର୍ଦ୍ଧ୍ୱ ଲୋକ
- ମୃତକମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ହେଉଛନ୍ତି ଗ୍ରାମାଞ୍ଚଳର ବାସିନ୍ଦା
- ୨୦୧୫ରେ ବଜ୍ରପାତକୁ ବିପର୍ଯ୍ୟୟ ତାଲିକାରେ ସାମିଲ କରିଛି ଓଡ଼ିଶା
- ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଦେଉଛନ୍ତି ରାଜ୍ୟ ସରକାର
- କେନ୍ଦ୍ର ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କଲେ ମିଳିପାରିବ ଅଧିକ ସହାୟତା ରାଶି
- ରାଜ୍ୟ ସରକାରଙ୍କ ଉଦ୍ୟମରୁ ଓଡ଼ିଶାରେ କମିଛି ବଜ୍ରପାତ ଜନିତ ମୃତ୍ୟୁ

ଆଜି ରାଜ୍ୟସଭାରେ ଶୂନ୍ୟକାଳରେ ବଜ୍ରପାତ ପ୍ରସଙ୍ଗକୁ ଉତ୍‌ଥାପନ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ବଜ୍ରପାତ ଗ୍ରାମାଞ୍ଚଳରେ ବେଶୀ ହେଉଥିବା ବେଳେ ୯୬ ପ୍ରତିଶତ ଗ୍ରାମବାସୀ ଏହାର ଶିକାର ହୋଇଥାନ୍ତି। ବିଶେଷକରି ଚାଷୀ, ଗାଇ ଚରାଳି, ଧୀବର, ଜଙ୍ଗଲକୁ ଯାଉଥିବା ଲୋକ ଓ ବାହାରେ କାମ କରୁଥିବା ଦିନ ମଜୁରିଆ ବଜ୍ରପାତର ସର୍ବାଧିକ ଶିକାର ହେଉଥିବା ଦୃଷ୍ଟିଗୋଚର ହେଉଛି। ବିଶ୍ୱବ୍ୟାପୀ ହାରାହାରି ୧ ଡିଗ୍ରୀ ତାତି ବୃଦ୍ଧି ଯୋଗୁଁ ବଜ୍ରପାତ ୧୨% ବୃଦ୍ଧି ପାଉଛି। ଗତବର୍ଷର ରିପୋର୍ଟ ଅନୁଯାୟୀ

▶ପୃଷ୍ଠା-୯

## ଧର୍ମେନ୍ଦ୍ରଙ୍କ ଭ୍ରମିତ ଟିପ୍ପଣୀକୁ କଡ଼ା ସମାଲୋଚନା

# ଗଣତାନ୍ତ୍ରିକ ଇତିହାସରେ ଦୁଃଖର ଦିନ: ସସ୍ମିତ

■ ନୂଆଦିଲ୍ଲୀ, ୬।୨ (ସମିସ): ରାଜ୍ୟର ୧୬୯ ବର୍ଗକୁ ଅନୁସୂଚୀତ ଜନଜାତି ମାନ୍ୟତା ଦେବା ନିମନ୍ତେ ଓଡ଼ିଶା ସରକାର କ୍ରମାଗତ ଦାବି କରି ଆସୁଛନ୍ତି। ରାଜ୍ୟ ସରକାର ଓ ଶାସକ ବିଜେଡିର ସାଂସଦମାନେ ଏହି ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂସଦରେ ଏହି ପ୍ରସଙ୍ଗ ଅନେକବାର ଉଠିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଭାବରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାରଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖିଛନ୍ତି। ରାଜ୍ୟ କ୍ୟାବିନେଟ୍‌ରେ ଏହି ପ୍ରସ୍ତାବ ଅନୁମୋଦନ କରାଯାଇ ବଞ୍ଚିତ ୧୬୯ ବର୍ଗକୁ ଅନୁସୂଚୀତ ଜନଜାତି ମାନ୍ୟତା ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର ଲକ୍ଷଲକ୍ଷ ଆଦିବାସୀଙ୍କ ସ୍ୱାର୍ଥ ସମ୍ବଳିତ ଏହି ପ୍ରସଙ୍ଗକୁ ସମର୍ଥନ ପରିବର୍ତ୍ତେ



▶ପୃଷ୍ଠା-୯

## ରାଜ୍ୟରେ ସଶକ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥା

# ଆଉ ୪ ଲକ୍ଷ ହିତାଧିକାରୀଙ୍କୁ 'ମଧୁବାବୁ ପେନ୍‌ସନ୍'

- ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ୩୬.୭୫ ଲକ୍ଷରେ ପହଞ୍ଚିଲା
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ଅନୁରୋଧ
- ମାସକୁ ୧୯୦.୨୦ କୋଟି ଟଙ୍କା ଖର୍ଚ୍ଚ କରିବେ ରାଜ୍ୟ ସରକାର

■ ଭୁବନେଶ୍ୱର, ୬।୨ (ସମିସ): ରାଜ୍ୟରେ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଆଭିମୁଖ୍ୟ ନେଇ ରାଜ୍ୟ ସରକାର ମଧୁବାବୁ ପେନ୍‌ସନ୍ ଯୋଜନାକୁ ଆହୁରି ପରିବ୍ୟାପ୍ତ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନସନ ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁସି ଖବର ଭାବେ ଆଉ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ସମୁଦାୟ ମଧୁବାବୁ ପେନସନ ହିତାଧିକାରୀଙ୍କ ସଂଖ୍ୟା ୩୨.୭୫ରୁ ବୃଦ୍ଧି ପାଇ ୩୬.୭୫ରେ ପହଞ୍ଚିବ। ରାଜ୍ୟ ସରକାର ଏଥିପାଇଁ ମାସକୁ ୧୯୦.୨୦ କୋଟି ଟଙ୍କା ଖର୍ଚ୍ଚ କରିବେ।

'୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଲୋକ ଏହି ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମଧୁ ବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ୨୦୨୩ ଅଗଷ୍ଟରେ ଅତିରିକ୍ତ ୪.୧୩ ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରଦାନ କରିଥାନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, ସୁସ୍ଥ ହୋଇଥିବା କୁଷ୍ଠ ଓ ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, ଟ୍ରାନ୍ସଜେଣ୍ଡର୍, କୋଭିଡ ଅନାଥ ପିଲା ମାନେ ସାମିଲ ହୋଇଥାନ୍ତି। ଏହି ଯୋଜନାରେ ଛୋଟ ପିଲାଠାରୁ ୭୯ ବର୍ଷ ପର୍ଯ୍ୟନ୍ତ ହିତାଧିକାରୀ ମାସକୁ ୫୦୦ ଟଙ୍କା ପାଇଥାନ୍ତି। ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଆନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ଥିବା ବ୍ୟକ୍ତି ୭୦୦ ଟଙ୍କା ପାଆନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ମିଳିଥାଏ।

## ଲୋକକଥା



ଅଶୋଧିତ ତେଲ ଅଧାଅଧି ପ୍ରାୟ
କମ୍ପାନୀ ତ ମାଲେମାଲ୍,
ସରକାର ଜାଣ ମଜା ନେଉଛନ୍ତି
ଉତୁରେ ଖାଉଟି ଛାଲ !
ହାଏ କେତେ କଲବଲ,
ଏତେ ନିରିଦୟ ଏ ଦେଶ ଶାସକ
ଦେଖୁଛନ୍ତି ବଲବଲ !!

# ପ୍ରତି ଘରୁ ବାହାରିବେ 'ବିପର୍ଯ୍ୟୟ ପ୍ରଶମନ ଯୋଦ୍ଧା'

## ଅଙ୍ଗନବାଡ଼ି ମା'ଙ୍କୁ ଦିଆଯିବ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ




ପ୍ରଶିକ୍ଷଣରେ ଯୋଡ଼ିହେବେ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଅଧିକାରୀ

■ ଭୁବନେଶ୍ୱର, ୬।୨ (ସମିସ): ମହିଳା ସଶକ୍ତିକରଣ କ୍ଷେତ୍ରରେ 'ମିଶନ୍ ଶକ୍ତି'ର ସଫଳତା ଏବେ ଅନ୍ୟ ପାଇଁ ଉଦାହରଣ ପାଲଟିଥିବା ବେଳେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମା'ମାନଙ୍କ ସହଭାଗିତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ବିପର୍ଯ୍ୟୟ ପରିଚାଳନା ତାଲିମକୁ ତୃଣମୂଳ ସ୍ତରରେ ପହଞ୍ଚାଇ ପ୍ରତିଘରୁ ଜଣେ ଜଣେ 'ବିପର୍ଯ୍ୟୟ ପ୍ରଶମନ ଯୋଦ୍ଧା' ସୃଷ୍ଟି କରିବା ଲକ୍ଷ୍ୟରେ ଅଙ୍ଗନବାଡ଼ି ମା'ମାନଙ୍କୁ ସାମିଲ କରାଯିବ। ଏମାନଙ୍କ ସହ ଏହି ପ୍ରୟାସରେ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଅଧିକାରୀ ମଧ୍ୟ ସାମିଲ ହେବେ। ଏମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ। ଏହି ଆହ୍ୱାନକୁ ସାକାର ରୂପ ଦେବାପାଇଁ ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ରାଜ୍ୟ ସରକାରଙ୍କ ସହଭାଗୀ ନୀତିକୁ ଏହି ପଦକ୍ଷେପ ଆହୁରି ବଳିଷ୍ଠ କରିଛି। ଭୁବନେଶ୍ୱର ସ୍ଥିତ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ୱିମେନ୍ ଆଣ୍ଡ ଚିଲ୍ଡ୍ରେନ୍ ପରିସରରେ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ୍‌ଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଅଙ୍ଗନବାଡ଼ି କର୍ମୀମାନେ ଶୈଶବ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତେଣୁ ସେମାନେ ପ୍ରଶିକ୍ଷଣ ପାଇଲେ ନା କେବଳ ପିଲାମାନଙ୍କ ମଧ୍ୟରେ ବିପର୍ଯ୍ୟୟ କୌଶଳ ବୃଦ୍ଧି କରିବେ ବରଂ ନିଜ ଅଞ୍ଚଳରେ ଅନ୍ୟମାନଙ୍କୁ ତାଲିମ ଦେଇ ପାରିବେ। ସେମାନଙ୍କୁ ପର୍ଯ୍ୟାୟକ୍ରମେ ଜିଲ୍ଲା ଓ ରାଜ୍ୟସ୍ତରରେ ପ୍ରଶିକ୍ଷଣ ଦିଆଯିବ। ସମାଜର ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ହେଉ ଅବା କୋଭିଡ୍ ମୁକାବିଲା ସବୁ କ୍ଷେତ୍ରରେ ଅଙ୍ଗନବାଡ଼ି କର୍ମୀ ଆଗରେ ରହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ସମସ୍ତଙ୍କ ସହଯୋଗ ଏକାନ୍ତ ଜରୁରୀ ହୋଇଥିବାରୁ ଅଙ୍ଗନବାଡ଼ି କର୍ମୀଙ୍କ ସମ୍ପୃକ୍ତି ରାଜ୍ୟର ଦକ୍ଷତାକୁ ନୂଆ ସ୍ତରକୁ ନେଇପାରିବ ବୋଲି କୁହାଯାଉଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଶ୍ରୀମତି ହେମ୍ବ୍ରମ୍ କହିଥିଲେ, ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ୍ ସମ୍ପୂର୍ଣ୍ଣ କରିବାରେ ପ୍ରଥମ ବିଭାଗ ଭାବେ ପରିଣତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ବିରୋଧରେ ଲଢ଼ିବା ପାଇଁ ଆମକୁ ସହଭାଗିତାରେ କାର୍ଯ୍ୟ କରିବାକୁ ପଡିବ। ଆଜିର ଏହି ବୁଝାମଣାପତ୍ର ଆମର ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବ। ଏଥିସହ ଗୋପବନ୍ଧୁ ପ୍ରଶାସନ ଏକାଡେମୀ, ରାଜ୍ୟ ଗ୍ରାମ୍ୟ ବିକାଶ ଅନୁଷ୍ଠାନ (ଏସ୍ଆଇଆରଡି), ୱାସନ୍ ଭଳି ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ଅନୁଷ୍ଠାନ ସହଯୋଗରେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ୱିମେନ୍ ଆଣ୍ଡ ଚିଲ୍ଡ୍ରେନ୍ ଏକ ଉତ୍କର୍ଷ ଅନୁଷ୍ଠାନରେ ହେବାର ଗୌରବ ଅର୍ଜନ କରିବାକୁ ଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁସ୍ମିତା ବେହେରା ଓ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ୱିମେନ୍ ଆଣ୍ଡ ଚିଲ୍ଡ୍ରେନ୍‌ର ମୁଖ୍ୟ ଉପଦେଷ୍ଟା ଏସ୍ ଗାୟତ୍ରୀ କହିଥିଲେ ସମଗ୍ର ରାଜ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଅଧିକାରୀମାନଙ୍କୁ ଏବଂ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା କର୍ମକର୍ତ୍ତାମାନଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ଦେବା ଆମ ପାଇଁ ଏକ ବଡ଼ ଆହ୍ୱାନ। ତେବେ ସବୁ ପରିସ୍ଥିତିରେ ଏହି ପ୍ରଶିକ୍ଷଣ ଅଭିଯାନକୁ ଗାଁ ଗାଁରେ ପହଞ୍ଚାଇବୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଶାସନ ସଚିବ ସ୍ୱର୍ଣ୍ଣପ୍ରଭା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



**ପରିକ୍ରମା ମାର୍ଗ ବୁଲିଲେ ଶ୍ରଦ୍ଧାଳୁ**

# ଆଜି ଆସିବେ ୭ ଜିଲ୍ଲାରୁ ୧୧, ୪୨୦ ଭକ୍ତ

**ପୁରୀ, ୬।୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ଲାଗି ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ତାଲିକା ଅନୁଯାୟୀ ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରୁଛନ୍ତି। ଗତମାସ ୨୯ ତାରିଖଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ୫ଟି ଜିଲ୍ଲା(କଟକ, ଯାଜପୁର, ନୟାଗଡ଼, କଳାହାଣ୍ଡି ଓ ଗଜପତି)ରୁ ୧୦, ୬୬୦ ଭକ୍ତ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି। ଏଥିସହ ମହାପ୍ରଭୁଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ନେଇ ଫେରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଶ୍ରଦ୍ଧାଳୁ। ତେବେ ବୁଧବାର ୭ ଜିଲ୍ଲାରୁ ୧୧, ୪୨୦ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣର ଅନୁଭୂତି ସାଉଣ୍ଟିବେ।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଉପରୋକ୍ତ ୫ଟି ଜିଲ୍ଲାରୁ ଭକ୍ତଙ୍କୁ ଧରି ମଙ୍ଗଳବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିଂରେ ପହଞ୍ଚିଥିଲା ବସ୍। କଟକ ଜିଲ୍ଲାର ୧୧୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨, ୨୪୦ ଜଣ, ଯାଜପୁର ଜିଲ୍ଲାର ୯୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୪ଟି ବସ୍‌ରେ ୧, ୯୬୦ ଜଣ, ନୟାଗଡ଼ ଜିଲ୍ଲାର ୭୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୧ଟି ବସ୍‌ରେ ୧, ୪୦୦ ଜଣ,



କଳାହାଣ୍ଡି ଜିଲ୍ଲାର ୭୫ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୩ଟି ବସ୍‌ରେ ୧, ୫୦୦ଜଣ ଏବଂ ଗଜପତି ଜିଲ୍ଲାର ୧୭୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୭୯ଟି ବସ୍‌ରେ ୩, ୫୬୦ଜଣ ଏପରିକି ମୋଟ ୧୦ ହଜାର ୬୬୦ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ଼ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ।

ଅନ୍ୟପକ୍ଷରେ ବୁଧବାର ୭ ଜିଲ୍ଲାରୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ୧୧, ୪୨୦ ଶ୍ରଦ୍ଧାଳୁ। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ୧୦୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୪ଟି ବସ୍‌ରେ ୨, ୦୦୦ ଜଣ, ଗଞ୍ଜାମ ଜିଲ୍ଲାର ୧୧୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୩ଟି ବସ୍‌ରେ ୨, ୩୬୦ ଜଣ, ଭଦ୍ରକ ଜିଲ୍ଲାର ୬୮ ପଞ୍ଚାୟତ ଏବଂ ୱାର୍ଡରୁ ୩୦ ବସ୍‌ରେ ୧, ୩୬୦ ଜଣ, ଢେଙ୍କାନାଳ ଜିଲ୍ଲାର ୫୬ ପଞ୍ଚାୟତ ଏବଂ ୱାର୍ଡରୁ ୨୫ ଟି ବସ୍‌ରେ ୧, ୧୨୦ ଜଣ, ନବରଙ୍ଗପୁର ଜିଲ୍ଲାର ୧୦୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୫ଟି ବସ୍‌ରେ ୨, ୦୪୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୫୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୪ଟି ବସ୍‌ରେ ୧, ୦୬୦ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାର ୭୪ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୩ଟି ବସ୍‌ରେ ୧, ୪୮୦ ଜଣ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବେ ବୋଲି ସ୍ଥିର ହୋଇଛି।

# ୨ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ବୌଦ୍ଧ,୬।୨(ସମିସ):** ବୌଦ୍ଧ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ସିପିଆଇ ମାଓବାଦୀ ସଙ୍ଗଠନର ୨ ଜଣ ମହିଳା ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ଏମାନେ ହେଲେ ଛତିଶଗଡ଼ର ଚମ୍ପା କୋରାମ (୨୨) ଏବଂ ମନୀଷା ଥାଟି(୨୧)। ଦକ୍ଷିଣାଞ୍ଚଳ ପୁଲିସ ଆଇଜି ଜୟ ନାରାୟଣ ପଙ୍କଜଙ୍କ ନିକଟରେ ଉଭୟ ଆତ୍ମ ସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଜି ସୂଚନା ଦେଇଛନ୍ତି।

ପୁଲିସ କହିଛି ଯେ, କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ) ଡିଭିଜନର ମହାନଦୀ ଏରିଆ କମିଟିରେ ଏ ଦୁହେଁ କାର୍ଯ୍ୟ କରୁଥିଲେ। ଝାଡଖଣ୍ଡରୁ ଛତିଶଗଡ଼ ପର୍ଯ୍ୟନ୍ତ ଦକ୍ଷିଣ-କେନ୍ଦ୍ର ଓଡ଼ିଶା ଦେଇ ଉତ୍ତର-ଦକ୍ଷିଣ କରିଡରକୁ ପୁନଃ ସକ୍ରିୟ କରିବା ସେମାନଙ୍କର କାର୍ଯ୍ୟ ଥିଲା। ସେମାନେ ୨୦୧୮ ରୁ ସିପିଆଇ ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଥିଲେ। ଉଭୟ ଛତିଶଗଡ଼ ଏବଂ ଓଡ଼ିଶାରେ ଅନେକ ହିଂସା ଘଟଣାରେ ଜଡିତ ଥିଲେ। ତେବେ ମାଓବାଦୀ ସଂଗଠନରେ ମହିଳା କ୍ୟାଡରକୁ ଯୌନ ଉତ୍ପୀଡ଼ନ, ମିଥ୍ୟା ପ୍ରତିଶ୍ରୁତି, କାମ ନ କଲେ ଭୟଭୀତ କରାଇବା ସହ ପାଣ୍ଠି ଯୋଗାଇବାକୁ ବାଧ କରିବା, ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଭଳି ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସେମାନେ ଅତିଷ୍ଠ ହୋଇ ମାଓବାଦୀଙ୍କ ସଂଗଠନ ଛାଡିବା ପାଇଁ ନିଷ୍ପତ୍ତି ନେଇଥିଲେ। ଶେଷରେ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନଃ ଥଇଥାନ ଯୋଜନାରେ ଆକର୍ଷିତ



ହୋଇ ସାଧାରଣ ଜୀବନଯାପନ କରିବାକୁ ଇଚ୍ଛା ପ୍ରକାଶ କରି ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ଉଭୟଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଆଧାରରେ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ଆଇଜି ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ ସମୟରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଉପସ୍ଥିତ ଥିଲେ।

**ହାତୀଦାନ୍ତ ମୂଲଚାଲ ବେଳେ ମାଡ଼ିବସିଲା ବନ ବିଭାଗ ଟିମ୍**

# ୩୦ କେଜିର ଦୁଇଟି ଦାନ୍ତ ଜବତ; ୧୦ ଗିରଫ

**ବାରିପଦା, ୬।୨(ସମିସ):** ହାତୀଦାନ୍ତ ବିକ୍ରି ପାଇଁ ମୂଲଚାଲ ହେଉଥିବାବେଳେ ବନ ବିଭାଗର ଏକ ଟିମ୍ ଚଢଉ କରି ୩୦ କେଜିର ଦୁଇଟି ହାତୀଦାନ୍ତ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ୧୦ ଜଣଙ୍କୁ ଗିରଫ କରିଛି। ଗିରଫ ସମସ୍ତ ଅଭିଯୁକ୍ତ ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଥିବା ଗ୍ରାମର ବାସିନ୍ଦା ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ମଙ୍ଗଳବାର ସୂଚନା ଦେଇଛନ୍ତି। ଶିକାର ହୋଇଥିବା ଦୁଇଟିଯାକ ହାତୀଦାନ୍ତ ବିକ୍ରି ହେବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଏଣୁ ବନ ବିଭାଗ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନ ଉପନିର୍ଦ୍ଦେଶକ ସାଇ କିରଣ, ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ଏବଂ ଦୁଇଜଣ ଡିଏଫଓଙ୍କ ନେତୃତ୍ୱରେ ଏକ ଯୁଗ୍ମ ଟିମ ଗଠନ କରାଯାଇଥିଲା। ଏସଟିପିଏଫ, ଜେଟିଏଫ ସମେତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ, ଉତ୍ତର, ରାଇରଙ୍ଗପୁର ବନଖଣ୍ଡ ଓ ପୁରୀ ବନଖଣ୍ଡର ବନ କର୍ମଚାରୀଙ୍କୁ ନେଇ ମିଳିତ ଭାବେ ଚଢ଼ଉ ପାଇଁ ଯୋଜନା ହୋଇଥିଲା। ପୂର୍ବ ଯୋଜନା ମୁତାବକ ବିଶୋଇ ନିକଟ ଏକ ସ୍ଥାନରେ ବନବିଭାଗ ଛକି ବସିଥିଲା। ପରେ ହାତୀଦାନ୍ତ କାରବାର ପାଇଁ ଆସିଥିବା ଟିମକୁ କାବୁ କରିନେଇଥିଲେ। ତାଙ୍କ ନିକଟରୁ ଦୁଇଟି ହାତୀ ଦାନ୍ତ ଜବତ କରିବା ସହିତ କାରବାରରେ ସମ୍ପୃକ୍ତ ଥିବା



୧୦ଜଣଙ୍କୁ ବନବିଭାଗ ଗିରଫ କରିଥିଲା। ଗିରଫମାନେ ହେଲେ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଥାନା ଅନ୍ତର୍ଗତ ସାଉନପାଳ ଅଞ୍ଚଳର ଘାସିରାମ ଜେରାଇ (୪୫), ଧାରୁଆବେଡା ଅଞ୍ଚଳର ଆନନ୍ଦ କେରାଇ (୫୫) ଓ ଶିବଶଙ୍କର ବାନାରା (୫୫), ଟମକଶିଳା ଅଞ୍ଚଳର ଚାକୁ ଆଲଦା (୩୫), ଶିମିଳିପାଳ ଅଭୟାରଣ୍ୟ ଆଭ୍ୟନ୍ତର ଖେଜୁରୀ ଅଞ୍ଚଳର ଡାବରା ବାଦ୍ରା (୪୫), ବେରଗା ବାଦ୍ରା (୨୧) ଓ ପାପୁଲୁ ବାଦ୍ରା (୨୨), କାଣ୍ଡବିଲି ଅଞ୍ଚଳର ସନାତନ ବାଦ୍ରା (୨୪), ଠାକୁରଗୋଡା ଅଞ୍ଚଳ ମରକନ୍ଦ ହୋ(୨୩) ଏବଂ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ନରେନ୍ଦ୍ର ବାନାରା (୫୫)। ଏମାନଙ୍କ ମଧ୍ୟରେ ଶିକାରୀ ଏବଂ ବେପାରୀ ରହିଛନ୍ତି। ସମସ୍ତଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏ ନେଇ ପିସିସିଏଫ ସୁଶାନ୍ତ କୁମାର ନନ୍ଦ ପ୍ରଥମେ ଏକ୍ସ ଯୋଗେ ଫଟୋ ସେୟାର କରିଥିଲେ।

# ରିଲ୍ସ କରୁଥିବାବେଳେ ଅଘଟଣ; ପାଣିକୁ ଖସିପଡ଼ିଲେ ଦୁଇ ଯୁବତୀ

**ମାଥିଲି/ଖଇରପୁଟ,୬।୨(ସମିସ):** ଗଭୀର ଓ ପ୍ରଖର ସ୍ରୋତର ଝରଣା ନିକଟରେ ରିଲ୍ସ କରୁଥିବାବେଳେ ଅସାବଧାନତାବଶତଃ ପାଣି ଭିତରକୁ ଖସିପଡ଼ିଲେ ଦୁଇ ଯୁବତୀ। ଜୀବନକୁ ବାଜି ଲଗାଇ ଉକ୍ତ ଦୁଇ ଜଣଙ୍କ ଜୀବନ ବଞ୍ଚାଇଛନ୍ତି ଦୁଇ ଡ୍ରାଇଭର।

ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲି ନିଟକରେ ଥିବା ଗୁମ୍ମାଝରଣ ଜଳପ୍ରପାତ ଏକ ମନୋରମ ସ୍ଥାନ ହୋଇଥିବାବେଳେ ଏଠାକୁ ଅନେକ ଲୋକ ଭ୍ରମଣ ନିମନ୍ତେ ଯାଆନ୍ତି। ଜିଲ୍ଲାର କୁଡୁମୁଲୁଗୁମ୍ମା ଅଞ୍ଚଳର ଏହି ୨ ଯୁବତୀ ନିଜ ପରିବାର ସହ ପିକନିକ ପାଇଁ ଏଠାକୁ ଆସିଥିଲେ। ସେଠାରେ ସେମାନେ ବୁଲାବୁଲି କରିବା ସହ ଖୁସିର ମୁହୂର୍ତ୍ତ ସାଇତି ରଖିବା ପାଇଁ ରିଲ୍ସ କରୁଥିଲେ। ଏହି ସମୟରେ ଅସାବଧାନତା କାରଣରୁ ସେମାନଙ୍କ ଗୋଡ଼ ଖସିଯିବାରୁ ସେମାନେ ପାଣି ଭିତରକୁ ପଶିଯାଇଥିଲେ। ପାଣିର ପ୍ରଖର ସ୍ରୋତ ଓ ଗଭୀରତା କାରଣରୁ ସେମାନେ ଆଉ ବାହାରକୁ ଆସି ନ ପାରି ଚିତ୍କାର କରୁଥିଲେ। ଏହା ଦେଖି ସେମାନଙ୍କ ସହ ଯାଇଥିବା ଗୋବିନ୍ଦପାଲ୍ଲିର ଦୁଇ



**ଜୀବନ ବଞ୍ଚାଇଲେ ଦୁଇ ଡ୍ରାଇଭର**

ଜଣ ଡ୍ରାଇଭର ଜିତୁ ଗୌଡ଼ ଓ ଦୀପକ ଗୌଡ଼ ନିଜ ଜୀବନକୁ ବାଜି ଲଗାଇ ପାଣି ଭିତରକୁ ଡେଇଁ ସେମାନଙ୍କୁ ପାଣି ଭିତରୁ ଉଦ୍ଧାର କରିଛନ୍ତି। ଗୁମ୍ମାଝରଣ ଜଳପ୍ରପାତର ସୌନ୍ଦର୍ଯ୍ୟତା କାରଣରୁ ଏଠାକୁ ଅନେକ ପର୍ଯ୍ୟଟକ ଆସୁଛନ୍ତି, ହେଲେ ଏଠାରେ ସୁରକ୍ଷା ବାଡ଼ ବ୍ୟବସ୍ଥା ନ ଥିବାରୁ ଏମିତି ଅଘଟଣ ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

**■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଦୋଷୀ ସାବ୍ୟସ୍ତ ପାଇଁ କେବଳ ମାଇକ୍ରୋସ୍କୋପିକ ପ୍ରମାଣ ଯଥେଷ୍ଟ ନୁହେଁ

**କଟକ,୬।୨(ସମିସ):** ମାଇକ୍ରୋସ୍କୋପିକ ପଦ୍ଧତିରେ କେଶକୁ ତୁଳନା କରିବା ଏକ ବୈଜ୍ଞାନିକ ତଥା ବୈଧ ପ୍ରଣାଳୀ। କିନ୍ତୁ କେବଳ ଏହି ପ୍ରମାଣ ଆଧାରରେ ଜଣେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରତାପ ପୁରୀଙ୍କ ପକ୍ଷରୁ ଦାୟର ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର

**୨୦ବର୍ଷ ପରେ ହତ୍ୟା ମାମଲାରୁ ଅଭିଯୁକ୍ତ ଦୋଷମୁକ୍ତ**

ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ କଟକ ଅତିରିକ୍ତ ଦୌରା ଜଜ୍ ଫାଷ୍ଟ ଟ୍ରାକ କୋର୍ଟ-୨ଙ୍କ ଗତ ୨୦୦୪ଅକ୍ଟୋବର ୧୪ର ଆଜୀବନ ଜେଲ ଦଣ୍ଡାଦେଶକୁ ଖଣ୍ଡପୀଠ ଖାରଜ କରି ଆବେଦନକାରୀଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ନିମ୍ନ ଅଦାଲତରେ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବାର ୨୦ବର୍ଷ ପରେ ଆବେଦନକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ହତ୍ୟା ପରେ ମୃତକଙ୍କ ହାତରେ ଯଦିଓ ଆବେଦନକାରୀଙ୍କ କେଶ ମିଳିଥିବା ନେଇ ପ୍ରଜିକ୍ୟୁସନ ତରଫରୁ ମାଇକ୍ରୋସ୍କୋପିକ ପ୍ରମାଣ ଉପସ୍ଥାପନ କରାଯାଇଥିଲା। କିନ୍ତୁ ଦୋଷୀ ସାବ୍ୟସ୍ତ ପାଇଁ ଆଉ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ଉପସ୍ଥାପନ କରାଯାଇନଥିଲା। ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ସାଲେପୁର ଥାନାରେ ଗତ ୨୦୦୩ଜୁନ ୯ରେ ପୁଷ୍ପଲତା ଦାସ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ୨୦୨୩ଜୁନ୍୮ ରାତିରେ ତାଙ୍କ ସ୍ୱାମୀ ଛାତ ଉପରେ ଶୋଇଥିଲେ ଓ ପରିବାରର ଅନ୍ୟ ମାନେ ଘରେ ଶୋଇଥିଲେ। ହେଲେ ପର ଦିନ ସକାଳେ ପୁଷ୍ପଲତା ତାଙ୍କ ସ୍ୱାମୀଙ୍କ ରକ୍ତାକ୍ତ ମୃତଦେହ ଛାତ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୂର୍ବ ଶତ୍ରୁତା ତଥା ଆବେଦନକାରୀ ଏବଂ ଗ୍ରାମର ଅନ୍ୟ କେତେକ ବ୍ୟକ୍ତି ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ପୂର୍ବରୁ ଧମକ ଦେଇଥିବାରୁ ପୁଷ୍ପଲତା ଆବେଦନକାରୀଙ୍କ ନାମରେ ଏତଲା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ଆବେଦନକାରୀଙ୍କୁ ଗିରଫ କରିବା ସହ ନିମ୍ନ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ନିମ୍ନ ଅଦାଲତ ଉପରୋକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

**ହାଇକୋର୍ଟରେ ବେଆଇନ ବାଲିଘାଟ ମାମଲା**

# ସକାଳ୭ରୁ ରାତି ୯ଟା ବାଲି ପରିବହନ ଉପରେ କଟକଣା

**କଟକ,୬।୨(ସମିସ):** ବେଆଇନ ବାଲି ଉତ୍ତୋଳନ ପ୍ରସଂଗକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ବାଲିଘାଟ ଗୁଡିକରୁ ଅତ୍ୟାବଶକ ସ୍ଥଳେ ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ କରାଯାଇପାରିବ। ଏଥିପାଇଁ ପରିବେଶ ମଞ୍ଜୁରୀ ନିତାନ୍ତ ଆବଶ୍ୟକ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ପରିବେଶ ମଞ୍ଜୁରୀ ନଥିଲେ ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ କରାଯାଇପାରିବ ନାହିଁ। ସକାଳ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଲି ପରିବହନ ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇବା ସହ ନିର୍ଦ୍ଦେଶ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶାନ୍ତ କୁମାର ଦାସଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବିଶେଷକରି ସ୍କୁଲ ପିଲାଙ୍କ ସ୍ୱାର୍ଥ ଓ ଅଫିସ ନିର୍ଘଣ୍ଟରେ ଯେପରି ବାଲି ଚାଲାଣ ସମସ୍ୟା ନ କରେ ସେଥିପାଇଁ କଟକଣା ଜାରି କରାଯିବ। ପ୍ରକାଶଥାଉକି ସରକାରଙ୍କ ପକ୍ଷରୁ ୨୦୧୬ର ବାଲି ନୀତି (ସ୍ୟାଣ୍ଡ ପଲିସି) ଅନୁସାରେ ପ୍ରକାଶିତ

**ପରିବେଶ ମଞ୍ଜୁରୀ ଥିଲେ ଯାନ୍ତ୍ରିକ ପଦ୍ଧତିରେ ଉତ୍ତୋଳନ ହେବ**

ଗତ ଡିସେମ୍ବର ୨୧ ବିଜ୍ଞପ୍ତି ଆଧାରରେ ମେସିନ ଦ୍ୱାରା ବାଲି ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଯାହାକୁ କାର୍ଯ୍ୟକାରୀ କରିବା ଉପରେ ହାଇକୋର୍ଟ ପୂର୍ବରୁ ରହିତାଦେଶ ଜାରି କରିଥିଲେ। ବାଲିଘାଟ ଗୁଡିକରୁ ଅତି ଆବଶ୍ୟକସ୍ଥଳେ ମେସିନ ସାହାଯ୍ୟରେ ବାଲି ଉତ୍ତୋଳନ ପାଇଁ ସର୍ତ୍ତମୂଳକ ଅନୁମତି ମିଳିପାରିବ। ସମ୍ପୃକ୍ତ ଅଞ୍ଚଳର ଭୌଗୋଳିକ ସ୍ଥିତି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରିବେଶ ମଞ୍ଜୁରୀ ପାଇଁ ଆବେଦନ ହୋଇଥିଲେ ଏହାକୁ ବିଚାର କରି ଅନୁମତି ଦିଆଯାଇପାରିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି ଠାରୁ ଏହି ଅନୁମତି ପାଇଁ ଆବେଦନ କରାଯାଇପାରିବ। ଅନ୍ୟପଟରେ ବାଲିଘାଟ ଗୁଡିକରେ ଲିଜ୍ ରାଜିନାମା, ଏନଜିଟି ଓ ଇସି ଗାଇଡଲାଇନ ଯେପରି ଉଲ୍ଲଙ୍ଘନ ନହୁଏ ତାହା ପ୍ରତି ଦୃଷ୍ଟି ଦେବାକୁ ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ କାଠଯୋଡି ନଦୀ ଶଯ୍ୟାରୁ ସରକାରଙ୍କ ଗାଇଡଲାଇନ ଉଲ୍ଲଙ୍ଘନ କରି ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ କରାଯାଉଥିବା ନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କାଠଯୋଡିର ୧୪ଟି ବାଲିଘାଟକୁ ବନ୍ଦ କରିବା ପାଇଁ ହାଇକୋର୍ଟ ଗତ ୨୦୨୩, ଡିସେମ୍ବର ୨୧ରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାରେ ସତ୍ୟପାଠ ମଧ୍ୟ ଦିଆଯିବା ପରେ ଅଦାଲତ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ଜାରି କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଥିଲେ।

# ୨ଏଏସପି ଓ ୧୪ଜଣ ଡିଏସ୍‌ପିଙ୍କ ବଦଳି

**କଟକ, ୬ ।୨(ସମିସ):** ବିଭିନ୍ନ ଜିଲ୍ଲା ଓ ପୁଲିସ ଏଷ୍ଟାବ୍ଲିସମେଣ୍ଟରେ କାର୍ଯ୍ୟରତ ଥିବା ୨ଜଣ ଅତିରିକ୍ତ ଏସପି (ଏଏସପି) ଓ ୧୪ଜଣ ଡିଏସପିଙ୍କୁ ବଦଳି କରାଯାଇଛି। ରେଳବାଇ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଡିଜିପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସପି ଥିବା ବାଙ୍କବିହାରୀ ମୁର୍ମୁଙ୍କୁ ଭଦ୍ରକ ଆଇୟୁସିଡବ୍ଲୁକୁ ବଦଳି କରାଯାଇଛି। ସେହିପରି ଭଦ୍ରକ ଆଇୟୁସିଡବ୍ଲୁରେ ଥିବା ବିଜୟ ରଞ୍ଜନ କେରକେଟାଙ୍କୁ ରେଳବାଇ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଏସପି ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପଟରେ ଇନ୍ସପେକ୍ଟରରୁ ଡିଏସପି ଭାବେ ପଦୋନ୍ନତି ପାଇଥିବା ୧୪ଜଣଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଏହି କ୍ରମରେ ମୃଣ୍ମୟ କୁମାର ସେନାପତିଙ୍କୁ କଟକ, ଆଲୋକ ରଞ୍ଜନ ରାୟଙ୍କୁ ଗଜପତି, ବଳରାମ ନାୟକଙ୍କୁ ଆଇୟୁସିଏଡବ୍ଲୁ ଯାଜପୁର, ବିଜୟ କୁମାର ମୁର୍ମୁଙ୍କୁ ଆଇୟୁଏଚଟିୟୁ କୋରାପୁଟ, ଚନ୍ଦନ କୁମାର ଘଡେଇଙ୍କୁ ଆଇୟୁଏଚଟିୟୁ ପୁରୀ, ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କୁ ବାଲେଶ୍ୱର, ଗୁଣନିଧି ମଲ୍ଲିକଙ୍କୁ ଡିଆଇବି, ନୂଆପଡ଼ା, କେରନ ହେମ୍ବ୍ରମଙ୍କୁ କଟକ ସଦର ଏସଡିପିଓ, ମନୋରଞ୍ଜନ କଅଁରଙ୍କୁ କୋରାପୁଟ ପିସିଆର ସେଲ, ନିବେଦିତା ସୋରେନଙ୍କୁ ବାଲେଶ୍ୱର ପିସିଆର ସେଲ୍‌ଫ, ନିରଞ୍ଜନ ପାଢ଼ୀଙ୍କୁ ଏସଡିଆରପିଓ ରାୟଗଡ଼ା, ପଦ୍ମିନୀ ବେହେରାଙ୍କୁ ଏଚଆରପିସି କଟକ, ସନ୍ତୋଷ କୁମାର ବାରିକଙ୍କୁ ଗଞ୍ଜାମ ପିସିଆର ସେଲ, ଶୋଭା ପଟ୍ଟନାୟକଙ୍କୁ ପିଟିସି ଅନୁଗୁଳର ଡିଏସପି ଭାବେ ବଦଳି କରାଯାଇଛି। ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତି କ୍ରମେ ଏହି ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଥିବା ନେଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।




# ରାଜ୍ୟରେ ରେଳ ଭିତ୍ତିଭୂମିକୁ କମିଲା ଅନୁଦାନ

**ଭୁବନେଶ୍ୱର,୬।୨(ସମିସ):** ପୂର୍ବତଟ ରେଳପଥକୁ ଆଗାମୀ ଆର୍ଥିକ ବର୍ଷରେ ୧୧୪୯୫.୯୦ କୋଟି ଟଙ୍କା ମିଳିବ। ଅନେକ ନୂଆ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ମାତ୍ର ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଚଳିତ ବଜେଟରେ ଅନୁଦାନ କମିଛି। କିନ୍ତୁ ସବୁଥର ଭଳି ଏଥର ମଧ୍ୟ ଅନେକ ରେଳ ପ୍ରକଳ୍ପ ପାଇଁ ନାମକୁ ମାତ୍ର କିଛି ଅର୍ଥ ମଞ୍ଜୁର କରାଯାଇଛି। ଏପରିକି ପୂର୍ବାପେକ୍ଷା ଅନେକ ଜରୁରୀ କ୍ଷେତ୍ରରେ ଅର୍ଥ କାଟ କରାଯାଇଛି। ହସ୍ତଗତ ସୂଚନା ଅନୁସାରେ, ନୂତନ ରେଳ ଲାଇନ୍ ନିର୍ମାଣ, ରେଲଲାଇନ୍ ଦୋହରୀକରଣ, ରେଲଧାରଣା ନବୀକରଣ, ଯାତ୍ରୀ ସୁବିଧା ଆଦି କ୍ଷେତ୍ରରେ ପୂର୍ବ ବଜେଟ ତୁଳନାରେ ଅର୍ଥ କାଟ କରାଯାଇଛି ବା ବୃଦ୍ଧି କରାଯାଇନାହିଁ। ରେଳବାଇ ସୁରକ୍ଷା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସିଗନାଲ ଓ ଟେଲିକମ୍ୟୁନିକେସନ୍ କ୍ଷେତ୍ରରେ ପୂର୍ବାପେକ୍ଷା ୩୧% ପାଣ୍ଠି କଟାଯାଇଛି। ସିଗନାଲ ଓ ଟେଲିକମ୍ ବ୍ୟବସ୍ଥା ପାଇଁ ପୂର୍ବତଟ ରେଳପଥକୁ ୨୪୭.୯୪ କୋଟି



**■ ଯାତ୍ରୀ ସୁବିଧା, ସୁରକ୍ଷା, ନୂଆ ଲାଇନ୍ ପାଇଁ ଅର୍ଥ କମିଛି**
**■ ବାହାନଗା ଦୁର୍ଘଟଣା ପରେ ଅନୁଦାନ ବଢ଼ିବା ଆଶା ଥିଲା**

ଟଙ୍କା ଦିଆଯାଇଛି। ଗତବର୍ଷ ଏହି କ୍ଷେତ୍ରକୁ ୩୫୭.୯୭ କୋଟି ଟଙ୍କା ଦିଆଯାଇଥିଲା। ବାହାନଗା ରେଳ ଦୁର୍ଘଟଣା ପରେ ରେଳବାଇରେ ସିଗନାଲ ଓ ଟେଲିକମ୍ କ୍ଷେତ୍ରକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବା ସହିତ ପୁରୁଣା ବ୍ୟବସ୍ଥାର ପୁନରୁଦ୍ଧାର କରାଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଥିଲା। ସମଗ୍ର ଦେଶକୁ ଦୋହଲାଇ ଦେଇଥିବା ଏହି ଦୁର୍ଘଟଣାରୁ ରେଳବାଇ ଅନେକ ଶିକ୍ଷା ପାଇଛି ଏବଂ ଭବିଷ୍ୟତରେ ଏହାର ପ୍ରତିକାର ପନ୍ଥା ପାଇଁ ଅବହେଳା କରାଯିବ ନାହିଁ ବୋଲି ମଧ୍ୟ କୁହାଯାଇଥିଲା। ହେଲେ ଚଳିତ ବର୍ଷ ଏଥିପାଇଁ ପର୍ଯ୍ୟାପ୍ତ ଅନୁଦାନ ବ୍ୟବସ୍ଥା ନ ହେବା ସିଗନାଲ ବ୍ୟବସ୍ଥା ପ୍ରତି ରେଳବାଇର ଉଦାସୀନତାକୁ ପ୍ରତିଫଳିତ କରୁଛି। ଫଳରେ ଏ କ୍ଷେତ୍ରରେ ଯେଉଁ ସଂଶୋଧନ କରାଯିବା ନେଇ ଆଶା ଥିଲା ତାହା ପୂରଣ ହେବା ନେଇ ଆଶଙ୍କା ଦେଖା ଦେଇଛି।

ପୂର୍ବତଟ ରେଳପଥ ଶତପ୍ରତିଶତ ବିଦ୍ୟୁତକରଣ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଛି। ପୂର୍ବାପେକ୍ଷା ନୂଆ ରେଲଲାଇନ୍ ବିଛାଇବା କାମ ଜୋରସୋର୍‌ରେ ଚାଲିଥିବା ବେଳେ ବିଦ୍ୟୁତକରଣ କାମ ବି ବଢ଼ିଛି। ଯାତ୍ରୀ ସୁବିଧା କ୍ଷେତ୍ରରେ ପୂର୍ବତଟ ରେଳପଥ ପୂର୍ବାପେକ୍ଷା କମ୍ ଅନୁଦାନ ପାଇଛି। ଯାତ୍ରୀ ସୁବିଧା ବାବଦରେ ଗତବର୍ଷ ଏହି ଜୋନ୍‌କୁ ୭୬୩.୯୮ କୋଟି ଟଙ୍କା ମିଳିଥିଲା। କିନ୍ତୁ ଏଥର ଏହି ପରିମାଣ ୧୨% ହ୍ରାସ ପାଇ ୬୭୧.୪୦ କୋଟିରେ ପହଞ୍ଚିଛି। ଏହି ଅର୍ଥରୁ ରେଳ ଷ୍ଟେସନ୍‌ଗୁଡ଼ିକର ଉନ୍ନୟନ ପାଇଁ ୩୯୯ କୋଟି ଏବଂ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ପୁନରୁଦ୍ଧାର ପାଇଁ ୨୦୮ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ରାଜ୍ୟରେ ନୂତନ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ତ୍ୱରିତ ବେଗରେ ଚାଲିଛି ବୋଲି ଗତକାଲି ରେଳମନ୍ତ୍ରୀ କହିଥିଲେ। ନୂତନ ଲାଇନ୍ ପାଇଁ ଗତବର୍ଷ ପୂର୍ବତଟ ରେଳପଥକୁ ୨୮୪୮ କୋଟି ମିଳିଥିବା ବେଳେ ଚଳିତ ବର୍ଷ ୨୮୧୨ କୋଟି ମିଳିଛି।

ଗତବର୍ଷ ନୂତନ ରେଲଲାଇନ୍ ବିଛାଇବା ଲାଗି କେନ୍ଦ୍ର ସରକାର ୨୮୪୮.୨୦ କୋଟି ଦେଇଥିଲା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୮୧୨.୯୧ କୋଟି ବ୍ୟୟବରାଦ କରାଯାଇଛି। ରାଜ୍ୟରେ ନୂତନ ପ୍ରକଳ୍ପ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୭୬ଟି ସର୍ଭେ କାମ ଜାରି ରହିଥିବା ବେଳେ ତାହାର ପରିଚାଳନା ପାଇଁ ୧୧.୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ଏହି ଅର୍ଥ ଆଦୌ ପର୍ଯ୍ୟାପ୍ତ ହେବ ନାହିଁ ବୋଲି ରେଳ ବିଶେଷଜ୍ଞ ମତ ଦେଇଛନ୍ତି। ସର୍ଭେରେ ସାମିଲ ପ୍ରକଳ୍ପ ମଧ୍ୟରେ କେନ୍ଦୁଝର-ଯାଜପୁର-ଆରଡି, ହରିଦାସପୁର-ବିଜୟନଗରମ୍, ଜୁନାଗଡ଼-ନବରଙ୍ଗପୁର, ପୁରୀ-କୋଣାର୍କ, ରାୟପୁର-ସମ୍ବଲପୁର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି।



# ୨୦୨୪ ସୁଦ୍ଧା ସବୁ ଗ୍ରାମକୁ ପାଇପ୍‌ରେ ପାନୀୟ ଜଳ

**ଭୁବନେଶ୍ୱର, ୬।୨ (ସମିସ):** ବିଶୁଦ୍ଧ ପାନୀୟ ଜଳକୁ ନେଇ ଆଜି ଗୃହରେ ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରକଳ୍ପମାନ କାର୍ଯ୍ୟାନ୍ୱୟନ କରୁଛନ୍ତି। ମାତ୍ର ଠିକାସଂସ୍ଥାର ବେଶ୍ ମନ୍ଥର ଗତି ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହେଉଛି। ତେଣୁ ରାଜ୍ୟବ୍ୟାପୀ କେବେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସରିବ ସେନେଇ ମନ୍ତ୍ରୀ ଗୃହରେ ତଥ୍ୟ ରଖନ୍ତୁ ବୋଲି ବିଧାୟକମାନେ ପ୍ରଶ୍ନ କରିଥିଲେ।

ଉତ୍ତରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଥିଲେ ଯେ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ କେତେକ ସ୍ଥାନରେ ଜମି କିମ୍ବା ଅନ୍ୟାନ୍ୟ ସମସ୍ୟା ଯୋଗୁଁ ସେଠାରେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ହୋଇପାରେ। ସଂପୃକ୍ତ ଅଞ୍ଚଳରେ ୨୦୨୫ ସୁଦ୍ଧା ପ୍ରକଳ୍ପ ଶେଷ ହେବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମଙ୍ଗଳବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ସୁଶାନ୍ତ ବେହେରାଙ୍କ ଏକ ତାରକା ପ୍ରଶ୍ନରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଭାବେ ବିଧାୟକ ସମୀର ରଞ୍ଜନ ଦାସ ପାଇପ୍ ଜଳ ଯୋଗାଣ ପ୍ରକଳ୍ପରେ ମନ୍ଥରତା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ସଂସ୍ଥାମାନେ ମନ୍ଥର ଗତିରେ କାମ କରୁଥିବା ବେଳେ ଆସନ୍ତା ଖରାଦିନ ପୂର୍ବରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବ କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ନରସିଂହ ମିଶ୍ର ମଧ କେବେ ସୁଦ୍ଧା ରାଜ୍ୟବ୍ୟାପୀ

## ୩୩ ହଜାର କୋଟି ବ୍ୟୟରେ ୨୦୭ଟି ମେଗା ପ୍ରକଳ୍ପର କାର୍ଯ୍ୟାନ୍ୱୟନ

ସମସ୍ତ ଗାଁକୁ ପିଇବା ପାଣି ପହଞ୍ଚିବ ସେନେଇ ଉତ୍ତର ରଖିବାକୁ ଦାବି କରିଥିଲେ। ଏହାସହ ଯେଉଁ ଗ୍ରାମରେ ପିଇବା ପାଣି ପ୍ରକଳ୍ପ ବିଳମ୍ବ ହେବ ସେଠାରେ ସ୍ଥାନୀୟ ବିଧାୟକଙ୍କ ସୁପାରିଶରେ ନଳକୂପ ବସାଇବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ।

ଉତ୍ତରରେ ମନ୍ତ୍ରୀ ଶ୍ରୀ ଅମାତ୍ କହିଥିଲେ, ଯେଉଁଠି ଘରୋଇ ଟ୍ୟୁବ୍‌ୱେଲ କିମ୍ବା ପାଇପ ଜଳ ଯୋଗାଣ ବ୍ୟବସ୍ଥା ନଥିବ ସେଠାରେ ଟ୍ୟୁବୱେଲ ବସାଇବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳ, ପିଡି ଡିଆରଡିଏ ଏବଂ ଆରଡବ୍ଲ୍ୟୁଏସଏସ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକଙ୍କୁ ଚିଠିଯୋଗେ ଅବଗତ କରାଯାଇଛି। ଯେଉଁଠି ଅଧିକ ଜନସଂଖ୍ୟା ଥିବ(୭୦ରୁ ଅଧିକ) ଏବଂ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ନଥିବ ସେଠାରେ ସ୍ଥାନୀୟ ବିଧାୟକ ହୁଅନ୍ତୁ କିମ୍ବା ଅନ୍ୟ ସୂତ୍ରରୁ ଖବର ପାଇ ଜିଲ୍ଲାପାଳ ନଳକୂପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇପାରିବେ ବୋଲି ମନ୍ତ୍ରୀ କହିଥିଲେ।

ବିଧାୟକ ମୋହନ ଚରଣ ମାଝୀ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବତା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ମନ୍ତ୍ରୀଙ୍କ ଅନ୍ୟ ଏକ ତାରକା ପ୍ରଶ୍ନର ଉତ୍ତର ଅନୁଯାୟୀ ଗତ ୭ ବର୍ଷରେ ମାତ୍ର ୩୩ ପ୍ରତିଶତ ଅଞ୍ଚଳକୁ ପାଇପ ଯୋଗେ ପିଇବା ପାଣି ପହଞ୍ଚିପାରିଛି। ତେବେ ମାତ୍ର ୧ ବର୍ଷ ମଧ୍ୟରେ କିପରି ବଳକା ଅଞ୍ଚଳକୁ ପାଣି ପହଞ୍ଚିପାରିବ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଅନେକ ଅଞ୍ଚଳରେ ଜଳଉତ୍ସ ଶୁଷ୍କ ହୋଇପଡ଼ିବା କାରଣରୁ ଅନେକ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଗତ ମାର୍ଚ୍ଚ ସୁଦ୍ଧା ପ୍ରାୟ ୫୮ ପ୍ରତିଶତ ଅଞ୍ଚଳକୁ ପାଣି ପହଞ୍ଚି ସାରିଲାଣି। ବଳକା ପ୍ରକଳ୍ପ ଧାର୍ଯ୍ୟ ସମୟ ଅନୁସାରେ ସରିବ ବୋଲି ମନ୍ତ୍ରୀ ଆଶ୍ୱାସନା ପ୍ରଦାନ କରିଥିଲେ।

ସେହିପରି ଶାସକ ଦଳର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରକଳ୍ପ କାର୍ଯ୍ୟାନ୍ୱନରେ ବିଳମ୍ବତାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟରେ ବର୍ତ୍ତମାନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ପ୍ରାୟ ୩୩ ହଜାର କୋଟି ଟଙ୍କା ବିନିମୟରେ ରାଜ୍ୟବ୍ୟାପୀ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି। ତନ୍ମଧ୍ୟରୁ ୧୬ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୯୧ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ତନ୍ମଧ୍ୟରୁ ୨୫ଟି ପ୍ରକଳ୍ପ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସରିଯିବ। ବଳକା ସମସ୍ତ ପ୍ରକଳ୍ପ ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ସରିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ସୁକାନ୍ତ ନାଏକ, ଅଶୋକ ବଳ ଏବଂ କୁସୁମ ଟେଟେ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଋଦ୍ଧିମନ୍ତ ହେବ ଲୋକକଳା

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୮୦ହଜାର ଛୁଇଁଲା

**ଭୁବନେଶ୍ୱର, ୬।୨ (ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଯୋଜନା 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ରେ ଆଉ ୩୦ହଜାର କଳାକାର ସାମିଲ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିଷ୍ପତ୍ତି ନେଇଛନ୍ତି। '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରିବା ପାଇଁ କଳାକାର ଓ ସେମାନଙ୍କର ସଂଗଠନ ଅନୁରୋଧ କରି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଆଧାର କରି ମୁଖ୍ୟମନ୍ତ୍ରୀ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଏହି ଯୋଜନାରେ ୫୦ହଜାର କଳାକାରଙ୍କୁ ମାସିକ ୧୨ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୫୦ହଜାରରୁ ୮୦ହଜାରକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟର ଆଉ ୩୦ହଜାର କଳାକାର ଉପକୃତ ହେବେ। ଆମର ଲୋକକଳା ଆମ ଜାତିର ଅସ୍ମିତା। କଳାକାରମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରକ ତଥା ବାର୍ତ୍ତାବହ ଅଟନ୍ତି। ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରାଯିବା ଯୋଗୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଂଖ୍ୟାଧିକ କଳାକାର ଉତ୍ସାହିତ ଓ ଉପକୃତ ହେବେ। ଏହା ଦ୍ୱାରା ଆମର କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହ ଓଡ଼ିଶାର କଳା ଓ ସଂସ୍କୃତି ଋଦ୍ଧିମନ୍ତ ହେବ।

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଆସିଥିଲା ପ୍ରସ୍ତାବ**

**ପୂର୍ବରୁ ଥିଲେ ୫୦ ହଜାର, ବଢ଼ିଲେ ୩୦ ହଜାର**






# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଆଡ୍‌ମିଟ୍ କାର୍ଡ ଜାରୀ

**ଭୁବନେଶ୍ୱର,୬।୨(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆସନ୍ତା ୧୫ତାରିଖରୁ ଆରମ୍ଭ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ଆଡମିଟ୍ କାର୍ଡ ଜାରୀ କରାଯାଇଛି। ସିବିଏସ୍‌ଇ ୱେବସାଇଟ www.cbse.gov.in ରେ ଆଡମିଟ୍ କାର୍ଡ ଉପଲବ୍ଧ ହେଉଛି। ଏହି ୱେବସାଇଟ୍‌ରେ ବିଦ୍ୟାଳୟଗୁଡ଼ିକ ଲଗ୍‌ଇନ୍ କରି ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟରୁ ଆଡମିଟ୍ କାର୍ଡ ନେବେ। ଦିନେରୁ ଦୁଇଦିନ ମଧ୍ୟରେ ଆଡମିଟ୍ କାର୍ଡ ବଣ୍ଟନ କାର୍ଯ୍ୟ ଆରମ୍ଭ କରିବେ। ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ତାରିଖରେ ଏବଂ ଦ୍ୱାଦଶ ପରୀକ୍ଷା ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨ରେ ସରିବ।

■ 'ଓଡ଼ିଶା-ମୋ ପରିବାର'ର ସହଯୋଗ

# ବେଙ୍ଗାଲୁରୁରୁ ଜନ୍ମମାଟିରେ ପହଞ୍ଚିଲା ଶ୍ରୀକାନ୍ତଙ୍କ ମୃତଦେହ

**ଭୁବନେଶ୍ୱର, ୬।୨(ସମିସ):** ବେଙ୍ଗାଲୁରୁରେ କାମ କରି ପରିବାର ପ୍ରତିପୋଷଣ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ସନ୍ଥପଡ଼ା ଗ୍ରାମର ୩୮ବର୍ଷୀୟ ଶ୍ରୀକାନ୍ତ ମହାନ୍ତି କିଛିଦିନ ତଳେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଗତ ଶନିବାର ଏକ ଘରୋଇ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରାଗଲା, କିନ୍ତୁ ଦୁର୍ଭାଗ୍ୟବଶତଃ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଛି ଆଇନଗତ ସମସ୍ୟା ଥିବା ହେତୁ ପୋଷ୍ଟମୋର୍ଟମ ପ୍ରକ୍ରିୟାରେ ବିଳମ୍ବ ହେଉଥିଲା। ଦାରିଦ୍ର୍ୟରେ ପୀଡ଼ିତ ପରିବାର ଲୋକଙ୍କ ପାଖରେ ସମ୍ବଳ ନ ଥିବାରୁ ଶ୍ରୀକାନ୍ତଙ୍କ ମୃତଦେହକୁ କେନ୍ଦ୍ରାପଡ଼ାକୁ ଫେରାଇ ଆଣିବାକୁ 'ଓଡ଼ିଶା-ମୋ ପରିବାର'ର ସହାୟତା ଲୋଡ଼ିଥିଲେ। 'ଓଡ଼ିଶା-ମୋ ପରିବାର' ତରଫରୁ ବେଙ୍ଗାଲୁରୁରେ ବାସ କରୁଥିବା ସମାଜସେବୀ ସଞ୍ଜୟ ଦାଶଙ୍କୁ ଏହି ବିଷୟରେ




ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଓଡ଼ିଶା ପରିବାର ନିର୍ଦ୍ଦେଶକ ଦିଲ୍ଲିପ ରାଉତରାୟଙ୍କୁ ମଧ ଏହି ବିଷୟରେ ଅବଗତ କରାଯାଇଥିଲା। ଶେଷରେ ରାଉତରାୟଙ୍କ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ତଥା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମନ୍ୱୟରେ ସ୍ୱର୍ଗତଃ ଶ୍ରୀକାନ୍ତଙ୍କ ମୃତଦେହ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ବିମାନବନ୍ଦରେ ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାରର ପ୍ରତିନିଧିମାନଙ୍କ ଉପସ୍ଥିତିରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଭୁବନେଶ୍ୱରରୁ କେନ୍ଦ୍ରାପଡ଼ାସ୍ଥିତ ନିଜ ଗ୍ରାମ ସନ୍ଥପଡ଼ାକୁ ଯିବାପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା।

# ଆଜିଠୁ ତିନିଦିନିଆ 'ଓଡ଼ିଶା ଟ୍ରାଭେଲ ବଜାର୍'

**ଭୁବନେଶ୍ୱର, ୬।୨(ସମିସ):** ସମଗ୍ର ବିଶ୍ୱରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଏଫ୍‌ଆଇସିସିଆଇ) ମିଳିତ ସହଯୋଗରେ ଆସନ୍ତା ଫେବୃଆରୀ ୭ରୁ ତିନିଦିନିଆ ଇକୋ ରିଟ୍ରିଟ୍ କୋଣାର୍କଠାରେ ଓଡ଼ିଶା ଟ୍ରାଭେଲ ବଜାର୍




(ଓଟିବି) ୨୦୨୩-୨୪ର ୫ମ ସଂସ୍କରଣ ଆରମ୍ଭ ହେବ। ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବେ ବୋଲି ମଙ୍ଗଳବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଥିଲେ ଯେ, ଓଡ଼ିଶାକୁ ଅନ୍ତର୍ଜାତୀୟ ମାନକ ବିଶିଷ୍ଟ ଏକ ବହୁମୁଖୀ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ରଣନୈତିକ ପଦକ୍ଷେପ ଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମ ଡୋମେଷ୍ଟିକ ଟୁର୍ ଅପରେଟର (ଡିଟିଓ) ଏବଂ ଫରେନ୍ ଟୁର୍ ଅପରେଟର (ଏଫ୍‌ଟିଓ)ଙ୍କ ସହ ଟୁରିଜିମ୍ ଫ୍ରାଟର୍ନିଟି ଅଫ୍ ଓଡ଼ିଶା (ସେଲର୍)ର ବି୨ବି (ବିଜନେସ୍ ଟୁ ବିଜନେସ୍) ବୈଠକଗୁଡ଼ିକ ସମେତ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀକୁ ଟ୍ରିପ୍ ଉପରେ ଗୁରୁତ୍ୱ ଦେବ। ଏହି କାର୍ଯ୍ୟକ୍ରମରେ ନିବେଶକ ଓ ଏୟାରଲାଇନ୍ ଅପରେଟର୍‌ମାନଙ୍କ ସହ ବି୨ବି ବୈଠକର ଯୋଜନା ମଧ ରହିଛି। ସେଲର୍‌ମାନେ ୩ ଦିନର ପ୍ରଦର୍ଶନୀ ସମୟରେ ନିଜର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ସୁଯୋଗ ପାଇବେ ବୋଲି କହିଥିଲେ। ଏହି ସମ୍ମିଳନୀରେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରୟାସଗୁଡ଼ିକୁ ଏବଂ ରାଜ୍ୟର ଅଣଆବିଷ୍କୃତ ଗନ୍ତବ୍ୟସ୍ଥଳୀଗୁଡ଼ିକୁ ଲୋକପ୍ରିୟ କରିବା ପାଇଁ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପର ହିତାଧିକାରୀମାନଙ୍କ

## ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ସକ୍ରିୟ ସହଭାଗିତାର ଆବଶ୍ୟକତାକୁ ଆଲୋକପାତ କରିଥିଲେ। ଏଫ୍‌ଆଇସିସିଆଇ ଟ୍ରାଭେଲ, ଟୁରିଜିମ୍ ଓ ହସ୍ପିଟାଲିଟି କମିଟି ଉପାଧ୍ୟକ୍ଷ ଏବଂ ସ୍ୱସ୍ତି ହୋଟେଲ୍ସର ସିଏମ୍‌ଡି ଜେ.କେ. ମହାନ୍ତି ସମଗ୍ର ବିଶ୍ୱର ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପର ହିତାଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଏବଂ ସେମାନଙ୍କୁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଅନୁଭୂତି ପାଇବାରେ ସାହାଯ୍ୟ କରିବା ପ୍ରସଙ୍ଗରେ ଓଡ଼ିଶା ଟ୍ରାଭେଲ ବାଜାରର ମହତ୍ୱ ଉପରେ କହିଥିଲେ।






# ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୬।୨(ସମିସ):** ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧିନରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ (ଆଇଏଫଏସ) ସ୍ତରରେ ଆଜି କେତେକ ଅଦଳ ବଦଳ ହୋଇଛି। ଏନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ସର୍କଲରେ ଆରସିସିଏଫ୍ ଭାବେ କାର୍ଯ୍ୟରତ ଅରୁଣ କୁମାର ମିଶ୍ରଙ୍କୁ ପିସିସିଏଫ୍ କାର୍ଯ୍ୟାଳୟରେ ସିସିଏଫ୍ ଭାବେ ବଦଳି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଡିଭିଜନରେ ଡିଏଫ୍‌ଓ ଭାବେ କାର୍ଯ୍ୟରତ ସନ୍ତୋଷ ଯୋଶୀଙ୍କୁ ଭବାନୀପାଟଣା ସର୍କଲର ଆରସିସିଏଫ୍ ଭାବେ ବଦଳି କରାଯାଇଛି। ପୁରୀ(ବନ୍ୟପ୍ରାଣୀ) ଡିଭିଜନର ଡିଏଫ୍‌ଓ ବାବେ କାର୍ଯ୍ୟରତ ରାମାସ୍ୱାମୀ ପି.ଙ୍କୁ ରାଉରକେଲା ଆରସିସିଏଫ୍ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶିମିଳିପାଳ(ଦକ୍ଷିଣ) ଡିଭିଜନର ଡିଏଫ୍‌ଓ ସମ୍ରାଟ ଗୌଡା ଡି.ଏସ୍‌ଙ୍କୁ ବାରିପଦା ଡିଭିଜନର ଅତିରିକ୍ତ ଡିଏଫ୍‌ଓ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ପୂର୍ବବତ୍ ଶିମିଳିପାଳ(ଦକ୍ଷିଣ) ଡିଭିଜନର ଡିଏଫ୍‌ଓ ଭାବେ କାର୍ଯ୍ୟ ଜାରି ରଖିବେ। ବଲାଙ୍ଗୀର ଡିଭିଜନର ଡିଏଫ୍‌ଓ ନୀତିଶ କୁମାରଙ୍କୁ ଅନୁଗୋଳ ଡିଭିଜନର ଡିଏଫ୍‌ଓ ଭାବେ ଅବସ୍ଥାପିତ କରାଯାଇଛି। ଅନୁଗୋଳ ଡିଭିଜନ ଡିଏଫ୍‌ଓ ଥିବା ଭିବେକ କୁମାରଙ୍କୁ ପୁରୀ(ବନ୍ୟପ୍ରାଣୀ) ଡିଭିଜନର ଡିଏଫ୍‌ଓ ଦାୟିତ୍ୱ ମିଳିଛି। କେନ୍ଦୁଝର ଡିଭିଜନର ଡିଏଫ୍‌ଓଙ୍କ ଏଏସିଏଫ୍ ଭାବେ କାର୍ଯ୍ୟରତ ମହମ୍ମଦ ଏଫ୍. ଅଜିଜ୍ ଖାନଙ୍କୁ ଖରିଆର ଡିଭିଜନର ଭାରପ୍ରାପ୍ତ ଡିଏଫ୍‌ଓ ଭାବେ ନୂଆ ଦାୟିତ୍ୱ ମିଳିଛି।

ସେହିପରି ଅନୁଗୋଳ ଡିଭିଜନର ଡିଏଫ୍‌ଓଙ୍କ ଏସିଏଫ୍ ଭାବେ କାର୍ଯ୍ୟରତ ସଚିନ ଆନ୍ନାସାହେବଙ୍କୁ ରାୟଗଡ଼ା ଡିଭିଜନର ଭାରପ୍ରାପ୍ତ ଡିଏଫ୍‌ଓ ଭାବେ ନୂଆ ଦାୟିତ୍ୱ ମିଳିଛି। ଅନ୍ୟପକ୍ଷରେ ଓଏଫ୍‌ଏସ-୧ ଅଧିକାରୀ ତଥା ଘୁମୁସର(ଉତ୍ତର) ଡିଏଫ୍‌ଓ ଭାବେ କାର୍ଯ୍ୟରତ ସୁଦର୍ଶନ ବେହେରାଙ୍କୁ ବଲାଙ୍ଗୀର ଡିଭିଜନ ଡିଏଫ୍‌ଓ ଭାବେ ବଦଳି କରାଯାଇଛି।

ସେହିପରି ପିସିସିଏଫ୍(ବନ୍ୟପ୍ରାଣୀ) ଅଧୀନରେ ଡିସିଏଫ୍ ଏବଂ ଜେଟିଏଫ୍ ଭାବେ କାର୍ଯ୍ୟରତ ହିମାଂଶୁ ଶେଖର ମହାନ୍ତିଙ୍କୁ ଘୁମୁସର(ଉତ୍ତର) ଡିଭିଜନର ଡିଏଫ୍‌ଓ ଭାବେ ଅବସ୍ଥାପିତ କରାଯାଇଛି।

## ୬ ଜଣ ବରିଷ୍ଠ ଅଧିକାରୀଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର, ୬।୨(ସମିସ):** ରାଜ୍ୟ ଲୋକ ସେବାର ୬ ଜଣ ବରିଷ୍ଠ ଅଧିକାରୀଙ୍କୁ କେନ୍ଦ୍ର ସରକାର ଆଇଏଏସ କ୍ୟାଡରକୁ ପଦୋନ୍ନତି ପ୍ରଦାନ କରିଛନ୍ତି। ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି ସେମାନେ ହେଲେ କଲ୍ୟାଣ କୁମାର ରଥ, ଶୁଭଶ୍ରୀ ନନ୍ଦ, ବିଜୟ କୁମାର ପୃଷ୍ଟି, କାଳୀପ୍ରସନ୍ନ ମହାପାତ୍ର, ରଘୁରାମ ଆର୍. ଆୟର, ସତ୍ୟବ୍ରତ ରାଉତ ଓ ଦୀପକ ରଞ୍ଜନ ଦାସ।

## କଳାପାଞ୍ଚଣ, ଛଣିଜଙ୍ଗ ଓ ତୁଳସୀପୁର ପଞ୍ଚାୟତ

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ





**ନିମାପଡ଼ା, ୬।୨(ସମିସ)**

ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳାପାଞ୍ଚଣ, ଛଣିଜଙ୍ଗ ଓ ତୁଳସୀପୁର ପଞ୍ଚାୟତରେ ମଙ୍ଗଳବାରଦିନ 'ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଳାପାଞ୍ଚଣ ପଞ୍ଚାୟତରେ ୭ଲକ୍ଷ ଟଙ୍କା ବ୍ୟୟରେ ମହିଳା ମିଶନ ଶକ୍ତି ଗୃହକୁ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ବିଜେଡି ସଭାପତି ଅଭିମନ୍ୟୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ଧାର୍ମିକସ୍ଥଳିର ବିକାଶ, ମହିଳା ସଶକ୍ତି କରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ସୁବିଧା, ଶିକ୍ଷାନୁଷ୍ଠାନର ରୂପାନ୍ତି କରଣ, ପାନୀୟ ଜଳ, ବିଜୁଳି, ଗମନାଗମନ, କ୍ରୀଡା ଭିତ୍ତିଭୂମିର ବିକାଶ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଧିର କୁମାର ଦାଶ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ସୁନିଲ କୁମାର ନନ୍ଦ, ସମିତିସଭ୍ୟା ସସ୍ମିତା ପାତ୍ର, ନାଏବ ସରପଞ୍ଚ ସୁଧିôର ରଞ୍ଜନ ଶତପଥି, ପିଇଓ ଦେବେନ୍ଦ୍ର କୁମାର ସ୍ୱାଇଁ, ବରିଷ୍ଠନେତା ହରିହର ରାୟ, ଉପସଭାପତି ଅମରେଶ୍ୱର ନାୟକ, ଯୁବନେତା ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଛଣିଜଙ୍ଗ ପଞ୍ଚାୟତରେ ବିଜେଡି ସଭାପତି ସୁବାସ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅୟୋଜିତ 'ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ବ୍ଲକ ଉପାଧ୍ୟକ୍ଷ ଅନୁସ୍ୱୟା ମହାନ୍ତି, ପୂର୍ବତନ ପଞ୍ଚାୟତ ବିଜେଡି ସଭାପତି ମହେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟ ନାରାୟଣ ପରିଡ଼ା ଓ ପର୍ଯ୍ୟବେକ୍ଷକ ସ୍ୱପ୍ନେଶ୍ୱର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ସେହିପରି ତୁଳସୀପୁର ପଞ୍ଚାୟତରେ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଜିଲ୍ଲା ସାଂସଦ ପ୍ରତିନିଧି ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ତ୍ରିଲୋଚନ କର, ଅରକ୍ଷୀତ ଭୋଇ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମକୁ ଉପସ୍ଥିତ ଲୋକମାନଙ୍କୁ କହିବା ସହିତ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନିଜ ନିଜ ଭିତରେ ଥିବା ମନୋମାଳିନ୍ୟକୁ ଭୁଲି ତୃଣମୂଳ ସ୍ତରରୁ ଦଳକୁ ମଜଭୂତ କରିବା ସହ ନବୀନ ବାବୁଙ୍କୁ ଷଷ୍ଠଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହିସବୁ ପଞ୍ଚାୟତରେ ଉତ୍ତମ କାର୍ଯ୍ୟ କରିଥିବା ଏସ୍‌ଏଜି ଗ୍ରୁପକୁ ପୁରସ୍କୃତ କରାଯାଇଥିଲା।

## ପ୍ରାଚୀ ନଦୀରେ ମିଶୁଛି କେମିକାଲ ପାଣି

# ରୋଗରେ ଆକ୍ରାନ୍ତ ସାଧାରଣଲୋକ

**ନୟାହାଟ, ୬।୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ନିକଟରେ ଥିବା ମହିମା ରାଇସିମିଲରୁ କେମିକାଲ ପାଣି ବାହାରି ପବିତ୍ର ପ୍ରାଚୀନଦୀରେ ମିଶୁଛି। ଯାହାଫଳରେ ସେହି ନଦୀକୁ ସ୍ନାନଶୌଚ କରିବା ପାଇଁ ଆସୁଥିବା ମୁନି ଋଷି, ଚାଷୀ, ସାଧାରଣଲୋକ ସ୍ନାନ କରିବା ପରେ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ପଡୁଛନ୍ତି ବୋଲି ଅଞ୍ଚଳରେ ଅଭିଯୋଗ ହେଉଛି। ସେହିଭଳି ଯୋଗେଶ୍ୱରପୁର ଗ୍ରାମରେ ମିଲରୁ କଳାଧୂଆଁ ସହିତ କଳାପାଉଁଶ ଉଡ଼ି ଘରମାନଙ୍କରେ ପଡ଼ିଛି। ଏପରିକି କଳାପାଉଁଶ ଚାଷ ଜମିରେ ପଡ଼ି ବ୍ୟାପକ କ୍ଷୟକ୍ଷତି ହେଉଛି। କଳାପାଉଁଶ ଉଡ଼ି ନିକଟସ୍ଥ ଗ୍ରାମର ବୃଦ୍ଧବୃଦ୍ଧା, ମହିଳା, କୁନି କୁନି ପିଲାମାନଙ୍କର ଆଖିରେ ପଡ଼ି ଆଖି ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ପ୍ରଚୁର ପରିମାଣରେ କଳାଧୂଆଁ, କଳା ପାଉଁଶ ଉଡି ଘରର ଛାତ, କବାଟ, ଘରେ ଥିବା ବସ୍ତ୍ର ଜିନିଷପତ୍ରରେ ପଡ଼ି ନଷ୍ଟ ହେଉଛି। ଏଦିଗରେ ପ୍ରଦୂଷଣ ବିଭାଗ ଦୃଷ୍ଟି ଦେବା ସହ ତଦନ୍ତ କରିବା ପାଇଁ ଗ୍ରାମର ଶତାଧିକ ମହିଳା ଦାବି କରିଛନ୍ତି।



# ଗୋପିନାଥପୁର ପ୍ରିମିୟର ଲିଗ୍ ; ଫାଇନ୍ ଡଲଫିନ୍ ଚାମ୍ପିଅନ

**କଣାସ, ୬।୨(ସମିସ)**



କଣାସ ବ୍ଲକ ଗୋପିନାଥପୁର ଖେଳପଡ଼ିଆରେ ମା'ଡୋମଣୀ କ୍ରିକେଟ୍ କ୍ଲବ ପକ୍ଷରୁ ୨୧ ତାରିଖରୁ ଆରମ୍ଭ ହୋଇଥିବା ଗୋପିନାଥପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଗଡ଼ିଶାଗୋଦା ଥାନାଅଧିକାରୀ ଦୁର୍ଗାଚରଣ ମହାପାତ୍ର, ଏଏସ୍‌ଆଇ ଭୀମସେନ ମାଝୀ, ସତ୍ୟବାଦୀ ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା, ସାଗର ପ୍ରଧାନ, ଶିକ୍ଷାବିତ ବିଜୟ ପ୍ରଧାନ, ସାମ୍ବାଦିକ ହେମନ୍ତ କୁମାର ମହାରଥୀ, ଶଶାଙ୍କ ପ୍ରଧାନ, ଦୈତାରୀ ପ୍ରଧାନ, ରଶ୍ମୀରଞ୍ଜନ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୁବକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟିଲାଗି କ୍ରିକେଟ୍ ମ୍ୟାଚ୍ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସୂଚନା ଦେଇଥିଲେ। ଉଦ୍‌ଯାପନୀ ମ୍ୟାଚ୍ ବିଗ ବ୍ରଦର୍ସ ପାଇକମରା ସହିତ ଫାଇନ ଡଲଫିନ ଗୋପୀନାଥପୁର ମଧ୍ୟରେ ହୋଇଥିଲା। ବିଗ ବ୍ରଦର୍ସ ପ୍ରଥମେ ବ୍ୟାଟିଂ କରି ୧୬.୩ ବଲରେ ୧୩୬ ରନ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଫାଇନ ଡଲଫିନ୍ ଗୋପୀନାଥପୁର ୧୫.୪ ବଲରେ ୭ ଉଇକେଟ ହରାଇ ୧୪୨ ରନ କରି ବିଜୟ ହୋଇଥିଲା। ମିଲୁ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲା ସେ ୩୩ ବଲରେ ୫୨ ରନ କରି ଦଳକୁ ବିଜୟ କରିଥିଲା। ମ୍ୟାନ ଅଫ୍ ସିରିଜ ବିଗ ବ୍ରଦର୍ସର ବାଦଲ ବରାଳ ସମୁଦାୟ ୨୫୬ରନ କରିଥିଲା। ଚାମ୍ପିଅନ ଦଳକୁ ଚାମ୍ପିଅନ ଟ୍ରଫି ଓ ରନର୍ସଅପ ଦଳକୁ ରନର୍ସ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ବିଜୟ ବେହେରା, ବ୍ରଜବନ୍ଧୁ ପ୍ରଧାନ ଓ ବିଭୂତି ପ୍ରଧାନଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଡେଲାଙ୍ଗ, ୬।୨(ସମିସ): ଡେଲାଙ୍ଗ ଷ୍ଟେସନ ବଜାର ସ୍ଥିତ ରାଧାକାନ୍ତ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀ ବିନୋଦ କୁମାର ପାରମାଣିକ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ୨ଦିନ ଧରି ଚାଲିଥିବା କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ନଟବର ସେଠୀ ବିବରଣି ପାଠ କରିଥିଲେ ଓ କ୍ରୀଡ଼ା ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଜାତୀୟ ଓ ଅର୍ନ୍ତଜାତୀୟ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶାଶ୍ୱତ ପ୍ରିୟଦର୍ଶୀ, ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ଭୋଇ, ଅର୍ଚ୍ଚନା ନାୟକ, ସ୍ମୃତିରେଖା ଚୌଧୂରୀ, ରଶ୍ମୀତା ସାହୁ, ଇତିଶ୍ରୀ ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ବିଷ୍ଣୁପ୍ରିୟା ଦାଶ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଆୟୋଜିତ କ୍ରୀଡ଼ାର କନିଷ୍ଠ ବାଳକ ବିଭାଗରେ ଚନ୍ଦ୍ର ଶେଖର ସାହୁ ଓ ବାଳିକା ବିଭାଗରେ ସୁମିତ୍ରା ପାତ୍ର ଚାମ୍ପିୟନ ହୋଇଥିବା ବେଳେ ବରିଷ୍ଠ ବାଳକ ବିଭାଗରେ ମାଧବ ସ୍ୱାଇଁ ଓ ବାଳିକା ବିଭାଗରେ ସ୍ମୃତିପ୍ରଜ୍ଞା ବାରିକ ଚାମ୍ପିଅନ ହୋଇଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କଲେ ଶ୍ରଦ୍ଧାଳୁ

**କୃଷ୍ଣପ୍ରସାଦ, ୬।୨(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ଜରିଆରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶହଶହ ଶ୍ରଦ୍ଧାଳୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିଥିବା ଜଣାପଡ଼ିଛି। କୃଷ୍ଣପ୍ରସାଦ ବିଡ଼ିଓ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତି ପଞ୍ଚାୟତରୁ ୨୦ଜଣରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ପୁରୀ ଆସିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ୨୧ଟି ପଞ୍ଚାୟତ ପାଇଁ ବସ୍ ବନ୍ଦୋବସ୍ତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀସେତୁ ଦେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିଦର୍ଶନ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ବ୍ଲକ ନୋଡ଼ାଲ ଅଧିକାରୀ ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଗୋଷ୍ଠୀ ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ତିତିପ ପଞ୍ଚାୟତ ପିଇଓ ଭାସ୍କର ଚନ୍ଦ୍ର ସାହୁ, ସିଆଣ୍ଡି ପିଇଓ ପଙ୍କଜ ଲୋଚନ ବିଶ୍ୱାଳ, କୃଷ୍ଣପ୍ରସାଦ ପିଇଓ ପଞ୍ଚାନନ ପୂଜାରୀ, ଅରଖକୁଦା ପିଇଓ ରବୀନ୍ଦ୍ର କୁମାର ସାହୁ ସମେତ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଶ୍ରଦ୍ଧାଳୁଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ମହାପ୍ରସାଦରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା।

# ପୋଖରୀରେ ବୁଡ଼ି ନାବାଳକ ମୃତ

**ପିପିଲି, ୬।୨(ସମିସ):** ପିପିଲି ଥାନା ଅଧିନ ସହଜପୁର ଗ୍ରାମରେ ମଙ୍ଗଳବାର ଗାଧୋଇବା ସମୟରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ସହଜପୁର ଗ୍ରାମର ନୃସିଂହ ମୁଦୁଲିଙ୍କ ପୁଅ ତୁଷାରକାନ୍ତ ମୁଦୁଲି(୧୭)। ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନରେ ଗ୍ରାମର ୨ଜଣ ଯୁବକଙ୍କ ସହିତ ତୁଷାର ନିକଟ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପୋଖରୀରେ ଗାଧୋଉଥିବା ସମୟରେ ପାଣିରେ ବୁଡିଯାଇଥିଲେ। ସାଥି ପିଲାମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ସ୍ଥାନୀୟ ଲୋକମାନଙ୍କୁ ଡାକିବା ସହିତ ଘଟଣା ବିଷୟରେ ନିକଟସ୍ଥ ଦମକଳ ବାହିନୀଙ୍କୁ ଅବଗତ କରାଇଥିଲେ। ଦମକଳ ବାହିନୀ ପହଞ୍ଚିବା ବେଳକୁ ଗ୍ରାମର କିଛି ଲୋକ ତୁଷାରକୁ ଉଦ୍ଧାର କରି ପିପିଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପିପିଲି ଥାନା ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ଲାଗି ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଏନେଇ ପିପିଲି ଥାନାରେ କେସ ନଂ୪/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

# ପାଣିରେ ଭାସୁଛି ପଥର; ଦେଖିବାକୁ ଲୋକଙ୍କ ଗହଳି

**ସାକ୍ଷୀଗୋପାଳ, ୬।୨(ସମିସ):** ପାଣିରେ ଭାସୁଛି ପଥର। ଭାର୍ଗବୀ ନଦୀରେ ଗୋଟିଏ ପଥର ଭାସୁଥିବା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସୁଆଁଲୋ ଗ୍ରାମର ଜନୈକା ମହିଳା ଦେଖିଥିଲେ। ମହିଳା ଜଣକ ନିତିଦିନ ଗବକୁଣ୍ଡ କଟ ନଈକୁ ଗାଧୋଇବା ପାଇଁ ଯାଇଥାନ୍ତି।



ସୋମବାର ସକାଳେ ମହିଳା ଗାଧୋଇବା ପାଇଁ ଯାଇଥିବା ବେଳେ ନଈରେ ଗୋଟିଏ ପଥର ପାଣିରେ ଭାସୁଥିବା ଦେଖିଥିଲେ। କଣ ଗୋଟେ ବୋଲି ଭାବି ମହିଳା ଜଣକ ସେହି ପଥରକୁ ହାତରେ ଠେଲି ଦେଲେ। ତଥାପି ପଥର ଖଣ୍ଡଟି ଭାସିଭାସି ରହିଥିଲା। ମହିଳା ଜଣକ ଘରକୁ ଆସି ପୁଅକୁ ନଈରେ ପଥର ଭାସୁଥିବା କହିଥିଲେ। ତାଙ୍କ ପୁଅ ନଦୀ କୂଳରେ ପହଞ୍ଚି ପ୍ରକୃତରେ ପଥର ଭାସୁଥିବା ଦେଖି ଆଚମ୍ବିତ ହୋଇଯାଇଥିଲା। ସେହି ପଥରକୁ ସେ ଆଣି ଗ୍ରାମର ହନୁମାନ ମନ୍ଦିରରେ ରଖିଥିଲେ। ଘଟଣାର ସତ୍ୟତା ପରିଖିବା ପାଇଁ ଗ୍ରାମବାସୀ ଗୋଟିଏ ଟପରେ ପାଣି ଭର୍ତ୍ତି କରି ପଥରକୁ ରଖିଥିଲେ। ତାହା ପାଣିରେ ନ ବୁଡ଼ି ଭାସି ଥଲା। ଘଟଣା ଲୋକମୁଖରେ ପ୍ରଚାରିତ ହେବା ପରେ ଏହାକୁ ଦେଖିବା ପାଇଁ ଲୋକଙ୍କ ଜନଗହଳି ଲାଗିଛି। କେତେକ ଉକ୍ତ ପଥରକୁ ଫୁଲ ଧୂପ ଦେଇ ପୂଜା ଅର୍ଚ୍ଚନା କରୁଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ ଓ ନାଗରିକ ସମ୍ବର୍ଦ୍ଧନା ଉତ୍ସବ

**ଚାରିଛକ, ୬।୨(ସମିସ):** ଚାରିଛକ ନିକଟସ୍ଥ ଭାଣପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଓ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଧିବାସଦିନ ଗ୍ରାମ ନିକଟସ୍ଥ ପ୍ରାଚୀନଦୀରୁ ଜଳ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସରରେ ଗ୍ରାମ୍ୟକମିଟିର ସଭାପତି ତ୍ରିଲୋଚନ କରଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡଃ ସନ୍ତୋଷ କୁମାର ମିତ୍ର, ମୁଖ୍ୟବକ୍ତାଭାବେ ଅଡଶପୁର ଉଦୟନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପ୍ରଫେସର ଗୋପୀନାଥ କର, ଶିକ୍ଷାବିତ୍ ପୂର୍ବତନ ପ୍ରଧାନ ଶିକ୍ଷକ ଦ୍ୱଜବର ମୁଦୁଲି, ପୂର୍ବତନ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର, କୈଳାଶ ଚନ୍ଦ୍ର ତ୍ରିପାଠୀ.ପୂର୍ବତନ ଜିଲ୍ଲାପରିଷଦସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବ୍ରଜବନ୍ଧୁ କର, ହୃଦାନନ୍ଦ କର, କୈଳାଶ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କର, ସୁରେଶ ଚନ୍ଦ୍ର କର, ନିତ୍ୟାନନ୍ଦ ଦାଶ, କୈଳାଶ ଚନ୍ଦ୍ର କର, ରତ୍ନାକର କର, ତପନ କର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନୀରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ପାନୀୟଜଳ ମାନ ପରୀକ୍ଷଣ ଶିବିର



**ଗମ୍ଭାରୀପଦା/କାକଟପୁର, ୬।୨(ସମିସ):** କାକଟପୁର ବ୍ଲକ ପରିସରସ୍ଥ ଅଡିଟୋରିୟମ ଗୃହରେ ମଣ୍ଡଳସ୍ତରୀୟ ପାନୀୟଜଳର ମାନ ପରୀକ୍ଷଣ ଓ ପରିମଳ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଶୁଭେନ୍ଦୁ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପାନୀୟଜଳ ମାନ ପରୀକ୍ଷକ ଅମରେନ୍ଦ୍ର ସେନାପତି, ଲ୍ୟାବ୍ କେମେଷ୍ଟ୍ରି ସୁମିତ୍ରା ମହାରଣା ଓ ପ୍ରଜ୍ଞା ପରମିତା ସ୍ୱାଇଁ, ଲ୍ୟାବ୍ ଆସିଷ୍ଟାଣ୍ଟ ରାଜେଶ୍ ଜେନା, କନିଷ୍ଠଯନ୍ତ୍ରୀ ତନୁଜା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ୧୬ଟି ପଞ୍ଚାୟତରୁ ଆସିଥିବା ପ୍ରତିନିଧି ମାନଙ୍କୁ ଜଳରମାନ ପରୀକ୍ଷଣ ଓ ପରିମଳ ଉପରେ ପ୍ରଶିକ୍ଷିତ କରାଇଥିଲେ।

## ବଢୁଛି ବେଆଇନ ବୋରିଂ, ହ୍ରାସ ପାଉଛି ଭୂତଳ ଜଳସ୍ତର

# ପାଣି ଚିନ୍ତାରେ ଉପକୂଳବାସୀ

**ଅସ୍ତରଙ୍ଗ, ୬।୨(ସମିସ)**

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଭୂତଳଜଳସ୍ତର ଦିନକୁ ଦିନ ହ୍ରାସ ପାଉଥବା ପରିଲକ୍ଷିତ ହୋଇଛି। ଏହି ଅଞ୍ଚଳ ସମୁଦ୍ର ଉପକୂଳବର୍ତ୍ତୀ ତଥା ଲୁଣି ଅଞ୍ଚଳ ହୋଇଥିବାବେଳେ ଏଠାରେ ଜଳସେଚନ ଏବଂ ପିଇବା ପାଣିର ଅନ୍ୟ ସୁବିଧା କିଛି ନାହିଁ କହିଲେ ଚଳେ। ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ପାଇପ ଜଳ, ନଳକୂପ ଓ ଖୋଲା କୂଅ ହିଁ ପାନୀୟ ଜଳର ଉତ୍ସ। ତେବେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ଶତାଧିକ ନଳକୂପ ଏବେ ଅଚଳ, କୂଅ ପୋଖରୀ ଶୁଖିଲା। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯିବାରୁ ଜଳସ୍ତର ପୁଣି ପୂର୍ବଭଳି ରସାତଳଗାମୀ ହୋଇଛି। ମୌସୁମୀ ଆଗମନ ବେଳେ ବର୍ଷା ପାଣି ପାଇଁ କିଛି ମାତ୍ରାରେ ଜଳସ୍ତର ବଢୁଥିବା ବେଳେ ଏବେ ଗ୍ରୀଷ୍ମ ବଢ଼ିଥିବାରୁ ଜଳସ୍ତର କମିବାରେ ଲାଗିଛି। ଗ୍ରୀଷ୍ମ ଦିନ ଆରମ୍ଭରୁ କୂଅ, ପୋଖରୀ ଶୁଖୁଲା ପଡ଼ିଲାଣି। ଏଭଳି ପରିସ୍ଥିତିରେ ପାଣି ଟୋପେ ପାଇଁ ଲୋକେ ଡହଳବିକଳ ହେଉଥିବା ଲକ୍ଷ କରାଯାଇଛି। ରାଜ୍ୟ ସରକାର ଭୂତଳ ଜଳସ୍ତର ବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ନଦୀମାନଙ୍କରେ ଚେକ୍ ଡ୍ୟାମ ନିର୍ମାଣ କରୁଥିବାବେଳେ ପୋଖରୀ ଖୋଳି ଏହି ଉତ୍ସମାନଙ୍କରେ ଜଳ ଗଚ୍ଛିତ ରଖିବାକୁ ପରାମର୍ଶ ଦେଉଛନ୍ତି। ଅନ୍ୟପଟେ ନଳକୂପରୁ ପାଣି ମଧ୍ୟ ବାହାରୁନି ଯେଉଁଠି ନଳକୂପ ବସିଛି ସେହି ଅଞ୍ଚଳରେ ଭୁତଳ ଜଳସ୍ତର ହ୍ରାସ ପାଉଥିବାରୁ ଆବଶ୍ୟକ ପରିମାଣର ଜଳ ମିଳିପାରୁନି। ଏହାର ମୁଖ୍ୟ କାରଣ ହେଲା ଗ୍ରାମାଞ୍ଚଳ ରେ ଚୁଙ୍ଗୁଡ଼ି ଘେରି, ପାନ ବରଜ, ଚାଷ ଜମି ଇଟା ଭାଟି ଗୁଡିକରେ ଦିନକୁ ଦିନ ବେଆଇନ ବୋରିଂ ଖୋଳା ଯିବା କାରଣରୁ ଭୂତଳଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବା ପରିବେଶବିତ୍ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ଯୋଗାଣ ହେଉଥିବା ପାଇପ ଜଳ ହିଁ ପାନୀୟ ଜଳର ବିକଳ୍ପ ମାଧ୍ୟମ ପାଲଟିଥିବା ବେଳେ ଅଧିକାଂଶ ପ୍ରକଳ୍ପର ମଧ୍ୟ ଦୟନୀୟ ଅବସ୍ଥା କେଉଁଠି ପ୍ରକଳ୍ପ ନିର୍ମାଣ ପରଠାରୁ ଏହା ଅଚଳ ହୋଇପଡ଼ିଛି ତ ଆଉଁ କେଉଁଠି ଆଇରନ ମିଶା ଲୁଣି ପାଣି ସପ୍ଲାଇ ହେଉଛି ଆଉ କେଉଁଠି ପ୍ରକଳ୍ପ ଖତ ଖାଉଛି। ଅସ୍ତରଙ୍ଗ ବ୍ଲକର ଛୁରିଆନା, ପାଟଳଦା, ମାଣ୍ଡୁକି,



ଶିଶୁଅ, ଝାଡ଼ଲିଙ୍ଗ, ନୂଆଗଡ଼, ଆଳସାହି, ନଗର ସମେତ ଅସ୍ତରଙ୍ଗ ପଞ୍ଚାୟତର କିଛି ଗ୍ରାମରେ ପିଇବା ପାଣି ସମାସ୍ୟା ରହିଥିବା ବେଳେ ବେଆଇନ ବୋରିଂ ଉତ୍କଟ ପରିସ୍ଥିତି ସୃଷ୍ଟି କଲାଣି। ଯଦି ଆଗକୁ ବିହିତ ପଦକ୍ଷେପ ଗ୍ରହଣ କରା ନଯାଏ ତେବେ ଏହି ସମସ୍ୟା ଦ୍ୱିଗୁଣିତ ହେବାର ସମ୍ଭାବନା ଆଶଙ୍କା କରାଯାଉଛି। ଏହି ସମାସ୍ୟା କୁ ଆଖି ଆଗରେ ରଖି ରାଜ୍ୟ ସରକାର ଭୁତଳ ଜଳ ସଂରକ୍ଷଣ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

୬/୨/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୦,୯୩୧/-
ସୁନା: ୦୨.୫୦୦ ଗ୍ରାମ୍
ରୁପା: ୧୦୯.୫୦୦ ଗ୍ରାମ୍



## ଢେଙ୍କାନାଳ ବଳଦେବଜୀଉ ମନ୍ଦିରକୁ ଗଲା ରଥ ଚକ

**ପୁରୀ, ୬।୨(ସମିସ):** ଶ୍ରୀଗୁଣ୍ଡିଚା ମନ୍ଦିରରୁ ତାଳଧ୍ୱଜ ରଥ ଚକ ଢେଙ୍କାନାଳର ଶ୍ରୀବଳଦେବ ଜୀଉ ମନ୍ଦିରକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରି ନିଆଯାଇଛି। ଭୋଇ ସେବକମାନେ ରଥ ଚକକୁ ଆଣି ଫୁଲରେ ସଜା ହୋଇଥିବା ଗାଡ଼ିରେ ରଖିଥିଲେ। ପରେ ପରେ ଶ୍ରୀମନ୍ଦିର ଅଧିକାରୀଙ୍କ ସହିତ ଶ୍ରୀବଳଦେବଜୀଉ ମନ୍ଦିର ପରିଚାଳନା କମିଟି ସଦସ୍ୟ ଏହି ଚକରେ ଫୁଲମାଳ ଚନ୍ଦନ ଲଗାଇ ଢେଙ୍କାନାଳ ଅଭିମୁଖେ ନେଇଥିଲେ। ଏହି ଚକ ନେବା ଲାଗି ଶ୍ରୀବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦରଖାସ୍ତ କରିଥିଲା। ଏହି ନିବେଦନକୁ ରକ୍ଷାକରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ପ୍ରଦାନ କରାଯାଇଛି। ପରେ ଢେଙ୍କାନାଳ ଶ୍ରୀବଳଦେବ ଜୀଉ ମନ୍ଦିର ପକ୍ଷରୁ ଆସିଥିବା ପ୍ରାୟ ୧୮ ଜଣ ସଦସ୍ୟ ଏହାକୁ ଗ୍ରହଣ କରିବା ପରେ ପୂଜାର୍ଚ୍ଚନା ଓ ଶ୍ରୀଫଳ ବାଡେଇ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଏହା ଢେଙ୍କାନାଳ ସହରରେ ପହଞ୍ଚିବା ପରେ ଘଣ୍ଟଘଣ୍ଟା, ହୁଳହୁଳି, ବନ୍ଦାପନା, ଝାଞ୍ଜ, କୀର୍ତ୍ତନ ଆଦି କରାଯାଇ ଚକକୁ ସ୍ୱାଗତ କରାଯିବ। ନଗର ପରିକ୍ରମା କରିବା ପରେ ଏହା ମନ୍ଦିରର ମୁଖ୍ୟ ଦ୍ୱାର ଭିତର ପାର୍ଶ୍ୱରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ହେବ ବୋଲି ଶ୍ରୀବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଉପସଭାପତି ଅବନୀ କୁମାର ମିଶ୍ର କହିଛନ୍ତି।

## ଅର୍ପଣ ଚାଉଳ ଖେଚେଡ଼ି ପାଇ ଭକ୍ତ କୃତାର୍ଥ

**ପୁରୀ, ୬।୨(ସମିସ):** ଅର୍ପଣ ରଥରେ ସଂଗୃହୀତ ଅରୁଆ ଚାଉଳ, ନଡ଼ିଆ ଆଦିରେ ଖେଚେଡ଼ି ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟାଯାଉଛି। ଗତ ରବିବାରଠାରୁ ଏହା ଆରମ୍ଭ ହୋଇଥିବା ବେଳେ ମହାପ୍ରଭୁଙ୍କ ମହାପ୍ରସାଦ କଣିକାଏ ପାଇ କୃତାର୍ଥ ହେଉଛନ୍ତି ଶ୍ରଦ୍ଧାଳୁ। ତେବେ ଅର୍ପଣ ରଥରେ ସଂଗୃହୀତ ଚାଉଳକୁ ନେଇ ନାନା ପ୍ରକାର କଥା ଉଠୁଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ସୁଆର ମହାସୁଆର ନିଯୋଗ ପୂର୍ବତନ ସଭାପତି ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ଦାମୋଦର ମହାସୁଆର। ଏକ୍ସପର୍ଟ ଟିମ ଦ୍ୱାରା ଏହାର ଯାଞ୍ଚ କରାଯାଇ ପ୍ରସାଦ ବିତରଣ କରାଯାଉଛି। ଶୁଦ୍ଧପୂତ ଭାବେ ସମର୍ପଣ ଭାବ ରଖି ଭକ୍ତ ଅର୍ପଣ ଦେଇଥିବା ଚାଉଳକୁ ସରିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ ବୋଲି କହିଛନ୍ତି।

## ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



**ପୁରୀ, ୬।୨(ସମିସ):** ପୁରୀ ସଦର ଉପଜିଲ୍ଲାପାଳ ଭାବେ ମଙ୍ଗଳବାର ଗୋପୀନାଥ କୁଅଁର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ କୁଅଁର ପୂର୍ବରୁ ଉପଜିଲ୍ଲାପାଳ ଥିବା ଭବତାରଣ ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ କୁଅଁର ଯାଜପୁର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ସାହୁଙ୍କର ଶ୍ରୀମନ୍ଦିର ପ୍ରଶାସନକୁ ବଦଳି ହୋଇଛି।

ଯୁବ ବିଜେଡିର ଡିଜିଟାଲ କର୍ମଶାଳା

# ପ୍ରଶିକ୍ଷଣ ନେଲେ କର୍ମକର୍ତ୍ତା

**ପୁରୀ, ୬।୨(ସମିସ)**

ଆଗକୁ ସାଧାରଣ ନିର୍ବାଚନ। ତେବେ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ପ୍ରମୁଖ ରାଜନୈତିକ ଦଳ ନିଜ ନିଜର କାର୍ଯ୍ୟକ୍ରମକୁ ବ୍ୟାପକ କଲେଣି। ଏ କ୍ଷେତ୍ରରେ ସବୁଠୁ ଆଗରେ ରହିଛି ଶାସକ ବିଜେଡି। ପୁରୀରେ ହଜାର ହଜାର ମହିଳାଙ୍କୁ ନେଇ ଶ୍ରୀକ୍ଷେତ୍ର ବିକାଶ ସଂକଳ୍ପ ସମାବେଶ କରିବା ପରେ ମଙ୍ଗଳବାର ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ୍ ଖୁଣ୍ଟିଆଙ୍କ ନେତୃତ୍ୱରେ ପୁରୀରେ ଡିଜିଟାଲ କର୍ମଶାଳା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସଂସ୍କୃତି ଭବନରେ ଏହି କର୍ମଶାଳା କରାଯାଇଛି। ବର୍ତ୍ତମାନ ହେଉଛି ଡିଜିଟାଲର ଯୁଗ ଓ ଆଗାମୀ ସାଧାରଣ ନିର୍ବାଚନ ଡିଜିଟାଲ ନିର୍ବାଚନ ହେବାକୁ ଯାଉଛି। ବିରୋଧୀଙ୍କ ଅପପ୍ରଚାରକୁ ରୋକି କଡା ଜବାବ ଦେବା ସହ ଲୋକଙ୍କ ନିକଟତର ହୋଇ ବୁଥ୍‌ସ୍ତରରେ ସମସ୍ୟାର ସମାଧାନ ଏବଂ ରାଜ୍ୟ ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ ଯୋଜନା ଓ ଏହାର ସଫଳତା ପହଞ୍ଚାଇବାକୁ ଏହି ଡିଜିଟାଲ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଆଗାମୀ ସାଧାରଣ ନିର୍ବାଚନରେ ସୋସିଆଲ ମିଡିଆର ଏକ ପ୍ରମୁଖ ଭୂମିକା ଥିବାରୁ ବିଜୁ ଯୁବ ଜନତା ଦଳ ଦ୍ୱାରା ଡିଜିଟାଲ କର୍ମକର୍ତ୍ତାମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଅଛି। ଏହି ପ୍ରଶିକ୍ଷଣ ଶିବିରରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ରବିଶଙ୍କର ପ୍ରତିହାରୀ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜୋନ ସଭାପତି ବିଜୟ କେତନ ସାହୁ, ରବିନାରାୟଣ ସାମନ୍ତରାୟ, ରଶ୍ମିରଞ୍ଜନ ଦାସ, ଅଭିନାଶ ପ୍ରଧାନ, ସାଗର ପାତ୍ର, ରୋଜାଲିନ ନାୟକ, ଗୋପାଳ ମିଶ୍ର, ଅରୁଣିମା ନନ୍ଦ, ସନ୍ଧ୍ୟାରାଣୀ ଭଟ୍ଟ, ବିକାଶ ମହାରଣା, ରାଜେଶ ତ୍ରିପାଠୀ, ମାନସ ରଞ୍ଜନ ପୃଷ୍ଟି, ଝାନ୍‌ସିରାଣୀ ମିଶ୍ର, ମୁରାରୀ ନାୟକ, ଲିପ୍ସା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଡିଜିଟାଲ ୱାର୍କସପ୍‌ରେ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।




ଅପରାଧମୁକ୍ତ ପୁରୀ ଅଭିଯାନ

## ଏସ୍‌ପିଙ୍କ ନେତୃତ୍ୱରେ ଚାଲିଛି ଧରପଗଡ଼

**ପୁରୀ, ୬।୨(ସମିସ)**



ଗାଡ଼ି ଚେକିଂ କଡ଼ାକଡ଼ି, ଅମାନିଆଙ୍କୁ ଜରିମାନା

ପୁରୀକୁ ଅପରାଧମୁକ୍ତ କରାଯିବା ଲାଗି ପୁଲିସ ପକ୍ଷରୁ ଚାଲିଛି ଅଭିଯାନ। ପୁଲିସ ମୁଖିଆ ଭାବେ ନୂଆକରି ଯୋଗଦେଇଥିବା ପିନାକ ମିଶ୍ରଙ୍କ ନେତୃତ୍ୱରେ ଜୋର୍‌ଦାର ଧରପଗଡ଼ ଚାଲିଛି। କାର୍ଯ୍ୟଭାର ଗ୍ରହଣ ସମୟରେ ଏସ୍‌ପି ଶ୍ରୀ ମିଶ୍ର କହିଥିଲେ, ପୁରୀ ହେଉଛି କୋଟି କୋଟି ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଏଠାକୁ ଲକ୍ଷ ଲକ୍ଷ ଦର୍ଶନାର୍ଥୀ ଆସିଥାନ୍ତି। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପୁରୀକୁ ଅପରାଧମୁକ୍ତ କରିବା ଉପରେ ପୁଲିସ ଗୁରୁତ୍ୱ ଦେବ। ସେହି ଅନୁଯାୟୀ, କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଏସ୍‌ପି ଶ୍ରୀ ମିଶ୍ର। ବରିଷ୍ଠ ପୁଲିସ ଅଧିକାରୀ ଏବଂ ସବୁ ଥାନାଧିକାରୀଙ୍କ ସହ ଆଲୋଚନା ପରେ ଏବେ ରାସ୍ତାରେ ଧରପଗଡ଼ ଜୋର୍‌ଦାର କରାଯାଉଛି। ଅସାମାଜିକ ଯୁବକଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ଲାଗି ଅଧିକାରୀମାନଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେବା ସହ ନିଜେ ମଧ୍ୟ ସାହି, ଗଳି ବୁଲିବା ଆରମ୍ଭ କରିଦେଲେଣି। ଏଥିସହ ସଞ୍ଜ ନଇଁବା ପରେ ପୁରୀର ସବୁ ପ୍ରବେଶ ପଥ ଏବଂ ପ୍ରମୁଖ ଛକରେ ଗାଡ଼ି ଚେକିଂ କଡ଼ାକଡ଼ି କରାଯାଉଛି। ନିଶାସକ୍ତ ଏବଂ ବେଆଇନ ଭାବେ ଗାଡ଼ି ଚଳାଉଥିବା ଚାଳକଙ୍କୁ ଧରି ଜରିମାନା ଆଦାୟ କରାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ଆଚାର୍ଯ୍ୟ ହରିହର ଛକ, ମଙ୍ଗଳାଘାଟ, ବୀରହେରେକୃଷ୍ଣପୁର, ଗ୍ରୀଡ ଷ୍ଟେଶନ ଛକ, ମହିଳା ଉଚ୍ଚବିଦ୍ୟାଳୟ ଛକ, ସୁବାସ ବୋଷ ଛକ, ହୋଟେଲ ଶୁଭ ପ୍ୟାଲେସ ପ୍ରଭୃତି ଛକରେ ପୁଲିସ ପକ୍ଷରୁ ଗାଡ଼ିଗୁଡ଼ିକ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ସେହିପରି ସୋମବାର ମଧ୍ୟ ଏସ୍‌ପି ନିଜେ ଅନ୍ୟ ଥାନାଧିକାରୀଙ୍କ ସହ ବଡ଼ଦାଣ୍ଡରେ ଚାଲି ଚାଲି ଅସାମାଜିକ କାର୍ଯ୍ୟକଳାପରେ ସାମିଲ ଯୁବକଙ୍କୁ କାବୁ କରିଥିଲେ।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସାଧାରଣ ଅଧିବେଶନ

## ପରିଷଦର ନୂତନ କର୍ମକର୍ତ୍ତା ଚୟନ

**ପୁରୀ, ୬।୨(ସମିସ):** ରାଜ୍ୟର ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଅଗ୍ରଣୀ ପ୍ରତିଷ୍ଠାନ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ଓଡ଼ିଶାର ସାଧାରଣ ଅଧିବେଶନ ପ୍ରଫେସର ନିତ୍ୟାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତଥର ଓଡ଼ିଶା ଓ ରାଜ୍ୟ ବାହାରେ ଶ୍ରୀଜଗନ୍ନାଥ ଚେତନା ଉପରେ ବିଶେଷ ଅଧ୍ୟୟନ କରୁଥିବା ପ୍ରଖ୍ୟାତ ବିଦ୍ୱାନମାନଙ୍କୁ ପରିଷଦର ନୂଆ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି। ପରିଷଦର ନୂତନ ସଭାପତି ରୂପେ ଡ. ମଥୁରେନ୍ଦ୍ର ପୃଷ୍ଟି, ସାଧାରଣ ସମ୍ପାଦକ ଭାବେ ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତିବିତ୍ ଡ. ଭାସ୍କର ମିଶ୍ରଙ୍କ ସମେତ ଉପସଭାପତି ଭାବେ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ବସନ୍ତ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଗିରିଧାରୀ ସାହୁ, କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପାଢ଼ୀ, ସଙ୍ଗଠନ ସମ୍ପାଦକ ଡ. ବିବେକାନନ୍ଦ ପାଣିଗ୍ରାହୀ, ସମୀକ୍ଷକ ଭାବେ ଦେବେନ୍ଦ୍ରନାଥ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟିକୁ ଡ. ବାସନ୍ତୀ ଦେବୀ, ଡ. ହେମନ୍ତ କୁମାର ପରିଡ଼ା, ଗବେଷକ ସୁଦର୍ଶନ ସାହୁ, ଡ. ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଶ୍ରଦ୍ଧାଞ୍ଜଳି କାନୁନଗୋ, ଡ. ପ୍ରତିମାରାଣୀ ଷଡ଼ଙ୍ଗୀ, ଡ. ମହେନ୍ଦ୍ର କୁମାର ନାୟକ, ଡ. ସୁକାନ୍ତି ମହାପାତ୍ର, ଡ. ଶରତ ଚନ୍ଦ୍ର ରଥ, ଡ. ଜ୍ଞାନରଞ୍ଜନ ପତି, ପ୍ରବୀର ପଟ୍ଟନାୟକ, ସୁଧାକର ସାହୁ ପ୍ରମୁଖ ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ପ୍ରଫେସର ଡ. ଧ୍ରୁବଚରଣ ନାୟକ, ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରଫେସର ନିତ୍ୟାନନ୍ଦ ସାହୁ, ଡ. ଅସିତ ମହାନ୍ତି, ଡ. ବନମାଳୀ ବାରିକ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରାକ୍ତନ ପ୍ରାଶାସନିକ ଅଧିକାରୀ ବିଶର କୁମାର ନାୟକ ରହିଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଡ. ଶରତ ଚନ୍ଦ୍ର ପରିଡ଼ା, ବିକାଶ ଦାସଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଭୁବନେଶ୍ୱରରେ ପରିଷଦ ଆନୁକୂଲ୍ୟରେ ଜାତୀୟ ସମ୍ମାନ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି।

ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

## ଭାଗ ନେଇଛନ୍ତି ୩୦ ଜିଲ୍ଲାର ପୁରୁଷ ଓ ମହିଳା ଦଳ

**ପୁରୀ, ୬।୨(ସମିସ)**

ସ୍ଥାନୀୟ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା କ୍ରିକେଟ ପ୍ରତିଯୋଗିତା। ନୂଆ ଓ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ଉଦ୍‌ଘାଟନ କରିବା ସହ କ୍ରୀଡା ଶୃଙ୍ଖଳା, ଭାଇଚାରା ଓ ଶାରୀରିକ ସୁସ୍ଥତା ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମସ୍ତ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଶ୍ରୀ ଦାଶ ପରାମର୍ଶ ଦେବା ସହ ସଫଳତା ନିମନ୍ତେ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ହାଇପରଫରମାନ୍ସ କ୍ରୀଡା କେନ୍ଦ୍ରର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ସଂଘର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ପରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥିମାନେ ପଡ଼ିଆ ମଧ୍ୟରେ କ୍ରୀଡାବିତଙ୍କ ସହ ପରିଚିତ ହୋଇ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଯାକ ଜିଲ୍ଲା ରୁ ୩୦ଟି ଲେଖାଏ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପୁରୁଷ ଦଳର କ୍ରିକେଟ ପ୍ରତିଯୋଗିତା ଜଗନ୍ନାଥ ଷ୍ଟାଡିୟମରେ ଓ ମହିଳା ଦଳର ପ୍ରତିଯୋଗିତା ଜିଲ୍ଲା ସ୍କୁଲ ପଡ଼ିଆରେ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।






ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ଆସିଥିବା ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁ

୯ ରୁ ତିନିଦିନିଆ 'ଆରମ୍ଭ ମହୋତ୍ସବ'

# ସମ୍ବର୍ଦ୍ଧିତ ହେବେ ପ୍ରତିଭା, ଆକର୍ଷଣ ସାଜିବ ସାଂସ୍କୃତିକ କାର୍ଯ୍ୟକ୍ରମ

**ପୁରୀ, ୬।୨(ସମିସ)**

ଗାଁର ମହିଳାମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲାଗି ଡି' ଡ୍ୟାନ୍ସ ଷ୍ଟୁଡ଼ିଓ ପକ୍ଷରୁ ଚାଲିଥିବା ଶ୍ରୀକ୍ଷେତ୍ର ଲକ୍ଷ୍ମୀ କାର୍ଯ୍ୟକ୍ରମ। ଗତ ଅକ୍ଟୋବର ୨ ତାରିଖଠାରୁ ଏହା ଆରମ୍ଭ କରାଯାଇଥିଲା। ସଦର ବ୍ଲକର ସମସ୍ତ ୩୦ଟି ପଞ୍ଚାୟତରେ ମହିଳାଙ୍କ ମଧ୍ୟରେ ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ଝୋଟିଚିତା ଅଙ୍କନ, ଆଧ୍ୟାତ୍ମିକ ପ୍ରଶ୍ନ ଉତ୍ତର, ହୁଳହୁଳି ପ୍ରତିଯୋଗିତା ଆଦି କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସର୍ବୋଚ୍ଚ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଜଣେ ପ୍ରତିଯୋଗୀଙ୍କୁ 'ଶ୍ରୀକ୍ଷେତ୍ର ଲକ୍ଷ୍ମୀ' ଭାବେ ସମ୍ମାନିତ କରାଯିବ। ଏଥିପାଇଁ ଆସନ୍ତା ୯ ତାରିଖରୁ ତିନିଦିନ ଧରି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ପୁରସ୍କାର ମହୋତ୍ସବ 'ଆରମ୍ଭ' ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ନୀଳାଦ୍ରି କମ୍ପ୍ଲେକ୍ସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଦେଶ ପାଇଁ ସହିଦ୍ ହୋଇଥବା ବୀର ଯବାନ ସ୍ୱର୍ଗତ ପ୍ରତାପ ରଞ୍ଜନ ପରିଡ଼ା, ମନୋରଞ୍ଜନ ଲେଙ୍କା, ଦେବାଶିଷ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆରମ୍ଭ ସହିଦ୍ ସମ୍ମାନ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା ର ଉନ୍ନତି ପାଇଁ ସୁରେନ୍ଦ୍ର ମିଶ୍ର(ସଂସ୍କୃତି ଗବେଷକ), ଶଙ୍କର ପ୍ରସାଦ ତ୍ରିପାଠୀ (ବରିଷ୍ଠ ନାଟ୍ୟକାର ) ଗୋବିନ୍ଦ ଚନ୍ଦ୍ର ପାଳ (ଓଡ଼ିଶୀ ନୃତ୍ୟଗୁରୁ )ଙ୍କୁ ଆରମ୍ଭ ସଂସ୍କୃତି ସମ୍ମାନ, ମାନବ ସେବାରେ ନିଜକୁ ଉତ୍ସର୍ଗୀକୃତ ପ୍ରତିଭା ଚନ୍ଦ୍ରଶେଖର ମିଶ୍ର, ନରସିଂହ ହୋତା, ବ୍ରଜକିଶୋର ସାହୁଙ୍କୁ ଆରମ୍ଭ ସମାଜସେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି କୁହାଯାଇଛି। ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଗାୟିକା ଅନନ୍ୟା ଶ୍ରୀତମ ନନ୍ଦ ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତା ଓ ଅଭିନେତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର 'ଦଶମ' ଓ 'ନବକଳେବର'ର ପ୍ରମୋସନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଦିବାକର ପାତ୍ର, ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଉପସଭାପତି ସମୀର କୁମାର ଶତପଥୀ, ସାଧାରଣ ସମ୍ପାଦକ ଦେବାଶିଷ ସିଂ, ସଙ୍ଗଠନ ସମ୍ପାଦକ ଗଣେଶ୍ୱର ଦାସ, ସାଂସ୍କୃତିକ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ମୁଖ୍ୟ ଉପଦେଷ୍ଟା ଭରତ ନାୟକ, ଉପଦେଷ୍ଟା ଅଭିନାଶ ମିଶ୍ର ଉପସ୍ଥିତ ଥିଲେ।




ସାରସ୍ୱତ ଯୁଗଳବନ୍ଦୀ ସମ୍ବର୍ଦ୍ଧନା ସମାରୋହ

## ଚେସ୍ ଖେଳାଳି ଅପରାଜିତା ଓ ସାରସ୍ୱତ ସାଧକ ସୌରଜିତ ସମ୍ବର୍ଦ୍ଧିତ

**ପୁରୀ, ୬।୨(ସମିସ):** ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଆନୁକୂଲ୍ୟରେ ୟୁଥ୍ ହଷ୍ଟେଲ ସଭା କକ୍ଷରେ ଗତ ସୋମବାର ଯୁବ ସାରସ୍ୱତ ଯୁଗଳବନ୍ଦୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ରୂପେ ଡ. ଦିଲ୍ଲୀପ କୁମାର ସେନାପତି ଯୋଗଦାନ କରିଥିଲେ। ଯୁବ ଯୁଗଳବନ୍ଦୀ ସାରସ୍ୱତ ସମ୍ବର୍ଦ୍ଧନା ସୌରଜିତ୍ ପ୍ରଧାନୀ ଏବଂ ଆନ୍ତର୍ଜାତୀୟ ଚେସ୍ ଖେଳାଳୀ ଅପରାଜିତା ଗୋଛିକାର ପ୍ରଧାନୀଙ୍କୁ ତାଙ୍କ ଉଲ୍ଲେଖନୀୟ ସାରସ୍ୱତ କୃତିତ୍ୱ ପାଇଁ ଅତିଥିମାନେ ଫଳକ, ସାଲ୍ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ମିଶ୍ରଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ସଭାପତି ବିଜୟଲକ୍ଷ୍ମୀ ଦାସ ପ୍ରାରମ୍ଭିକ ସୂଚନା ଏବଂ ବକ୍ତବ୍ୟ ରଖିଥିଲେ। ଡ. ଦିଲ୍ଲୀପ କୁମାର ସେନାପତି ତାଙ୍କ ବକ୍ତବ୍ୟରେ ଶ୍ରୀକ୍ଷେତ୍ରର ଐତିହ୍ୟ ସଂସ୍କୃତି ଏବଂ ଧର୍ମୀୟ ଭାବଧାରାରେ ପ୍ରଭାବିତ ସହରର ନିବାସୀଙ୍କଠାରେ ସ୍ୱତନ୍ତ୍ରତା ଯୁକ୍ତ ପ୍ରତିଭା ସହିତ ତାହାର ସାମାଜିକ ଓ ସାଂସ୍କୃତିକ ଜାଗରଣରେ ଶ୍ରୀକ୍ଷେତ୍ର ଗୌରବାନ୍ୱିତ ଦେଖାଯାଇଥାଏ। ବସନ୍ତର ପ୍ରଭାବ କେବଳ ପ୍ରକୃତିକୁ ନୁହେଁ ସାମାଜିକ ସ୍ତରରେ ନୂତନ ସାଂସ୍କୃତିକ ଓ ସାରସ୍ୱତ ଭାଗରଣ ସୃଷ୍ଟିରେ ସହାୟକ ହୋଇଥାଏ। ଶ୍ରୀକ୍ଷେତ୍ରରେ ସାହିଯାତ ଅବସରରେ ଶ୍ରୀରାମମୟ ରାସଲୀଳାର ବିଭିନ୍ନ ଉତ୍ସବ ଅନୁଷ୍ଠିତ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ମଞ୍ଜୁଶ୍ରୀ ମିଶ୍ର ଏବଂ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ ବସନ୍ତ କବିତା ପାଠ ଅନୁଷ୍ଠିତ ହୋଇଥିଲା। ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଦାଶିବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଆ ଭାଷାର ପ୍ରତିଟି ଶବ୍ଦରେ ଅକ୍ଷରଗୁଡ଼ିକ ସ୍ପଷ୍ଟ ଧ୍ୱନି ଧାରଣ କରିଥା'ନ୍ତି । ଶବ୍ଦର ଭାବ ସହିତ ପଦଲାଳିତ୍ୟ, ସୁମଧୁର ଛନ୍ଦ ଓ ସାଂଗୀତିକତାର ସମାବେଶ ଏହି ଭାଷାକୁ ଗ୍ରାହ୍ୟ ତଥା ସୁଗମ କରିଥାଏ ।
-ଜି ଏ ଗ୍ରିୟରସନ୍



ସକାଳ
THE SAKALA

# ଭାରତ-ମାଳଦ୍ୱୀପ ସମ୍ପର୍କର ଶୀତଋତୁ

ଭାରତ-ମାଳଦ୍ୱୀପ ସମ୍ପର୍କ ସମ୍ପ୍ରତି ଅତି ଜଟିଳ ସ୍ଥିତି ଦେଇ ଗତି କରୁଛି । ସେଠାକାର ଚୀନ୍ ସପକ୍ଷବାଦୀ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ କ୍ଷମତାକୁ ଆସିବା ପରେ ଭାରତ-ମାଳଦ୍ୱୀ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଘଟିଛି । ଇତିମଧ୍ୟରେ ତାଙ୍କର କେଇଜଣ ମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତି କୁଭାଷା ପ୍ରୟୋଗ କରିଥିବାବେଳେ ମୁଇଜ୍ଜୁ କ୍ଷମତାକୁ ଆସିବା ପରେ ପୂର୍ବ ପରମ୍ପରା ଭାଙ୍ଗି ଭାରତ ନ ଆସି ପ୍ରଥମେ ଚୀନ୍ ଗସ୍ତ କରିଛନ୍ତି । ଏହା ପରେ ପରେ ଚୀନ୍‌ର ଦୁଇଟି ଗୁଇନ୍ଦା ଜାହାଜ ମରିସସ୍ ଉପକୂଳରେ ପଇଁତରା ମାରୁଛି । ମାଳଦ୍ୱୀପରେ ଭାରତର ଯେଉଁ ସୈନିକ ସୁରକ୍ଷା ପାଇଁ ମୁତୟନ ହୋଇଥିଲେ ସେମାନଙ୍କୁ ଆସନ୍ତା ମଇ ମାସ ସୁଦ୍ଧା ପ୍ରତ୍ୟାହାର କରିଦେବାକୁ ସେଠାକାର ରାଷ୍ଟ୍ରପତି ଭାରତକୁ ନିର୍ଦ୍ଦେଶ ଦେଇଛନ୍ତି । ଏକ ସ୍ୱାଧୀନ ସାର୍ବଭୌମରାଷ୍ଟ୍ରର ମର୍ଯ୍ୟାଦା ଓ ସମ୍ମାନ ରକ୍ଷା କରିବାକୁ ଯାଇ ଭାରତ ମଧ୍ୟ ତାହାର ସୈନ୍ୟ ପ୍ରତ୍ୟାହାର କରିବାକୁ ରାଜି ହୋଇଛି ।

ଭାରତ ମହାସାଗରରେ ସହସ୍ରାଧିକ କ୍ଷୁଦ୍ରକ୍ଷୁଦ୍ର ଦ୍ୱୀପକୁ ନେଇ ମାଳଦ୍ୱୀପ ଗଠିତ ଏବଂ ଏହାର ଲୋକସଂଖ୍ୟା ମାତ୍ର ୫.୨୧ ଲକ୍ଷ । ସେଥିରୁ ଅର୍ଦ୍ଧେକ ଲୋକ ରାଜଧାନୀ ମାଲେରେ ବାସ କରନ୍ତି । ଏହା ମୁସଲମାନ ଅଧ୍ୟୁଷିତ ଏବଂ ଏକ ଗରିବ ରାଷ୍ଟ୍ର । ପର୍ଯ୍ୟଟନ ଏହାର ଆୟର ଏକ ବଡ଼ ଉତ୍ସ । ସମୟ ଥିଲା, ଯେତେବେଳେ ଶ୍ରୀଲଙ୍କାର ଦଳେ ମତ୍ସ୍ୟଜୀବୀ ଏକ ମୋଟର ବୋଟ୍‌ରେ ଠେଙ୍ଗାବାଡ଼ି ଓ ଦେଶୀ ବନ୍ଧୁକ ଧରି ମାଲେରେ ପହଞ୍ଚି ତାହାକୁ ଅଧିକାର କରି ନେଇଥିଲେ । ଭାରତ ସେତେବେଳେ ସୈନ୍ୟ ପଠାଇ ସେ ଦେଶର ସ୍ୱାଧୀନତା ରକ୍ଷା କରିଥିଲା । ଘଟଣାକ୍ରମେ ସେ ଦେଶ ଭାରତ ବିରୋଧୀ ହେବା ଓ କୃତଘ୍ନତା ଦେଖାଇବା ପଛରେ ରହିଛି ଇସଲାମୀୟ ମୌଳବାଦର ଉତ୍‌ଥାନ ଓ ବ୍ଲାକ୍‌ମେଲିଂର ଅଭିପ୍ରାୟ ।

ଭାରତ ମହାସାଗରର ଏକ ରଣକୌଶଳାତ୍ମକ ସ୍ଥାନରେ ଏହି ଦ୍ୱୀପରାଷ୍ଟ୍ରର ସ୍ଥିତି ସେଠାରେ ଚୀନ୍ ଭଳି ବିସ୍ତାରବାଦୀ ଦେଶଙ୍କୁ ଘାଟି ସୁବିଧା ଯୋଗାଇ ଭାରତ ମହାସାଗରରେ ଉପସ୍ଥିତି ଜାହିର କରିବାକୁ ସୁଯୋଗ ଦେଉଛି । ପ୍ରତିଦାନରେ ମାଳଦ୍ୱୀପ ଚୀନଠାରୁ ପ୍ରଚୁର ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପାଉଛି । ତେଣୁ ସହଜ ଅର୍ଥ ଲାଭର ଲାଳସା ସେ ଦେଶର ଶାସକଙ୍କୁ ମିତ୍ରଦ୍ରୋହୀ ଓ କୃତଘ୍ନ କରିଛି । ଅବଶ୍ୟ ମାଳଦ୍ୱୀପର ସବୁ ବିରୋଧୀ ଦଳ ଭାରତ ସହିତ ସୁସମ୍ପର୍କ ରକ୍ଷା କରିବାକୁ ଚାହୁଁଛନ୍ତି ଏବଂ ଚୀନ୍ ପାଲରେ ନ ପଡ଼ିବାକୁ ସରକାର ଓ ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଉଛନ୍ତି । ସେଠାରେ ସ୍ଥିତି ଏପରି, ଯେଉଁଠି ଆବଶ୍ୟକ ପଡ଼ିଲେ ମିଳିତ ବିରୋଧୀ ଦଳର ଶକ୍ତି ପ୍ରୟୋଗ ଦ୍ୱାରା ରାଷ୍ଟ୍ରପତି ବହିଷ୍କୃତ ହୋଇପାରନ୍ତି ।

ଭାରତ ସରକାର ଦେଶର ପର୍ଯ୍ୟଟକଙ୍କୁ ମାଳଦ୍ୱୀପ ଯାତ୍ରାରୁ ନିବୃତ କରାଇବା ପରେ ସେଠା ଶାସକଦଳ ଓ ସରକାର ବିଶେଷ ଅସନ୍ତୁଷ୍ଟ । ଏହାଫଳରେ ସେ ଦେଶ ତାହାର ପର୍ଯ୍ୟଟକଙ୍କ ସଂଖ୍ୟା ଅଧା ହରାଇ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛି । ଏହା ସତ୍ତ୍ୱେ ଭାରତ କିନ୍ତୁ ୨୦୨୪-୨୫ ବଜେଟ୍‌ରେ ମାଳଦ୍ୱୀପକୁ ଆର୍ଥିକ ସହାୟତା ରାଶି ଯୋଗାଣ ଅବ୍ୟାହତ ରଖିଛି । ଗତବର୍ଷ ଭାରତ ମାଳଦ୍ୱୀପକୁ ୭୭୦ କୋଟି ଟଙ୍କାର ଅର୍ଥ ସହାୟତା ଦେଇଥିଲା । ଭୁଟାନ ପରେ ମାଳଦ୍ୱୀପକୁ ଏହା ଭାରତର ଦ୍ୱିତୀୟ ସର୍ବାଧିକ ସହାୟତା । ପ୍ରଧାନମନ୍ତ୍ରୀ ମୋଦୀ ଚାହିଁଥିଲେ ଏ ସହାୟତା ସମ୍ପୂର୍ଣ୍ଣ ବନ୍ଦ କରିପାରିଥା'ନ୍ତେ । ତଥାପି ସେ ଉଦାରତା ଦେଖାଇ ଓ ଭାରତର ସମ୍ମାନ ଆନ୍ତର୍ଜାତିକ ସ୍ତରରେ ବଜାୟ ରଖିବାକୁ ଏଥର ବଜେଟ୍‌ରେ ମାଳଦ୍ୱୀପ ପାଇଁ ୬୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଣ ବ୍ୟବସ୍ଥା କରିଛନ୍ତି । ଗତଥର ଅପେକ୍ଷା ଏଥର ବିଦେଶୀ ରାଷ୍ଟ୍ରଙ୍କୁ ଭାରତର ସହାୟତା ୧୦ ଶତାଂଶ କମିଥିବାରୁ ମାଳଦ୍ୱୀପର ଭାଗ କମିଛି । ଏହାସତ୍ତ୍ୱେ ସେଠାକାର ସରକାରଙ୍କର ଜ୍ଞାନୋଦୟ ନ ହେବା ଦୁର୍ଭାଗ୍ୟଜନକ । କୃତଘ୍ନଙ୍କଠାରୁ ଅଧିକ କ'ଣ ଆଶା କରାଯାଇପାରେ?

ବିଭିନ୍ନ ପଡ଼ୋଶୀ ଓ ଗରିବ ରାଷ୍ଟ୍ରଙ୍କୁ ଆର୍ଥିକ ସହାୟତା ଦେବା ବିକଶିତ ଓ ସମର୍ଥ ରାଷ୍ଟ୍ରଙ୍କର ଏକ ନୈତିକ ଦାୟିତ୍ୱ । ଏଥିରେ କୂଟନୈତିକ, ଦ୍ୱିପାକ୍ଷିକ ସ୍ୱାର୍ଥ ଜଡ଼ିତ ଥାଏ । ସର୍ବୋପରି ବିଶ୍ୱ ଦରବାରରେ ସମ୍ପୃକ୍ତ ଦାତାରାଷ୍ଟ୍ରଙ୍କର ମର୍ଯ୍ୟାଦା ବଢ଼େ । ଭାରତ ତାହାର ପଡ଼ୋଶୀ ବାଂଲାଦେଶ, ନେପାଳ, ଭୁଟାନ, ଆଫଗାନିସ୍ତାନ, ଶ୍ରୀଲଙ୍କା, ମାଳଦ୍ୱୀପ ସମେତ ମରିସସ୍, ସିସିଲ୍ସ ଓ ଆଫ୍ରିକାର ଅନେକ ଗରିବ ରାଷ୍ଟ୍ରଙ୍କୁ ନିୟମିତ ଆର୍ଥିକ ସହାୟତା ଯୋଗାଇ ଆସୁଛି । ୨୦୨୩-୨୪ରେ ଏହି ସହାୟତା ପରିମାଣ ୪୮୮୩.୫୬ କୋଟି ଟଙ୍କା ଥିବାବେଳେ ଏଥର ୨୦୨୪.୨୫ କୋଟି ଟଙ୍କାକୁ ହ୍ରାସ ପାଇଛି । ଗୋଟିଏ ଦେଶର ଆଭ୍ୟନ୍ତରୀଣ ବାସ୍ତବତାକୁ ଦେଖି ଅନ୍ୟ ଦେଶଙ୍କୁ ଅର୍ଥ ସହାୟତା ଦିଆଯାଇଥାଏ । ତେବେ ସାମ୍ପ୍ରତିକ ତିକ୍ତତା ସତ୍ତ୍ୱେ ମାଳଦ୍ୱୀପକୁ ଆର୍ଥିକ ସହାୟତା ଯୋଗାଣ ନୀତିକୁ ଅନେକ ଭାରତୀୟ ଠିକ୍ ଭାବେ ଗ୍ରହଣ ନ କରିବା ସ୍ୱାଭାବିକ ।

ଏବେ ପାକିସ୍ତାନ ଓ ଚୀନ୍ ମାଳଦ୍ୱୀପର ନୂଆ ମିତ୍ର ହୋଇଛନ୍ତି । ଚୀନ୍ ପାଲରେ ପଡ଼ି ଶ୍ରୀଲଙ୍କା ଓ ପାକିସ୍ତାନ ତଳିତଳାନ୍ତ ହୋଇଛନ୍ତି ଏବଂ ସେ ସ୍ଥିତି ସର୍ବଜନବିଦିତ । ବିରିମାଡ଼ ଦେଖି କୋଳଥ ଚେପା ନୀତିରେ ନେପାଳ ଓ ବାଂଲାଦେଶରେ ଆଉ ଭାରତ ବିରୋଧୀ ଓ ଚୀନ୍ ସପକ୍ଷବାଦୀ ସ୍ୱର ଅଧିକ ଶୁଭୁନାହିଁ । ମାଳଦ୍ୱୀପକୁ ଉସୁକାଇବା ପଛରେ ଓ ଭାରତକୁ ଅସୁବିଧାରେ ପକାଇବାର ଅଭିପ୍ରାୟ ଚୀନ୍‌ର ସ୍ପଷ୍ଟ । ଚୀନ୍ ଏସିଆରେ ତାହାର କୌଣସି ପ୍ରତିଦ୍ୱନ୍ଦ୍ୱୀ ରଖିବାକୁ ଚାହେଁନାହିଁ । ସେଥିପାଇଁ ଏହି କମ୍ୟୁନିଷ୍ଟ ରାଷ୍ଟ୍ର ଭାରତକୁ ଘେରିବାକୁ ସବୁ ପ୍ରୟାସ ଚଳାଇଛି । ଆଜି ଆଉ ସେ ଦିନ ଓ ସମୟ ନାହିଁ, ଯେଉଁ ଲୋକବଳ, ଅସ୍ତ୍ରବଳ ଓ ଧନବଳ ଦେଖାଇ ଚୀନ୍ ଭାରତକୁ ଧମକାଇବ । ସେ ସ୍ଥିତି ବଦଳି ଯାଇଛି । ଚୀନ୍ ଏକ ନୂଆ ଭାରତର ସମ୍ମୁଖୀନ । ସେ ଲଢ଼େଇରେ ମାଳଦ୍ୱୀପ ବଳିପଡ଼ିବା ସାର ହେବ । ସେ ଦେଶର ଲୋକେ ଓ ବିରୋଧୀ ଦଳ ଏହା ବୁଝିଗଲେଣି । ମାଲେର ପରିବର୍ତ୍ତିତ ପାଣିପାଗକୁ ସମଗ୍ର ବିଶ୍ୱ ଉତ୍କଣ୍ଠାର ସହ ଏବେ ଅପେକ୍ଷା କରିଛି ।

# ଓଡ଼ିଶା ଅର୍ଥନୀତିରେ ଅହିଂସା ଦର୍ଶନ



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ନିରନ୍ତର ବିକାଶର ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ ପାଇଁ ଆମ ଚାରିପାଖେ ଘଟୁଥିବା ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ସମସ୍ୟାର ସମାଧାନ ନିହାତି ଆବଶ୍ୟକ । ବିଶ୍ୱ ପାଇଁ ବିକାଶ ଏକ ସମାବେଶୀ ନୁହେଁ, ବରଂ ଏକ ପ୍ରତିଯୋଗିତା । ଆଧୁନିକ ବିକାଶର ଉପାଦାନ ଯେପରିକି ନୂତନ ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥା, ଉପଭୋକ୍ତାବାଦ ଏବଂ ଅସୀମ ଇଚ୍ଛା ଇତ୍ୟାଦି ହିଂସା ଏବଂ ସମ୍ବଳର ଅତ୍ୟଧିକ ବିନିଯୋଗ ଉପରେ ନିର୍ଭରଶୀଳ । ସାରା ବିଶ୍ୱ ସମ୍ପ୍ରତି ଯୁଦ୍ଧମୟ ଓ ହିଂସାରେ ପୀଡ଼ିତ । ଏଭଳି ପରିସ୍ଥିତିରେ ଶାନ୍ତି ଓ ସହଯୋଗକୁ ପ୍ରାଥମିକତା ଦେଉଥିବା ଅର୍ଥନୈତିକ ବ୍ୟବସ୍ଥା ସମଗ୍ର ବିଶ୍ୱ ପାଇଁ କେବଳ ଏକ ବିକଳ୍ପ ନୁହେଁ; ବରଂ ଅପରିହାର୍ଯ୍ୟ । ଏହାର ସମାଧାନ ଗାନ୍ଧୀବାଦୀ ଅର୍ଥନୈତିକ ବ୍ୟବସ୍ଥା ଭିତରେ ଖୋଜିବାକୁ ହେବ । ସତ୍ୟ ଓ ଅହିଂସା ଉପରେ ଆଧାରିତ ଅର୍ଥନୈତିକ ବ୍ୟବସ୍ଥା ହିଁ ଗାନ୍ଧୀ ଅର୍ଥନୀତିର ଆଦର୍ଶ । ଏହା ଶିଳ୍ପାୟନ ଓ କେନ୍ଦ୍ରୀକୃତ ସାମୂହିକ ଉତ୍ପାଦନରୁ ହେଉଥିବା ଶୋଷଣ ଏବଂ ହିଂସାର ବିଭିନ୍ନ ଉତ୍ସକୁ ଦୂର କରିବାର ଏକ ପ୍ରୟାସ । ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବା ସହ ରାଷ୍ଟ୍ର ଏବଂ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ ବଢ଼ାଇବା ହିଁ ଅହିଂସ ଅର୍ଥନୀତି ବା 'ନନଭାଓଲେଣ୍ଟ ଇକୋନୋମି' ।

ମହାତ୍ମା ଗାନ୍ଧୀଙ୍କ ଅର୍ଥନୈତିକ ବ୍ୟବସ୍ଥାର ଦୃଷ୍ଟିକୋଣରୁ ଅନୁପ୍ରାଣିତ ଅହିଂସ ଅର୍ଥନୀତି ହେଉଛି ଭବିଷ୍ୟତ ଅର୍ଥନୈତିକ ବିକାଶର ଏକ ମଡେଲ । ଆଶା କରାଯାଉଛି ଯେ ଏଭଳି ଏକ ମଡେଲ ଯଦି ପ୍ରୟୋଗ କରାଯାଏ ତେବେ ବିଶ୍ୱର ଅନେକ ସମସ୍ୟା ଯେପରିକି ଦାରିଦ୍ର୍ୟ, ଅସମାନତା, ଶ୍ରେଣୀସଙ୍ଘର୍ଷ ଏବଂ ପରିବେଶର ଅବକ୍ଷୟ ଇତ୍ୟାଦିକୁ ଦୂର କରିହେବ । ଅହିଂସ ଅର୍ଥନୀତି ମାନବ ଜାତି ଓ ପୃଥିବୀର ଭବିଷ୍ୟତ ପାଇଁ ଏକ ଆବଶ୍ୟକତା । ସମ୍ମାନ, କରୁଣା, ନ୍ୟାୟ ଏବଂ ସଂହତି ଭଳି ମାନବିକ ଆବେଗ ଥିବା ଏକ ଆର୍ଥିକ ବିକାଶର ମଡେଲ । ଅହିଂସାର ମୂଲ୍ୟବୋଧ ଏବଂ ନୀତି ସହିତ ଯୋଡ଼ି ହୋଇଥିବା ଏକ ସାମାଜିକ-ଅର୍ଥନୈତିକ ଚିନ୍ତାଧାରା ।

ଅହିଂସ-ଅର୍ଥନୀତି ଉପରେ ଅର୍ଥନୀତିଜ୍ଞଙ୍କ ମତ ଭିନ୍ନ ଭିନ୍ନ । କିଛି ଅର୍ଥଶାସ୍ତ୍ରୀ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଆଧୁନିକ ଅର୍ଥନୀତିଜ୍ଞମାନେ ଅର୍ଥନୈତିକ ସ୍ଥିରତା ବଢ଼ାଇବାରେ ଅହିଂସା, ଶିକ୍ଷା ଓ କୂଟନୀତିର ସାମୂହିକ ଭୂମିକା ଉପରେ ଗୁରୁତ୍ୱ ଦିଅନ୍ତି । ଆୟଭିତ୍ତିକ ଅସମାନତା ଦୂରୀକରଣ ସହ ସାମାଜିକ ନ୍ୟାୟକୁ ତ୍ୱରାନ୍ୱିତ କରିବା ଏବଂ ଅର୍ଥନୀତିରେ ପରିବେଶ ସ୍ଥାୟିତ୍ୱକୁ ସମନ୍ୱିତ କରିବାକୁ ମଧ୍ୟ ଅନ୍ୟ ଏକ ଅର୍ଥନୀତି ବିଶାରଦ ଗୋଷ୍ଠୀ ସମର୍ଥନ କରନ୍ତି । ମୋଟ ଉପରେ କହିବାକୁ ଗଲେ, ଅହିଂସ-ଅର୍ଥନୀତି ଏକ ବିବିଧ ଓ ବ୍ୟାପକ କ୍ଷେତ୍ର । ଏହା ଏକ ଶାନ୍ତିପୂର୍ଣ୍ଣ ଏବଂ ସମାନ ଅର୍ଥନୈତିକ ବ୍ୟବସ୍ଥା ଗଠନ ପାଇଁ ଏକ ବାସ୍ତବିକ ଦୀର୍ଘମିଆଦୀ ଯୋଜନା ।

ଯେତେବେଳେ ସଭ୍ୟ ସମାଜ ନିଜ ଅର୍ଥନୀତିକୁ ଶିକ୍ଷା, ଗବେଷଣା ଏବଂ ସାଂସ୍କୃତିକ ବିନିମୟ ଭଳି ଉପାଦାନରେ ବିନିଯୋଗ କରେ, ସେତେବେଳେ ପ୍ରଗତିକୁ ପ୍ରୋତ୍ସାହିତ କରୁଥିବା ଭଳି ଏକ ଅହିଂସ-ପରିବେଶ ସୃଷ୍ଟି ହୁଏ । ଅର୍ଥନୀତିଜ୍ଞ ରବ ହପକିନ୍ସଙ୍କ 'ଦ ଟ୍ରାନଜିସନ୍ ହ୍ୟାଣ୍ଡବୁକ୍: ଟ୍ରାନ୍‌ଜିସନ୍ ଟାଉନ୍ ମୁଭମେଣ୍ଟ'ରେ ଉଲ୍ଲେଖ ଅଛି ଯେ ଗୋଷ୍ଠୀଭିତ୍ତିକ ଅର୍ଥନୀତି ପାଇଁ ଅହିଂସା ହିଁ ଏକ ମୁଖ୍ୟ ଉପକରଣ । ଅନ୍ୟଜଣେ ଅର୍ଥଶାସ୍ତ୍ରୀ ଚାର୍ଲସ ଆଇଜେନଷ୍ଟାଇନ୍ 'ସାକ୍ରେଡ୍ ଇକୋନୋମିକସ' ପୁସ୍ତକରେ ଏକ ଅର୍ଥନୈତିକ ବ୍ୟବସ୍ଥାର ରୂପାନ୍ତରଣକୁ ଅନୁସନ୍ଧାନ କରିଛନ୍ତି, ଯାହା ପରିବେଶ ସ୍ଥିରତା ଏବଂ ମାନବକଲ୍ୟାଣ ସହିତ ସଂଯୁକ୍ତ, ଅହିଂସାମୂଳକ ନୀତି ଉପରେ ପର୍ଯ୍ୟବସିତ ।

ଓଡ଼ିଶାର ପ୍ରଗତି ପରିପ୍ରେକ୍ଷୀରେ ଅହିଂସ-ଅର୍ଥନୀତିର ଅବତାରଣା ଅତ୍ୟନ୍ତ ପ୍ରାସଙ୍ଗିକ । ଓଡ଼ିଶାରେ ଅହିଂସ-ଅର୍ଥନୀତିର ପ୍ରୟୋଗରେ ଗୋଷ୍ଠୀଭିତ୍ତିକ କୃଷି, ଆଦିବାସୀ ଓ ଜନଜାତିଙ୍କ ବିକାଶ, ନିରନ୍ତର ଓ ଦାୟିତ୍ୱସମ୍ପନ୍ନ ମତ୍ସ୍ୟ ଉତ୍ପାଦନ, ଜୈବିକ କୃଷି ଏବଂ ପରିବେଶ-ଅନୁକୂଳ ପର୍ଯ୍ୟଟନ ଅନ୍ତର୍ଭୁକ୍ତ । ଏହାବ୍ୟତୀତ ନିରପେକ୍ଷ ବାଣିଜ୍ୟ, ଶାନ୍ତିପୂର୍ଣ୍ଣ ଅର୍ଥନୈତିକ ବ୍ୟବସ୍ଥା ଏବଂ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ସମବାୟ ମଧ୍ୟ ଓଡ଼ିଶାରେ ଅହିଂସ-ଅର୍ଥନୀତିର ଉପାଦାନ । ନିରନ୍ତର ସ୍ଥାୟିତ୍ୱକୁ ପ୍ରାଥମିକତା ଦେଉଥିବା କୃଷି ଓ ଶିଳ୍ପଗୁଡ଼ିକ ହିଁ ସ୍ଥାନୀୟ ସମ୍ପ୍ରଦାୟ ଏବଂ ପରିବେଶର ଦୀର୍ଘକାଳୀନ କଲ୍ୟାଣ କରିପାରିବେ । ଉଦାହରଣ ସ୍ୱରୂପ, ଓଡ଼ିଶାର କୃଷି କ୍ଷେତ୍ରର ବିକାଶ କେବଳ ପରିବେଶ ଅନୁକୂଳ ବାତାବରଣ ଓ ସାମାଜିକ ସୁରକ୍ଷା ଦ୍ୱାରା ହିଁ ହୋଇପାରିବ । ଏଥିପାଇଁ ନବୀନ ସରକାରଙ୍କ ଦ୍ୱାରା ଗୋଷ୍ଠୀଭିତ୍ତିକ କୃଷି ସମବାୟ ସମିତି ଗଠନକୁ ସର୍ବଦା ପ୍ରୋତ୍ସାହିତ କରାଯାଇଛି । ଓଡ଼ିଶାରେ ବିଶେଷକରି ଆଦିବାସୀ ଅଞ୍ଚଳରେ ଗୋଷ୍ଠୀଭିତ୍ତିକ କୃଷି ସମବାୟ ସମିତିକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ଉଦାହରଣ ସ୍ୱରୂପ, ଓଡ଼ିଶା ମିଲେଟ୍ ମିଶନ (ଓଏମ୍‌ଏମ୍), ବିସ୍ତାରିତ ସମବାୟ ବିଭାଗ ଓ ଓଡ଼ିଶାର ଆଦିବାସୀ ଅଞ୍ଚଳରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସି) ।

ରାଜ୍ୟରେ ମାଣ୍ଡିଆ ଓ ଅନ୍ୟ ପୁଷ୍ଟିଶସ୍ୟର ପୁନରୁଦ୍ଧାର ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୦୧୭-୧୮ ରେ ଆରମ୍ଭ ହୋଇଥିବା ଏକ ପ୍ରମୁଖ କାର୍ଯ୍ୟକ୍ରମ ହେଉଛି ଓଏମ୍‌ଏମ୍ । ଏହା ରାଜ୍ୟର କୃଷିରେ ତଥା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଦୃଷ୍ଟାନ୍ତମୂଳକ ରୂପାନ୍ତରଣ । ଓଏମ୍‌ଏମ୍ ବ୍ଲକସ୍ତରରେ ବଜାର ସୁବିଧା ସୃଷ୍ଟି କରିବା ସହ କୃଷକଙ୍କ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ ନିମନ୍ତେ ପାଣ୍ଠି ଯୋଗାଇଦେଉଛି । ତେବେ ଯେଉଁଠି କୃଷକ ଉତ୍ପାଦକ ସଂଗଠନ ନାହିଁ, ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କୃଷକ ଉତ୍ପାଦକ ସଂଗଠନ ଭାବରେ ପଞ୍ଜୀକରଣ କରିବାକୁ ଉତ୍ସାହିତ କରାଯାଉଛି । ନିକଟରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଭୁବନେଶ୍ୱରରେ ଏକ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ ଆୟୋଜନ କରିଥିଲା । ଏହି ସମ୍ମିଳନୀରେ ମାଣ୍ଡିଆର ଆଦିବାସୀ ଐତିହ୍ୟକୁ ପାଳନ କରାଯିବା ସହ ମିଲେଟ୍ ଉଦ୍ୟୋଗର ସଫଳତାର କାହାଣୀ ଉପରେ ଆଲୋକପାତ କରାଯାଇଥିଲା । ଏହା ମାଣ୍ଡିଆ ଭଳି ଅନ୍ୟ ପୁଷ୍ଟିଶସ୍ୟ ଇକୋସିଷ୍ଟମରେ ନିବେଶ ସୁଯୋଗ ଉପରେ ବିଚାର ବିମର୍ଶ କରିବା ପାଇଁ ମଧ୍ୟ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ନବୀନ ସରକାରଙ୍କ ଦ୍ୱାରା ସମବାୟ ବିଭାଗକୁ ବିସ୍ତାରିତ କରାଯାଇଛି । ନିକଟରେ ସମବାୟ ବିଭାଗ ଏକ ନୂଆ ମଡେଲ ଗ୍ରହଣ କରିଛି, ଯେଉଁଥିରେ ପ୍ରାଥମିକ କୃଷି ଋଣ ସମିତି ସହାୟତାରେ ଦୁଗ୍ଧ, ମତ୍ସ୍ୟ ଚାଷ, ଗୋଦାମ ପ୍ରତିଷ୍ଠା, ଖାଦ୍ୟଶସ୍ୟ କ୍ରୟ, ସାର ବିକ୍ରି, ବିହନ, ଏଲପିଜି, ସିଏନ୍‌ଜି, ପେଟ୍ରୋଲ ଏବଂ ଡିଜେଲ ସମେତ ୨୫ରୁ ଅଧିକ ବ୍ୟବସାୟିକ କାର୍ଯ୍ୟକଳାପ କରିବାକୁ ଅନୁମତି ଦିଆଯାଇପାରିବ । ଏହାବ୍ୟତୀତ, ଓଡ଼ିଶାର ଆଦିବାସୀ ଓ ଜନଜାତିଙ୍କର ସାମଗ୍ରିକ ବିକାଶ ପାଇଁ ଚଳିତ ବର୍ଷ ରାଜ୍ୟ ସରକାର 'ଲାଭ'(ଲଘୁ ବନଜାତ ଦ୍ରବ୍ୟ କ୍ରୟ) ଯୋଜନା ଆରମ୍ଭ କରିଛନ୍ତି । ନିରନ୍ତର ବିକାଶ ପାଇଁ ଆଦିବାସୀଙ୍କ ଭାଷା ଓ ସଂସ୍କୃତିର ସୁରକ୍ଷା ନିହାତି ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ନବୀନ ସରକାରଙ୍କ ଦ୍ୱାରା 'ଓଡ଼ିଶା ଆଦିବାସୀ ଭାଷା ମିଶନ' ପ୍ରତିଷ୍ଠା ହୋଇଛି । ଆଦିବାସୀ ଅଞ୍ଚଳରେ କୃଷି ଉତ୍ପାଦନ କ୍ଲଷ୍ଟର ଭଳି ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଉଛି । ଓଡ଼ିଶାର ଆଦିବାସୀ ଅଞ୍ଚଳରେ କୃଷିର ଉତ୍ପାଦକତା, ଲାଭଦାୟକତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ବିଭିନ୍ନ ବିଭାଗ, ସଂସ୍ଥା ଏବଂ ଅଣଲାଭକାରୀ ସଂସ୍ଥାର ଏହା ଏକ ମିଳିତ ପ୍ରୟାସ । ଏହି ପ୍ରକଳ୍ପରେ ୧୨ଟି ଜିଲ୍ଲା ଓ ୧ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି । ଜୀବିକାର ଉନ୍ନତିକରଣ ମାଧ୍ୟମରେ ଆଦିବାସୀଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ପାଇଁ ଓଡ଼ିଶା ସରକାର ନିକଟରେ ରାଜ୍ୟରେ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ' ଆରମ୍ଭ ହୋଇଛି । ୨୦୨୩-୨୪ରୁ ପର୍ଯ୍ୟାୟକ୍ରମେ ୧୪.୫ ଲକ୍ଷ ଆଦିବାସୀ ପରିବାରକୁ ଏଥିରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଲକ୍ଷ୍ୟ ରଖିଛି । ଏ ସବୁ କେବଳ ଉତ୍ପାଦକତା ବୃଦ୍ଧି କରୁ ନାହିଁ, ବରଂ ଆମ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଟି ଏବଂ ଜଳ ସମ୍ପଦକୁ ମଧ୍ୟ ସୁରକ୍ଷିତ କରୁଛି ।

ଓଡ଼ିଶା ସରକାର ଉଭୟ ଆଭ୍ୟନ୍ତରୀଣ ଓ ସାମୁଦ୍ରିକ ମାଛଧରା ଜୀବିକା ପାଇଁ ଅନେକ ନୀତି ଓ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି । ଏକ ଅନ୍ତର୍ଜାତୀୟ- ଅଣଲାଭକାରୀ ଗବେଷଣା ସଂସ୍ଥା 'ୱାର୍ଲ୍ଡଫିସ୍', ଓଡ଼ିଶାରେ ମତ୍ସ୍ୟଚାଷକୁ ନେଇ ଏକ ଫ୍ୟାକ୍ଟସିଟ୍ ପ୍ରକାଶ କରିଛନ୍ତି । ଏଥିରେ ଓଡ଼ିଶାରେ ମତ୍ସ୍ୟଚାଷର ସକାରାତ୍ମକ ଦିଗ ଉପରେ ଆଲୋକପାତ କରାଯାଇଛି । ସେହିପରି ଜୈବିକ କୃଷିକୁ ସମର୍ଥନ ଓ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ଜୈବିକ କୃଷି ନୀତି ୨୦୧୮ ଏବଂ ଓଡ଼ିଶା କୃଷି ନୀତି ୨୦୨୦ ପ୍ରଣୟନ କରିଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାର ଓଡ଼ିଶା ଜୈବିକ ମିଶନ ପ୍ରତିଷ୍ଠା କରିଛନ୍ତି ।

ଅହିଂସ-ଅର୍ଥନୈତିକ ପ୍ରୟୋଗରେ ମାଇକ୍ରୋଫାଇନାନ୍ସ ପଦକ୍ଷେପ ଅନ୍ତର୍ଭୁକ୍ତ । କାରଣ ଏହା ମହିଳା ଏବଂ ଅବହେଳିତ ସମୁଦାୟମାନଙ୍କୁ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବାକୁ ସଶକ୍ତ କରେ । ଅର୍ଥନୈତିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ସହ ହିଂସ୍ର ଆର୍ଥିକ ଢାଞ୍ଚା ଉପରେ ନିର୍ଭରଶୀଳତା ହ୍ରାସ କରେ । ଓଡ଼ିଶାରେ ମାଇକ୍ରୋଫାଇନାନ୍ସ ମାଧ୍ୟମରେ ଅହିଂସାତ୍ମକ ଅର୍ଥନୈତିକ ଅଭ୍ୟାସର ଦୁଇଟି ଶ୍ରେଷ୍ଠ ଉଦାହରଣ ହେଉଛି 'ମିଶନ ଶକ୍ତି' ଓ 'ଓଡ଼ିଶା ଜୀବିକା ମିଶନ' । ଓଡ଼ିଶା ପରିବେଶ ପର୍ଯ୍ୟଟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ସଂରକ୍ଷଣ, ସମୁଦାୟ ଏବଂ ସମାବେଶୀର ଏକ ମିଳିତ ପ୍ରୟୋଗ । ପରିବେଶକୁ ଶୋଷଣ ନକରି କିମ୍ବା କ୍ଷତିକାରକ ଅଭ୍ୟାସ ନ କରି ସ୍ଥାନୀୟ ସମୁଦାୟର ଅର୍ଥନୀତିରେ ସକାରାତ୍ମକ ଯୋଗଦାନ ହିଁ ଏହାର ଲକ୍ଷ୍ୟ । ଅହିଂସ-ଅର୍ଥନୀତିର ଅନ୍ୟତମ ମୂଳମନ୍ତ୍ର ହେଉଛି ନୈତିକ ବ୍ୟବସାୟ ଅଭ୍ୟାସ ଓ ବାଣିଜ୍ୟ ଅନୁକୂଳ ପରିବେଶ । ଏହାକୁ ପାଥେୟ କରି ଓଡ଼ିଶା ସରକାର ଏକ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହା କେବଳ ରାଜ୍ୟର ଖ୍ୟାତି ବୃଦ୍ଧି କରୁ ନାହିଁ, ବରଂ ଏକ ସ୍ଥାୟୀ ଏବଂ ସ୍ଥିର ଅର୍ଥନୈତିକ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରି ଦାୟିତ୍ୱବାନ ନିବେଶକମାନଙ୍କୁ ମଧ୍ୟ ଆକୃଷ୍ଟ କରୁଛି ।

ମିଳିତ ସମୃଦ୍ଧିର ଭାବନାକୁ ପ୍ରୋତ୍ସାହିତ କରି ସମାଜର ସମସ୍ତ ବର୍ଗଙ୍କ ପାଖରେ ଏହାର ସୁଫଳ ପହଞ୍ଚିବା ହିଁ ଓଡ଼ିଶା ଅହିଂସ-ଅର୍ଥନୀତି ମଡେଲର ଉଦ୍ଦେଶ୍ୟ । ଗାନ୍ଧୀବାଦୀ ଅହିଂସ-ଅର୍ଥନୀତିକୁ ଆଧାର କରି ଯେ ଓଡ଼ିଶାର ବିକାଶ ଅର୍ଥପୂର୍ଣ୍ଣ ହୋଇପାରିବ ଏହା ନିଶ୍ଚିତ । ସମଗ୍ର ଭାରତ ପାଇଁ ଏକ ନୂଆ ମଡେଲ ।

# ମଞ୍ଚନାଟକର ମୂଲ୍ୟାୟନ



ବିପିନ ମହାପାତ୍ର
ବ୍ରହ୍ମପୁର, ମୋ: ୯୮୫୩୭୫୧୩୨୨

ଯାତ୍ରା ନାଟକ, ଓଡ଼ିଆ ସିନେମା ଓ ମେଗା ଧାରାବାହିକର ବହୁଳ ପ୍ରଦର୍ଶନ ସତ୍ତ୍ୱେ ବର୍ଷା ଋତୁ ବ୍ୟତୀତ ବର୍ଷ ସାରା ଓଡ଼ିଶାର ପ୍ରମୁଖ ସହର ଓ ମହାନଗରରେ ମଞ୍ଚ ନାଟକର ପ୍ରଦର୍ଶନ ଧାରା ଅବ୍ୟାହତ ରହିଛି । ରାଜ୍ୟ ଓ ରାଜ୍ୟ ବାହାରେ ଅନୁଷ୍ଠିତ ହେଉଥିବା ନାଟକୋତ୍ସବ ଓ ନାଟ୍ୟ ପ୍ରତିଯୋଗିତାରେ ପ୍ରମୁଖ ନାଟ୍ୟ ସଂଗଠନ ଅଂଶଗ୍ରହଣ କରୁଛନ୍ତି । କେଉଁଠି କେମିତି ଶିଶୁ ନାଟକ ମହୋତ୍ସବ ବି ଅନୁଷ୍ଠିତ ହେଉଛି । ତେଣେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ମଞ୍ଚ ନାଟକ ପ୍ରଦର୍ଶିତ ହେବାର ଉଦାହରଣ ରହିଛି । ଏଥିପାଇଁ କେତେକ ସଂଗଠନ ପ୍ରତି ସରକାରୀ ସ୍ୱୀକୃତି ସହ ଅନୁଦାନ ମଞ୍ଜୁର ହୋଇଛି । ଯେଉଁମାନେ ଏ ସୁଯୋଗରୁ ବଞ୍ଚିତ ହୋଇଛନ୍ତି, ସେମାନେ ମଧ୍ୟ ମଞ୍ଚ ନାଟକକୁ ଭଲ ପାଇବାର ନିଚ୍ଛକ ପ୍ରମାଣ ଦେଇପାରୁଛନ୍ତି ମଞ୍ଚାୟନରେ ।

ଅତୀତର ପ୍ରମୁଖ ବରିଷ୍ଠ ନାଟ୍ୟକାର ଜୀବଦ୍ଦଶା ଭିତରେ ଯଶଖ୍ୟାତି ଅର୍ଜନ କରି ବର୍ତ୍ତମାନ ଅବସର ନେଇଛନ୍ତି । ସମ୍ପ୍ରତି ନବାଗତ ପ୍ରତିଭାମାନଙ୍କ ପଦାର୍ପଣ ଯୋଗୁଁ ମଞ୍ଚ ମହଲରେ ନାଟକର ପାଣ୍ଡୁଲିପି ଚୟନ ଓ ମଞ୍ଚାୟନ ପ୍ରକ୍ରିୟା ଜାରି ରହିଛି । ଫଳରେ ସେମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରକଟିତ ହେଇପାରୁଛି । ସେମାନଙ୍କ ରଚିତ ନାଟକ ମଞ୍ଚସ୍ଥ ହେବା ପରେ ଚିହ୍ନାଜଣା ଆପଣା ଲୋକେ, ସେମାନଙ୍କୁ 'ନାଟକଟି ଭଲ ହୋଇଛି' ବୋଲି କହିବା ସାର୍ବଜନୀନ ହୋଇଯାଇଛି । ଅବଶ୍ୟ ସେତିକି ସେମାନେ ନ ଶୁଣିଲେ ନିରୁତ୍ସାହିତ ହେବାର ଆଶଙ୍କା ବି କମ୍ ନୁହେଁ । ଏ ରକମ ମୌଖିକ ପ୍ରଶଂସା ସାମୟିକ ଓ ସ୍ୱାଗତଯୋଗ୍ୟ । ହେଲେ ତା'ର ନାଟକଟି ଦର୍ଶକମାନଙ୍କ ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଛି ନା ଦୂରେଇ ଯାଇଛି, ତାହା ବିଚରା ଲେଖକ ପକ୍ଷେ ଜାଣିବା ସମ୍ଭବ ହେଇପାରୁ ନାହିଁ । କାରଣ ନାଟକର 'ପଞ୍ଚସନ୍ଧି' ଅର୍ଥାତ୍ ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ ଓ ନିର୍ବହଣ ଏବଂ ଚାରିସୂତ୍ର - ଆଙ୍ଗିକ, ବାଚ୍ୟିକ, ଆହାର୍ଯ୍ୟ, ସାତ୍ତ୍ୱିକର ପ୍ରୟୋଗାତ୍ମକ କୌଶଳ ସହିତ ଉପସ୍ଥାପନା ଶୈଳୀ ସଫଳ ହେଇଛି କି? ସାମୂହିକ ଭାବେ ସାମାଜିକ ସଂସ୍କରଣ ଉଦ୍ଦେଶ୍ୟରେ ସନ୍ଦେଶ ପ୍ରଦାନ କରାଯାଇଛି କି ଇତ୍ୟାଦି ସମ୍ବନ୍ଧରେ ତା'କୁ ଦିଗ୍‌ଦର୍ଶନ ଦିଆଯାଇପାରୁଛି କି? ଯଦି ନାହିଁ, ତେବେ ଆଉ ଗୋଟେ ନାଟକ ଲେଖିଲେ ତହିଁରେ ତା'ର ଭୁଲ୍ ଭଟକା ତତୋଧିକ ହେବା ସ୍ୱାଭାବିକ । ବରିଷ୍ଠ ନାଟ୍ୟକାରମାନଙ୍କ ନାଟକରୁ ବି ଏ ସବୁ ତ୍ରୁଟିବିଚ୍ୟୁତି ବାଦ୍ ପଡୁନାହିଁ । କାରଣ 'ମୁନିନାଞ୍ଚ ମତିଭ୍ରମ' ଏହାର ଉଦାହରଣ । ଏଥିପାଇଁ ସମୀକ୍ଷାର ଦୃଷ୍ଟିକୋଣ ନେଇ ଛାଡ଼ି ଯାଉଛି । ଅପରନ୍ତୁ ବ୍ୟୟବହୁଳ, ଚିତ୍ତାକର୍ଷକ ମଞ୍ଚଶିଳ୍ପ, ଆଲୋକ ସମ୍ପାତ, ଅନାବଶ୍ୟକ କାନଫଟା ଆବହ ସଙ୍ଗୀତ ଯେମିତି ମନେ ହେଉଛି ବହୁ ଆଡ଼ମ୍ବର ଲଘୁକ୍ରିୟା ଭଳି । ଅବଶ୍ୟ ଏ ସବୁ ସବୁଠି ଦେଖିବାକୁ ମିଳୁନି । ହେଲେ ଏତାଦୃଶ ପ୍ରକ୍ରିୟା ନାଟକର ସଫଳତା ପାଇଁ କ୍ଷଣସ୍ଥାୟୀ ବୋଲି ମନେହୁଏ ।

ନାଟକଟିଏ ତିଆରି କରିବା ପାଇଁ ଅଧୁନା ସମାଜରୁ ସାଉଁଟି ଆଣିବାକୁ ଅନେକ ସାମାଜିକ ସମସ୍ୟା ରହିଛି । ଯାହାକି ଚଳିତ ଶତାବ୍ଦୀରେ ମଣିଷର ମାନସିକ, ଶାରୀରିକ, ପାରିପାର୍ଶ୍ୱିକ, ପାରିବାରିକ ଅବସ୍ଥାକୁ କ୍ଷତାକ୍ତ କରୁଛି ତ ପୁଣି ସଚେତନ ହେବାକୁ ଆଭାସ ଦେଉଛି । ଏ ସବୁ ଯଦି ନାଟକରେ ବ୍ୟବହୃତ ନ ହୁଏ, ତେବେ ନାଟକ ସଫଳ ହେବା ଆଶା କ୍ଷୀଣ । ତା' ଛଡ଼ା ସବୁନାଟକ ସବୁକାଳେ ସଫଳ କି ଅସଫଳ ହେଉଛି ବୋଲି ଭାବିବା ଠିକ୍ ନୁହେଁ । ତଥାପି ସଫଳକାମୀ ହେବାକୁ ସାଂଗଠନିକ ଐକ୍ୟ ଓ ସଂହତି ଲୋଡ଼ା ପଡ଼ିଥାଏ ।



ସ୍ୱର ଉତ୍ତୋଳିତ ହେଲେ ପ୍ରମୁଖ କଳାକାରମାନଙ୍କର ଦୂରଦୃଷ୍ଟିର ଅଭାବ ଯୋଗୁଁ ଅସନ୍ତୋଷର ବାତାବରଣ ସୃଷ୍ଟି ହେବା ନିଶ୍ଚିତ । ଅତଏବ ଅଭିଜ୍ଞ ନାଟ୍ୟ ସମାଲୋଚକ ଓ ସମୀକ୍ଷକମାନେ ସମ୍ପ୍ରତି ନିରବତାକୁ ଶ୍ରେୟ ଦେଉଛନ୍ତି ।

ସାମ୍ପ୍ରତିକ ଓଡ଼ିଆ ନାଟକର ଅନ୍ତଃସ୍ୱର ସମ୍ପର୍କରେ ଏତିକି କୁହାଯାଇପାରେ ଯେ, କେତେକ ନାଟକର କାହାଣୀ ପରିକଳ୍ପିତ କିମ୍ବା ସତ୍ୟାଶ୍ରିତ ହେଲେ ବି ଚରିତ୍ର ଚିତ୍ରଣ, ସଂଳାପ, ଦୃଶ୍ୟସଜ୍ଜା, ସଂଘର୍ଷ, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ଶ୍ଳେଷ, ଐକ୍ୟ, ସଂହତି, ନାମକରଣ ଇତ୍ୟାଦିର ପାରସ୍ପରିକ ସମନ୍ୱୟ ରକ୍ଷା ହେଇପାରୁ ନାହିଁ । ନାଟକ ଉପଯୋଗୀ ଭାଷା ଛାଡ଼ି

ଦ୍ୱିତୀୟତଃ, ସାହିତ୍ୟର ଦୁଇଟି ପାର୍ଶ୍ୱ ହେଲା ସର୍ଜନା ଓ ସମାଲୋଚନା । ଉପନ୍ୟାସ, କାବ୍ୟ, କବିତା, ଗଳ୍ପଠାରୁ ଆପେକ୍ଷିକ ଗୁରୁତ୍ୱ ବହନ କରେ ନାଟକ ସମୀକ୍ଷା ତଥା ସମାଲୋଚନା । କାରଣ ଏହା ମିଶ୍ରକଳା, ଶ୍ରାବ୍ୟ ଓ ଦୃଶ୍ୟକାବ୍ୟ ଏବଂ ସର୍ବକାଳୀନ ମନୋରଞ୍ଜନଧର୍ମୀ । ଆଲୋଚନା, ସମାଲୋଚନା ବ୍ୟତୀତ ଏପରି ଏକ ମହାଦ୍ରୁମର ପଲ୍ଲବିତ ଶାଖା-ପ୍ରଶାଖା କାୟାବିସ୍ତାର କରି ରଙ୍ଗ ମହୋତ୍ସବରେ ଜୀବନକୁ କିପରି ଆମୋଦିତ କରିପାରୁଛି ସେନେଇ ଅଧିକ କିଛି ଜାଣିବା ବେଳେବେଳେ କଠିନ ହୋଇପଡ଼େ । ତେଣୁ ନିରପେକ୍ଷ ସଠିକ୍ ସମୀକ୍ଷା ହିଁ ତା'ର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଲେ ଠିକ୍ ହେବ ।

ଯେଉଁ ସାରସ୍ୱତ ସାଧକ ଆଲୋଚନା, ସମାଲୋଚନା ଓ ସମୀକ୍ଷା ପ୍ରଭୃତିକୁ ସ୍ୱାଗତ କରିଛି ତା'ର ଲେଖାଗୁଡ଼ିକ ଯାଇ ପହଞ୍ଚି ପାରିଛି ଉତ୍କର୍ଷ ଓ ପରିପୁଷ୍ଟତାର ଚରମ ସୋପାନରେ ଏବଂ ସେ ତା'ର ଅଧ୍ୟବସାୟ ଓ ଅନୁଧ୍ୟାନର ଫଳ ପାଇଛି । ଅତୀତରେ ପ୍ରମୁଖ ଦୈନିକ ଖବରକାଗଜ ଓ ପତ୍ରିକାର ଆଖିଦୃଶିଆ ପୃଷ୍ଠାମଣ୍ଡନ କରୁଥିଲା ନାଟକ ଓ ସିନେମାର ସମୀକ୍ଷା । କିନ୍ତୁ ତାହା ଆଜି ଉପଲବ୍ଧ ହେଉ ନାହିଁ । ତେଣୁ ମଞ୍ଚସ୍ଥ ନାଟକର ସମୀକ୍ଷା ହେଇପାରୁ ନାହିଁ । ଅପରପକ୍ଷରେ ଭଲ ନାଟ୍ୟକାର ଓ ଭଲ ସମାଲୋଚକ ଥାଇ ମଧ୍ୟ ହାତଯୋଡ଼ି ବସିଛନ୍ତି । ସୁବିଧା ସୁଯୋଗ ପାଇଲେ କୌଣସି ଗୋଟେ ଅଧେ ନାଟ୍ୟ ସଂଗଠନ ମୁଖପତ୍ରରେ ଲେଖାଟିଏ ପତ୍ରସ୍ଥ କରୁଛନ୍ତି, ଯାହାକି ପ୍ରଭାବହୀନ ହୋଇପଡୁଛି । ଅତଏବ ଏ ସବୁର ଅଭାବନୀୟତା ଯୋଗୁଁ ମଞ୍ଚ ନାଟକର ପ୍ରାସଙ୍ଗିକତା ଓ ଅପ୍ରାସଙ୍ଗିକତା ନିଦାନ ହେଇପାରୁ ନାହିଁ । ଯଦି ହୁଅନ୍ତା, ତାହା ହେଲେ ନାଟ୍ୟ ପ୍ରତିଭାମାନେ ଆହୁରି ଆଗ୍ରହୀ ହୋଇ ଉନ୍ନତ ମାନର ଲିଖନ ଓ ପ୍ରଦର୍ଶନ ପାଇଁ ସଚେତନ ହେଇପାରନ୍ତେ ।

ଓଡ଼ିଆ ନାଟକର ଗବେଷଣା ପରିସର ମଧ୍ୟ ଆଜି ସଂକୀର୍ଣ୍ଣ ହେଇଛି ବୋଲି ମନେହୁଏ । କାରଣ ପ୍ରକାଶନ ସଂସ୍ଥାଗୁଡ଼ିକର ଅନିଚ୍ଛା ଯୋଗୁଁ ଆବଶ୍ୟକ ପ୍ରକାଶିତ ନାଟକ ଗବେଷକମାନଙ୍କ ପାଖରେ ଅପହଞ୍ଚ । ଯଦି ନାଟ୍ୟକାର ନିଜ ଖର୍ଚ୍ଚରେ ନିଜ ନାଟକକୁ ଛାପୁଛି, ତେବେ ତାହା ସଂଖ୍ୟାଲଘୁ ଯୋଗୁଁ ଲୋକଲୋଚନକୁ ଆସିପାରୁ ନାହିଁ । ପରିଶେଷରେ ଯେଉଁ କେତୋଟି ନାଟ୍ୟ ସଂଗଠନ ନାଟକ ଶୁଭ ଦେବା ଦିନଠୁଁ ଆଲୋଚନାଚକ୍ର ଅନୁଷ୍ଠିତ କରି ନାଟ୍ୟାଭ୍ୟାସ ବେଳେ ଓ ମଞ୍ଚସ୍ଥ ପରେ ତର୍ଜମା କରୁଛନ୍ତି ସେମାନଙ୍କ ଉଦ୍ୟମ ସଫଳ ହେଇପାରୁଛି । କିନ୍ତୁ ଯେଉଁମାନେ କାଁ ଭାଁ ସ୍ୱଳ୍ପ ସମୟ ପାଇଁ ଏହା କରୁଛନ୍ତି ତହିଁରୁ କିଛି ନିଷ୍କର୍ଷ ଉପଲବ୍ଧ ହେଉନାହିଁ । ହୁଏତ ଏହି ସମସ୍ୟା ବ୍ୟକ୍ତିକୈନ୍ଦ୍ରିକ ନ ହୋଇ ଆତ୍ମକୈନ୍ଦ୍ରିକ ହେଲେ ସଫଳ ନାଟକ ତିଆରି ହେବା ସାଙ୍ଗକୁ ନାଟ୍ୟ ସଂଗଠନ ଦର୍ଶକମାନଙ୍କର ଆହୁରି ନିକଟବର୍ତ୍ତୀ ହୋଇପାରିବେ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ଆତ୍ମସମର୍ପଣ ପରେ ମାଓନେତ୍ରୀ ଖୋଲିଲେ ଗୁମର

# ମାଓ ଶିବିରରେ ଯୌନ ଶୋଷଣ

**ଭୁବନେଶ୍ୱର/ବୌଦ୍ଧ,୬ ।୨(ସମିସ):** ମାଓ ଶିବିରରେ ମହିଳା ମାଓବାଦୀମାନଙ୍କୁ ଯୌନ ଦାସୀ ପରି ବ୍ୟବହାର କରାଯାଉଛି। ଏହାର ପ୍ରତିବାଦ କଲେ ମିଳୁଛି ମାଡ଼ ଓ ନିର୍ଯାତନା। ଏପରିକି ଦେହ ଖରାପ ଥିଲେ ମଧ୍ୟ ସେମାନଙ୍କୁ ଯୌନ ଶୋଷଣରୁ ମୁକ୍ତି ମିଳୁନାହିଁ। ମାଓ ଶିବିରର ଏହି ଅକୁହା କଥା ପୁଲିସ ନିକଟରେ ବଖାଣିଛନ୍ତି ଆତ୍ମ ସମର୍ପଣ କରିଥିବା ଦୁଇଜଣ ହାର୍ଡ଼କୋର ମହିଳା ମାଓ ନେତ୍ରୀ। ଦକ୍ଷିଣ ରେଞ୍ଜ ଆଇଜି ଜୟନାରାୟଣ ପଙ୍କଜଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଦୁଇ ହାର୍ଡକୋର ମହିଳା ମାଓବାଦୀ ମନୀଷା ଥାଟି (୨୧) ଓ ଚମ୍ପା କୋରାମ ଓରଫ ସଜନ୍ତୀ (୨୨)ଙ୍କ ଏହି ମଞ୍ଜଥରା କାହାଣୀ ପୁଲିସର କଠୋର ହୃଦୟକୁ ବି ତରଳାଇ ଦେଇଛି। ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଦୁଇ ମାଓନେତ୍ରୀଙ୍କୁ ଆଇଜି ଶ୍ରୀ ପଙ୍କଜ ସ୍ୱାଗତ କରିବା ସହ ସରକାରଙ୍କ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଦୁଇ ମହିଳା ହାର୍ଡକୋର ନକ୍ସଲଙ୍କ ଆତ୍ମସମର୍ପଣ ସମୟରେ ଏସପି ରାଜ ପ୍ରସାଦଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଦୁଇ ମହିଳା ମାଓବାଦୀଙ୍କ ଘର ଛତିଶଗଡ଼ ଅଞ୍ଚଳରେ ଓ ଉଭୟ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନ ପାଇଁ କାର୍ଯ୍ୟ କରୁଥିଲେ। ମନୀଷା ଓ ଚମ୍ପା ୨୦୧୮ରୁ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ଅନେକ ମାଓ ହିଂସାରେ ଏହି ଦୁଇ ଜଣ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି।

ଆତ୍ମସମର୍ପଣ କରିବା ପରେ ମନୀଷା ଓ ଚମ୍ପା କହିଛନ୍ତି ଯେ, ନକ୍ସଲ ସଂଗଠନର ଅନୈତିକ କାର୍ଯ୍ୟକଳାପରେ ବିବ୍ରତ ଓ ନିରାଶ ହୋଇ ସେମାନେ ସେଠାରୁ ବାହାରିବାକୁ ନିଷ୍ପତ୍ତି ନେଇଥିଲେ। ନକ୍ସଲ ସଂଗଠନରେ ମହିଳା କ୍ୟାଡରଙ୍କୁ ଯୌନ ନିର୍ଯାତନା ସହ ଶୋଷଣ ଦିଆଯାଉଛି। ଯୁବକ, ଯୁବତୀ ମାନଙ୍କୁ ମିଛ ପ୍ରତିଶ୍ରୁତି ଦେଇ ସଙ୍ଗଠନରେ ସାମିଲ କରାଯାଉଛି। ସଙ୍ଗଠନର ବରିଷ୍ଠ ସଦସ୍ୟମାନେ କନିଷ୍ଠ ମାନଙ୍କୁ ଅତ୍ୟନ୍ତ ଅଶାଳୀନ ବ୍ୟବହାର କରୁଛନ୍ତି। ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ଲୋକଙ୍କୁ ଧମକାଇ ଟଙ୍କା ଆଦାୟ କରାଯାଉଛି। ମାଓ ନେତାଙ୍କ ତାଡ଼ନାରେ ଅତିଷ୍ଠ ହୋଇ ଗତ ଦୁଇ ମାସ ମଧ୍ୟରେ ସେମାନଙ୍କ କ୍ୟାମ୍ପରୁ ୧୦ରୁ୧୨ କ୍ୟାଡର ଫେରାର ହୋଇଯାଇଛନ୍ତି ବୋଲି ଉଭୟ କହିଛନ୍ତି। ମନୀଷା ଓ ଚମ୍ପାଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ସ୍ୱାଗତ କରିବା ଅବସରରେ ଆଇଜି ଜୟନାରାୟଣ ପଙ୍କଜ ଅନ୍ୟ ନକ୍ସଲଙ୍କୁ ଏହି ପଥ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟସଭାରେ ଦାବି ଦୋହରାଇଲେ ସସ୍ମିତ

# ସମ୍ବିଧାନର ମୁଖବନ୍ଧରେ ସ୍ଥାନ ପାଉ ଅହିଂସା ଶବ୍ଦ

**ଭୁବନେଶ୍ୱର, ୬ ।୨ (ସମିସ):** ସମ୍ବିଧାନର ମୁଖବନ୍ଧରେ 'ଅହିଂସା'କୁ ସ୍ଥାନ ଦେବା ପାଇଁ ବିଜେଡି ପୁଣି ଦାବି କରିଛି। ଆଜି ରାଜ୍ୟସଭାରେ ବିଜେଡି ସାଂସଦ ସସ୍ମିତ ପାତ୍ର ଏହି ଦାବି ଉଠାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅବସରରେ ଡ. ପାତ୍ର କହିଛନ୍ତି ଯେ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଦାବି କରି ଆସିଛନ୍ତି। ସର୍ବପ୍ରଥମେ ୨୦୧୮ ମସିହା ମେ' ମାସରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବା ପାଇଁ ଗଠିତ କମିଟିର ପ୍ରଥମ ବୈଠକରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ପ୍ରସ୍ତାବ ରଖିଥିଲେ। ୨୦୧୯ ଡିସେମ୍ବରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ କମିଟିର ଦ୍ୱିତୀୟ ବୈଠକରେ ମଧ୍ୟ ଦାବିକୁ ପୁଣିଥରେ ଦୋହରାଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତ ଅହିଂସା ରୂପେ ସମଗ୍ର ବିଶ୍ୱକୁ ସର୍ବଶ୍ରେଷ୍ଠ ବାର୍ତ୍ତା ପ୍ରଦାନ କରିଛି। ବିଶ୍ୱରେ ଶାନ୍ତି, ବିକାଶ ତଥା ସମାନତା ପାଇଁ ଅହିଂସା ହିଁ ସର୍ବଶ୍ରେଷ୍ଠ ଏବଂ ଏକମାତ୍ର ମାଧ୍ୟମ ଅଟେ। କେବଳ ଏତିକି ନୁହେଁ; ୨୦୨୧ ମାର୍ଚ୍ଚରେ ଓଡ଼ିଶା ବିଧାନସଭାରେ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସାମିଲ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ବାପୁଙ୍କ ବାଣୀ ଓ କର୍ମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ସରକାରୀ ଯୋଜନା ହେଉ ଅବା ସମାଜର ବିକାଶ, ସବୁଥିରେ ବାପୁଜୀଙ୍କ ଆଦର୍ଶ ପ୍ରତିଫଳିତ ହେଉଛି। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ୨୦୨୧ ମାର୍ଚ୍ଚ ୨୩ ତାରିଖରେ ମହାସମାରୋହରେ ପାଳିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସରକାର ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏହା କେବଳ ଦେଶର ଯୁବକଯୁବତୀଙ୍କୁ ପ୍ରେରିତ କରିବ ନାହିଁ; ବରଂ ବିଶ୍ୱବ୍ୟାପୀ ପ୍ରେରଣାର ସ୍ରୋତ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଦିନ ହିଁ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବା ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ତେଣୁ କେନ୍ଦ୍ର ସରକାର ବିଳମ୍ବ ନ କରି ସମ୍ବିଧାନର ମୁଖବନ୍ଧରେ 'ଅହିଂସା'କୁ ତୁରନ୍ତ ସ୍ଥାନ ଦେବା ପାଇଁ ଡଃ ପାତ୍ର ଦାବି କରିଛନ୍ତି।

■ ବିଧାନସଭାରେ ଉଠିଲା ଗାଁ ସାଥୀଙ୍କ ଦାବି

# ମାସିକ ୧୦ ହଜାର ପ୍ରୋତ୍ସାହନ ରାଶି ଦିଅନ୍ତୁ ସରକାର

**ଭୁବନେଶ୍ୱର, ୬ ।୨(ସମିସ):** ଗାଁ ସାଥୀମାନଙ୍କର ଦାବିକୁ ସରକାର ଶୁଣନ୍ତୁ। ସେମାନଙ୍କୁ ମାସିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଉ। ସରକାର ଧାରଣାରତ ଗାଁ ସାଥିଙ୍କୁ ଡାକି ଆଲୋଚନା କରନ୍ତୁ। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉତ୍ଥାପନ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି ଯେ ରାଜ୍ୟରେ ପ୍ରାୟ ୭୦ ହଜାର ଗାଁ ସାଥି ମେଟ କାର୍ଯ୍ୟରତ ଅଛନ୍ତି। ନିକଟ ଅତୀତରେ ଅନୁଷ୍ଠିତ କେତୋଟି ବିଧାନସଭା ଅଧିବେଶନ ସମୟରେ ଗାଁ ସାଥି ସଂଘର ହଜାର ହଜାର କର୍ମକର୍ତ୍ତା ଲୋୟର ପିଏମ୍‌ଜିରେ ସେମାନହ୍‌କ ଦାବି ନେଇ ଧାରଣାରେ ବସୁଛନ୍ତି। ମାତ୍ର ସରକାର କାହିଁକି ତାଙ୍କ ପ୍ରତି ଧ୍ୟାନ ଦେଉନାହାନ୍ତି ତାହା ବୁଝାପଡ଼ୁ ନାହିଁ। ସେ କହିଛନ୍ତି ଯେ ଗାଁ ସାଥୀମାନେ ପଞ୍ଚାୟତରାଜ ବିଭାଗ ଅଧିନରେ କାମ କରୁଛନ୍ତି। ସେମାନେ ଯେତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ତାଙ୍କୁ ତାଙ୍କ ଦାବି ପୂରଣ ହେଉନାହିଁ।

# ଓଏଭି ପ୍ରବେଶିକା ଫଳ ପ୍ରକାଶିତ

**ଭୁବନେଶ୍ୱର, ୬ ।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାର ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳ(ଓଏଭିଇଟି) ମଙ୍ଗଳବାର ପ୍ରକାଶ ପାଇଛି। ଚଳିତ ବର୍ଷ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପାଇଁ ଆଶାୟୀ ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେଇଥିଲେ। ସେହିପରି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମ୍‌ଏଭିଇଟି) ଫଳ ମଧ୍ୟ ପ୍ରକାଶିତ ହୋଇଛି। ଷଷ୍ଠ ଓ ସପ୍ତମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ହୋଇଥିଲା। ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଯାଇ ନିଜ ପରୀକ୍ଷା ଫଳ ଦେଖି ପାରିବେ।

## ଅବଶିଷ୍ଟାଂଶ...

### ସରୋଜକୁ ୨୦ ବର୍ଷ...

ବସ୍ତାରେ ବନ୍ଧା ଅବସ୍ଥାରେ ପରୀର ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ମିଳିଥିଲା। ପୂର୍ବ ଶତ୍ରୁତାରୁ ଝିଅକୁ ହତ୍ୟା କରାଯାଇଥିବା ନେଇ ନାବାଳିକାର ବାପା ଅଭିଯୋଗ କରିଥିଲେ। ହତ୍ୟାକାରୀକୁ ଧରିବା ଦାବିରେ ପରିବାର, ଗ୍ରାମବାସୀ ଏବଂ ବିଭିନ୍ନ ରାଜନୈତିକ ଦଳ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ନ୍ୟାୟ ଦାବିରେ ପରୀର ବାପାମା' ୨୦୨୦ ନଭେମ୍ବର ୨୪ ତାରିଖରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ନଭେମ୍ବର ୨୫ ତାରିଖରେ ରାଜ୍ୟ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ସହ ୨୮ ତାରିଖରେ ଏସଆଇଟି ଗଠନ କରିଥିଲେ। ବରିଷ୍ଠ ପୁଲିସ ଅଧିକାରୀ ଅରୁଣ ବୋ୍ରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍ ଘଟଣାର ତଦନ୍ତ କରିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତର ସବିଶେଷ ରିପୋର୍ଟ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ତଦନ୍ତ ନେଇ ହାଇକୋର୍ଟ ସନ୍ତୋଷ ବ୍ୟକ୍ତ କରିଥିଲେ। ଡିସେମ୍ବର ୨୦ ତାରିଖରେ ପୁଲିସ ଅଭିଯୁକ୍ତ ସରୋଜ ସେଠୀକୁ ଗିରଫ କରିଥିଲା। ସରୋଜ ପରୀକୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ଭିଡିଓ ସାମ୍ନାକୁ ଆସିଥିଲା। ସରୋଜ ପ୍ରଥମେ ପରୀକୁ ଦୁଷ୍କର୍ମ ଉଦ୍ୟମ କରିଥିଲା ଏବଂ ଘଟଣା ପ୍ରଘଟ ହେବା ଭୟରେ ତାକୁ ତଣ୍ଟିଚିପି ହତ୍ୟା କରିଛି ବୋଲି ମାନିଥିବାର ବରିଷ୍ଠ ପୁଲିସ ଅଧିକାରୀ ଅରୁଣ ବୋ୍ରା ସୂଚନା ଦେଇଥିଲେ। ହତ୍ୟାକାଣ୍ଡ ସମ୍ପର୍କିତ ଅନେକ ପ୍ରମାଣ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଦାଖଲ କରାଯାଇଥିଲା।

### 'ପରୀ' ରାୟ ଖୋଲିଛି...

ଏସଆଇଟି ବହୁ ପରିଶ୍ରମ କରି ପ୍ରକୃତ ଅପରାଧୀକୁ ଚିହ୍ନଟ କରିବା ସହ ତଥ୍ୟ ପ୍ରମାଣ ଜୁଟାଇଥିଲା। ଯାହା ଫଳରେ ଆଜି ଅପରାଧୀକୁ ୨୦ ବର୍ଷ ଦଣ୍ଡ ବିଧାନ ହୋଇଛି। ପରୀର ଆତ୍ମାକୁ ଶାନ୍ତି ମିଳିଛି। ଏହି ଐତିହାସିକ ରାୟ ଆସିବା ପରେ ରାଜ୍ୟ ବିଜେପି ନେତାମାନଙ୍କ ଅସଲ ମୁଖା ଖୋଲିଯାଇଛି।

ଏପରି ଏକ ସମ୍ବେଦନଶୀଳ ମାମଲାରେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଓଡିଶା ବିଜେପିର କିଛି ନେତା ମାମଲାର ରାଜନୀତିକରଣ କରି ତଦନ୍ତକୁ ଦିଗହରା କରିବାକୁ ଅପଚେଷ୍ଟା କରିଥିଲେ। ପାଞ୍ଚ ବର୍ଷର ଜଣେ କୋମଳମତି ଶିଶୁର ହତ୍ୟା ଘଟିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ଅନୁଗତ ଗୋଷ୍ଠୀ ବାରମ୍ବାର ପ୍ରସଙ୍ଗର ରାଜନୀତିକରଣ କରି ମାମଲାକୁ ବିଳମ୍ବିତ ଓ ଦିଗହରା କରିବାକୁ ଅପଚେଷ୍ଟା କରିଥିଲେ। ପ୍ରଥମେ ହାଇକୋର୍ଟ ଏବଂ ପରେ ସୁପ୍ରିମକୋର୍ଟରେ ଉଦ୍ୟମ କରି ଝଟକା ପାଇଥିଲେ। ଦେଶର ନାମୀଦାମୀ ଓକିଲଙ୍କୁ ମାମଲା ଲଢିବାକୁ କୋର୍ଟରେ ଠିଆ କରାଇଥିଲେ। ଏହା ଏକ ଅତ୍ୟନ୍ତ ସ୍ପର୍ଶକାତର ଘଟଣା। ଏହିଭଳି ମାମଲାରେ ଜଣେ ବ୍ୟକ୍ତି କିଭଳି ରାଜନୀତି କରିପାରିବ, ତାହା ହିଁ ଓଡିଶାବାସୀଙ୍କୁ ଆଚମ୍ବିତ କରିଥିଲା।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡିଶା ବିଜେପିର ତାଙ୍କର ଅନୁଗତମାନେ ଓଡିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏଭଳି ସ୍ପର୍ଶକାତର ମାମଲାରେ ସର୍ବଦା ଓଡିଶା ବିଜେପି ରାଜନୀତି ହିଁ କରେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ଅନୁଗତ ଗୋଷ୍ଠୀ ଓଡିଶାକୁ ବଦନାମ କରିବାକୁ ବାରମ୍ବାର ଅପଚେଷ୍ଟା କଲେ। କିଡନୀ ଏବଂ ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ବିକ୍ରି ପାଇଁ ଚକ୍ରାନ୍ତ କରାଯାଇଥିବା ଭଳି ତାହା ମିଛ ମାନ କହିଥିଲେ। ଅଭିଯୁକ୍ତକୁ କିଭଳି ଜାମିନ୍ ମିଳିବ ସେନେଇ ବହୁ ଚେଷ୍ଟା କରିଥିଲେ। କିନ୍ତୁ ଅଦାଲତ ସେମାନଙ୍କର ସବୁ ଚକ୍ରାନ୍ତକୁ ପଣ୍ଡ କରି ଦେଇଥିଲେ। ଜଣେ ନାବାଳିକା ସହ ହୋଇଥିବା ଅତ୍ୟାଚାର ପ୍ରସଙ୍ଗରେ ଏଭଳି ହୀନ ରାଜନୀତି କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଅନୁଗତ ଗୋଷ୍ଠୀଙ୍କୁ ଲଜ୍ଜା ଲାଗିବା ଦରକାର। ସମ୍ବେଦନଶୀଳ ପ୍ରସଙ୍ଗରେ ବାରମ୍ବାର ହୀନ ରାଜନୀତି କରୁଥିବା ଏହି ଗୋଷ୍ଠୀଙ୍କୁ ରାତିରେ ନିଦ କେଉଁଭଳି ହେଉଛି? ସେମାନଙ୍କ ଅନ୍ତରାତ୍ମା ଏଭଳି କାର୍ଯ୍ୟ କରିବାକୁ କ'ଣ ବାଧା ଦେଉନି? ପରୀକୁ ଆଜି ନ୍ୟାୟ ମିଳିଛି, ତାର ଆତ୍ମା ଶାନ୍ତି ପାଉ। ମହାପ୍ରଭୁ ତାକୁ ନିଜ ପାଦପଦ୍ମରେ ସ୍ଥାନ ଦିଅନ୍ତୁ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

### ହିଂସା, ଘୃଣା...

ବୁଧବାର ସକାଳ ସାଢ଼େ ୯ଟାରେ ଉଦିତନଗର ଆମ୍ବେଦକର ଛକରୁ ପଦଯାତ୍ରା ବାହାରିବ। ପ୍ରାୟ ୩.୪ କିଲୋମିଟର ପଦଯାତ୍ରାରେ ରାହୁଲ ଯୋଗଦେବେ। ପରେ ପାନପୋଷ ଛକଠାରେ ଜନସମାବେଶରେ ଯୋଗଦେବେ। ସେହିପରି ରାଜଗାଙ୍ଗପୁର, କୁତ୍ରା ଓ ବଡ଼ଗାଁରେ ଉଦ୍‌ବୋଧନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହେବେ। ଅପରାହ୍ନ ସାଢ଼େ ୪ଟାରେ ସୁନ୍ଦରଗଡ଼ ସହରରେ ବସଷ୍ଟାଣ୍ଡ ଛକରୁ ପଦଯାତ୍ରା ଆରମ୍ଭ ହେବ ଏବଂ ଏକ ସମାବେଶରେ ରାହୁଲ ଉଦ୍‌ବୋଧନ ଦେବେ। ସେଠାରେ ହେବାକୁ ଥିବା ଜନସମାବେଶରେ ରାହୁଲ ଯୋଗଦେବେ। ସେଠାରୁ ଝାରସୁଗୁଡ଼ା ଯାଇ ଅମଲିପାଲି ପଡ଼ିଆରେ ରାତ୍ରିଯାପନ କରିବେ। ୮ ତାରିଖ ସକାଳ ୮ଟାରୁ ଯାତ୍ରା ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ମହାତ୍ମା ଗାନ୍ଧୀ ଛକରୁ ବାହାରି ବେହେରାମାଲ କିସାନ ଛକରେ ଜନସଭାରେ ରାହୁଲ ଉଦ୍‌ବୋଧନ ଦେବେ। ପରେ ଗୋବିନ୍ଦପୁର ମଧୁବନ ଢାବାରେ ପ୍ରାତଃ ବିରତି, କୁରେଇମାଲରେ ମଧ୍ୟାହ୍ନଭୋଜନ ଓ ପୁଣି ଅପରାହ୍ନ ୨ଟାରୁ କନକତୋରାରୁ ଯାତ୍ରା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

### ପ୍ରାକୃତିକ ବିପର୍ଯ୍ୟୟ...

ଓଡ଼ିଶାରେ ସର୍ବାଧିକ ବଜ୍ରପାତ ହୋଇଛି। ବିଶେଷକରି ବାତ୍ୟା, ପ୍ରାକ୍ –ମୌସୁମୀ ଓ ମୌସୁମୀ ବର୍ଷା ସମୟରେ ବଜ୍ରପାତ ତୀବ୍ର ହେଉଛି। ଏହାସତ୍ତ୍ୱେ ବଜ୍ରପାତଜନିତ ମୃତ୍ୟୁ ହ୍ରାସ କରିବାରେ ଓଡ଼ିଶା ବିଶେଷ ସଫଳତା ଲାଭ କରିଛି। ୨୦୧୯-୨୦ରେ ବଜ୍ରାଘାତରେ ୨୦୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦-୨୧ରେ ଏହା ୧୫୬କୁ ହ୍ରାସ ପାଇଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ସେହିପରି ବଜ୍ରପାତର ମୁକାବିଲା ନେଇ ଓଡ଼ିଶା ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ଗତ ୨୦୧୫ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ବଜ୍ରପାତକୁ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିଛି। ବଜ୍ରପାତରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଜ୍ୟ ସରକାର ପ୍ରଦାନ କରୁଛନ୍ତି। ନିକଟରେ ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ କେନ୍ଦ୍ରକୁ ନିକଟରେ ଓଡ଼ିଶା ପ୍ରସ୍ତାବ ଦେଇଛି। ଏଥିସହ ବଜ୍ରପାତ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଛି। ବଜ୍ରପାତ ଜନିତ ମୃତ୍ୟୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଜଙ୍ଗଲ ଓ କୃଷି ବିଭାଗକୁ ବହୁଳ ପରିମାଣରେ ତାଳଗଛ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମାନ ପନ୍ଥା ଆପଣେଇ ଥାଇଲାଣ୍ଡ ଓ ବାଂଲାଦେଶ ପରି ଦେଶ ବଜ୍ରପାତ ଜନିତ ମୃତ୍ୟୁ କମାଇବାରେ ସଫଳ ହୋଇଛନ୍ତି। ତେଣୁ କେନ୍ଦ୍ର ସରକାର ତୁରନ୍ତ ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବା ପାଇଁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି। ଏହାଦ୍ୱାରା ବଜ୍ରପାତରେ ମୃତକଙ୍କ ପରିବାରକୁ ଉପଯୁକ୍ତ ପରିମାଣର ଅନୁକମ୍ପାମୂଳକ ସହାୟତା ମିଳିପାରିବ। ଫଳରେ ବାର୍ଷିକ ହଜାର ହଜାର ପରିବାର ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ଶ୍ରୀ ମଙ୍ଗରାଜ ନିଜ ଦାବିରେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଜ୍ରପାତ ବର୍ତ୍ତମାନ ଏକ ପ୍ରମୁଖ ବିପତ୍ତି ଭାବେ ନିଜର ପ୍ରଭାବ ବିସ୍ତାର କରିଚାଲିଛି। ବର୍ଷକୁ ବର୍ଷ ବଜ୍ରପାତ ଜନିତ ବିପର୍ଯ୍ୟୟ ସଂଖ୍ୟା ବଢ଼ିବାରେ ଲାଗିଥିବା ବେଳେ ବଜ୍ରପାତର ସଂଖ୍ୟା ମଧ୍ୟ ତଦନୁଯାୟୀ ବଢୁଛି। ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ସୁଦୃଢ଼ ସମ୍ପର୍କିତ ଏକ ବୈଠକରେ ଓଡ଼ିଶା ପକ୍ଷରୁ ସମାନ ଦାବି ରଖାଯାଇଥିଲା। ଏହାବ୍ୟତୀତ ଏକାଧିକ ଥର ଓଡ଼ିଶା ପକ୍ଷରୁ ସମାନ ଦାବି କେନ୍ଦ୍ର ନିକଟରେ ବାରମ୍ବାର ଉତ୍ଥାପନ କରାଯାଇଛି। ମାତ୍ର କେନ୍ଦ୍ର ସରକାର ଉପରୋକ୍ତ ଦାବିକୁ ଗୁରୁତର ସହ ବିଚାର କରୁନାହାନ୍ତି। ଯାହାକୁ ନେଇ ପରିବେଶବିତଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ କ୍ଷୋଭ ପ୍ରକାଶ କରୁଛନ୍ତି।

### ଗଣତାନ୍ତ୍ରିକ ଇତିହାସରେ...

ଭ୍ରମିତ ଟିପ୍ପଣୀ ପ୍ରଦାନ କରିବାକୁ ତୀବ୍ର ବିରୋଧ କରିଛି ବିଜେଡି। ରାଜ୍ୟସଭା ସାଂସଦ ଡ଼. ସସ୍ମିତ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ଏପରି ଟିପ୍ପଣୀ ସଂଘୀୟ ବ୍ୟବସ୍ଥା ପ୍ରତି ଆଘାତ ଓ ଦେଶର ଗଣତାନ୍ତ୍ରିକ ଇତିହାସରେ କଳା ଅଧ୍ୟାୟ ବୋଲି ଅଭିହିତ କରିଛନ୍ତି।

ରାଜ୍ୟସଭାରେ ଅନୁସୂଚୀତ ଜାତି ଓ ଜନଜାତି ସଂଶୋଧନ ବିଲ୍ ଆଲୋଚନାରେ ଭାଗ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶା ସରକାର ୧୬୯ ବର୍ଗକୁ ଅନୁସୂଚୀତ ଜନଜାତି ମାନ୍ୟତା ସଂକ୍ରାନ୍ତ ପ୍ରସ୍ତାବକୁ ପରୋକ୍ଷରେ କଟାକ୍ଷ କରିଛନ୍ତି। 'ଆବାସ' ଦାବି ପରି ଏହି ପ୍ରସ୍ତାବ ସଙ୍ଗେସଙ୍ଗେ ପୂରଣ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ କରି ଏଥିପାଇଁ ଆଇନକାନୁନ ପାଠ ପଢ଼ାଇଛନ୍ତି। ରାଜ୍ୟର ୧୬୯ ବର୍ଗକୁ ଅନୁସୂଚୀତ ଜାତିରେ ସାମିଲ କରିବା ପ୍ରସ୍ତାବକୁ ସମର୍ଥନ ପରିବର୍ତ୍ତେ ଏହାକୁ ଆଇନର ପେଞ୍ଚରେ ମୋଡ଼ି ବନ୍ଦ କରିବାକୁ ଉଦ୍ୟମ କରିଛନ୍ତି। ସେହିପରି ଆଦିବାସୀ ଜମି ବିକ୍ରି ସଂକ୍ରାନ୍ତ କ୍ୟାବିନେଟ୍ ନିଷ୍ପତ୍ତି ପ୍ରତ୍ୟାହାର ସତ୍ୱେ ଓଡ଼ିଶା ସରକାରଙ୍କ ପ୍ରତି ଅଙ୍ଗୁଳି ଉଠାଇ ଦିଲ୍ଲୀରୁ 'ଫରମାନ୍' ପଠାଇବାକୁ ସଂସଦରେ ଇଙ୍ଗିତ କରିବାକୁ କଟୁ ସମାଲୋଚନା କରଛନ୍ତି ବିଜେଡି ସାଂସଦ ଡ଼. ସସ୍ମିତ ପାତ୍ର। ପଏଣ୍ଟ ଅଫ୍ ଅଡର୍‌ର ଉଠାଇ ଶ୍ରୀ ପାତ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ନିଜ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସସ୍ମିତ କହିଛନ୍ତି ଯେ ସଂସଦ ପରିସରରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗରିବ ଆଦିବାସୀମାନେ ନିଜର ଅସୁବିଧା ସମୟରେ ଜମି ବିକ୍ରି କରିବାରେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦୃଷ୍ଟିରୁ ଓଡ଼ିଶା ସରକାର ଏକ ପ୍ରସ୍ତାବ ଗ୍ରହଣ କରିଥିଲେ। ମାତ୍ର ଏହାର ତର୍ଜମାପରେ ଏହାକୁ ପ୍ରତ୍ୟାହାର କରି ନିଆଯାଇଥିଲା। ଏହି ଅଧ୍ୟାୟର ପରିସମାପ୍ତି ଘଟିଛି। ମାତ୍ର ସଂସଦରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶା କ୍ୟାବିନେଟ୍ ସଂକ୍ରାନ୍ତରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଦୁର୍ଭାଗ୍ୟଜନକ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୃହକୁ ଭ୍ରମିତ କରିବାକୁ ଉଦ୍ୟମ କରିଛନ୍ତି। ରାଜ୍ୟ କ୍ୟାବିନେଟ ପ୍ରତି କେନ୍ଦ୍ରମନ୍ତ୍ରୀଙ୍କ ଇଙ୍ଗିତ ଓ 'ଫରମାନ୍' ପଠାଇବା ଟିପ୍ପଣୀ ସାମ୍ବିଧାନିକ ସଂଘୀୟ ବ୍ୟବସ୍ଥା ପାଇଁ ଏହା ଅତ୍ୟନ୍ତ ଦୁଃଖର ଅଧ୍ୟାୟ ଓ କଳା ଦିନ ବୋଲି ଡ଼. ପାତ୍ର କହିଛନ୍ତି।

**AFFIDAVIT**

By virtue of an affidavit Before the Executive Magistrate, Bhubaneswar, I have changed my name from Jasaswi Bhusan Samal S/o Ashok Kumar Samal Plot No G/2 Unit-6, Bhubaneswar to Jaswasi Bhusan Samal affidavit No CF-88, Dated 31.03.2023, That now onwards I shall be known as **JASWASI BHUSAN SAMAL** for all purposes.

**AFFIDAVIT**

I, Bikram Kesari Mishra, S/o-Late Prafulla Kumar Mishra, resident of At-Hulurisingha, Po-Hulurisingha, Dist-Angul, Pin-759122, Odisha declare by this affidavit No.236, dated 06/02/2024 that now onwards I shall be known as **BIKRAM KESHARI MISHRA** for all future purposes.

**AFFIDAVIT**

I, Rajkishore Sethy S/o-Anadi Sethy, Resident of Village-Godhan, PO-Bachharai, PS-Patkura, Dist-Kendrapara, Odisha-754244 declare by this affidavit no. 919 dated 07.12.2023 that now onwards I shall be known as **Rajkishor Sethy** for all future purposes.

**AFFIDAVIT**

I, Priyadarsani Mishra, W/o- Laxmi Prasad Dwivedy, D/o-Late Dhabal Prasad Mishra, Resident of Amlapada 6th Line, PO / PS & Dist-Angul, Odisha-759122 declare by this affidavit no. 2069 dated 06.02.2024 that now onwards I shall be known as **Priyadarsini Dwivedy** for all future purposes.

**AFFIDAVIT**

I, Gangadhara Khandei, S/o- Nakul Khandei, Resident of Duplex No-42, City Homes, Tiranapada, Balianta, Bhubaneswar, Dist-Khordha, Odisha-752101 declare by this affidavit no. 68AA 914783 dated 05.02.2024 that now onwards I shall be known as **Gangadhar Khandei** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-10-2023

କାର୍ଯ୍ୟର ନାମ : 36 ମାସ ସମୟାବଧି ପାଇଁ ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱରର ରେଳଡବା ମରାମତି କାରଖାନାରେ କମିନ୍ସ ମେକ୍ DAସେଟ୍‌କୁ ପାୱାର କାରରେ ସାମିଲ କରିବା ପାଇଁ DA ସେଟ୍ ଯଥା, D ଚେକ୍, E ଚେକ୍ ଏବଂ SS-2 ଚେକ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (₹): 9,71,76,875.13, EMD (₹): 6,35,900.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.02.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.02.2024 ରିଖ 1500 ଘଣ୍ଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-1054/O/23-24

**AFFIDAVIT**

By virtue of an Affidavit before the Notary Public, Rairangpur Dated 6 Jan 2024, I Pankajini Sahu(40) of Mohulduma, Badkedam, Tiring, Mayurbhanj declare that the name mentioned in my Adhaar (437562692181) is Pankajini Agarwalla instead of original one which is Pankajini Sahu.

**AFFIDAVIT**

By virtue of an affidavit I Sri Sadasiva Sundaray S/o Souri Sundaray R/o-Qtr no LKP B33, Bandhabahal, Po-Bandhabahal Dist- Jharsuguda do here by declare that in my Aadhar card no-971825341190 & PAN card no-APZPS9633K my name and my father's name has been recorded as Sadasiva Sundaray S/O Souri Sundaray but in my MCL salary slip vide no-77322972 my name has been recorded as Sadasiva Sundar Ray and in my MCL Joining letter my name and my father's name has been mentioned as Sadasiva Sanda Ray S/O Sauri Sunda Ray. By this Affidavit no : CF 2234 Dt: 22.11.2023, that the names Sadasiva Sundaray S/O-Souri Sundaray, Sadasiva Sundar Ray S/O Souri Sundar Ray & Sadasiva Sunda Ray S/O Sauri Sunda Ray are one and same person.

**LOST**

I **BRIJLAL NAIK S/o-Mohan Naik** of R/o-Baloda, PO-Parkod, PS-Jonk, Dist-Nuapada that on dt.01/02/2023, I had gone to Khariar Road for my bank loan purpose. On the way my original sale deed No.1784/04 in my name, Khata No.280/117, mauza Baluda has been lost somewhere. I searched for everywhere but could not trace out. If anybody found please return to undersigned.

**BRIJLAL NAIK**
At- Baloda, PO-Parkod
Dist-Nuapada
(Odisha)

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
No. 2091 / Dt. 06.02.2024
Bid Identification No. :- MC/RMC/08/2024

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/08/2024 for 10 no. Civil work with value of Rs. 2.24 lakh to 33.29 Lakh.
1. Bid documents will be available in website **www.tendersorissa.gov.in** from **06.02.2024.**
2. Bids must be submitted on "online" on or before **17.02.2024 by 17.00 hours.**
3. Bids shall be opened at **11.00 hours on 19.02.2024** in the office of the undersigned in the presence of the bidders or their authorized agents.
4. Other details will be available in the web site **tendersorissa.gov.in**

**Municipal Commissioner,**
**Rourkela Municipal Corporation**
OIPR-13131/11/0107/2324 C-3020

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

No. 388 Date 06.02.2024

**NOTICE**

This is regarding selection of different posts under the NHM,Dhenkanal vide this office Advt. No-2987 dtd-07.09.2023. In this regard it is notified to all concerned that the recruitment of Pharmacist-RBSK for 04(four) nos of posts & ANM-RBSK for 07(seven) nos of posts is hereby cancelled due to some unavoidable circumstances. All other terms in the said advertisement shall remain unchanged.

Sd/-
Chief District Medical & P.H.Officer,
Dhenkanal
OIPR-10059/11/0018/2324 E-798

**TENDER CALL NOTICE** E-796
**ROURKELA GOVT. HOSPITAL, ROURKELA**

**Letter No: 475** **Date: 05.02.2024**

Sealed tenders are invited from registered manufacturers / authorized distributors for Rate Contract of laboratory & blood bank chemicals & consumables 2024-2025 for Rourkela Government Hospital, Rourkela. Details regarding the terms & conditions & specifications may be downloaded from www.sundergarh.nic.in & submit in the office of the undersigned. The tender should reach in the office of the undersigned 26.02.2024 till 5pm through speed post, registered post/ courier services only along with all relevant documents. The tender will be opened in the conference hall of office of the Director on 27.02.2024 at time 12noon in presence of the quotation or their authorized representatives. The undersigned reserves the right to reject or cancel any or all the tender without assigning any reason thereof at any stage of tender process.

**Director In-charge**
**Rourkela Govt. Hospital**
OIPR-10158/11/0005/2324

GOVERNMENT OF ODISHA O-2450
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
e-Procurement for Building works
Bid Identification No: EERWJYP – Online -20/2023-24

Letter No. 701 Date: 05.02.2024

01. Name of the work :: Building works
02. Total Number of works :: 03 (Three) Nos.
03. Approximate Estimated cost :: Rs. 97.92 Lakhs (approximately)
04. Class of Contractor : " B" Class
05. Period of Completion :: within 9 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/20/ RWD-JYP/2023-24 | Sl No.01 to 03 | 09.02.2024 at 11.00 A.M | 16.02.2024 upto 5.00 P.M. | 15.02.2024 at 01.30 P.M | 17.02.2024 at 11.00 A.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Jeypore.
OIPR-25160/11/0021/2324

GOVERNMENT OF ODISHA C-3014
OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR
E-Mail ID- acephcbam@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl.No | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP, Pumping arrangements, compound wall, earth cutting, site development and staff quarter with other ancillary works including 5yrs operation and maintenance in connection with the work "Improvement of water supply to Ganjam NAC under AMRUT 2.0 (Swap-II)". | Identification No. ACEPHCBAM 02/2023-24 Dt. 05.02.2024 | 956.00 | 12 (Twelve) Calendar Months | 11.00 Hrs. of 13.02.2024 | 17.30 Hrs. of 28.02.2024 | Addl. Chief Engineer, P.H. Circle, Berhampur |
| 2 | Construction of storage reservoirs including 5yrs operation and maintenance in connection with the work "Improvement of water supply to Ganjam NAC under AMRUT 2.0 (Swap-II)". | Identification No. ACEPHCBAM 03/2023-24 Dt. 05.02.2024 | 321.25 | 12 (Twelve) Calendar Months | 11.00 Hrs. of 13.02.2024 | 17.30 Hrs. of 28.02.2024 | Addl. Chief Engineer, P.H. Circle, Berhampur |
| 3 | Laying of Clear water rising main pipeline and distribution pipeline including 5yrs operation and maintenance in connection with the work "Improvement of water supply to Ganjam NAC under AMRUT 2.0 (Swap-II)". | Identification No. ACEPHCBAM 04/2023-24 Dt. 05.02.2024 | 389.18 | 12 (Twelve) Calendar Months | 11.00 Hrs. of 13.02.2024 | 17.30 Hrs. of 28.02.2024 | Addl. Chief Engineer, P.H. Circle, Berhampur |

The technical bid shall be opened on **dt. 01.03.2024 at 11.00 A.M**
Further details can be seen from the e-Procurement portal http://tendersodisha.gov.in

OIPR-13004/11/0010/2324 **ADDITIONAL CHIEF ENGINEER (PH)**

## ୩୪ ଜଳଭଣ୍ଡାର ପାଇଁ ୫୧ କୋଟି ମଞ୍ଜୁର

# ପୁନରୁଦ୍ଧାର କାର୍ଯ୍ୟରେ ହେଉନି ଅଗ୍ରଗତି

ନୟାଗଡ଼, ୬।୨(ସମିସ): ନୟାଗଡ଼ ଜିଲ୍ଲାରେ ରହିଛି ୧୬୯ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ଏହି ୧୬୯ ଜଳଭଣ୍ଡାର ଦ୍ୱାରା ୩୦ ହଜାର ୧୬୧ ହେକ୍ଟର ଚାଷ ଜମି ଜଳସେଚିତ ହେଉଥିବା ବିଭାଗ କହୁଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ। ଶତାଧିକ ଜଳଭଣ୍ଡାରରୁ ଆଦୌ ଜଳସେଚନ ହୋଇ ପାରୁନଥିବା ବେଳେ ବିଭାଗ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ମରାମତି ତଥା ରକ୍ଷଣାବେକ୍ଷଣ ଆଳରେ ଖର୍ଚ୍ଚ କରୁଛି। ଏଭଳି ସ୍ଥିତିରେ ଜିଲ୍ଲାରେ ଆରଆରଆର ଯୋଜନାରେ ୩୪ ଜଳଭଣ୍ଡାର ପୁନଃରୁଦ୍ଧାର ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିପାଇଁ ୫୧ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଏଥିମଧ୍ୟରୁ କିଛି କାମ ଆରମ୍ଭ ହୋଇଥିବା ବେଳେ କିଛି ପ୍ରକଳ୍ପ ପାଇଁ ଠିକାଦାରଙ୍କ ସହ ଏଗ୍ରିମେଣ୍ଟ ସରିଥିବା ଏବଂ କିଛି ଟେଣ୍ଡର ପାଇଁ ରହିଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ପରିଷଦକୁ କ୍ଷୁଦ୍ର ଜଳସେଚନ ବିଭାଗ ଗତ ସେପ୍ଟେମ୍ବର ମାସରେ ପ୍ରଦାନ କରିଥିବା ତଥ୍ୟ ଅନୁସାରେ, ଭାପୁର ବ୍ଲକ ବଳଦିଆ ନୂଆଗାଁ ଏମଆଇପି ପ୍ରକଳ୍ପ ପାଇଁ ୩୧ ଲକ୍ଷ ୫୩ ହଜାର ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଛି। ଖଣ୍ଡପଡ଼ା ବ୍ଲକ ରଘୁନାଥପୁର ଏମଆଇପି ପାଇଁ ୨୭ ଲକ୍ଷ ୪୩ ହଜାର ବ୍ୟୟରେ କାମ ଆରମ୍ଭ ହୋଇଛି। ଗିରିଡିପଲ୍ଲୀ ଏମଆଇପି ପାଇଁ ୩୮.୪୭ ଲକ୍ଷ, ନନ୍ଦିଘର ବେଡା ପୋଖରୀ ପାଇଁ ୩୮.୪୭ ଲକ୍ଷ, କୁରାଳ ଏମଆଇପି ପାଇଁ ୪୬.୩୦ ଲକ୍ଷ, ରଣପୁର ଭୁଇଁମୁଣ୍ଡିଆ ଏମଆଇପି ପାଇଁ ୪୨.୪୮ ଲକ୍ଷ, ବଡଝର ଏମଆଇପି ପାଇଁ ୩୭.୮୩ ଲକ୍ଷ, ଭାପୁର ବ୍ଲକ ନିମାଣୀ ଏମଆଇପି ପାଇଁ ୩୬.୯୬ ଲକ୍ଷ, ଅରଖପଲ୍ଲୀ ଏମଆଇପି ପାଇଁ ୩୩.୩୨ ଲକ୍ଷ, ଗଣିଆ ବ୍ଲକ ଘାଗେରା ଏମଆଇପି ପାଇଁ ୮୯ ଲକ୍ଷ, ଖଣ୍ଡପଡ଼ା ବ୍ଲକ କୁହାରା ଏମଆଇପି ପାଇଁ ୩୮.୩୯ ଲକ୍ଷ, ଖଣ୍ଡପବା ଦଉପୋଖରୀ ଏମଆଇପି ପାଇଁ ୩୫.୧୮ ଲକ୍ଷ, ଗୋଶିଙ୍ଗାମଲ୍ଲ ଏମଆଇପି ପାଇଁ ୯୯.୧୬ ଲକ୍ଷ, ଦାଶକଡି ଏମଆଇପି ପାଇଁ ୩୫.୦୯ ଲକ୍ଷ, ନୂଆଗାଁ ବ୍ଲକ ପଣାଶଖା ଏମଆଇପି ପାଇଁ ୮୭.୧୨ ଲକ୍ଷ, ମାଳିସର ଏମଆଇପି ପାଇଁ ୪୫.୦୪ ଲକ୍ଷ, ଓ?ଗାଁ ବ୍ଲକ ଗୋଲଗାଁ ଏମଆଇପି ପାଇଁ ୨୯.୫୩ ଲକ୍ଷ, କଟରାଝରୀ ଏମଆଇପି ପାଇଁ ୧ କୋଟି ୨୯ ଲକ୍ଷ, କୁମ୍ଭିଆପଲ୍ଲୀ ଏମଆଇପି ପାଇଁ ୧ କୋଟି ୧୩ ଲକ୍ଷ, ଚଢେୟାପଲ୍ଲୀ ଏମଆଇପି ପାଇଁ ୬୭.୩୬ ଲକ୍ଷ, ରଣପୁର ବ୍ଲକ ବାଘମରା ଏମଆଇପି ପାଇଁ ୩୯.୪୮ ଲକ୍ଷ, ତୁଲୁଭି ଏମଆଇପି ପାଇଁ ୩୯.୮୨ ଲକ୍ଷ, ଓ?ଗାଁ ବାଘୁଆ ଏମଆଇପି ପାଇଁ ୭ କୋଟି ୮୪ ଲକ୍ଷ ୫୬ ହଜାର, ଢୋଲପଥର ଏମଆଇପି ପାଇଁ ୧ କୋଟି ୯୮ ଲକ୍ଷ, କଇଁଫୁଲିଆ ଏମଆଇପି ପାଇଁ ୨ କୋଟି, ଖଣ୍ଡପଡ଼ା ବ୍ଲକ କୋସକା ଏମଆଇପି ପାଇଁ ୪ କୋଟି ୭୫ ଲକ୍ଷ, ମଣ୍ଡନାଳ ଏମଆଇପି ପାଇଁ ୧ କୋଟି ୯୩ ଲକ୍ଷ, ସୁନାମୁହିଁ ଏମଆଇପି ପାଇଁ ୩ କୋଟି ୫୩ ଲକ୍ଷ, ରଣପୁର ବ୍ଲକ ଭେଟାବର ଏମଆଇପି ପାଇଁ ୬ କୋଟି ୭ ଲକ୍ଷ, ରଣ୍ଡା ଏମଆଇପି ପାଇଁ ୧ କୋଟି ୮୨ ଲକ୍ଷ, କାକଲମା ଏମଆଇପି ପାଇଁ ୬୭.୭୪ ଲକ୍ଷ, ଦଶପଲ୍ଲା ବ୍ଲକ ହଗୁରି ଏମଆଇପି ପାଇଁ ୧ କୋଟି ୮୨ ଲକ୍ଷ, ମଇଁଶାନାଳ ଏମଆଇପି ପାଇଁ ୩ କୋଟି ୪ ଲକ୍ଷ, ନୟାଗଡ଼ ବ୍ଲକ ପାଣିପୋଇଲା ଏମଆଇପି ପାଇଁ ୪ କୋଟି ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୩୪ ଜଳଭଣ୍ଡାର ପୁନରୁଦ୍ଧାର କରିବା ପାଇଁ ୫୧ କୋଟି ୨୨ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଜଳଭଣ୍ଡାର ପ୍ରକଳ୍ପ ଗୁଡିକ ପୁନରୁଦ୍ଧାର କରାଗଲେ ଜିଲ୍ଲାରେ ଜଳସେଚନ ପାଇଁ ପର୍ଯ୍ୟାପ୍ତ ସୁବିଧା ହୋଇ ପାରିବ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ କୃଷି ଓ କୃଷକର ଉନ୍ନତୀ ପାଇଁ ଏହି ଯୋଜନା ବେଶ ଉପକାରକ ହୋଇପାରିବ। ମାତ୍ର କ୍ଷୁଦ୍ର ଜଳସେଚନ ବିଭାଗ ଜଳଭଣ୍ଡାର ପୁନଃରୁଦ୍ଧାର କାମରେ ୮ ମାସ ମଧ୍ୟରେ କାଣିଚାଏ ମଧ୍ୟ ଅଗ୍ରଗତି କରିନଥିବା ଦେଖାଯାଇଛି। ଅନେକ ପ୍ରକଳ୍ପ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ।



# ଶ୍ରୀନୀଳମାଧବ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ



ଖଣ୍ଡପଡ଼ା/କଣ୍ଟିଲୋ, ୬।୨(ସମିସ): ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ସ୍ୱାଧାଦେବ ସିଂ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ କଣ୍ଟିଲୋ ପରିଦର୍ଶନରେ ଆସି ପ୍ରଥମେ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିଛନ୍ତି। ମନ୍ଦିର ବେଢ଼ା ପରିକ୍ରମଣ କରି ସାରିବା ପରେ ଭୋଗ ମଣ୍ଡପରେ ସେବାୟତ ଓ ଓଡ଼ିଶା ପର୍ଯ୍ୟଟନ ବିଭାଗ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସିଂ ମନ୍ଦିର ବିକାଶ ପ୍ରକଳ୍ପ ନକ୍ସା ଦେଖି ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଇଂ ପ୍ରଶନ୍ନ ବଳବନ୍ତ ରାୟଙ୍କୁ ଠାରୁ ସମସ୍ତ ତଥ୍ୟ ପଚାରି ବୁଝିଥିଲେ। ଅନ୍ୟପକ୍ଷରେ ମନ୍ଦିର ବିକାଶ ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଥିବା ସେବାୟତମାନେ ତାଙ୍କର ଅସନ୍ତୋଷ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ଓ ଏ ସମ୍ପର୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ କହିଥିଲେ। ପୂର୍ବର ନକ୍ସା ଅନୁସାରେ ଦୟଣାଚୋରୀ ବଗିଚାରେ ଥିବା ପୋଖରୀ ପରିସର ଛୋଟ ହୋଇ ଯାଇଥିବାରୁ ସେଥିପ୍ରତି ଦୃଷ୍ଟି ଦେବାକୁ ସେବାସୀମାନେ ଆପତ୍ତି କରିଥିଲେ। ଜିଲ୍ଲାପାଳ ସିଂ ମନ୍ଦିରରେ ପାନୀୟ ଜଳ ଓ ଆଲୋକ ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ। ପୁନର୍ବାର ମନ୍ଦିର ଆସି ସମୀକ୍ଷା କରିବେ ବୋଲି କହିଛନ୍ତି। ଆଲୋଚନା ସମୟରେ ନୀଳମାଧବ ପୂଜକ ସମାଜ ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର, ରାସେଶ୍ୱର ମିଶ୍ର, ବାବୁଲି ମିଶ୍ର, ଦେବୋତ୍ତର ମ୍ୟାନେଜର ହରିହର ଦାଶ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସିଂ ପ୍ରତ୍ୟାବର୍ତ୍ତନ ସମୟରେ ଦୟଣା ଚୋରୀ ବଗିଚା ଓ ଚନ୍ଦନ ପୋଖରୀ ନବୀକରଣ କାର୍ଯ୍ୟ ପରିଦର୍ଶନ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

# 'ଭିତ୍ତିଭୂମୀ ବିକାଶ ପାଇଁ ସହଯୋଗ ଜରୁରୀ'



ଖଣ୍ଡପଡ଼ା, ୬।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧିନ ବଡ଼ବାଣପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କୃଷି ବିଭାଗ ପକ୍ଷରୁ ମିଳନ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମିନତୀ ସାହୁ, ବ୍ଲକ ଯୁବ ମନୋରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, କଣ୍ଟିଲୋ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁ, ସମିତି ସଭ୍ୟ ସ୍ମିତାରାଣୀ ରାଉତ, ଗ୍ରାମ ସଭାପତି ନବକିଶୋର ପ୍ରଧାନ, ଘଣାଶାଳିଆ ଗ୍ରାମ ସଭାପତି ଯୁଗଳ କିଶୋର ପ୍ରଧାନ, ବିକେ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ମହାନ୍ତି, ୟୁଜିଏମଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁରମା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖୀ ଯୋଜନା ପଞ୍ଚାୟତ ସମସ୍ତ ୱାର୍ଡରେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିଥିବା ବେଳେ ଆଗକୁ ଆହୁରି ଅନେକ ମୌଳିକ ସୁବିଧା ସୁଯୋଗ ମିଳିବ ବୋଲି ଉପାଧ୍ୟକ୍ଷ ଶ୍ରୀ ସାହୁ କହିଥିଲେ। ଗାଁର ଭିତ୍ତିଭୂମୀ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ବିଶେଷ ଭାବରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ବଡ଼ବାଣପୁର ପଞ୍ଚାୟତକୁ ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ, ମିଶନଶକ୍ତି, କୃଷି ଓ କ୍ରୀଡାର ବିକାଶ ନିମନ୍ତେ ପାଇଥିବା ଆର୍ଥିକ ସହାୟତା ପାଇଁ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସଚେତନତା ଶିବିରରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ନିର୍ମାଣ ଶ୍ରମିକ ଉନ୍ନତି, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। ଏଥିରେ ପଞ୍ଚାୟତର ସମସ୍ତ ୱାର୍ଡରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏମ୍ବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ ଆଦି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସୁନ୍ଦର ନୃତ୍ୟ ପରିବେଷଣ କରିବା ସହିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଦିଆଯିବା ସହ ପିଇଓ ଜୟକୃଷ୍ଣ ସେଠି ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସମାପନ କରିଥିଲେ।

# ସ୍ୱାମୀଙ୍କ ପ୍ରେମିକା ସନ୍ଦେହରେ ଯୁବତୀଙ୍କୁ ମାଡ଼

ଓଡ଼ଗାଁ, ୬।୨(ସମିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡ ବହୁମୁଖି ଶିକ୍ଷାନୁଷ୍ଠାନରେ ପଶି ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ପ୍ରେମିକା ସନ୍ଦେହରେ ଜଣେ ଅଧ୍ୟାପିକାଙ୍କୁ ମାଡ ମାରିବା ଘଟଣା ଓଡଗାଁରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଲିଖିତ ଅଭିଯୋଗ ପରେ ଓଡ଼ଗାଁ ପୁଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛନ୍ତି। ନୟାଗଡ଼ ହନୁମାନ ନଗର ଖଣ୍ଡପଡ଼ା ରୋଡରେ ରହୁଥିବା ତ୍ରିନାଥ ଦାସଙ୍କ ସହିତ ଅନୈତିକ ସମ୍ପର୍କ ରହିଥିବା ସନ୍ଦେହରେ ତ୍ରିନାଥଙ୍କ ସ୍ତ୍ରୀ ରଶ୍ମିତା ଦାସ ତାଙ୍କର ମାଆ, ମାମୁଁ ଓ ଭାଣେଜି ମିଳିତ ଭାବେ ସୋମବାର ସକାଳ ୧୦ ବେଳେ ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଶି ସନ୍ଦେହ କରାଯାଉଥିବା ଅଧ୍ୟାପିକାଙ୍କୁ ମିଳିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅନ୍ୟ କର୍ମଚାରୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଧ୍ୟାପିକା ଜଣକ ଓଡ଼ଗାଁ ଥାନାରେ ରଶ୍ମିତା ଦାସଙ୍କ ସହିତ ତାଙ୍କ ମାଆ, ମାମୁଁ ଓ ଭାଣେଜିଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ମାମଲା ରୁଜୁ କରିଥିଲେ। ରଶ୍ମିତା ଦାସଙ୍କୁ ତାଙ୍କ ସ୍ୱାମୀ ତ୍ରିନାଥ ଦାସଙ୍କ ସହିତ ଶାଶୁ ଓ ଶଶୁର ମିଶି ସବୁବେଳେ ନିର୍ଯାତନା ଦେଉଥିବା ନେଇ ଅନ୍ୟ ଏକ ଅଭିଯୋଗ ଦାଖଲ କରିବା ପରେ ଓଡ଼ଗାଁ ପୁଲିସ ୪୯/୨୦୨୪ ମାମଲା ରୁଜୁ କରିଛନ୍ତି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ଗ୍ରାମବାସୀଙ୍କ ଚେଷ୍ଟାରେ ଗାଁରେ ପହଞ୍ଚିଲା ପାଣି

# ଦୂରହେଲା ପାନୀୟଜଳ ସମସ୍ୟା

ଓଡ଼ଗାଁ, ୬।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ରଗଡ଼ିସାହି ଗ୍ରାମବାସୀ ପାନୀୟ ଜଳ ସମସ୍ୟାରେ ଜର୍ଜରିତ ହେଉଥିଲେ। ପ୍ରଶାସନର ଅଣଦେଖା ପରେ ମିଳିତ ଚେଷ୍ଟାରେ ଘରେ ଘରେ ପାଇପ୍ ଯୋଗେ ପାଣି ପହଞ୍ଚାଇବାରେ ସଫଳ ହୋଇଛନ୍ତି ଗ୍ରାମବାସୀ। ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ କଦଳୀ ବନ୍ଧ ନିକଟ ଭୁବନେଶ୍ୱର-ଭଞ୍ଜନଗର ରାଜ୍ୟ ସଡ଼କପଥ ପାର୍ଶ୍ୱରେ ଅବସ୍ଥିତ ରଗଡ଼ିସାହି ଗ୍ରାମ। ଏହି ଗ୍ରାମର ମାଟି ତଳେ ବିସ୍ତୃତ ପଥର ଚଟାଣ ରହିଥିବା ଫଳରେ ଗଭୀର ଭାବେ କୂଅ ପୋଖରୀ ଖୋଳିବା ସମ୍ଭବପର ହୋଇନଥାଏ। ଫଳରେ ବର୍ଷସାରା ଏଠାରେ ପାଣିର ଅଭାବ ଦେଖାଦେଇଥାଏ। ଏଣୁ ଗ୍ରାମର ସ୍ତ୍ରୀଲୋକମାନେ ହାତରେ ଗରାବାଲଟି ଧରି ରାଜ୍ୟ ସଡ଼କ ପଥ ଡେଇଁ ପ୍ରାୟ ଏକ କିଲୋମିଟର ଦୂର ରାସ୍ତାକୁ ଅତିକ୍ରମ କରି ଘର ପାଇଁ ଆବଶ୍ୟକୀୟ ପାଣି ସଂଗ୍ରହ କରିଥାନ୍ତି। ଏଭଳି ପରିସ୍ଥିତିରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ ଗ୍ରାମବାସୀ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ଗ୍ରାମ ମଧ୍ୟରେ ଥିବା ନଳକୂପଟି ମଧ୍ୟ ସର୍ବଦା ଅଚଳ ଅବସ୍ଥାରେ ପଡ଼ି ରହିଥାଏ। ଏଣୁ ସବୁ କ୍ଷେତ୍ରରୁ ବିଫଳ ହେବାପରେ ଗ୍ରାମବାସୀ ସମ ଭାଗିଦାରୀରେ ୪ ଲକ୍ଷ ଟଙ୍କା ବିନିଯୋଗ କରି ସାହି ମୁଣ୍ଡ ପୋଖରୀ ହୁଡାରେ ଏକ କୂଅ ଖୋଳାଇ ଥିଲେ। ଏକ ମୋଟର ଘର ସହିତ ପାଣି ଟାଙ୍କି ମଧ୍ୟ ନିର୍ମାଣ କରିଥିଲେ। ସେଥିରୁ ପାଇପ୍ ମାଧ୍ୟମରେ ସମସ୍ତ ଘରକୁ ସାରା ଦିନ ପାଣି ଯୋଗାଇବାରେ ସମର୍ଥ ହୋଇଛନ୍ତି। ଖବରଟି ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ପୂର୍ବରୁ ଗ୍ରାମବାସୀ ଗ୍ରାମରେ ଥିବା ଖୋଲା କୂଅର ଜଳକୁ ଭାଗବାଣ୍ଟି ବ୍ୟବହାର କରୁଥିଲେ। ଏଥିସହିତ ପ୍ରତ୍ୟେକ ପରିବାରରେ ଗାଇ ବଳଦ ରହିଥିବାରୁ ସମସ୍ତଙ୍କୁ ଅଧିକ ପରିମାଣରେ ପାଣିର ମଧ୍ୟ ଆବଶ୍ୟକତା ରହିଥିଲା। ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଚାନ୍ଦା ଆକାରରେ ୪ ଲକ୍ଷ ଟଙ୍କା ଆଦାୟ କରି କୂଅ ଖୋଳା ସହିତ ପମ୍ପହାଉସ ଓ ପାଣିଟାଙ୍କି ନିର୍ମାଣ କଲେ। ପମ୍ପହାଉସକୁ ବିଦ୍ୟୁତ୍ ସଂଯୋଗ ସହିତ ଜଳଯୋଗାଣ ପାଇଁ ଗାଁରେ ପାଇପ୍‌ଲାଇନ ମଧ୍ୟ ବିଛାଗଲା। ସମସ୍ତ ପରିବାର ଘରେ ଘରେ ପାଇପ୍ ପାଣି ପାଇ ଆଶ୍ୱସ୍ତି ଲାଭ କରିଛନ୍ତି। ପମ୍ପହାଉସ ଓ ଜଳଯୋଗାଣ ପାଇଁ ବିଦ୍ୟୁତ୍ ବିଲ୍ ପୈଠ କରିବା ନିମନ୍ତେ ପ୍ରତି ମାସରେ ପ୍ରତ୍ୟେକ ପରିବାର ନିର୍ଦ୍ଧାରିତ ଅର୍ଥରାଶି ଭରଣା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।



# ଖଳିସାହି କ୍ରିକେଟ କପ୍; ସେମିରେ ବାଙ୍କି ପାୱାର୍ କିଙ୍ଗ୍

ଖଣ୍ଡପଡ଼ା, ୬।୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ୟୁନାଇଟେଡ଼ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଘାଟିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ଅତିଥୀ ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ, ପୂର୍ବତନ ଉପାଧ୍ୟକ୍ଷା ମିନତୀ ସାହୁ, ଯୁବ ବିଜେଡ଼ି ସଭାପତି ମନୋରଞ୍ଜନ ବେହେରା ଏବଂ ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ସମେତ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାଟର ମ୍ୟାଚ୍‌ରେ ବାଙ୍କୀ ପାୱାର କିଙ୍ଗ ୬ ରନରେ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବରେ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ବାଙ୍କି ପାୱାର କିଙ୍ଗ କ୍ଲବ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ ୨୦ ଓଭରରେ ୭ ଉଇକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲା। ବିଜୟୀ ଦଳପକ୍ଷରୁ ସଂଗ୍ରାମ ମାଝୀ ୨୦ ବଲରୁ ୭୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ପରିଚାଳନା କରିଥିଲେ ରବୀନ୍ଦ୍ର ନାଥ ମିଶ୍ର ଏବଂ ଉଦୟ ନାଥ ଦାସ। ଏଥିସହ ସ୍କୋରର ଦାୟିତ୍ୱ ତୁଲାଇଥିଲେ ଗୌରାଙ୍ଗ ଚରଣ ସେଠି। ଭାସ୍ୟକାର ଭାବେ ସୀମାଞ୍ଚଳ ପୃଷ୍ଟି ଏବଂ ପ୍ରଦୀପ କୁମାର ସାହୁ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଦ୍ୱିତୀୟ କ୍ୱାଟର ମ୍ୟାଚ୍‌ରେ କଟକର ସ୍ମାଇଲ କ୍ଲବ୍ ଏବଂ ଆଠଗଡ଼ ମ୍ୟାଜେଷ୍ଟିକ ମଧ୍ୟରେ ଖେଳ ହେବ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି।



# ବାଇଗୁଣିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଭୁବନେଶ୍ୱର ସେମିରେ



ଭାପୁର, ୬।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ଗ୍ରାମର ୟୁଥ ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ୭୨-କ୍ଲବ ନୟାଗଡ଼ ଇଟାମାଟି ଯଦୁମଣି କ୍ଲବକୁ ୨-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର କ୍ଲବର ୧୦ ନମ୍ବର ଜର୍ସି ପରିହିତ ସାଗର ନାୟକ ଦୁଇଟି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ଖେଳ ଖେଳା ଯାଇଥିଲେ। ଇଟାମାଟି ଦଳ କୌଣସି ଗୋଲ ଦେଇ ପାରିଥିଲା। ଫଳରେ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ଆଶିଷ କୁମାର ପଟ୍ଟନାୟକ ଓ ଲାଇନରେ ସହଯୋଗ କରିଥିଲେ ପ୍ରସନ୍ନ ନାୟକ ଓ ଜଗନ୍ନାଥ ପରିଡ଼ା। ଚତୁର୍ଥ ରେଫରି ଭାବେ ତପନ କୁମାର ବିଶୋଇ କାର୍ଯ୍ୟ ତୁଲାଇଥିଲେ। ଅତିଥି ଭାବେ ବାଇଗୁଣିଆ ପଞ୍ଚାୟତ ସରପଞ୍ଚ ନିରୁପମା ମହାରଣା, ସମାଜସେବୀ ନାରାୟଣ ମହାରଣା, ବାଇଗୁଣିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ ରଣା ଓ ଅବସରପ୍ରାପ୍ତ କ୍ରିଡା ଶିକ୍ଷକ ଏକାଦଶୀ ମହାରଣା। ବୁଧବାର ଅନ୍ତିମ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିବେ ୟୁଥ ସ୍ପୋର୍ଟ କ୍ଲବ ବାଇଗୁଣିଆ ଓ ଖୋର୍ଦ୍ଧା ଶରଧାପୁର ଫୁଟବଲ ଦଳ।

## ତୁଟିପାରୁନି ଗଛ କଟା ବିବାଦ

# ବିଳମ୍ବିତ ହେଉଛି ଫତେଗଡ଼-ଖଣ୍ଡପଡ଼ା ରାସ୍ତା ପ୍ରଶସ୍ତିକରଣ

ଭାପୁର, ୬।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଠାରୁ ଖଣ୍ଡପଡ଼ା ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଉଭୟ ଭାପୁର ଓ ଖଣ୍ଡପଡ଼ା ବ୍ଲକର ଦୁଇ ଲକ୍ଷ ଲୋକଙ୍କ ଜୀବନରେଖା। କିନ୍ତୁ ଅତ୍ୟଧିକ ଯାନବାହାନ ଚଳାଚଳ କରୁଥିବାରୁ ରାସ୍ତା ପ୍ରଶସ୍ତି କରଣ ପାଇଁ ଦାବି ହେଉଥିଲା। ଏହାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଉଭୟ ପଟେ ରହିଥିବା ଗଛ କଟାକୁ ନେଇ ପୂର୍ତ୍ତ ବିଭାଗ ଓ ବନ ବିଭାଗ ମଧ୍ୟରେ ବିବାଦ ତୁଟୁ ନ ଥିବାରୁ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ଠିକାଦାର କାର୍ଯ୍ୟ ଆରମ୍ଭ କରିବାକୁ ତତ୍ପର ହୋଇ ରାସ୍ତା କଡ ରାମ୍ପି ସଫା କରି ହାତ ବାନ୍ଧି ବସିଛି। ଫତେଗଡ଼ ଠାରୁ ଖଣ୍ଡପଡ଼ା ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା ବର୍ତ୍ତମାନ ୧୮ ଫୁଟ ଓସାର ଥିବୁ ରାସ୍ତା ରହିଛି। ଏହି ରାସ୍ତାରେ ସବୁଦିନ ଶହ ଶହ ଭାରିଯାନ ଯାଉଥିବାରୁ ରାସ୍ତା ସବୁବେଳେ ଟ୍ରାଫିକ ଜାମ ରହୁଛି। ରାସ୍ତାର ପ୍ରଶସ୍ତି କରଣ ପାଇଁ ଜନସାଧାରଣ ବହୁ ଦିନରୁ ଦାବୀ କରି ଆସୁଥିଲେ। ବର୍ତ୍ତମାନ ରାଜ୍ୟ ସରକାର ଏହି ୨୦ କିଲୋମିଟର ରାସ୍ତା ପାଇଁ ୨୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାର ଟେଣ୍ଡର ପ୍ରକ୍ରିୟା ସରି ଠିକାଦାର କାର୍ଯ୍ୟ ଆରମ୍ଭ କରିବାକୁ ଆସି ପହଞ୍ଚି ଗଲାଣି। ଦୁଇ ପଟକୁ ଏକ ମିଟର ଲେଖାଏଁ ଥିବୁ ରାସ୍ତା ଓସାର ହେବ। କିନ୍ତୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ରାଜୁଡା ଅମଳର କିଛି ଆମ୍ବ ଗଛ ସହ ଦଶ ବର୍ଷ ପୂର୍ବେ ଲାଗିଥିଲା କିଛି ଜାଲେଣି ଭଳି ଛାୟା ପ୍ରଦାନ କରୁଥିବା ଗଛ କଟାଯିବ। ଗଛ କଟା ନହେଲେ ରାସ୍ତା ପ୍ରଶସ୍ତି କରଣ ହୋଇ ପାରିବ ନାହିଁ।ଏପରିସ୍ଥଳେ ଏତେ ଗଛ କଟାଯିବା ପାଇଁ ବନ ବିଭାଗ ଅସହାୟତା ପ୍ରକାଶ କରିଛି। ଗ୍ରୀନ ଟ୍ରିବ୍ୟୁନାଲର କଟକଣାଥିବାରୁ ପୂର୍ତ୍ତ ବିଭାଗ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ପରାମର୍ଶ ଲୋଡିଛି। ଏପରି ସ୍ଥଳେ କିପରି ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟ ଆରମ୍ଭ ହେବ ସେ ନେଇ କିଛି ତୁଟି ପାରୁନାହିଁ। ପୂର୍ତ୍ତ ବିଭାଗର ଶିଥିଳ କାର୍ଯ୍ୟ ଯୋଗୁଁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ବନ ବିଭାଗ କହୁଥିବା ବେଳେ ପୂର୍ତ୍ତ ବିଭାଗଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର କୁହନ୍ତି ଏନେଇ ବନ ବିଭାଗ ସହ ଯୋଗାଯୋଗ ଚାଲିଛି। ଅପରପକ୍ଷରେ ଭାପୁର ବନଖଣ୍ଡ ଅଧିକାରୀ ବନମାଳୀ ରାଉତ କୁହନ୍ତି ଯେ ବନବିଭାଗ, ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ସର୍ଭେ ସମୟରେ କେତେ ଗଛ କଟାଯିବ ସେନେଇ ଗଛ ଚିହ୍ନଟ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ପୂର୍ତ୍ତ ବିଭାଗ ଏ ନେଇ ନୟାଗଡ଼ ଡିଏଫଓଙ୍କୁ ବର୍ତ୍ତମାନ ସୁଦ୍ଧା ଚିଠି କରି ନାହାନ୍ତି। ସମୟର ଚାହିଦା ଓ ଜନସାଧାରଣଙ୍କ ସୁବିଧା ପାଇଁ ରାସ୍ତା ପ୍ରଶସ୍ତି କରଣ ଅନିର୍ବାର୍ଯ୍ୟ ହୋଇ ପଡ଼ିଥିଲା ବେଳେ ଦୁଇ ବିଭାଗ ମଧ୍ୟରେ ତାଳମେଳ ରହୁନଥିବାରୁ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି। ତୁରନ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

### ରାସ୍ତାକଡ଼ ସଫା କରି ବସିଛି ଠିକାଦାର



## ବିଶ୍ୱଶାନ୍ତି ମହାରୁଦ୍ର ଯଜ୍ଞ ଓ ଏକାଦଶ ଶମ୍ଭୁ ମିଳନ

**ଭୂଷଣ୍ଡପୁର, ୬।୨(ସମିସ):** ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ପଞ୍ଚାୟତର ଉରୁମୁଖୀ ସ୍ଥିତ ଐଶାନେଶ୍ୱର ମହାଦେବଙ୍କ ପୀଠ ସମ୍ମୁଖରେ ଆସନ୍ତା ଶନିବାର ଠାରୁ ମହାରୁଦ୍ର ଯଜ୍ଞ ଆରମ୍ଭ ହେବାକୁ ଯାଉଛି। ସର୍ବପ୍ରଥମେ ଅଙ୍କୁରାରୋପଣ କରାଯାଇ ଜଳଯାତ୍ରା ସୂର୍ଯ୍ୟ ପୂଜା, ଗୋପୂଜା, ଶିବାଭିଷେକ ସର୍ବ ଦେବାଦେବୀ ଆବାହନ ଓ ଚଣ୍ଡୀ ପାଠ କରାଯାଇ ଯଜ୍ଞାଧିବାସ ଆରମ୍ଭ କରାଯିବ। ମଙ୍ଗଳବାର ଦିନ ସୂର୍ଯ୍ୟ ପୂଜା ଗୋପୂଜା, ଶତ ରୁଦ୍ର ପାଠ ମହାକ୍ଷୀରସାଗର ସହିତ ଏକାଦଶ ମହାରୁଦ୍ର ମିଳନ ନାମସଙ୍କିର୍ତ୍ତନ ସହିତ ଅନେକ ମନୋରଞ୍ଜନର ବ୍ୟବସ୍ଥା କରାଯାଇଛି ବୋଲି ରୁଦ୍ର ମିଳନ କାର୍ଯ୍ୟକ୍ରମ ର ଆୟୋଜକ ନବ କିଶୋର ଦାଶ ହରି ହର ଦାଶ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଯାଁଆଳା ବିଜୟୀ

**ଖୋର୍ଦ୍ଧା, ୬।୨(ସମିସ):** ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗି ମା’ ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ ମ୍ୟାଚ୍। ଆଜିର ମ୍ୟାଚ ଯାଁଆଳା ଓ ଲେଣ୍ଡୋ ମଧ୍ୟରେ ହୋଇଥିଲା। ପ୍ରଥମେ ଯାଁଆଳା ଦଳ ବ୍ୟାଟିଂ କରି ୭ଓଭର ଖେଳି ୪ୱିକେଟ୍‌ରେ ୧୨୭ରନ୍ କରିଥିଲା। ଜବାବରେ ଲେଣ୍ଡୋ ଦଳ ୭ଓଭର ଖେଳି ୪ୱିକେଟ ହରାଇ ୫୧ରନ୍ କରିଥିଲା। ଫଳରେ ଯାଁଆଳା ଦଳ ୭୬ରନ୍ ରେ ବିଜୟୀ ହେଇଥିଲା। ଯାଁଆଳା ଦଳର ଅଭିମନ୍ୟୁ ସ୍ୱାଇଁ ୨୧ବଲରୁ ୬୯ ରନ ଓ ୧ଓଭର ବୋଲିଂ କରି ୧ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଶାଶତ ରଞ୍ଜନ ଜେନା ଓ ଗୋପିନାଥ ମାଝି ପରିଚାଳନା କରିଥିଲେ। ସ୍କୋରର ରେ ସନ୍ତୋଷ କୁମାର ଜେନା, ଭାଷ୍ୟକାର ଶ୍ରଦ୍ଧାନନ୍ଦ ପ୍ରଧାନ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ସୁଶାନ୍ତ କୁମାର ନାୟକ, ଶ୍ୟାମସୁନ୍ଦର ଜେନା, କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ, ମହେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଶ୍ରୀମୁକୁନ୍ଦକୃଷ୍ଣଜୀ ମହାରାଜଙ୍କ ଭାଗବତ କଥା

**କୁହୁଡ଼ି, ୬।୨(ସମିସ):** ସ୍ଥାନୀୟ ଗୀତାଭବନ ଆନୁକୂଲ୍ୟରେ ଚାଲିଥିବା ସପ୍ତଦିବସୀୟ ଶ୍ରୀମଦ୍ ଭାଗବତ କଥା ମହୋତ୍ସବର ମଙ୍ଗଳବାର ପଞ୍ଚମ ଦିବସ। ସ୍ୱାମୀ ଶ୍ରୀମୁକୁନ୍ଦକୃଷ୍ଣଜୀ ମହାରାଜ, ଶ୍ରୀକୃଷ୍ଣ ମହାରାଜଙ୍କର ଗିରି ଗୋବର୍ଦ୍ଧନ କଥାମୃତ ବିଷୟରେ ଆଲୋଚନା କରିବା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ମଧ୍ୟ ଆଲୋକପାତ କରାଇଥିଲେ। ନାଗା ସାଧୁ ମହନ୍ତ ବିରେନ୍ଦ୍ର ଗିରି, ମହନ୍ତ ଉଦ୍ଧବ ଭାରତୀ ଓ ରଘୁନାଥ ଦାସ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଭକ୍ତମାନେ ଛପନଭୋଗ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସମର୍ପଣ କରାଇଥିଲେ। ଏହି ଅଦ୍ଭୁତ ଭକ୍ତିଭରା ପରିବେଷଣ ଦେଖିବା ପାଇଁ ଭକ୍ତଙ୍କର ସମାଗମ ହୋଇଥିଲା।

## ସଞ୍ଜୀବ ମେମୋରିଆଲ କ୍ରିକେଟ: ହରିପୁର ବିଜୟୀ

**ନିରାକାରପୁର, ୬।୨(ସମିସ):** ଲେଣ୍ଟୁ ଖେଳପଡ଼ିଆଠାରେ ଲେଣ୍ଟୁ କ୍ରିକେଟ ଆସୋସିଏସନ୍ ତରଫରୁ ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚ୍ ହରିପୁର କ୍ରିକେଟ କ୍ଲବ୍ ଓ ଲେଣ୍ଟୁ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ହରିପୁର ଦଳ ୧୨ ଓଭର ବିନିମୟରେ ୮୫ ରନ କରିଥିଲା। ଲେଣ୍ଟୁ ଦଳ ସମସ୍ତ ୱିକେଟ ହରାଇ ୬୨ରନ କରି ପରାଜୟ ହୋଇଛି। ଆଜିର ଖେଳକୁ ରିପୁନ୍ ମଙ୍ଗରାଜ ଓ ଜଗୁନ ସାମଲ ପରିଚାଳନା କରିଥିଲେ। ଅତିଥି ଭାବେ ପ୍ରଧାନ ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି, ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମୋହି ମଙ୍ଗରାଜ, ରୋଶନ ମଙ୍ଗରାଜ, ପଖନ୍ ପ୍ରଧାନ, ବବୁଲ ଖୁଣ୍ଟିଆ, ସୁମ ସ୍ୱାଇଁ, ଓମ ବିଶ୍ୱାଳ, ଶକ୍ତି ମହାନ୍ତି, ପିପୁ ଛୋଟରାୟ, ବାବୁ ରାଉତରାୟ, ଶାନୁ ବିଶ୍ୱାଳ, ବୁଲେଟ ଭୀମ, ଶୋନୁ ହରିଚନ୍ଦନ ରାୟ ଓ ରାଜୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

● ସୂଚନା ଅଧିକାରୀ କର୍ମଶାଳା

## ଆଭାସୀରେ ଯୋଗଦେଲେ ଶହେରୁ ଉର୍ଦ୍ଧ୍ୱ କର୍ମଚାରୀ

**ଖୋର୍ଦ୍ଧା, ୬।୨(ସମିସ):** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା ଅଧିକାର ଆଇନ ପ୍ରକଳ୍ପ ପରିଚାଳନା ୟୁନିଟ(ଆରଟିଆଇ ପିଏମୟୁ) ପକ୍ଷରୁ ମଙ୍ଗଳବାର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଆୟୋଜିତ ଶିବିରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଶହେରୁ ଉର୍ଦ୍ଧ୍ୱ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ସୂଚନା ଅଧିକାର ଅଧିନିୟମ ୨୦୦୫ର ଧାରା୪(୧)(ଖ) ଅଧୀନରେ ପ୍ରୋ ଆକ୍ଟିଭ ଡିକ୍ଲୋଜର ବାଧ୍ୟତାମୂଳକ ନିୟମାବଳୀ ବିଷୟରେ ତାଲିମ ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ସୂଚନା ଅଧିକାର ଆଇନର ଡୋମେନ ଏକ୍ସପର୍ଟ ଶ୍ରୀହର୍ଷ ପରିଛା ଆଭାଷୀ ମାଧ୍ୟମରେ ଶିବିରକୁ ପରିଚାଳନା କରିଥିଲେ। ଦୈନନ୍ଦିନ କାର୍ଯ୍ୟରୁ ବ୍ୟବହାରିକ ଉଦାହରଣ ଦେଇ ପରିଛା ସୂଚନା ଅଧିକାରର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ଆସୁଥିବା ଆବେଦନ ଗୁଡିକ ପରିଚାଳନାବେଳେ ସର୍ବଦା ନିୟମ ଅନୁଯାୟୀ କାର୍ଯ୍ୟ ତଥା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅନୁରୋଧ ଗୁଡିକର ଉତର ପ୍ରଦାନ କରିବେ। ଧାରା ୪(୧)(ଖ)ର ନିୟମ ସମ୍ପର୍କରେ ଉପସ୍ଥିତ ପ୍ରଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପରିଶେଷରେ ପ୍ରଶ୍ନୋତର ଅଧିବେଶନରେ ଅଂଶଗ୍ରହଣକାରୀଙ୍କ ମାନଙ୍କ ସମସ୍ତ ପ୍ରଶ୍ନର ଉତର ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ କର୍ମଶାଳାକୁ ସଂଯୋଜନା କରିଥିଲେ।

● କନ୍ତାଇଲୋ ବାଲାଜୀ କ୍ରିକେଟ

## ସହଜପୁର କ୍ଲବ୍ ବିଜୟୀ

**ବୋଲଗଡ଼, ୬।୨(ସମିସ):** ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳ ପଡ଼ିଆରେ ଚାଲିଥିବା ବାଲାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଲିଗ ମ୍ୟାଚରେ ସହଜପୁର କ୍ରିକେଟ ଟିମ୍ ୧୧୭ ରନରେ ବିଜୟୀ ହୋଇଛି। ସହଜପୁର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୪ୱିକେଟ ହରାଇ ୨୧୨ରନ ସଂଗ୍ରହ କରି ହରିପୁର ପାଟଣା ଆଗରେ ୨୧୩ ରନ ର ବିଜୟ ଲକ୍ଷ୍ୟ ରଖିଥିଲା। ଜବାବରେ ଦ୍ୱିତୀୟ ପାଳିରେ ହରିପୁର ପାଟଣା କ୍ରିକେଟ ଟିମ୍ ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୯୭ ରନ ସଂଗ୍ରହ କରି ମ୍ୟାଚ୍ ଟିକୁ ହାତଛଡ଼ା କରିଥିଲା। ଅମ୍ପାୟାର ଭାବେ ବାସୁ ଏବଂ ସଞ୍ଜୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ବିଜେତା ଟିମର ଖେଳାଳି ଆନନ୍ଦ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ରୂପେ ବୋଲଗଡ଼ ବ୍ଲକର ଯୁବ ବିଜେଡି ସଭାପତି ରବୀନ୍ଦ୍ର ନାଥ ସୁବୁଦ୍ଧି ଏବଂ ସମ୍ମାନିତ ଅତିଥିରୂପେ ବାଙ୍କୋଇ ପଞ୍ଚାୟତ ସମିତି ସଭ୍ୟ ରଞ୍ଜନ କୁମାର ଲେଙ୍କା, ସ୍ଥାନୀୟ ୱାର୍ଡ ସଭ୍ୟ କୃପାସିନ୍ଧୁ ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ ଓ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନିଲ ପ୍ରଧାନ, ସାଗର ନାୟକ, ତାପସ ସୁନ୍ଦରାୟ, ଆଶିଷ ସାମନ୍ତରାୟ, ଶୁଭେନ୍ଦୁ ପ୍ରଧାନ, ସଞ୍ଜୟ ସୁନ୍ଦରାୟ ପ୍ରମୁଖଙ୍କ ସମେତ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ମା’ ଜାଗୁଳାଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବେଗୁନିଆ, ୬।୨(ସମିସ):** ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଇନ୍ଦୁପୁର ଗ୍ରାମରେ ମା ଜାଗୁଳାଇ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଆରତ ମାଝି ମୁଖ୍ୟ ଅତିଥି, ଅର୍ଜୁନ ବଳିୟାରସିଂହ, ସୁରେଶ ବାଘ ସିଂହ ଓ ପର୍ଶୁରାମ ବଳିୟାର ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ମ୍ୟାଚରେ ଖୋର୍ଦ୍ଧା ବିବିଜି କ୍ଲବ ଓ ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ ୩-୨ ଟ୍ରାଇବ୍ରେକର ସହାୟତାରେ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳକୁ ଚିତରଞ୍ଜନ ପରିଡ଼ା ପରିଚାଳନା କରିଥିଲେ।

ସମସ୍ୟା ଭିତରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ

# ଜିଲ୍ଲାପାଳଙ୍କୁ ଭେଟିଲେ ବରିଷ୍ଠ ନାଗରିକ ମଞ୍ଚ

**ଖୋର୍ଦ୍ଧା, ୬।୨(ସମିସ):** ଖୋର୍ଦ୍ଧାଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ବିଭିନ୍ନ ସମସ୍ୟା ନେଇ ବରିଷ୍ଠ ନାଗରିକମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଡିଏଚଏଚରେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ସୁଦ୍ଧା ଏହାର ସଠିକ ତଦାରଖ କରାଯାଉନଥିବା ମଞ୍ଚ ଅଭିଯୋଗ କରିଛି। ସୋମବାର ଖୋର୍ଦ୍ଧା ବ୍ଲକ ପରିସରରେ ଆୟୋଜିତ ଜନଶୁଣାଣିରେ ବହୁ ଦସ୍ତଖତ ସମ୍ବଳିତ ଦାବିପତ୍ର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ପ୍ରଦାନ କରିଛନ୍ତି। ଲୋକଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

ବରିଷ୍ଠ ନାଗରିକ ମଞ୍ଚର ଅଭିଯୋଗ ଅନୁସାରେ, ଡିଏଚ୍‌ଏଚରୁ ବର୍ତ୍ତମାନ ସବୁ ସମୟରେ ରୋଗୀ ସେବା ପାଇଁ ଅନ୍ୟତ୍ର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଚିକିତ୍ସାଳୟର ଦୁଇ ପାର୍ଶ୍ୱରେ ଦୁଇଟି ଜାତୀୟ ରାଜପଥ ୧୬ ଓ ୫୭ନଂ ଥିବାରୁ ଦୁର୍ଘଟଣାଜନିତ ରୋଗୀଙ୍କୁ ଏଠାରେ ଚିକିତ୍ସା ନ ଦେଇ ଅନ୍ୟତ୍ର ପଠାଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସ୍ଥିଶଲ୍ୟ ବିଭାଗର



ଡାକ୍ତର ରୋଗୀନ ଦେଖି ଆଉଟ୍ ଡୋର କାଗଜରେ ଔଷଧର ଷ୍ଟାମ୍ପମାରି ଔଷଧ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ଫଳରେ ଏଠାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ମେସିନ୍ ଥାଇ ମଧ୍ୟ ଲୋକମାନେ ସୁବିଧା ପାଉନାହାନ୍ତି। ସେହିପରି ମେଡିକାଲ ପରିସରରେ ବରିଷ୍ଠ ନାଗରିକଙ୍କ ପ୍ରତି କୌଣସି ବ୍ୟବସ୍ଥା ନାହିଁ। ୭୫ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଚିକିତ୍ସା ଲାଗି ମେଡିକାଲ ପରିସରରେ ଲମ୍ବାଧାଡିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଔଷଧ ବିତରଣ କେନ୍ଦ୍ରରେ ମଧ୍ୟ ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ ଏବଂ ଚକ୍ଷୁ ବିଭାଗର ଟିକେଟ୍ କାଉଣ୍ଟରକୁ ଯିବା ଆସିବା କରିବାରେ ବହୁ ଦୂର ହେଉ ଥିବାରୁ ଚକ୍ଷୁ ଚିକିତ୍ସାଳୟ ପାଖରେ ଟିକେଟ୍ କାଉଣ୍ଟର କରାଯିବା ସହ ଚିକିତ୍ସାଳୟ ପାର୍ଶ୍ୱରେ ଖାଦ୍ୟପେୟ ର କୌଣସି ବ୍ୟବସ୍ଥା ନଥିବାରୁ ରୋଗୀମାନଙ୍କ ସାଥିରେ ଆସୁଥିବା ସହଯୋଗୀ ଓ ରକ୍ତ ପରୀକ୍ଷା କରୁଥିବା ରୋଗୀମାନେ ତଥା ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଖୋର୍ଦ୍ଧା ଚିକିତ୍ସାଳୟରେ ଆଇସିୟୁ ଖୋଲାଯାଇଥିଲେ ମଧ୍ୟ ଅଦ୍ୟାବଧି ତାଲା ପଡ଼ିରହିଛି। ସିଟି. ସ୍କାନ ଖୋଲାଯିବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ପୂରଣ ହୋଇପାରି ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କର ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଏ ସମ୍ପର୍କରେ ଆବଶ୍ୟକ ଦୃଷ୍ଟି ଦେବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି।

● ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

## ସନ୍ଦିପା ଶୁଭଦର୍ଶିନୀ ହେଲେ ମୁଖ୍ୟବକ୍ତା



**ବେଗୁନିଆ, ୬।୨(ସମିସ):** ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଶୀର୍ଷକ ଆଲୋଚନାଚକ୍ରରେ ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସନ୍ଦୀପା ଶୁଭଦର୍ଶିନୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଞ୍ଚଳ ପାଇଁ ଗର୍ବ ଗୌରବ ଆଣିଛନ୍ତି। ସୂଚନା ଥାଉକି ବାଙ୍କୀ ବ୍ଲକ ଅନ୍ତର୍ଗତ ପଳାଶୁଣୀ ଗ୍ରାମର ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଓ ସନ୍ଧ୍ୟାରାଣିଙ୍କ ଜ୍ୟେଷ୍ଠା କନ୍ୟା ସନ୍ଦୀପା ଶୁଭଦର୍ଶିନୀ ଅଟନ୍ତି।

## ଟ୍ୟୁସନ ସାର୍‌ଙ୍କ ଘରକୁ ବୋମାମାଡ଼

**ଖୋର୍ଦ୍ଧା, ୬।୨(ସମିସ):** ଆଦର୍ଶଥାନା ଅନ୍ତର୍ଗତ ସୁଦର୍ଶନ ବିହାରରେ ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ବୋମାମାଡ ହୋଇଛି। ଜନୈକ ଟ୍ୟୁସନ ସାରଙ୍କ ଘରକୁ ଲକ୍ଷ୍ୟ କରି ଦୁଇଜଣ ଦୁର୍ବୃତ୍ତ ବୋମାମାଡ କରିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇନଥିବାବେଳେ ଘର ଆଗରେ ଥିବା କିଛି ଫୁଲକୁଣ୍ଡ କିଛି ନଷ୍ଟ ହୋଇଛି। ଖବରପାଇ ଘଟଣାସ୍ଥଳରେ ଏସ୍‌ଡିପିଓ(ସଦର) ଦିଲିପ କୁମାର ଦାସ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ବିନାୟକ ମନ୍ତ୍ରୀ, ସୌମ୍ୟରଞ୍ଜନ ପାଣିଗ୍ରାହୀ ପ୍ରମୁଖ ପହଁଞ୍ଚିଚ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଘର ଆଗରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି। ୨ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ବୋମାମାଡ କରି ଫେରାର ହୋଇଯିବା ଦୃଶ୍ୟ ସିସିଟିଭିରେ କଏଦ ହୋଇ ରହିଛି। ବୋମାମାଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଖବରଲେଖା ହେବା ସୁଦ୍ଧା ଥାନାରେ



ଏନେଇ କୌଣସି ଅଭିଯୋଗ ହୋଇନଥିବା ଥାନାଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ପ୍ରକାଶଥାଉକି, ସମ୍ପୃକ୍ତ ଶିକ୍ଷକ ନିଜ ଘରେ ପିଲାଙ୍କୁ ଟ୍ୟୁସନ କରୁଛନ୍ତି। ସବୁଦିନ ପରି ଆଜି ସନ୍ଧ୍ୟାରେ ମଧ ଘରେ ଟ୍ୟୁସନ କରୁଥିଲେ। ଏହି ସମୟରେ ବାହାରେ ହଠାତ୍ ବୋମାମାଡ ଶବ୍ଦ ଶୁଣି ସ୍ଥାନୀୟ ସାହିପଡ଼ିଶା ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଖବରପାଇ ପୁଲିସ ପହଁଞ୍ଚିଚ ଘଟଣାର ଅନୁସନ୍ଧାନ କରୁଛି।

## ନୂତନ ଜିଲ୍ଲାପାଳଙ୍କ ବାଣପୁର ଗସ୍ତ; ଉନ୍ନୟନମୂଳକ କାର୍ଯ୍ୟର ତଦାରଖ

**ବାଣପୁର, ୬।୨ (ସମିସ):** ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲାପାଳ ଚଞ୍ଚଳ ରାଣା ବାଣପୁର ଗସ୍ତରେ ଆସି ପ୍ରଥମେ ମା’ଭଗବତୀଙ୍କ ପୀଠରେ ପହଁଞ୍ଚି ମା’ଙ୍କୁ ଦର୍ଶନ କରିଥିଲେ। ପରେ ‘୫-ଟି’ରେ ସାମିଲ ହୋଇ ମା’ଭଗବତୀଙ୍କ ମନ୍ଦିରର ନବକଳେବର ନିମନ୍ତେ ଚାଲିଥିବା ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ରାଣା ଏନ୍‌ଏସି ଅନ୍ତର୍ଗତ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସୁବିଧା ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ଏହା ପରେ ଜିଲ୍ଲାପାଳ ପଲଟଣ ପଡ଼ିଆରେ ନିର୍ମାଣଧିନ ଭେଣ୍ଡି ଜୋନ ପରିଦର୍ଶନ କରିବା ପରେ ବାଣପୁର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଆଙ୍କୁଲାପଦରରେ ନିର୍ମାଣ ଚାଲିଥିବା ବାଣପୁରର ନୂତନ ସରକାରୀ ଡାକ୍ତରଖାନା ପରିଦର୍ଶନ କରିସମୀକ୍ଷା କରିଥିଲେ।

## ମା’ ଜାଗୁଳାଇ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ କୁହୁଡ଼ି

**ସିକୋ, ୬।୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗୌଡିଆପଡ଼ା ଇନ୍ଦିପୁରୁ ଗ୍ରାମ ଖେଳପଡ଼ିଆରେ ମା’ଜାଗୁଳାଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାଟର ଫାଇନାଲ ମଙ୍ଗଳବାର ଦିନ ହୋଇଯାଇଛି। ସିକୋ ସରପଞ୍ଚଙ୍କ ପ୍ରତିନିଧି ତୀର୍ଥ ବାସୀ ରାଏ, ଦାଶରଥି ନରେନ୍ଦ୍ର, ସୁକାନ୍ତ ପ୍ରଧାନ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍ ଚାନ୍ଦ କ୍ଲବ କଟକ ଓ ଲକ୍ଷ୍ମୀଧର ଯୁଥ କ୍ଲବ କୁହୁଡି ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଚାନ୍ଦ କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଲକ୍ଷ୍ମୀଧର ଯୁଥ କ୍ଲବ କୁହୁଡି ଗୋଟିଏ ଗୋଲ ଦେଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଟିମ୍ ଗୋଲ ଦେଇପାରିନଥିଲେ ଟାଇ ବ୍ରେକର ୫-୩ ଗୋଲରେ ଲକ୍ଷ୍ମୀଧର ଯୁଥ କ୍ଲବ କୁହୁଡି ସେମିଫାଇନାଲରେ ପ୍ରବେଶ କରିଛି। ଲକ୍ଷ୍ମୀଧର ଚୌଧୁରୀ, କୃଷ୍ଣଚନ୍ଦ୍ର ବେହେରା, ସୁକାନ୍ତ ପ୍ରଧାନ, ବଳଭଦ୍ର ପାଟଶାଣୀ ଖେଳ ପରିଚାଳନା କରିଥିଲେ।

ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ବିମୋହିତ କଲା ପାଇକ ଆଖଡ଼ା ସମରକଳା

**ଟାଙ୍ଗୀ/କାଳୁପଡ଼ାଘାଟ, ୬।୨(ସମିସ):** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ସଭାରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅତିଥିଭାବେ ସଞ୍ଜୟ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ବିଡିଓ ରେଶ୍ମା ଟେଟେ ଏବଂ ତହସିଲଦାର ମିତାଲି ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଆଇଆଇସି ଟାଙ୍ଗୀ ସୁଶାନ୍ତ କୁମାର ବେହେରା, ଟାଙ୍ଗୀ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ସତ୍ୟରଞ୍ଜନ ନନ୍ଦ, ଟାଙ୍ଗୀ ବଳରାମ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବିଶ୍ୱଜିତ ପଲାଇ, ସ୍କୁଲ ସଭାପତି ଗଣେଶ ବାରିକ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଆଜିର ଚତୁର୍ଥ ସନ୍ଧ୍ୟାରେ ଉତ୍କଳ ପାଇକଆଖଡ଼ା ଏବଂ



ଦୟାଲ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱରର କଳାକାରମାନେ ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟପ ହିଲ ଇଂଲିଶ ମିଡ଼ିଅମ ସ୍କୁଲ, ମହର୍ଷି ଇଂଲିଶ ମିଡ଼ିଅମ ସ୍କୁଲ, ମାଉଂଟ ଲିଟେରା ଇଂଲିଶ ମିଡ଼ିଅମ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର ସ୍କୁଲର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ମଞ୍ଚକୁ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ସଞ୍ଚାଳନ କରିଥିବାବେଳେ କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ପ୍ରଦୋଷ ଦାସ, ମନୋଜ ନାଇଡୁ, ସନ୍ଦୀପନୀ ମିଶ୍ର, ଦୁର୍ଗା ପ୍ରସାଦ ଦାଶ, ପ୍ରଶାନ୍ତ କୁମାର ବେହେରା, କମଳ ଲୋଚନ ପାଇକରାୟ, ସୂର୍ଯ୍ୟକାନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଅଭିଜିତ ଦାଶ, ରାମଚନ୍ଦ୍ର ପରିଡ଼ା, ଶଙ୍କର୍ଷଣ ବେହେରା, ରାକେଶ ମହାନ୍ତି, ରାକେଶ ଜଗଦେବ, ବାଲୁଙ୍କେଶ୍ୱର ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ବିଜେଡିର ସାଂଗଠନିକ ବୈଠକ



**ନିରାକାରପୁର, ୬।୨(ସମିସ):** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାପାଇଁ ପ୍ରତି ପଞ୍ଚାୟତ ଭଳି ଓଳସିଂହ ପଞ୍ଚାୟତରୁ ପ୍ରତ୍ୟେକ ୱାର୍ଡରୁ ଶତାଧିକ ବରିଷ୍ଠ ଯୁବ ଛାତ୍ରଙ୍କୁ ନେଇ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆୟୋଜକ ଥିଲେ କେଦାର ଶ୍ରୀଚନ୍ଦନ। ଅତିଥି ଭାବରେ ଯୋଗ ଦେଇ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତ୍ୟାଗ, ନିଷ୍ଠା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତା ଓ ଚେତନା ଯୋଗୁ ଓଡ଼ିଶା ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହୋଇପାରିଛି। ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଠାରୁ ସହର ଯାଏ ନବୀନ ଓଡ଼ିଶାର ମହାନ ଲକ୍ଷ ସାଧିତ ହୋଇପାରୁଛି। ପୁନଃଶ୍ଚ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ସମସ୍ତ ଘରକୁ ଘର ଯାଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ପହଁଞ୍ଚାଇବାକୁ ହେବ ବୋଲି ଶ୍ରୀମତୀ ମହାପାତ୍ର କହିଥିଲେ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

# ବାଣପୁର ଏନ୍‌ଏସି ପକ୍ଷରୁ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା




**ବାଣପୁର, ୬।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ତଥା ପ୍ରଚାର ପ୍ରସାର ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ୩ଦିନ ଧରି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଚାଲି ଥିବାବେଳେ ବାଣପୁର ଏନ୍‌ଏସି ତରଫରୁ ଧୂମଧାମରେ ପାଳିତ ହୋଇ ଯାଇଛି। ବାଣପୁର ଏନ୍‌ଏସି ପକ୍ଷରୁ ପଲଟଣ ପଡ଼ିଆ ସ୍ଥିତ ସହୀଦ କୃତିବାସ ଭବନ ପରିସରରେ ଏନଏସି ନଗରପାଳ ମିଟୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଗାନ୍ଧିକ ଶିବ ମିଶ୍ର, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ବାଳମୁକୁନ୍ଦ ଦାସ, ସର୍ବେଶ୍ୱର ଷଡ଼ଙ୍ଗୀ, ଶିଶିର ଦାସ ଓ ପତ୍ରକାର ନୃସିଂହ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଭାଷା ହିଁ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରି ବାଣପୁର ମାଟିର ସାରସ୍ୱତ କବି ସାହିତ୍ୟିକମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଗାମୀ ଦିନରେ ଯୁବପୀଢି ଓଡ଼ିଆ ଭାଷା ରେ କବିତା, ଗଳ୍ପ ଓ ନାଟକ ଆଦି ଶୁଦ୍ଧ ଲିଖନ, ପଠନ ଓ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବା ସହିତ ପ୍ରାଥମିକ ଶ୍ରେଣୀରେ ଛବିଳ ମଧୁ ବର୍ଣ୍ଣବୋଧର ପୁନଃବହୁଳ ବ୍ୟବହାର କରିବା ଦ୍ୱାରା ଗୌରବମୟ ଓଡ଼ିଆ ଭାଷାର ଉନ୍ନତି ସାଧନ ହୋଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟର ସ୍ଥାନୀୟ ଅଞ୍ଚଳର କବି ଓ ସାହିତ୍ୟିକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭାଷା ସାହିତ୍ୟ ସଂସ୍କୃତି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମା’ ଭାଗବତୀ କଳା ନିକେତନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା। ଶେଷରେ ପୂର୍ବତନ ଉପାଧ୍ୟକ୍ଷ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ବେଗୁନିଆ, ୬।୨(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥର ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ମାଧବ ଚନ୍ଦ୍ର ଦାଶ ଅଧ୍ୟକ୍ଷତା ଓ ଶିକ୍ଷକ ମିହିର ଆଚାର୍ଯ୍ୟ ସଂଯୋଜନାରେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିତ ହରେକୃଷ୍ଣ ମୁଦୁଲି ମୁଖ୍ୟ ବକ୍ତା ଓ ସରପଞ୍ଚ ନାରାୟଣ ସାହୁ ଅତିଥିଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀ ମାନେ ଗ୍ରହଣ କରି ଦେଶ ଓ ରାଜ୍ୟର ଟେକ ରଖିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଥିବା ବେଳେ ସମ୍ପାଦକ ମାୟାଧର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟା ସସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାପଥର ଗ୍ରାମର ବାଗ୍ମୀ ପ୍ରତିଭା ରାଜଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଓଡ଼ିଆ ପିଲା ପଢ଼ିବେ ବିମାନ ପରିଚାଳନା ପାଠ

**ଭୁବନେଶ୍ୱର,୬ ।୨(ସମିସ):** ନୂଆ ଯୁଗର ଅର୍ଥନୀତିରେ ବିମାନ ଚଳାଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଥିବା ବେଳେ ଦକ୍ଷ ମାନବସମ୍ବଳର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ଯୁବଗୋଷ୍ଠୀଙ୍କ ପାଇଁ ବିମାନ ପରିଚାଳନା ସମ୍ପର୍କିତ ବିଭିନ୍ନ ପାଠ୍ୟକ୍ରମ ଆରମ୍ଭ କରାଯିବ। ସାର୍ଟିଫିକେଟ୍ ଇନ୍ ଏୟାରପୋର୍ଟ ଅପରେସନ୍ (ସିଏଓ), ବେସିକ୍ ଫାୟାର ଫାଇଟର୍ସ

- ■ ଚାରି ପାଠ୍ୟକ୍ରମରେ ୩୦୦ ଶିକ୍ଷାନବୀଶ
- ■ ପାଳନ କରାଯିବ ବିଶ୍ୱସ୍ତରୀୟ ମାନଦଣ୍ଡ
- ■ ଜିଏମ୍ଆର ଏରୋ ଏକାଡେମୀକୁ ଦାୟିତ୍ୱ

କୋର୍ସ (ବିଏଫ୍ଏଫ୍ସି) ଏବଂ ଏୟାର କାର୍ଗୋ ମ୍ୟାନେଜମେଣ୍ଟ ଏକଜିକ୍ୟୁଟିଭ୍ (ଏସିଏମ୍ଇ) ଭଳି ସ୍ୱତନ୍ତ୍ର ପାଠ୍ୟକ୍ରମରେ ୩୦୦ରୁ ଅଧିକ ଓଡ଼ିଆ ଯୁବକଙ୍କୁ ତାଲିମ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ବିପିଏସି) ଜରିଆରେ ବିମାନ ଚଳାଚଳ ଭିତ୍ତିକ ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶାଳୟ ଏବଂ ଜିଏମ୍ଆର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱ ମାନଦଣ୍ଡ ଅନୁସାରେ ପାଠ୍ୟକ୍ରମ ପ୍ରଚଳନ ହେବ। ଏପରି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବା ସହ ଯୁବପିଢ଼ିଙ୍କ ପାଇଁ ଅତୁଳନୀୟ ଦକ୍ଷତା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ରାଜ୍ୟରେ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଜରୁରୀ ହୋଇ ପଡିଛି। ଅନ୍ୟପଟେ ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ର ସମୃଦ୍ଧ ହେବା ପରିପ୍ରେକ୍ଷୀରେ ଦକ୍ଷ ମାନବସମ୍ବଳର ଘୋର ଅଭାବ ରହିଛି। ବିଶେଷକରି ବିମାନ ଚାଳନା, ମରାମତି, ଗ୍ରାଉଣ୍ଡ ଷ୍ଟାଫ୍ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢ଼ିଛି। ସେହିପରି ରାଜ୍ୟରୁ ବିଦେଶକୁ ସିଧାସଳଖ ପଣ୍ୟ ରପ୍ତାନୀ ଏବଂ ଆମଦାନୀ ବଢ଼ୁଥିବା ବେଳେ ସେଠାରେ ମଧ୍ୟ କର୍ମଚାରୀଙ୍କ ପାଇଁ ନିଯୁକ୍ତି ଆଶା ବଢ଼ିଛି। ତେବେ ରାଜ୍ୟରେ ଏ ସମ୍ପର୍କିତ ପାଠ୍ୟକ୍ରମର ଅଭାବ ରହିଥିଲା। ଏପରିସ୍ଥଳେ ନୂତନ ପାଠ୍ୟକ୍ରମ ଏହି ଅଭାବକୁ ଦୂର କରିବାରେ ସହାୟକ ହେବ।




କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ୫-ଟି ଉପକ୍ରମରେ ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଛୋଟ ବଡ଼ ସହରକୁ ବିମାନ ସଂଯୋଗ ହେଉଛି। ଆଗକୁ ଅନେକ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବ। ଏହି ପରବର୍ତ୍ତନ ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଏକ ନୂଆ ଓଡ଼ିଶା ଗଠନରେ ସହାୟକ ହେବ । କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ କହିଛନ୍ତି ଯେ ସମ୍ପ୍ରତିକ ସମୟର ବଡ଼ ଆବଶ୍ୟକତା ପୂରଣ କରିବାରେ ଏହି ବୁଝାମଣାପତ୍ର ବେଶ୍ ସହାୟକ ହେବ। ବିମାନ ଚଳାଚଳ ସହିତ ଦକ୍ଷ ମାନବସମ୍ବଳର ଅଭାବ ଦୂର କରିବା ଆମ ପାଇଁ ଜରୁରୀ ଥିଲା। ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇ ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରର ବିକାଶ ଉପରେ ଆଲୋକପାତ କରିଥିଲେ। ସେହିପରି ଜିଏମ୍ଆରଏଏର ମୁଖ୍ୟ ତଥା ଉପାଧ୍ୟକ୍ଷ ଏୟାର ମାର୍ଶାଲ କେ.ଅନନ୍ତରମଣ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରି ଏହି ପଦକ୍ଷେପ ବିମାନ ବନ୍ଦର କ୍ଷେତ୍ରରେ ଯୁବକମାନଙ୍କ ପାଇଁ ଭଲ ସୁଯୋଗ ସୃଷ୍ଟି କରିବ ବୋଲି କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମନୋଜ ମିଶ୍ର, ଅତିରିକ୍ତ ଶାସନ ସଚିବ ଦେବଦତ୍ତ ସୁରଞ୍ଜିତା ଜେନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଓଏସ୍ଡି ତଥା ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ସାହୁ, ଜିଏମ୍ଆର ଏରୋ ଏକାଡେମୀର ମୁଖ୍ୟ ପାରୁଲ କୁଳଶ୍ରେଷ୍ଠ ସିଂ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୦ ତାରିଖରୁ ୭ ଜିଲ୍ଲାରେ ଏମ୍ଡିଏ

**ଭୁବନେଶ୍ୱର,୬ ।୨(ସମିସ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୭ଟି ଫାଇଲେରିଆ ପ୍ରବଣ ଜିଲ୍ଲାରେ ଏହାର ନିରାକରଣ ନିମନ୍ତେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ (ଏମ୍ଡିଏ) କାର୍ଯ୍ୟକ୍ଷମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍ଥ ଷ୍ଟ୍ରାଟେଜିସ୍ ସହଯୋଗିତାରେ ଆଜି ଏକ ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା ବୈଠକ ଆୟୋଜିତ

- ● ୪୬ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିବେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ
- ● ୨୦୨୭ ସୁଦ୍ଧା ଫାଇଲେରିଆ ନିରାକରଣ ପାଇଁ ସରକାର ପ୍ରତିବଦ୍ଧ

ହୋଇଯାଇଛି। ଫାଇଲେରିଆରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଷେଧମୂଳକ ଫାଇଲେରିଆ ନିରୋଧୀ ଔଷଧ ସେବନ ନିମନ୍ତେ ସମୂହ ସଚେତନତା ସୃଷ୍ଟି କରିବା ନେଇ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା।

ଜନସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା. ସ୍ନେହଲତା ସାହୁ କହିଲେ, ଏମ୍ଡିଏ ପର୍ଯ୍ୟାୟରେ ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, କଟକ, କନ୍ଧମାଳ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାରେ ଯୋଗ୍ୟ ହିତାଧିକାରୀ ଯେଭଳି ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ନିଶ୍ଚିତ ଭାବେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରାଯିବ। ବିଭାଗୀୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ଏମ୍ଡିଏ କାର୍ଯ୍ୟକ୍ରମ ମାଧ୍ୟମରେ ଘରକୁ ଘର ଯାଇ ପ୍ରାୟ ୪୬ ଲକ୍ଷ ଲୋକଙ୍କ ନିକଟରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ପହଞ୍ଚିବେ। ଯୁଗ୍ମ ନିର୍ଦ୍ଦେଶକ ଡା.ଶୁଭାଶିଷ ମହାନ୍ତି କହିଲେ, ୨୦୨୭ ସୁଦ୍ଧା ଫାଇଲେରିଆ ନିରାକରଣ କରିବାକୁ ସରକାର ପ୍ରତିବଦ୍ଧ। ଏନ୍ସିଭିବିଡିସିପି ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା.ସୁଚିତ୍ରା ସାମଲ କହିଲେ, ଏହା ଏକ ନିରାକରଣଯୋଗ୍ୟ ରୋଗ। ଭେଷଜ ଶିକ୍ଷା ଓ ତାଲିମର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର୍ ଡା. ବ୍ରଜ କିଶୋର ଦାସ କହିଲେ, ଏମ୍ଡିଏ ପର୍ଯ୍ୟାୟ ପରବର୍ତ୍ତୀ ସମୟରେ ମେଡିକାଲ କଲେଜଗୁଡିକ ମଧ୍ୟ ସାମର୍ଥ୍ୟ ନିର୍ମାଣ କ୍ଷେତ୍ରରେ ସେମାନଙ୍କର ସମର୍ଥନ ଯୋଗାଇ ଦେଉଛନ୍ତି ଏବଂ ମେଡିକାଲ କଲେଜ ହସପିଟାଲକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡା. ପୁଷ୍ପାଞ୍ଜଳି ମିଶ୍ର କହିଲେ, ଜନସାଧାରଣଙ୍କ ଦ୍ୱାରା ଅନୁପାଳନ, ମାଲିକାନା ଏବଂ ନିରନ୍ତର ନିରୀକ୍ଷଣ ଫାଇଲେରିଆମୁକ୍ତ ଓଡ଼ିଶା ଗଠନ ନିମନ୍ତେ ବର୍ତ୍ତମାନର ଆବଶ୍ୟକତା ରହିଛି। ଗ୍ଲୋବାଲ ହେଲ୍ଥ ଷ୍ଟ୍ରାଟେଜିସ୍ର ବରିଷ୍ଠ ନିର୍ଦ୍ଦେଶକ ଅନୁଜ ଘୋଷ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ଏବଂ ପିସିଆଇର ରାଜ୍ୟ ପ୍ରତିନିଧିଗଣ ଉପସ୍ଥିତ ଥିଲେ।

## ବିଧାନସଭା ଖବର

■ ହାତୀ-ମଣିଷ ଲଢ଼େଇ

### ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨୭ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୬ ।୨(ସମିସ):** ହାତୀ ମଣିଷ ଲଢ଼େଇ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ଜୀବନହାନି ହୋଇଛି। ୨୦୧୪-୧୫ ବର୍ଷରୁ ଚଳିତ ବର୍ଷ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ମୋଟ୍ ୨୨୭ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଏହା ସର୍ବାଧିକ। ଦ୍ୱିତୀୟରେ ଥିବା ସୁନ୍ଦରଗଡ଼ ଜିଲ୍ଲାରେ ୧୮୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନୁଗୁଳ ଜିଲ୍ଲାରେ ତୃତୀୟ ସର୍ବାଧିକ ୧୪୧ ଜଣଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ମୋଟ ୧୦୫୪ ଜଣଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ରାଜ୍ୟର ମୋଟ ମୃତକଙ୍କ ମଧ୍ୟରୁ କେବଳ ଏହି ୩ ଜିଲ୍ଲାରେ ୫୨ ପ୍ରତିଶତ ମୃତକ ରହିଛନ୍ତି। ହାତୀ-ମଣିଷ ଲଢ଼େଇରେ ଜୀବନହାନି ସମ୍ପର୍କରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମଙ୍ଗଳବାର ବିଧାନସଭାରେ ଏହି ଉତ୍ତର ରଖିଛନ୍ତି।

### ୩୪ହଜାର ୮୦୭.୦୨ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାରକୁ ଅନୁମୋଦନ

**ଭୁବନେଶ୍ୱର, ୬ ।୨(ସମିସ):** ଜଙ୍ଗଲ ସଂରକ୍ଷଣ ଆଇନ, ୧୯୮୦ର ଧାରା ୨ ଅନୁଯାୟୀ ରାଜ୍ୟରେ ବିଭିନ୍ନ ଖଣି ପ୍ରକଳ୍ପ ପାଇଁ ସେପ୍ଟେମ୍ବର ୨୦୨୩ ସୁଦ୍ଧା ସର୍ବମୋଟ ୩୪ହଜାର ୮୦୭.୦୨ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ଚୂଡ଼ାନ୍ତ ଅନୁମୋଦନ ମିଳିଛି। ସମ୍ପୃକ୍ତ ଅପସାରିତ ଜଙ୍ଗଲ ଜମି ପ୍ରତିବଦଳରେ ସେପ୍ଟେମ୍ବର ୨୦୨୩ ସୁଦ୍ଧା ୨୬ହଜାର ୨୩୬.୦୩ ହେକ୍ଟର ଅଣଜଙ୍ଗଲ ଜମିରେ କ୍ଷତିପୂରକ ବନୀକରଣ କରାଯାଇଛି। ଅନୁମୋଦନପ୍ରାପ୍ତ ଅପସାରିତ ଜଙ୍ଗଲ ଜମିରୁ ସର୍ବମୋଟ ୭ଲକ୍ଷ ୮୦ହଜାର ୭୬୭ ସଂଖ୍ୟକ ବୃକ୍ଷ କଟାଯାଇଛି। କ୍ଷତିପୂରକ ବନୀକରଣ ଯୋଜନାରେ ୮୫ଲକ୍ଷ ୯୦ହଜାର ୭୬୬ ସଂଖ୍ୟକ ବୃକ୍ଷରୋପଣ କରାଯାଇଛି। ବିଧାୟକ ନବ ଚରଣ ମାଝୀଙ୍କ ଅଣତାରକା ପ୍ରଶ୍ନରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମତା ଏହି ଉତ୍ତର ରଖିଛନ୍ତି।

### ୩ବର୍ଷରେ ରାଜ୍ୟ ସଂଗ୍ରାହଳୟ ବୁଲିଲେଣି ୪୮ ଲକ୍ଷ ପର୍ଯ୍ୟଟକ

**ଭୁବନେଶ୍ୱର, ୬ ।୨(ସମିସ):** ରାଜ୍ୟ ସଂଗ୍ରହାଳୟକୁ ବିଗତ ତିନିବର୍ଷରେ ୨ଲକ୍ଷ ୫୧ହଜାର ୩୩୨ ଜଣ ପର୍ଯ୍ୟଟକ ପରିଭ୍ରମଣରେ ଆସିଥିବାବେଳେ ଟିକଟ ବିକ୍ରିରୁ ୪୮ ଲକ୍ଷ ୪୩ହଜାର ୩ଶହ ଟଙ୍କା ଆୟ ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୫ହଜାର ୭୨୪ଜଣ ପର୍ଯ୍ୟଟକ ଆସିଥିବାବେଳେ ୩ଲକ୍ଷ ୨୩ହଜାର ୧୧୦ଟଙ୍କା ରାଜସ୍ୱ ଆଦାୟ ହୋଇଥିବାବେଳେ ୨୦୨୧-୨୨ ବର୍ଷରେ ୬୬ହଜାର ୫୫୬ଜଣ ପର୍ଯ୍ୟଟକଙ୍କଠାରୁ ୧୨ଲକ୍ଷ ୪୮ ହଜାର ୧୯୦ଟଙ୍କା ଆୟ ହୋଇଛି। ସେହିପରି ସର୍ବାଧିକ ୨୦୨୨-୨୩ ଆର୍ଥିକ ବର୍ଷରେ ୧ଲକ୍ଷ ୬୯ ହଜାର ୪୩ଜଣ ପର୍ଯ୍ୟଟକ ଆସିଥିବାବେଳେ ୩୨ଲକ୍ଷ ୭୨ହଜାର ୧ଶହ ଟଙ୍କା ଆୟ ହୋଇଛି। ବିଗତ ତିନିବର୍ଷରେ ସର୍ବମୋଟ ୨ଲକ୍ଷ ୫୧ହଜାର ୩୩୨ ଜଣ ପର୍ଯ୍ୟଟକ ଆସିଥିବାବେଳେ ୪୮ ଲକ୍ଷ ୪୩ହାଜର ୩ଶହ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଅଣତାରକା ପ୍ରଶ୍ନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହି ଉତ୍ତର ରଖିଛନ୍ତି।

● ଗୃହରେ ଉଠିଲା ବେଦାନ୍ତ ଜମି ପ୍ରସଙ୍ଗ

### ଭିଜିଲାନ୍ସ ତଦନ୍ତ, ରୁଲିଂ ଦାବିରେ ନରସିଂହଙ୍କ ଧାରଣା

**ଭୁବନେଶ୍ୱର, ୬ ।୨(ସମିସ):** ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ଗୃହରେ ବେଦାନ୍ତ ଜମି ହସ୍ତାନ୍ତର ତାତି ଦେଖିବାକୁ ମିଳିଛି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ବେଦାନ୍ତ ଜମି ହସ୍ତାନ୍ତର ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ସରକାରଙ୍କୁ ଘେରିଛନ୍ତି। ବେଦାନ୍ତ ଅଧିଗ୍ରହଣ କରିଥିବା ଜମିକୁ ଫେରାଇବା ସହ ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରି ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ ନରସିଂହ। ବାଚସ୍ପତି ପ୍ରମିଳା ମଲ୍ଲିକ ନରସିଂହଙ୍କ ଦାବିକୁ ଅନୁଧ୍ୟାନ କରି ମତାମତ ଦେବି ବୋଲି କହିଥିଲେ ହେଁ ଏହାକୁ କର୍ଣ୍ଣପାତ କରିନଥିଲେ ନରସିଂହ। ଏନେଇ ରୁଲିଂ ଦାବି କରି ସେ ଗୃହ ମଧ୍ୟଭାଗରେ ଧାରଣା ଦେଇଥିଲେ। ଯାହାଫଳରେ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ଆଲୋଚନା ମଧ୍ୟ ହୋଇପାରିନଥିଲା। ପରେ ସର୍ବଦଳୀୟ ବୈଠକ ଡକାଯିବା ପରେ ଅପରାହ୍ନରେ ଗୃହକାର୍ଯ୍ୟ ସ୍ୱାବାବିକ ହୋଇଥିଲା। ମଙ୍ଗଳବାର ପ୍ରଶ୍ନକାଳ ସ୍ୱାଭାବିକ ଭାବେ ଚାଲିଥିବା ବେଳେ ଶୂନ୍ୟକାଳରେ ନରସିଂହ ବେଦାନ୍ତ ଜମି ହସ୍ତାନ୍ତର ପ୍ରସଙ୍ଗ ଉଠାଇ ଉଚ୍ଚ ନ୍ୟାୟାଳୟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଗୃହରେ ଉତ୍ଥାପନ କରିଥିଲେ। ବେଦାନ୍ତ ଏଯାଏଁ ଚାଷୀଙ୍କୁ ଜମି ଫେରାଇ ନାହିଁ। ବେଦାନ୍ତ ନାମରେ ଜମି ନଥିଲେ ମଧ୍ୟ ଜମି ତାଙ୍କ ଦଖଲରେ ଅଛି। ତୁରନ୍ତ ବେଦାନ୍ତ ଦଖଲରେ ଥିବା ଜମିକୁ ୬ ହଜାର ଚାଷୀ ଏବଂ ଜଗନ୍ନାଥଙ୍କ ମାଲିକାନାକୁ ହସ୍ତାନ୍ତର କରାଯାଉ। ସେହିପରି ଘଟଣାରେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସେ ଦାବି କରିଥିଲେ। ତେବେ ବାଚସ୍ପତି ରୁଲିଂ ନଦେବାରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହ ମଧ୍ୟ ଭାଗରେ ଚେୟାର ପକାଇ ଧାରଣାରେ ବସିଥିଲେ। ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ମୁଲତବି ରଖିଥିଲେ। ପରେ ଅପରାହ୍ନରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

■ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ଗତବର୍ଷ ତୁଳନାରେ ଚଳିତ ଜାନୁଆରୀରେ ଆର୍ଥିକ ପ୍ରଦର୍ଶନ ଭଲ

**ଭୁବନେଶ୍ୱର, ୬ ।୨(ସମିସ):** ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ



ହୋଇଯାଇଛି। ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅନ୍ୟ ସମସ୍ତ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

ଚଳିତ ମାସରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ପ୍ରମୁଖ ସହଯୋଗ କରିଥିବା ବିଭିନ୍ନ ବିଭାଗର ସଚିବ ଓ ସମ୍ପୃକ୍ତ କାର୍ଯ୍ୟାଳୟର କର୍ତ୍ତୃପକ୍ଷମାନଙ୍କୁ ପ୍ରଶଂସା କରାଯାଇଥିଲା। ଦଳଗତ ପ୍ରୟାସରେ ସମସ୍ତଙ୍କ ସହଯୋଗରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇ ଅନେକ ସଫଳତା ଆଣି ଦେଇଥିବାରୁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଗତ ବର୍ଷ ଜାନୁଆରୀ ମାସ ତୁଳନାରେ ଚଳିତ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ରାଜ୍ୟର ତଥା ବିଭିନ୍ନ ବିଭାଗର ଆର୍ଥିକ ପ୍ରଦର୍ଶନ ଭଲ ରହିଥିବା ବୈଠକରୁ ଜଣାଯାଇଛି। ବୈଠକରେ ରାଜ୍ୟ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ନୂତନ ଏମଏସଏମଇ ନୀତି-୨୦୨୩ର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ସମ୍ପର୍କରେ ଉପସ୍ଥାପନ କରିଥିଲେ।

# ରାଜ୍ୟସଭାରେ ଅନୁସୂଚିତ ଜାତି, ଜନଜାତି ସଂଶୋଧନ ବିଲ୍କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୬।୨(ଏଜେନ୍ସି):** ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ଅନୁସୂଚିତ ଜାତି ଏବଂ ଜନଜାତି ତାଲିକା ସଂଶୋଧନକୁ ନେଇ ମଙ୍ଗଳବାର ରାଜ୍ୟସଭାରେ ଦୁଇଟି ବିଲକୁ ମଞ୍ଜୁରୀ ଦିଆଯାଇଛି। ସମ୍ବିଧାନ ନିର୍ଦ୍ଦେଶନା(ଅନୁସୂଚିତ ଜନଜାତି) ସଂଶୋଧନ ବିଲ୍ -୨୦୨୪ ଏବଂ ସମ୍ବିଧାନ ନିର୍ଦ୍ଦେଶନା(ଅନୁସୂଚିତ ଜାତି ଓ ଜନଜାତି) ସଂଶୋଧନ ବିଲ୍-୨୦୨୪କୁ ଗୃହରେ ବାଚନିକ ଭୋଟ୍ରେ ଅନୁମୋଦନ ଦିଆଯାଇଛି। ପ୍ରଥମ ବିଲ୍ ଅନୁସାରେ ଆନ୍ଧ୍ର ପ୍ରଦେଶର ଅନୁସୂଚିତ ଜନଜାତି ତାଲିକାରେ ସଂଶୋଧନ ଅଣାଯିବା ସହିତ ଦ୍ୱିତୀୟ ବିଲ୍ ଅନୁସାରେ ଓଡ଼ିଶାର ଅନୁସୂଚିତ ଜାତି ଏବଂ ଜନଜାତି ତାଲିକାରେ ସଂଶୋଧନ ଅଣାଯିବ। ଏହିକ୍ରମରେ ଓଡ଼ିଶାର ୪ ନିର୍ଦ୍ଦିଷ୍ଟ ଅସୁରକ୍ଷିତ ଆଦିବାସୀ ଉପଜାତି ଶ୍ରେଣୀଙ୍କୁ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରାଯିବ। ଏହାସହିତ ରାଜ୍ୟର ଅନୁସୂଚିତ ଜନଜାତି ଶ୍ରେଣୀ ତାଲିକାଭୁକ୍ତ ରହିଥିବା ଦୋରା ଏବଂ ରେଡି ସଂପ୍ରଦାୟ ଲୋକଙ୍କ ସାଙ୍ଗିଆରେ ପରିବର୍ତ୍ତନ ଅଣାଯିବ। ସେମାନେ ମୁକା ଦୋରା ଏବଂ କୋଣ୍ଡା ରେଡି ଭାବେ ଓଡ଼ିଶା ଅନୁସୂଚିତ ଜନଜାତି ତାଲିକାରେ ସାମିଲ ହେବେ। ସେହିପରି ରାଜ୍ୟ ଅନୁସୂଚିତ ଜାତି ତାଲିକାଭୁକ୍ତ ରହିଥିବା ତାମାଡିଆ ଓ ତାମୁଡିଆ ଭଳି ଦୁଇ ସଂପ୍ରଦାୟ ଲୋକଙ୍କୁ ସଂଶୋଧିତ ବିଲ ଅନୁସାରେ ଏଣିକି ଓଡ଼ିଶା ଅନୁସୂଚିତ ଜନଜାତି ଶ୍ରେଣୀ ତାଲିକାଭୁକ୍ତ କରାଯିବ।

● ଯୁକ୍ତ ୨ ପରୀକ୍ଷାରେ ଗୋପନୀୟତାକୁ ଗୁରୁତ୍ୱ

# ପ୍ରତି ୨୦ ପରୀକ୍ଷାର୍ଥୀଙ୍କୁ ଜଗିବେ ଜଣେ ନିରୀକ୍ଷକ

**ଭୁବନେଶ୍ୱର,୬ ।୨(ସମିସ):** ଫେବୃଆରୀ ୧୬ତାରିଖରୁ ଯୁକ୍ତ ୨ ଥିଓରୀ ପରୀକ୍ଷା ଆରମ୍ଭ ହେବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏନେଇ ଜୋରଦାର ପ୍ରସ୍ତୁତି କରାଯାଉଛି। ପରୀକ୍ଷାରେ ସ୍ୱଚ୍ଛତାକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି। ସମସ୍ତ ଗୋପନୀୟତା ବଜାୟ ରଖିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ପରିଷଦର ନିର୍ଦ୍ଦେଶାବଳୀ ଅନୁଯାୟୀ, ପରୀକ୍ଷା ପରିଚାଳନା କରିବା ପାଇଁ ନିଯୁକ୍ତି ହୋଇଥିବା ନିରୀକ୍ଷକ ବା ନିଯୁକ୍ତ ହେବାକୁ ଥିବା ନିରୀକ୍ଷକଙ୍କ ନାମ ଗୋପନ ରଖାଯିବ। ସେହିପରି ପରୀକ୍ଷାର୍ଥୀଙ୍କ ବସିବା ବ୍ୟବସ୍ଥା ଓ କପିକରି ଧରାପଡ଼ିଲେ ତାଙ୍କ ନାମ ସାର୍ବଜନୀନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧୀକ୍ଷକଙ୍କ ବିନା ଅନୁମତିରେ ପରୀକ୍ଷା ସମୟର ଅଧଘଣ୍ଟା ପୂର୍ବରୁ ଓ ପରେ କେନ୍ଦ୍ର ପରିସରକୁ ସମସ୍ତଙ୍କୁ ବାରଣ କରାଯାଇଛି। ପରିଚାଳନା ପାଇଁ ଜଣେ ଅଧୀକ୍ଷକଙ୍କ ସହିତ ପ୍ରତି ୫ଶହ ପରୀକ୍ଷାର୍ଥୀରେ ଜଣେ ଲେଖାଏଁ ଉପ ଅଧୀକ୍ଷକ ରହିବେ। ପ୍ରତି ୨୦ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଜଣେ ନିରୀକ୍ଷକ ଓ ୧୨୦ ଜଣ ପରୀକ୍ଷାର୍ଥୀ ପାଇଁ ଜଣେ ରିଲିଭର୍ ରହିବେ। ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ଅଧୀକ୍ଷକ ଏହି ସମସ୍ତଙ୍କୁ ନିଯୁକ୍ତି ଦେବେ। ପରୀକ୍ଷାର୍ଥୀଙ୍କ ବସିବା ବ୍ୟବସ୍ଥା କରିବା ପାଇଁ ଏକ ନମୁନା ମଧ୍ୟ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ପରୀକ୍ଷାର ୩୦ ମିନିଟ ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପାଇଁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

■ ସାଧାରଣ ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ୍ରେ ଅବକାରୀ ବିଭାଗ

# ରୋକାଯିବ ପଡୋଶୀ ରାଜ୍ୟରୁ ନିଶାଦ୍ରବ୍ୟ ଚାଲାଣ

**ଭୁବନେଶ୍ୱର, ୬ ।୨(ସମିସ):** ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମଦ ମାଫିଆମାନେ ଚୋରା ମଦ ବିକ୍ରିକୁ ବଢ଼ାଇବେ। ତେଣୁ ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ୍କୁ ଆସିଛି ଅବକାରୀ ବିଭାଗ। ଅବାଧ ନିଶାଦ୍ରବ୍ୟ ବିକ୍ରି ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମସ୍ତ ଅଧିକାରୀଙ୍କୁ ଅବକାରୀ କମିସନର ନରସିଂହ ଭୋଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ପଡୋଶୀ ରାଜ୍ୟରୁ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଚାଲାଣ ରୋକିବା ପାଇଁ ତାଗିଦ୍ କରାଯାଇଛି। ୩୮ଟି ଚେକପୋଷ୍ଟରେ ଡ୍ୟୁଟି କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବାହାର ରାଜ୍ୟରୁ ଆସୁଥିବା ଚୋରା କଫ୍ ସିରପ ଉପରେ ମଧ୍ୟ କଡ଼ା ନଜର ରଖିବାକୁ କୁହାଯାଇଛି। ଏହାସହ ଭୁବନେଶ୍ୱରରେ ଥିବା ବାର୍ ଓ କ୍ଲବ ଅବକାରୀ ବିଭାଗ ନିୟମର ଖିଲାପ ପରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ କ୍ଲବକୁ ସିଲ୍ କରିବାକୁ କୁହାଯାଇଛି। ୩ଟି ଏରିଆ ଉପରେ ରହିବ ଫୋକସ୍। ଓଡ଼ିଶା ସୀମାକୁ ଲାଗି ରହିଥିବା ୫ଟି ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ଉପରେ ରହିବ ଫୋକସ୍। କାରଣ ସେଠାରେ ପ୍ରସ୍ତୁତ ହେଉଥିବା ମଦ ଓଡ଼ିଶାକୁ ପ୍ରବେଶ କରାଯାଇପାରିବ ନାହିଁ। ରାଜ୍ୟର ରାଜସ୍ୱକୁ କ୍ଷତି ପହଞ୍ଚାଇ କୌଣସି ମଦ ବାହାର ରାଜ୍ୟକୁ ଯାଇ ପାରିବ ନାହିଁ, ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ରାଜ୍ୟ ଭିତରେ ବାଲେଶ୍ୱର, ଯାଜପୁର, ନୟାଗଡ଼, କଟକ ଏବଂ ଗଞ୍ଜାମ ଭଳି ଜିଲ୍ଲାରେ ଚୋରା ମଦ ପ୍ରସ୍ତୁତ ହେଉଛି। ଅବକାରୀ ଟିମ୍ ଏହି ୫ଟି ଜିଲ୍ଲା ଭିତରେ ଚଢ଼ଉ ଜୋରଦାର କରି ମଦ ଜବତ କରିବା ସହ ମଦ ମାଫିଆକୁ ଗିରଫ କରୁଛନ୍ତି। ପୁରୀ, ବାଲେଶ୍ୱର, ନୟାଗଡ଼ରେ ଚାଲିଥିବା ବ୍ରାଉନ୍ସୁଗର କାରବାର ରୋକିବା ପାଇଁ ସ୍ପେଶାଲ ଟିମ୍ ଗଠନ କରାଯାଇଛି। ସେମାନେ ବ୍ରାଉନ୍ ସୁଗାର ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରୁଛନ୍ତି। ନିଶା ଦ୍ରବ୍ୟ ଚାଲାଣ ସମୟରେ ଜବତ ହେଉଥିବା ଗାଡିକୁ ମଧ୍ୟ ବାଜ୍ୟାପ୍ତି କରାଯିବ। ଅବକାରୀ ବିଭାଗ ମଧ୍ୟ ଗଞ୍ଜେଇ ଚାଷ ରୋକିବା ପାଇଁ ଭରପୁର ଉଦ୍ୟମ କରାଯାଇଛି। ୨ହଜାର ୮ଶହ ଏକର ଚାଷ ଜମିରୁ ଗଞ୍ଜେଇ ନଷ୍ଟ କରାଯାଇଛି।

ଏଥିସହ ଟ୍ୱିନ୍ ସିଟିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ବାର ଖୋଲୁଛନ୍ତି। ତେଣୁ ଅବକାରୀ ବିଭାଗ ଏନେଇ ଏଥିପ୍ରତି ମଧ୍ୟ କଡା ପଦେକ୍ଷପ କରାଯାଇଛି। ଅବକାରୀ ବିଭାଗ ଦେଇଥିବା ସମୟରୁ ଅଧିକ ସମୟ ବାର ଖୋଲୁଥିଲେ ଅବକାରୀ କର୍ମଚାରୀମାନେ ଉକ୍ତ ବାରକୁ ସାଧା ପୋଷାକରେ ଯାଇ ଯାଞ୍ଚ କରିବେ। ଯଦି ବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷ କରି ରାଜଧାନୀରେ ଥିବା ୫ଟି ବାର୍ ନିୟମିତ ଭାବେ ଏଭଳି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଛନ୍ତି। ତେଣୁ ଏଥର ସେମାନଙ୍କୁ ଆଉ ଛଡ଼ାଯିବ ନାହିଁ। ନିୟମିତ ଏପରି କରୁଥିବା ବାର୍କୁ ଏଥର ସିଲ୍ କରାଯିବ ବୋଲି ଅବକାରୀ କମିଶନର ସୂଚନା ଦେଇଛନ୍ତି।

# ଓଡ଼ିଶାକୁ ମଦ ଆମଦାନୀ କମୁଛି, ମୂଲ୍ୟ ବଢ଼ିଛି

**ଭୁବନେଶ୍ୱର,୬ ।୨(ସମିସ):** ରାଜ୍ୟରେ ଯେତେ ପରିମାଣର ମଦ ବ୍ରିକି ହେଉଛି ତାହାର ଅର୍ଦ୍ଧାଧିକ ଭାଗ ଓଡ଼ିଶାରେ ପ୍ରସ୍ତୁତ କରାଯାଉଛି। ବାହାରୁ ଓଡ଼ିଶାକୁ ଆମଦାନୀ ହେଉଥିବା ଇଣ୍ଡିଆ ମେଡ୍ ଫରେନ୍ ଲିକର୍ (ଆଇଏମ୍ଏଫ୍ଏଲ୍), ବିୟର୍ ପରିମାଣ ହ୍ରାସ ପାଉଥିବା ବେଳେ ଓଡ଼ିଶାରେ ଏହାର ପ୍ରସ୍ତୁତି ବଢ଼ିବାରେ ଲାଗିଛି। ବିଧାନସଭାରେ ମୋହନ ଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଦେଇଥିବା ତଥ୍ୟ ଅନୁସାରେ ୨୦୨୩-୧୪ରେ ରାଜ୍ୟରେ ୪୯୩ ଲକ୍ଷ ଲିଟର୍ (୩୪୩୧ କୋଟି ଟଙ୍କା) ଆଇଏମ୍ଏଫ୍ଏଲ୍, ୯୧୬ ଲକ୍ଷ ବିୟର୍ (୧୪୨୬ କୋଟି ଟଙ୍କା) ଏବଂ ୧୧୬.୫୮ ଲକ୍ଷ ଲିଟର୍ (୨୬୩.୬୫ କୋଟି ଟଙ୍କା) ଦେଶୀ ମଦ ପ୍ରସ୍ତୁତ କରାଯାଇ ଯୋଗାଣ ହୋଇଥିଲା। ତେବେ ଆଇଏମ୍ଏଫ୍ଏଲ୍ କ୍ଷେତ୍ରରେ ଉଭୟ ରାଜ୍ୟରେ ପ୍ରସ୍ତୁତି ଓ ଆମଦାନୀ ପରିମାଣ ହ୍ରାସ ପାଇଛି। ୨୦୧୪-୧୫ ବେଳକୁ ରାଜ୍ୟରେ ୫୬୧ ଲକ୍ଷ ଲିଟର୍, ୨୦୧୭-୧୮ରେ ୬୦୭ ଲକ୍ଷ ଲିଟର୍, ୨୦୧୯-୨୦ରେ ୭୦୬ ଲକ୍ଷ ଲିଟର୍, ୨୦୨୧-୨୨ରେ ୬୬୬ ଲକ୍ଷ ଲିଟର୍ ଏବଂ ୨୦୨୨-୨୩ରେ ୭୧୭ ଲକ୍ଷ ଲିଟର୍ ଆଇଏମ୍ଏଫ୍ଏଲ୍ ପ୍ରସ୍ତୁତ ଓ ଯୋଗାଣ ହୋଇଥିଲା। ତେବେ ଗତ ୧୦ ବର୍ଷରେ ରାଜ୍ୟ ଭିତରେ ବିୟର୍ ଉତ୍ପାଦନରେ ସାମାନ୍ୟ ଅଭିବୃଦ୍ଧି ଓ ଦେଶୀ ମଦ ଉତ୍ପାଦନରେ ଅବନତି ଦେଖା ଦେଇଛି। ମଦ ଉତ୍ପାଦନ ହ୍ରାସ ପାଇଥିଲେ ସୁଦ୍ଧା ତାହାର ମୂଲ୍ୟ ବଢ଼ିଛି। ତେବେ ୨୦୧୪-୧୫ରୁ ବାହାରୁ ଓଡ଼ିଶାକୁ ଦେଶୀ ମଦ ଆଦୌ ଆମଦାନୀ କରାଯାଇ ନାହିଁ।

# ଗୋଟିଏ ଗାଁ; ତିନୋଟି ନାଁ

**ପାରଳାଖେମୁଣ୍ଡି/ଗୋଷାଣି,୬ ।୨(ସମିସ):** ଗ୍ରାମ ଗୋଟିଏ। ତିନୋଟି ନାମ। ଦୁଇ ରାଜ୍ୟର ତିନି ଜିଲ୍ଲା ପ୍ରଶାସନ ଉପସ୍ଥିତ ଜାହିର କରୁଛନ୍ତି। ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି ଗ୍ରାମରେ। ଆଉ ଗ୍ରାମ ଉପରେ ଆନ୍ଧ୍ର ଦୃଷ୍ଟି ପକାଇ ଅକ୍ତିଆର କରିବାରେ ଲାଗିଛି। ଏହି ଗ୍ରାମରେ ଆନ୍ଧ୍ରର ପ୍ରଭାବ ବେଶି। ଆଉ ଏ ସବୁର କାରଣ ପ୍ରଶାସନର ଆନ୍ତରିକତା ଅଭାବ। ଏହି ଗ୍ରାମ ହେଉଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ଗୁଡିଖୁଡି। ଗୋଟିଏ ଗ୍ରାମ ତିନି ନାମରେ ପରିଚିତ। ଗଜପତି ତଥା ଓଡ଼ିଶା ରାଜ୍ୟ ଅନୁଯାୟୀ ଏହା ଗୁଡିଖୁଡି। ଆନ୍ଧ୍ର ଏହି ଗ୍ରାମର ନାମକରଣ କରିଛି ଗୁଡିଖୋଳା। ଗଂଜାମ ଜିଲ୍ଲା ପ୍ରଶାସନ ଏହି ଗ୍ରାମକୁ ଜିଲ୍ଲାର ବୋଲି ଉଲ୍ଲେଖ କରିଛି। ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ସବିତା ଶବରଙ୍କ ବାସଗୃହର କାନ୍ଥରେ ଲାଗିଥିବା ଫଳକରେ ଉଲ୍ଲେଖ ରହିଛି ଯେ, ଏହା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତର ଅବନ୍ଦିଆ ଗ୍ରାମ। ଏହା ଆର୍ଥିକ ବର୍ଷ ୨୦୨୧-୨୦୨୨ରେ ନିର୍ମିତ ହୋଇଥିବା ଫଳକରେ ଉଲ୍ଲେଖ ରହିଛି।

ଗ୍ରାମକୁ ନେଇ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ଏଥିରେ ଗଂଜାମ ଜିଲ୍ଲା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତରେ ରହିଥିବା ଉଲ୍ଲେଖ ରହିଛି। ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ରାୟଗଡ଼

**ଦୁଇଟି ରାଜ୍ୟ ଓ ୩ ଜିଲ୍ଲା ପ୍ରଶାସନର ଉପସ୍ଥିତି ଜାହିର**

ବ୍ଲକ ଗଙ୍ଗାବାଡ ପଞ୍ଚାୟତରେ ଗୁଡିଖୁଡି ଗ୍ରାମ ରହିଥିବା ଉଲ୍ଲେଖ କରାଯାଇଛି। ଏଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ଏହା ଗଜପତି ଜିଲ୍ଲା ଅନ୍ତର୍ଗତ ବୋଲି ଉଲ୍ଲେଖ ରହିଛି। ଗ୍ରାମର ବହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା





ଗୃହରେ ଆନ୍ଧ୍ରର ବୋଲି ଉଲ୍ଲେଖ ରହିଛି। ଏପରିସ୍ଥଳେ ଗୁଡ଼ିଖୁଡ଼ି-ଗୁଡିଖୋଲା-ଅବନ୍ଦିଆ କେଉଁ ରାଜ୍ୟ ଓ ଜିଲ୍ଲାରେ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗଜପତି ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗର ଖାମଖିଆଲି ମନୋବୃତ୍ତି ଯୋଗୁଁ ଓଡ଼ିଶାର ଏହି ଗ୍ରାମ ଆନ୍ଧ୍ରର ଅକ୍ତିଆରକୁ ଚାଲିଯାଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ ସେବା ଠାରୁ ଆରମ୍ଭ କରି ଆବାସିକ ଯୋଜନା, ସ୍ୱାସ୍ଥ୍ୟସେବା ଆଦି ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାର ଯୋଗାଉଛନ୍ତି। ଏପରିକି ଆଧାର କାର୍ଡ, ରାସନକାର୍ଡ, ଭୋଟର କାର୍ଡ ମଧ୍ୟ ଗ୍ରାମବାସୀଙ୍କୁ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଆଧାର କାର୍ଡ, ରାସନ କାର୍ଡ, ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଛି। ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି, ତାର ଲାଭ ଉଠାଉଛନ୍ତି ଗ୍ରାମବାସୀ। ଗଙ୍ଗାବାଡ଼ ପଞ୍ଚାୟତର ଏଭଳି ସ୍ଥିତିରେ ଏହା ଗୋଟିଏ ଗ୍ରାମ ନୁହଁ; ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ଶାସନ ଓ ରାଜସ୍ୱ ବିଭାଗ ପୁନଃ ସର୍ଭେ ବା ଡିମାର୍କେସନ କରି ସୀମାନ୍ତ ଗ୍ରାମାଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇଦେଲେ ଆନ୍ଧ୍ର ପ୍ରଦେଶ ପ୍ରଲୋଭନ ଦେଖାଇ ଗ୍ରାମବାସୀଙ୍କୁ ନିଜ ଆଡକୁ ଟାଣିବାରେ ସକ୍ଷମ ହେବ ନାହିଁ ବୋଲି କୁହାଯାଉଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫
- ପାଉଣ୍ଡ ୧୦୪.୬୧
- ୟୁରୋ ୮୯.୯୯
- ୟେନ୍ ୦.୫୫

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୧୦୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୧୮୬.୦୦
- ନିଫ୍ଟି ୨୧,୯୨୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଖାଉଟି ଚିନ୍ତାରେ କମୁନି ବଜାର ଦର

## କର୍ପୋରେଟ୍ ମହଜୁଦକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ: ବ୍ୟବସାୟୀ ମହାସଂଘ

- ବର୍ଷକରେ ଚାଉଳ, ତେଜରାତି ସାମଗ୍ରୀ ଦର ୧୫% ବଢ଼ିଛି
- ନିର୍ବାଚନୀ ବର୍ଷରେ ବି ଦରଦାମ ହ୍ରାସ ଆଶା ମଉଳିଲା
- ଭାରତ ବ୍ରାଣ୍ଡ ଭରସାରେ କେନ୍ଦ୍ର ସରକାର



**ଭୁବନେଶ୍ୱର, ୬।୨(ସମିସ)**

ଦେଶରେ କ୍ରମାଗତ ଭାବେ ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ ଜୋରଦାର ହେବାରେ ଲାଗିଛି। ପେଟ୍ରୋଲ, ଡିଜେଲ ସହିତ ରନ୍ଧନ ଗ୍ୟାସ୍, ଚାଉଳଠାରୁ ଅଟା ପର୍ଯ୍ୟନ୍ତ ସବୁର ଦର ବେଲଗାମ୍। ଏବେ ବି ଦେଶରେ ଘରୋଇ ଏଲପିଜି ସିଲିଣ୍ଡର ଦର ୧୦୦୦ ଟଙ୍କା ପାଖାପାଖି ରହିଛି। ଦୀର୍ଘ ଦିନ ହେବ ପେଟ୍ରୋଲ ଦର ଲିଟର ପିଛା ଶହେ ଟଙ୍କା ଉପରେ ରହିଛି। ଖାଉଟିଙ୍କ ଆଶା ନିର୍ବାଚନ ପାଖେଇ ଆସିଲାଣି ଏଥର ଦରଦାମ୍ କମିବ। ହେଲେ ସେମିତି କିଛି ହେଉନାହିଁ। ମହଙ୍ଗା ବଜାର ଦର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଜାନୁୟାରୀ ମାସଠାରୁ ଚାଉଳ, ଅଟା, ସାବୁନ୍, ବିସ୍କୁଟ୍ ଓ ମସଲା ସାମଗ୍ରୀର ଦର ଖୁବ୍ ଜୋରରେ ବୃଦ୍ଧି ଘଟିବା। ଉଚ୍ଚ ଦର ବୃଦ୍ଧି ଯୋଗୁ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରେ ପଡ଼ିଛି ଚଡ଼କ। ମାତ୍ର ବର୍ଷକ ମଧ୍ୟରେ ଦେଶରେ ଚାଉଳ ଏବଂ ତେଜରାତି ସାମଗ୍ରୀ ଦର ୧୫ ପ୍ରତିଶତ ବୃଦ୍ଧି ଘଟିଛି। ଦର ବୃଦ୍ଧିକୁ ନଜରରେ ରଖି ବ୍ୟବସାୟୀ ମହାସଂଘ କର୍ପୋରେଟ୍ ମହଜୁଦକାରୀଙ୍କ ବିରୁଦ୍ଧରେ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛି। ଅପରପକ୍ଷେ କେନ୍ଦ୍ର ସରକାର ଦରଦାମ୍ ବୃଦ୍ଧିରୁ ଖାଉଟିଙ୍କୁ ନିସ୍ତାର ଦେବା ପାଇଁ କେବଳ ତାଙ୍କର ଭାରତ ବ୍ରାଣ୍ଡ ଉପରେ ଭରସା ରଖିଛନ୍ତି, ଯେଉଁଥିରେ ବଭିନ୍ନ ସହରରେ ଅଟା, ଡାଲି, ପିଆଜ ଓ ଅଟା କମ୍ ମୂଲ୍ୟରେ ବିକ୍ରି କରାଯାଉଛି।

ବର୍ତ୍ତମାନ ବଜାରରେ ଉଷୁନା ଚାଉଳ ଦର କିଲୋ ପିଛା ୪୦ ଟଙ୍କା ଟପିଲାଣି। ସେହିପରି ଅଟା କିଲୋ ୫୦ ଟଙ୍କା ଛୁଇଁବାକୁ ବସିଛି। ତେବେ ଏହା ମଧ୍ୟରେ ରସୁଣ ଦର ଗ୍ରାହକଙ୍କୁ ସବୁଠାରୁ ଅଧିକ ଅଡୁଆରେ ପକାଇଦେଇଛି, ଯାହା ମସଲା ସାମଗ୍ରୀ ଦରକୁ ଏକ ନୂଆ ଉଚ୍ଚ ସ୍ତରରେ ପହଞ୍ଚାଇଛି। ଦୀର୍ଘ ତିନି ମାସ ହେବ ୨୫୦ରୁ ୩୦୦ ଟଙ୍କା ରେଞ୍ଜ ମଧ୍ୟରେ ରହିଥିବା ରସୁଣ ଦର ହଠାତ୍ ଚଳିତମାସରେ କିଲୋ ପିଛା ୫୦୦ ଟଙ୍କା ଛୁଇଁଛି। ସେହିପରି ଜିରା, ଶୁଖିଲା ଲଙ୍କା ଏବଂ ଅଜେଇଚ ମୂଲ୍ୟ ଢ଼େର ଉପରେ ରହିଛି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଯେଉଁ ମୂଲ୍ୟ ବୃଦ୍ଧି ଘଟୁଛି ସେଥିପାଇଁ କର୍ପୋରେଟ୍ ସଂସ୍ଥା ହିଁ ଦାୟୀ। କର୍ପୋରେଟ୍ ସଂସ୍ଥାଗୁଡିକ ଯେଉଁଭଳି ଭାବେ ଏହି ସବୁ ସାମଗ୍ରୀ ମହଜୁଦ କରୁଛନ୍ତି ସେଥିପାଇଁ ବଜାରରେ ଏକ କୃତ୍ରିମ ଅଭାବ ଜନିତ ପରିସ୍ଥିତି ଦେଖାଯାଉଛି। ୧୦ରୁ ୧୫ ପ୍ରତିଶତ ଉତ୍ପାଦନ କମିଲେ ମଧ୍ୟ ଦେଶରେ ଏଭଳି ଦର ବୃଦ୍ଧି ଦେଖାଯିବନାହିଁ। ବର୍ତ୍ତମାନ ଯେଉଁ ମୂଲ୍ୟ ବୃଦ୍ଧି ହୋଇଚି ତାହା ଅବାସ୍ତବ। ତେଣୁ ସରକାର ଦରଦାମ୍ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ପ୍ରଥମେ କର୍ପୋରେଟ୍‌ଜମହଜୁଦକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ତେଣୁ ଏଭଳି ସମୟରେ ଖାଉଟିଙ୍କୁ ନିକଟ ଭବିଷ୍ୟତରେ ଦରଦାମ୍ ବୃଦ୍ଧିରୁ ନିସ୍ତାର ମିଳିବା ସମ୍ଭାବନା କମ୍ ବୋଲି ଆଶଙ୍କା ଦେଖାଦେଇଛି।

# ମୁମ୍ବାଇ ବ୍ରିକ୍ସର ଚତୁର୍ଥ ସବୁଠୁ ଧନୀ ସହର

**ନୂଆଦିଲ୍ଲୀ,୬।୨(ଏଜେନ୍ସି):** ବ୍ରାଜିଲ୍, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା (ବ୍ରିକ୍ସ) ରାଷ୍ଟ୍ରଗୁଡିକର ସହର ମଧ୍ୟରେ ମୁମ୍ବଇ ହେଉଛି ଚତୁର୍ଥ ସବୁଠୁ ଧନୀ ସହର। ତେବେ ମାୟାନଗରୀ ମୁମ୍ବଇରେ ରହିଛନ୍ତି ୨୯ ବିଲୟନେୟାର ବା ଅରବପତି। ତେବେ ସେଥିରେ ସେହିଭଳି ୨୩୬ ଜଣ ଧନୀ ଏଭଳି ରହିଛନ୍ତି ଯେଉଁମାନଙ୍କର ମୋଟ ସମ୍ପତ୍ତି ୧ ବିଲିୟନ ଡଲାରରୁ ଅଧିକ ରହିଛି। ନ୍ୟୁ ୱାର୍ଲ୍ଡ ୱେଲଥ ସହ ହେନ୍‌ଲେ ଆଣ୍ଡ ପାର୍ଟନର୍ସଙ୍କ ତରଫରୁ ପ୍ରକାଶିତ ଏକ ନୂଆ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ସେହିଭଳି ତାଲିକାର ଶ୍ରେଷ୍ଠ ୧୦ ସବୁଠୁ ଧନୀ ସହର ସୂଚୀରେ ଚୀନର ବେଜିଂ ସହର ରହିଛି। ଏହି ସହରରେ ୪୨ ବିଲେନିୟରଙ୍କ ସମେତ ୧ ବିଲିୟନ ଡଲାରରୁ ଅଧିକର ମୋଟ ସମ୍ପତ୍ତି ଥିବା ୩୨୨ ବ୍ୟକ୍ତ ରହିଛନ୍ତି। ତାଲିକାର ଦ୍ୱିତୀୟ ସ୍ଥାନରେ ଚୀନର ସାଂଘାଇ, ତୃତୀୟ ସ୍ଥାନରେ ଦୁବାଇ, ପଞ୍ଚମ ସ୍ଥାନରେ ଚୀନର ସେନ୍‌ଜେନ୍ ଏବଂ ଭାରତର ରାଜଧାନୀ ଦିଲ୍ଲୀ ସପ୍ତମ ସ୍ଥାନରେ ରହିଛି। ଆହୁରି ମଧ୍ୟ ବ୍ରିକ୍ସର ସର୍ବାଧିକ ମୋଟ ସମ୍ପତ୍ତି ଥିବା ଲୋକଙ୍କ ସଂଖ୍ୟା ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ୩,୨୬,୦୦୦ ନିୟୁତପତି ରହିଛନ୍ତି,ଯେଉଁମାନଙ୍କ ମଧ୍ୟରୁ ୧୦୦୦ ଲୋକଙ୍କ ମୋଟ ସମ୍ପତ୍ତି ୧ ବିଲିୟନ ଡଲାରରୁ ଅଧିକ ରହିଛି। ଦେଶରେ ସମୁଦାୟ ୧୨୦ ଅରବପତି ଅଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷରେ ଭାରତରେ ମଧ୍ୟ ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତିରେ ୮୫ ପ୍ରତିଶତ ବୃଦ୍ଧି ହୋଇଛି। ସେହିଭଳି ରିପୋର୍ଟରେ ଆହୁରି ଅନୁମାନ କରାଯାଇଛି ଯେ, ସିଲିକନ ଭ୍ୟାଲି ନାମରେ ପ୍ରସିଦ୍ଧ ବେଙ୍ଗାଲୁରୁ ସହର ଆଗାମୀ ୧୦ ବର୍ଷରେ ଦୁନିଆର ସବୁଠୁ ଦ୍ରୁତ ଭାବରେ ବୃଦ୍ଧି ହେଉଥିବା ନିୟୁତପତିଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ମଧ୍ୟରୁ ଗୋଟିଏ ହେବ। ଏହାସହ ଆହୁରି ମଧ୍ୟ ଅନୁମାନ କରଯାଇଛି ଯେ, ବ୍ରିକ୍ସ ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତରେ ବ୍ୟକ୍ତିଗତ ସମ୍ପତ୍ତିରେ ମଧ୍ୟ ସବୁଠୁ ବଡ଼ ବୃଦ୍ଧି ଦେଖିବାକୁ ମିଳିପାରେ। ରିପୋର୍ଟରେ ୧୦ ବ୍ରିକ୍ସ ଦେଶଙ୍କ ମଧ୍ୟରେ ବ୍ରାଜିଲ, ରୁଷ, ଭାରତ, ଦକ୍ଷିଣ ଆଫ୍ରିକା, ମିଶର, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇରେ ରହୁଥିବା ଲୋକଙ୍କ ସମ୍ପତ୍ତିର ଆକଳନ କରାଯାଇଥିଲା।



# ବିନା ଭିସାରେ ଇରାନ ବୁଲିବେ ଭାରତୀୟ

**ନୂଆଦିଲ୍ଲୀ, ୬।୨ (ଏଜେନ୍ସି):** ଏଥର ବିନା ଭିସାରେ ଭାରତୀୟ ଇରାନ ଯାଇପାରିବେ। ଇରାନ ଭାରତୀୟଙ୍କ ପାଇଁ ଭିସା ମୁକ୍ତ ସେବା ଆରମ୍ଭ କରିଛି। ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ତେବେ ଏହି ଯାତ୍ରାରେ କିଛି ସର୍ତ୍ତ ରହିବ। ଯାତ୍ରୀ ବିନା ଭିସାରେ ମାତ୍ର ୧୫ ଦିନ ଇରାନରେ ରହିପାରିବେ। ବିମାନ ମାର୍ଗରେ ଯାତ୍ରା କରିଥିବା ପର୍ଯ୍ୟଟକଙ୍କୁ କେବଳ ଏଇ ସେବା ମିଳିବ। ୬ ମାସରେ ଥରୁଟିଏ ପାଇଁ ଏହି ସେବା ମିଳିବ। ଯଦି କୌଣସି ପର୍ଯ୍ୟଟକ ଅଧିକ ଦିନ ରହିବାକୁ ଚାହୁଁଛନ୍ତି ତେବେ ତାଙ୍କୁ ଅଲଗା ଶ୍ରେଣୀର ଭିସା ପାଇଁ ଆବେଦନ କରିବାକୁ ପଡିବ। ଭାରତ ବ୍ୟତୀତ ଜାପାନ, ବ୍ରାଜିଲ, ମେକ୍ସିକୋ, ପେରୁ, ଇଣ୍ଡୋନେସିଆ, ସିଙ୍ଗାପୁର, କ୍ୟୁବା,ଟ୍ୟୁନିସିଆ ଏବଂ ତାଞ୍ଜାନିଆର ଲୋକ ମଧ୍ୟ ଏହାର ଲାଭ ନେଇପାରିବେ। ସୂଚନାଯୋଗ୍ୟ ଯେ ପରମାଣୁ କାର୍ଯ୍ୟକ୍ରମ ବନ୍ଦ ନ କରିବା ଯୋଗୁଁ ପଶ୍ଚିମ ଦେଶଗୁଡ଼ିକ ଇରାନ ଉପରେ ଅନେକ କଟକଣା ଲଗାଇଛନ୍ତି। ରପ୍ତାନୀ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ବିପର୍ଯ୍ୟସ୍ତ ଅର୍ଥନୀତିକୁ ଗତି ଦେବା ପାଇଁ ଇରାନ ୨୮ ଦେଶର ପର୍ଯ୍ୟଟକଙ୍କ ଲାଗି ଭିସା ମୁକ୍ତ ସେବା ଆରମ୍ଭ କରିଛି। ଏ ନେଇ ଡିସେମ୍ବରରେ ସରକାର ଘୋଷଣା କରିଥିଲେ।

# ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

## ଏଥର ବି ଅପରିବର୍ତ୍ତିତ ରହିପାରେ ରେପୋ ହାର

**ମୁମ୍ବାଇ,୬।୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ମୁଦ୍ରା ନୀତି କମିଟି (ଏମ୍‌ପିସି)ର ଦ୍ୱିମାସିକ ସମୀକ୍ଷା ବୈଠକ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସମ୍ପ୍ରତି ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଉଚ୍ଚସ୍ତରକୁ ପହଞ୍ଚିଥିବାବେଳେ ସ୍ୱଳ୍ପ ଅବଧିରେ ଋଣ ହାର ସ୍ଥିର ରହିପାରେ ବୋଲି ଏବେ ଅନୁମାନ କରାଯାଉଛି। ପାଖାପାଖି ୧ ବର୍ଷ ହେଲା ଆରବିଆଇ ସ୍ୱଳ୍ପ ଅବଧିରେ ଋଣ ହାରକୁ ଅର୍ଥାତ ରେପୋ ହାରକୁ ୬.୫ ପ୍ରତିଶତରେ ସ୍ଥିର ରଖିଛି।

ତେବେ ବୈଶ୍ୱିକ ଘଟଣାକ୍ରମକୁ ନେଇ ବଢି ରହିଥିବା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନିମନ୍ତେ ଫେବୃଆରୀ ୨୦୨୩ରେ ଶେଷ ଥର ସୁଧହାର ବୃଦ୍ଧି ହୋଇଥିଲା। ସେତେବେଳେ ୬.୨୫ ପ୍ରତିଶତରୁ ଏହାକୁ ବଢାଇ ୬.୫ ପ୍ରତିଶତ କରାଯାଇଥିଲା। ଖୁଚୁରା ମୁଦ୍ରାସ୍ଫୀତି ଜୁଲାଇ ୨୦୨୩ରେ ୭.୪୪ ପ୍ରତିଶତର ଉଚ୍ଚତମ ସ୍ତରରେ ପହଞ୍ଚିଥିଲା। ତେବେ ଏହା ପରେ ଏଥିରେ ହ୍ରାସ ଦେଖାଯାଇଥିଲା। ଡିସେମ୍ବର ୨୦୨୩ରେ ଖୁଚୁରା ମୁଦ୍ରାସ୍ଫୀତି



୫.୬୯ ପ୍ରତିଶତକୁ ହ୍ରାସ ହୋଇଥିଲା। ଯାହା ଆରବିଆଇର ସନ୍ତୋଷଜନକ ସ୍ତର ୪ ପ୍ରତିଶତ (୨ପ୍ରତିଶତ ଅଧିକ ଅଥବା କମ୍) ଅନ୍ତର୍ଗତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଆରବିଆଇ ଗଭର୍ଣ୍ଣର ସୁଧହାର ସମ୍ପର୍କରେ ଏମ୍‌ପିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗୁରୁବାର ସୂଚନା ଦେବେ। ତେବେ ଏମପିସି ୨୦୨୨ ମେ'ରୁ ଫେବୃଆରୀ ୨୦୨୩ ପର୍ଯ୍ୟନ୍ତ ରେପୋ ହାରରେ ମୋଟ ୨.୫ପ୍ରତିଶତ ବୃଦ୍ଧି କରିଛନ୍ତି। ତେବେ ଏହା ପରଠାରୁ ରେପୋ ହାର କ୍ରମାଗତ ସ୍ଥିର ରହିଛି। ଏମପିସିରେ ୩ ବାହାର ସଦସ୍ୟ ଓ ଆରବିଆଇର୩ ଅଧିକାରୀ ଅଛନ୍ତି। କମିଟିରେ ବାହର ସଦସ୍ୟ ଭାବେ ଶଶାଙ୍କ ଭିଡେ, ଅସୀମା ଗୋୟଲ ଓ ଜୟନ୍ତ ଆର. ବର୍ମା ରହିଛନ୍ତି। ସେହିପରି ଆରବିଆଇ ପକ୍ଷରୁ ଗଭର୍ଣ୍ଣର ଦାସଙ୍କ ବ୍ୟତୀତ ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ର ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ ରାଜୀବ ରଞ୍ଜନ ଏହି କମିଟି ସଦସ୍ୟ ଅଛନ୍ତି।

# ୯ରୁ କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪




**କଟକ, ୬।୨(ସମିସ):** ଆସନ୍ତା ୯ରୁ ୧୩ ପର୍ଯ୍ୟନ୍ତ ୫ଦିନ ଧରି କଟକ ବାଲିଯାତ୍ରା ଉପର ପଡ଼ିଆରେ କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ ଅନୁଷ୍ଠିତ ହେବ। କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମଇ ବିଭାଗ, ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନ, ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ଏବଂ ଇଡକୋର ମିଳିତ ସହଯୋଗରେ ନୌସେନା ଯନ୍ତ୍ରପାତି ନିର୍ମାଣ ଏବଂ ଏହାର ବ୍ୟବହାର ସଂକ୍ରାନ୍ତରେ ପ୍ରଦର୍ଶନୀ ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ଏକ୍ସପୋରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କ୍ରେତା ଏବଂ ବିକ୍ରେତା ମାନଙ୍କ କର୍ମଶାଳା ଆୟୋଜନ କରାଯିବ। ଏତଦବ୍ୟତୀତ ନାଭି ଫାଉଣ୍ଡେସନ ପକ୍ଷରୁ ବ୍ୟାଣ୍ଡ ସୋ ପ୍ରଦର୍ଶିତ ହେବ। ଏହି ଏକ୍ସପୋରେ ପ୍ରାୟ ୫୦୦ରୁ ଅଧିକ ଷ୍ଟଲ ରହିବା ସହ ସାଧାରଣ ଲୋକଙ୍କ ପାଇଁ ଆମୋଦପ୍ରମୋଦ, ଫୁଡ ଜୋନ, ଗେମ ଜୋନ ବ୍ୟବସ୍ଥା ହେବା ସହ ପ୍ରତ୍ୟେକ ସନ୍ଧ୍ୟାରେ ନାମିଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମଙ୍ଗଳବାର ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନର ସଭାପତି ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଓଆଇଏର ଅଧକ୍ଷ ଅବନୀ କାନୁନଗୋ ଏଥିରେ ଅଧକ୍ଷତା କରି କହିଥିଲେ ଯେ, ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନ ବିଗତ ୨୦ବର୍ଷ ଧରି ଏଭଳି କର୍ମଶାଳା ଏବଂ ପ୍ରଦର୍ଶନୀ ଆୟୋଜନ କରିଆସୁଛି। କଟକ ସହର ଏକ ସର୍ବପୁରାତନ ସହର। ନୌବାଣିଜ୍ୟ କ୍ଷେତ୍ରରେ ଉପକୂଳ ଓଡ଼ିଶାର ଏହି ସହର ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରେ। ଚଳିତବର୍ଷ ଜଳବାହିନୀ ସେନା ବ୍ୟବହୃତ କରୁଥିବା ସାମୁଦ୍ରିକ ପୋତର ଯନ୍ତ୍ରପାତି ସଂକ୍ରାନ୍ତରେ ଏକ ସଚେତନ କର୍ମଶାଳା ଏଠାରେ ଅନୁଷ୍ଠିତ ହେବ। ଏମଏସଏମଇ ଶିଳ୍ପୋଦ୍ୟୋଗୀମାନେ ଜଳବାହିନୀ ସେନା ଯାହାଜ ଗୁଡିକୁ କି ପ୍ରକାର ଯନ୍ତ୍ର ଯୋଗାଇ ପାରିବେ ସେ ବାବଦରେ ଦିଲ୍ଲୀରୁ ଆସୁଥିବା ନାଭାଲ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିବେ। ଏଥିରେ ବର୍ତ୍ତମାନ ଓ ଭବିଷ୍ୟତର ଶିଳ୍ପୋଦ୍ୟୋଗୀମାନେ ଶିକ୍ଷା ଲାଭ କରି ଆଗକୁ ବଢ଼ିବାର ପର୍ଯ୍ୟାପ୍ତ ସୁଯୋଗ ପାଇବେ। ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ପ୍ରେସିଡେଣ୍ଟ ଭାଇସ ଆଡମିରାଲ ଆର.କେ ପଟ୍ଟନାୟକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନର ସହଯୋଗରେ ଏଭଳି ଏକ ସଚେତନ କାର୍ଯ୍ୟକ୍ରମରେ ଜଳବାହିନୀ, ଜଳବାହିନୀ ଶିକ୍ଷା, ସାମୁଦ୍ରିକ ପୋତ ସଂକ୍ରାନ୍ତରେ ଜାଣି ନଥିବା ବହୁ ବ୍ୟକ୍ତି ଫାଇଦା ପାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଆଇଏର ସାଧାରଣ ସମ୍ପାଦକ ଗୌର ଗୋପାଳ ସେନ, ପୂର୍ବତନ ସଭାପତି ରାଜେଶ କାନୁନଗୋ, ସଂଯୋଜକ ପ୍ରଫୁଲ୍ଲ ସିଂହ, ଉପସଭାପତି ବିନୋଦ ଭୂତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଗୁଲ୍ ପେ' ଫୋନ୍ ପେ', ଭୀମ୍ ୟୁପିଆଇରେ ପଠାଇହେଲାନି ଟଙ୍କା

# ସର୍ଭର ଡାଉନ୍: ୪ ଘଣ୍ଟା ଧରି ୟୁପିଆଇ କାରବାର ବନ୍ଦ




## ସାରା ଦେଶରେ ଗ୍ରାହକ ହଟହଟା

**ନୂଆଦିଲ୍ଲୀ,୬।୨(ଏଜେନ୍ସି):** ମଙ୍ଗଳବାର ସନ୍ଧ୍ୟାରୁ ହଠାତ୍ ବନ୍ଦ ହୋଇଯାଇଛି ଅନ୍‌ଲାଇନ୍ ଡିଜିଟାଲ୍ ପେମେଣ୍ଟ। ଏଥିଯୋଗୁ ଦୀର୍ଘ ୪ ଘଣ୍ଟା ଧରି ୟୁପିଆଇ କାରବାର ବନ୍ଦ ହୋଇଯାଇଛି। ବ୍ୟାଙ୍କ ସର୍ଭର ଡାଉନ ହୋଇଛି। ଏଥିଯୋଗୁ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କରେ ସମସ୍ୟା ଦେଖାଯାଇଛି। ଏସ୍‌ବିଆଇ, ଏଚଡିଏଫସି ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କରେ ସମସ୍ୟା ଦେଖାଯାଇଛି। ଏଥିଯୋଗୁ ସାରା ଦେଶରେ ଗ୍ରାହକମାନେ ଅନଲାଇନ୍‌ରେ ଟଙ୍କା ପଠାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଆଜି ଫୋନ୍ ପେ, ଗୁଗଲ ପେ ସହିତ ଅନ୍ୟାନ୍ୟ ଡିଜିଟାଲ ପେମେଣ୍ଟ ଆପ୍ ଅକାମୀ ହୋଇପଡ଼ିଥିବା ଦେଖାଯାଇଛି। ଉପଭୋକ୍ତାମାନେ ଏହା ମଧ୍ୟ ରିପୋର୍ଟ କରିଛନ୍ତି ଯେ ସେମାନେ ନିଜର ଆକାଉଣ୍ଟ ରହିଥିବା ବ୍ୟାଙ୍କ କ୍ଷେତ୍ରରେ ମଧ୍ୟ ଅର୍ଥ ପଠାଇବାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

# ଟିପିସିଓଡିଏଲ୍ ପକ୍ଷରୁ ଉର୍ଜା ମେଳା

**ଭୁବନେଶ୍ୱର,୬।୨(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଏହାର ପ୍ରମୁଖ ସିଏସ୍‌ଆର୍ ଅଭିଯାନ କ୍ଲବ୍ ଏନର୍ଜି ଅଧୀନରେ ଉର୍ଜା ମେଳା ଆୟୋଜନ କରାଯାଇଛି। ଓଡିଏମ୍ ଗ୍ଲୋବାଲ୍ ସ୍କୁଲ, ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ବିଭିନ୍ନ ସ୍କୁଲରୁ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ବୃହତର ସମାଜରେ ଏଥିପାଇଁ ବ୍ରାଣ୍ଡ ଆମ୍ବାସାଡର ହେବା ନିମନ୍ତେ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ବିଭିନ୍ନ କର୍ପୋରେଟ ସଂସ୍ଥା ଓ ଜାତିସଂଘ ସଂଗଠନର ପରିଦର୍ଶକମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୀର୍ଘସ୍ଥାୟୀତ୍ୱ ପ୍ରତି ଅତୁଟ ପ୍ରତିବଦ୍ଧତା ପ୍ରଦର୍ଶନ କରି ଟାଟା ପାୱାରର ସ୍ୱଚ୍ଛ ଶକ୍ତି ଆମ୍ବାସାଡର 'ଗ୍ଲୋବେ'କୁ ଏହି କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ, ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ ପରିବର୍ତ୍ତନ,ସର୍କୁଲାର ଇକୋନମି, ଜାତିସଂଘ ନିରନ୍ତର ବିକାଶ ଲକ୍ଷ୍ୟ ଆଦି ବିଷୟବସ୍ତୁ ଉପରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ, ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆଦିରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଲୁକାୟିତ ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ। ଦାୟିତ୍ୱବାନ ଶକ୍ତି ବ୍ୟବହାରର ଅଭ୍ୟାସ ଉପରେ ଏହି କାର୍ଯ୍ୟକ୍ରମ ମୂଲ୍ୟବାନ ଜ୍ଞାନ ପ୍ରଦାନ କରୁଥିବା ବେଳେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଶକ୍ତି ସମ୍ବଳର ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରୁଥିବା ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି।



# ମୁମ୍ବାଇରୁ ଅଯୋଧ୍ୟାକୁ ଛୁଟୁଛି ବିଲ୍‌ଡର୍‌ଙ୍କ ସୁଅ

**ନୂଆଦିଲ୍ଲୀ,୬।୨(ଏଜେନ୍ସି):**

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେବାପରଠାରୁ ଅଯୋଧ୍ୟାରେ ଅନେକ ନୂଆ ଜିନିଷ ଦେଖିବାକୁ ମିଳୁଛି। ବର୍ତ୍ତମାନ ଅଯୋଧ୍ୟା ସହର ମୁମ୍ବାଇର ରିଅଲ୍ ଇଷ୍ଟେଟ୍ କମ୍ପାନୀଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏ ଯାଏ ମୁମ୍ବାଇର ଅତି କମ୍‌ରେ ୭ ଜଣ ନାମୀ ବିଲଡର ଅଯୋଧ୍ୟା ମୁହାଁ ହୋଇଛନ୍ତି। ଏଥିମଧ୍ୟରେ ହିରାନନ୍ଦାନୀ ଗ୍ରୁପ୍, ଗୋଦ୍ରେଜ୍ ପ୍ରପର୍ଟିଜ୍, ରେମଣ୍ଡ ରିଅଲିଟି, ଅଭିନନ୍ଦନ ଲୋଧା ଏବଂ ଓବରୋଇ ରିଅଲିଟି ଭଳି ବଡ ନାମୀ ବ୍ରାଣ୍ଡ ଅନ୍ତର୍ଭୁକ୍ତ। ବଲିଉଡ ସୁପରଷ୍ଟାର ଅମିତାଭ ବଚ୍ଚନ ଅଯୋଧ୍ୟାରେ କୋଟି ଟଙ୍କା ମୂଲ୍ୟର ଏକ ପ୍ଲଟ କିଣିଛନ୍ତି। ବଡ଼ ବଇଲ୍ଡର କମ୍ପାନୀଗୁଡିକର ଅଯୋଧ୍ୟାକୁ ପ୍ରବେଶ ପରେ ସେଠାରେ ରିଅଲ ଇଷ୍ଟେଟ୍ ସମ୍ପତ୍ତି ମୂଲ୍ୟ ୧୭୯ ପ୍ରତିଶତ ବୃଦ୍ଧି ପାଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଅଯୋଧ୍ୟାରେ ବର୍ତ୍ତମାନ ରିଅଲ ଇଷ୍ଟେଟ୍ ସମ୍ପତ୍ତି ମୂଲ୍ୟ ୧୭୯ ପ୍ରତିଶତ ବୃଦ୍ଧି ଘଟିଛି।

ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ମୁମ୍ବାଇର ପ୍ରସିଦ୍ଧ ବିଲଡରମାନେ ଅଯୋଧ୍ୟାକୁ ଏକ ଗନ୍ତବ୍ୟ ସ୍ଥଳରେ ପରିଣତ କରୁଛନ୍ତି। ସମସ୍ତ ବିଲଡର୍ସ ସେଠାରେ ଅଧିକରୁ ଅଧିକ ଜମି ବା ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ପ୍ରତ୍ୟେକ ଗୋଷ୍ଠୀ ଅଯୋଧ୍ୟାରେ ଏହାର ବ୍ୟବସାୟ ବିକାଶ କାର୍ଯ୍ୟ ଚଳାଇବାକୁ ଚାହୁଁଛନ୍ତି । ଏହି ରିଅଲ୍ ଇଷ୍ଟେଟ୍ କମ୍ପାନୀ ଅଯୋଧ୍ୟାରେ ଜମି ବିକ୍ରୟ କରିବାକୁ ଇଚ୍ଛୁକ ଥିବାବେଳେ ଅନ୍ୟମାନେ ସେଠାରେ ଏକ ଆବାସିକ ଟାଉନସିପ୍‌ର ବିକାଶ କରୁଛନ୍ତି। ତେବେ କିଛି ବିଲଡର୍ ସେଠାରେ ବ୍ୟବସାୟିକ ଏବଂ ଆତିଥେୟତା ବ୍ୟବସାୟ ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। ଆହୁରିମଧ୍ୟ ଏହି ରିପୋର୍ଟରେ, ଗତ ତିନି ମାସ ମଧ୍ୟରେ ସେଠାରେ ବଡ ବଡ଼ ରିଅଲ ଇଷ୍ଟେଟ୍ ଗ୍ରୁପ ବେଶ ସକ୍ରିୟ ରହିଛନ୍ତି। ଜାନୁଆରୀ ୨୨ ପ୍ରାଣ ପ୍ରତିଷ୍ଠା ଉତ୍ସବ ପରଠାରୁ ଅଯୋଧ୍ୟାରେ ରିଅଲ୍ ଇଷ୍ଟେଟ୍ ମୂଲ୍ୟ ରେ ୧୭୯ ପ୍ରତିଶତ ବୃଦ୍ଧି ଘଟିଛି। ରିଏଲ୍ ଇଷ୍ଟେଟ୍ ପରାମର୍ଶଦାତା ସଂସ୍ଥା ଆନାର୍କ ଗ୍ରୁପ୍ କହିଛି ଯେ ୨୦୨୯ ମସିହାରେ ସେଠାରେ ବର୍ଗଫୁଟ ପ୍ରତି ୧୦୦୦ ରୁ ୨୦୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ଜମିର ମୂଲ୍ୟ ବର୍ତ୍ତମାନ ଚାରିରୁ ଛଅ ହଜାର ଟଙ୍କାରେ ପହଞ୍ଚିଛି। ରାମ ମନ୍ଦିର ଚାରିପାଖରେ ଜମି ମୂଲ୍ୟ ଯାହା ପୂର୍ବରୁ ବର୍ଗଫୁଟ ପିଛା ୨୦୦୦ରୁ ୩୦୦୦ ଟଙ୍କା ଉପଲବ୍ଧ ଥିଲା ବର୍ତ୍ତମାନ ବର୍ଗଫୁଟ ପିଛା ୧୦,୦୦୦ରୁ ୧୫୦୦୦ ଟଙ୍କାରେ ପର୍ଯ୍ୟନ୍ତ ପହଞ୍ଚିଛି। ଯଦିଓ ଆପଣ ରାମ ମନ୍ଦିରଠାରୁ ୬ରୁ ୧୫ କିଲୋମିଟର ଦୂରରେ ଜମି କିଣନ୍ତି, ତେବେ ସେଠାରେ ମଧ୍ୟ ବର୍ଗଫୁଟ ପିଛା ମୂଲ୍ୟ ୪ରୁ ୯ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅଯୋଧ୍ୟା ଏବଂ ଏହାର ଆଖପାଖ ଅଞ୍ଚଳରେ ରିଅଲ୍ ଇଷ୍ଟେଟ୍ ମୂଲ୍ୟ ବୃଦ୍ଧି ହେତୁ ସ୍ଥାନୀୟ ଲୋକମାନେ ସମସ୍ୟାରେ ପଡିଯାଇଛନ୍ତି। ବର୍ତ୍ତମାନ ଏହା ସ୍ଥାନୀୟ ଲୋକଙ୍କ ପାଇଁ ଅଯୋଧ୍ୟାରେ ଜମି କିମ୍ବା ଘର କିଣିବା କ୍ଷମତାଠାରୁ ଅଧିକ ହୋଇଯାଇଛି।



## ରିଅଲ ଇଷ୍ଟେଟ୍ ସମ୍ପତ୍ତି ମୂଲ୍ୟ ୧୭୯ ପ୍ରତିଶତ ବୃଦ୍ଧି

**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

# ଓଡ଼ିଶା ଆଗରେ କଷ୍ଟସାଧ୍ୟ ଲକ୍ଷ୍ୟ

- ବିଜୟ ପଏଣ୍ଟ ହାସଲରେ ଫେଲ୍ ମାରୁଛି ଦଳ
- ବ୍ୟାଟର୍‌ଙ୍କ ତୁଳନାରେ ଜମିଛି ବୋଲର୍‌ଙ୍କ ପ୍ରଭାବ

କଟକ,୬।୨(ସମିସ)

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଆଶାତୀତ ଉନ୍ନତ ରହିଛି। ଶକ୍ତିଶାଳୀ ଦଳ ଗୁଡିକ ବିପକ୍ଷରେ କିଛି ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଦମଦାର ପ୍ରଦର୍ଶନକୁ ଅଣଦେଖା କରାଯାଇ ନପାରେ। ଉଭୟ ବ୍ୟାଟିଂ ଓ ବୋଲିଂରେ ଦଳ ପାଇଁ କିଛି ଯୁବ ତାରକା ଉପଯୋଗୀ ସାବ୍ୟସ୍ତ ହେଉଛନ୍ତି। କିନ୍ତୁ, କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ କେବଳ ଉନ୍ନତ ପ୍ରଦର୍ଶନ ନୁହେଁ ବିଜୟ ପଏଣ୍ଟ ହାସଲ କରିବାକୁ ହେବ। ଲିଗ୍ ପର୍ଯ୍ୟାୟରେ ଦଳ ଦୁଇଥର ବିଜୟ ପଥରେ ଅଗ୍ରସର ହୋଇଥିଲେ ମଧ୍ୟ ପଏଣ୍ଟ ହାସଲରେ ଫେଲ୍ ମାରିଛି। ଓଡ଼ିଶା ହାତରେ ଆଉ ଦୁଇଟି ଲିଗ ମ୍ୟାଚ୍ ବାକି ଅଛି। ଏହି ଦୁଇଟି ଯାକ ମ୍ୟାଚ୍ ଜିତିଲେ ସମ୍ଭବତଃ ଦଳ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରି ପାରିବ। ଆସନ୍ତା ୯ରୁ ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ବିପକ୍ଷରେ ଦଳ ୬ଷ୍ଠ ଲିଗ ମ୍ୟାଚ୍ ଖେଳିବ। ଏପରିକି ଏହି ମ୍ୟାଚ୍ ଉପରେ ଓଡ଼ିଶାର କ୍ୱାର୍ଟର ଆଶା ମଧ୍ୟ ତିଷ୍ଟି ରହିଛି। ଏଣୁ ଉତ୍ତରାଖଣ୍ଡ ବିପକ୍ଷରେ ନିହାତିରୂପେ 'ବିଜୟ' ଲକ୍ଷ୍ୟ ନେଇ ଦଳ ପଡ଼ିଆକୁ ଓହ୍ଲାଇବ। ୫ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ଟି ପରାଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ୧୨ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ ଗ୍ରୁପ-ଡିର ୯ମ ସ୍ଥାନରେ ରହିଛି। ହିମାଚଳ ପ୍ରଦେଶ ବିପକ୍ଷରେ ଦଳ ଏକମାତ୍ର ବିଜୟ ପଏଣ୍ଟ ହାସଲ କରିଥିଲା। ବରୋଦା ଏବଂ ଜମ୍ମୁ ଓ କଶ୍ମୀର ଠାରୁ ପରାସ୍ତ ହୋଇଥିବା ବେଳେ ପୁଡୁଚେରୀ ଏବଂ ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍ ଡ୍ର ରହିଛି। ସମସ୍ତ ମ୍ୟାଚ୍‌କୁ ଅବଲୋକନ କଲେ ଜଣାପଡେ ଯେ, ଜମ୍ମୁ ଓ କଶ୍ମୀର ଏବଂ ପୁଡୁଚେରୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ନିକଟରେ ବିଜୟ ଆଶା ରହିଥିଲା। ଡ୍ରିମସ ଗ୍ରାଉଣ୍ଡରେ ଜମ୍ମୁ ଓ କାଶ୍ମୀର ଦଳ ମାତ୍ର ୨ୱିକେଟରେ ବିଜୟ ଲାଭ କରିଥିଲା। କ୍ରମାଗତ ୱିକେଟ ପତନ ସତ୍ତ୍ୱେ ଅବଦୁଲ ସାମଦ ଓଡ଼ିଶା ବିଜୟରେ କଣ୍ଟା ସାଜିଥିଲେ। ସେହିପରି ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ମ୍ୟାଚ୍ ଡ୍ର ରହିଥିଲେ ସୁଦ୍ଧା ଓଡ଼ିଶା ଅଗ୍ରଣୀ ଆକାରରେ ୩ ପଏଣ୍ଟ ହାସଲ କରିଥିଲା। ଏହି ମ୍ୟାଚରେ ମଧ୍ୟ ଓଡ଼ିଶା ସମ୍ମୁଖରେ ବିଜୟ ସମ୍ଭାବନା ସୃଷ୍ଟି ହୋଇଥିଲା। ଅନ୍ତିମ ସେସନ୍‌ରେ ହାତଗଣତି କ୍ୟାଚ୍ ଛାଡିବା ନିମ୍ନକ୍ରମର ବ୍ୟାଟରଙ୍କୁ ସଅଳ ଆଉଟ ନକରିପାରିବା ଯୋଗୁଁ ଓଡ଼ିଶା ବିଜୟଠାରୁ ଦୂରରେ ରହି ଯାଇଥିଲା। ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଏଭଳି ତ୍ରୁଟିକୁ ଏଡାଇ ଓଡ଼ିଶା ବିଜୟ ପଏଣ୍ଟ ହାସଲ କରିବାକୁ ଲକ୍ଷ୍ୟ ରଖିବ। ଓଡ଼ିଶାର ପ୍ରଭାବଶାଳୀ ପ୍ରଦର୍ଶନ ପଛରେ ବୋଲରମାନଙ୍କ ଯଥେଷ୍ଟ ଅବଦାନ ପରିଲକ୍ଷିତ ହେଉଥିବା ଚର୍ଚ୍ଚା ହେଉଛି। ରାଜେଶ ମହାନ୍ତି ଏବଂ ସୁନୀଲ ରାଉଳ। ଏହି ଦୁଇ ମିଡିୟମ ପେସର ଓଡ଼ିଶା ପାଇଁ ଅଗ୍ରଣୀ ୱିକେଟ ଦଖଲକାରୀ ରହିଛନ୍ତି। ୪ଟି ମ୍ୟାଚ୍‌ରୁ ରାଜେଶ ୨୬ଟି ୱିକେଟ ହାସଲ କରିଥିବା ବେଳେ ସୁନୀଲଙ୍କୁ ମିଳିଛି ୧୮ଟି ୱିକେଟ। ଏମାନଙ୍କ ବ୍ୟତୀତ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ ୨ଟି ମ୍ୟାଚ୍‌ରୁ ୮ଟି ୱିକେଟ ଦଖଲ କରି ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଦେବବ୍ରତ ପ୍ରଧାନ, ପ୍ରୟାସ ସିଂହ, ସୂର୍ଯ୍ୟକାନ୍ତ ପ୍ରଧାନ, ହର୍ଷିତ ରାଥୋଡ ଏହି ତୁଳନାରେ ପଛରେ ପଡିଛନ୍ତି। ଏଣୁ ବୋଲିଂ ଲାଇନ୍‌ଅପକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ଦଳ ନିହାତି ଉଦ୍ୟମ କରିବ। ଅନ୍ୟପକ୍ଷରେ ବ୍ୟାଟରମାନଙ୍କ ପ୍ରଦର୍ଶନକୁ ନଜର ପକାଇଲେ ସନ୍ଦୀପ ପଟ୍ଟନାୟକ(୪୦୦ରନ), ଶୁଭ୍ରାଂଶୁ ସେନାପତି(୩୫୫ରନ) ଏବଂ ଗୋବିନ୍ଦ ପୋଦ୍ଦାର(୩୨୪ରନ) ଆଗରେ ଅଛନ୍ତି। ଓଡ଼ିଶାକୁ ଚାପ ମୁକ୍ତ ପ୍ରଦର୍ଶନ କରିବାକୁ ହେଲେ ଅନ୍ୟ ବ୍ୟାଟରମାନଙ୍କୁ ମଧ୍ୟ ବଡ ପାଳି ଖେଳିବାକୁ ପଡିବ।

**ଷଷ୍ଠ ରାଉଣ୍ଡରେ ଗ୍ରୁପ-ଡି ଖେଳସୂଚୀ**

(ଫେବୃଆରୀ ୯ରୁ ୧୨ ତାରିଖ)

| ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|
| ଓଡ଼ିଶା-ଉତ୍ତରାଖଣ୍ଡ | କଟକ |
| ବରୋଦା-ମଧ୍ୟ ପ୍ରଦେଶ | ଇନ୍ଦୋର |
| ଦିଲ୍ଲୀ-ହିମାଚଳ | ଧର୍ମଶାଳା |
| ପୁଡୁଚେରୀ-ଜମ୍ମୁ-କାଶ୍ମୀର | ପୁଡୁଚେରୀ |

**ଗ୍ରୁପ୍-ଡି'ରେ ଓଡ଼ିଶାର ପ୍ରଦର୍ଶନ**

| ରାଉଣ୍ଡ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଫଳାଫଳ | ପଏଣ୍ଟ |
|---|---|---|---|---|
| ପ୍ରଥମ | ବରୋଦା | ଭଦୋଦରା | ଓଡ଼ିଶା ୧୪୭ ରନ୍‌ରେ ପରାସ୍ତ | ୦ |
| ଦ୍ୱିତୀୟ | ମଧ୍ୟପ୍ରଦେଶ | ଇନ୍ଦୋର | ମ୍ୟାଚ୍ ଡ୍ର- ପ୍ରଥମ ପାଳି ଆଗୁଆ | ୩ |
| ତୃତୀୟ | ଜମ୍ମୁ-କାଶ୍ମୀର | ଡ୍ରିମ୍ସ, ଟାଙ୍ଗୀ | ଓଡ଼ିଶା ୨ ୱିକେଟରେ ପରାସ୍ତ | ୦ |
| ଚତୁର୍ଥ | ହିମାଚଳ | ଡ୍ରିମ୍ସ, ଟାଙ୍ଗୀ | ଓଡ଼ିଶା ୨୩୮ ରନ୍‌ରେ ବିଜୟୀ | ୬ |
| ପଞ୍ଚମ | ପୁଡୁଚେରୀ | ବାରବାଟୀ | ମ୍ୟାଚ୍ ଡ୍ର- ପ୍ରଥମ ପାଳି ଆଗୁଆ | ୩ |
| ଷଷ୍ଠ | ଉତ୍ତରାଖଣ୍ଡ | ଡ୍ରିମ୍ସ, ଟାଙ୍ଗୀ | (ଫେବୃଆରୀ ୯ରୁ ୧୨ଯାଏ ଖେଳାଯିବ) | - |
| ସପ୍ତମ | ଦିଲ୍ଲୀ | ଦିଲ୍ଲୀ | (ଫେବୃଆରୀ ୧୬ରୁ ୧୯ଯାଏ ଖେଳାଯିବ) | - |

ମ୍ୟାଚ୍-୫, ଜିତିଛି-୧, ପ୍ରଥମ ପାଳି ଆଗୁଆ-୨, ପରାଜୟ-୨, ପଏଣ୍ଟ-୧୨, ସ୍ଥାନ-୫ମ

**୫ମ ରାଉଣ୍ଡ ପରେ ଗ୍ରୁପ୍-ଡି' ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ପଏଣ୍ଟ | ସ୍ଥାନ | ରନ୍ କୋସେଣ୍ଟ |
|---|---|---|---|---|---|---|---|
| ବରୋଦା | ୫ | ୩ | ୦ | ୨ | ୨୩ | ପ୍ରଥମ | + ୧.୫୨୧ |
| ମଧ୍ୟ ପ୍ରଦେଶ | ୫ | ୨ | ୦ | ୩ | ୧୯ | ଦ୍ୱିତୀୟ | +୧.୪୪୩ |
| ପୁଡୁଚେରୀ | ୫ | ୨ | ୨ | ୧ | ୧୩ | ତୃତୀୟ | + ୦.୮୮୫ |
| ଜମ୍ମୁ-କାଶ୍ମୀର | ୫ | ୧ | ୦ | ୪ | ୧୨ | ଚତୁର୍ଥ | +୧.୦୧୭ |
| ଓଡ଼ିଶା | ୫ | ୧ | ୨ | ୨ | ୧୨ | ପଞ୍ଚମ | + ୦.୯୭୭ |
| ଉତ୍ତରାଖଣ୍ଡ | ୫ | ୧ | ୨ | ୨ | ୦୮ | ଷଷ୍ଠ | + ୦.୮୨୧ |
| ଦିଲ୍ଲୀ | ୫ | ୧ | ୨ | ୨ | ୦୮ | ସପ୍ତମ | +୦.୭୩ |
| ହିମାଚଳ | ୫ | ୦ | ୩ | ୨ | ୦୪ | ଅଷ୍ଟମ | + ୦.୭୩୩ |

# ପୂର୍ବତନ ରଣଜୀ ଖେଳାଳି ଶୁଭାଶିଷ ଭୂୟାଁଙ୍କ ପରଲୋକ



**କଟକ,୬।୨(ସମିସ):** ପୂର୍ବତନ ରଣଜୀ ଖେଳାଳି ଶୁଭାଶିଷ ଭୂୟାଁଙ୍କର ସୋମବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ବର୍ଷ ବୟସ ହୋଇଥିଲା। ଭୁବନେଶ୍ୱର ବିଜେବି ନଗରରେ ଶୁଭାଶିଷଙ୍କର ଘର। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମେଡିକାଲ ନେଉଥିଲେ। ବାଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କ ପରଲୋକଗତ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ରଣଜୀ ଖେଳାଳି ଶୁଭାଶିଷ ରାଜ୍ୟ ବରିଷ୍ଠ ଦଳର ପୂର୍ବତନ ଚୟନକର୍ତ୍ତା କମିଟିର ସଦସ୍ୟ ମଧ୍ୟ ଥିଲେ। ଏହାଛଡ଼ା ଓଡିଶା ପ୍ରଧାନ ମହାଲେଖାକାର(ଅଡିଟ-୧)ରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଅଲରାଉଣ୍ଡର ଶୁଭାଶିଷ ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବେଳେ ପୂର୍ବାଞ୍ଚଳ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ, ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, କୁଚବିହାର ଟ୍ରଫି, ସି.କେ ନାୟୁଡୁ ଟ୍ରଫି ଭଳି ଅନେକ ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଆଦିଲ ଭୂୟାଁ, ବଡଭାଇ ଶୁଭଞ୍ଜନ ଭୂୟାଁଙ୍କ ସମେତ ପରିବାର ଲୋକେ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ତାଙ୍କ କର୍ମଭୂମି ଏ.ଜି. କାର୍ଯ୍ୟାଳୟକୁ ନିଆଯାଇଥିଲା। ପ୍ରଧାନ ମହାଲେଖାକାର ରାଜ କୁମାର, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଉପ ମହାଲେଖାକାର ସଚିନ କ୍ରିଷ୍ଣା କୌଶିକ, ଏସ. ଅରୁଣା, ଏ.ଜି ରିକ୍ରେସନ କ୍ଲବର ସମ୍ପାଦକ ଭି. ଆନନ୍ଦ ଭଟ୍ଟ, କୋଚ୍ ଅବକାଶ ଖଟୁଆ, ପୂର୍ବତନ ରଣଜୀ ଖେଳାଳି ଧୀରଜ ସିଂହ, ଦେବରାଜ ସାହୁ, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ସୁକାନ୍ତ କୁମାର ମଲ୍ଲ, ବିବେକାନନ୍ଦ ଦାସ, ଚିନ୍ମୟ ହୋତା, ସୁଶାନ୍ତ କୁମାର ଭାରିମଲ୍ଲ, ବିଜୟ ନାୟକ, ସରୋଜ ବାରିକ, ଦୀପ୍ତି ରଞ୍ଜନ ରାୟଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

**● ସି.କେ ନାଇଡୁ ଟ୍ରଫି**

# ଓଡ଼ିଶାର ଶୋଚନୀୟ ପରାଜୟ

**କଟକ,୬।୨(ସମିସ):** ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ମହାରାଷ୍ଟ୍ର ଠାରୁ ଶୋଚନୀୟ ଭାବେ ପରାସ୍ତ ହୋଇଛି। ଔରଙ୍ଗାବାଦ ଜିଲ୍ଲା କ୍ରିକେଟ ସଂଘ ଗ୍ରାଉଣ୍ଡରେ ଏହି ଖେଳାଯାଉଥିଲା। ମହାରାଷ୍ଟ୍ର ଇନିଂସ ଏବଂ ୧୫୦ରନରେ ବିଜୟ ଲାଭ କରିଛି। ମହାରାଷ୍ଟ୍ରର ପ୍ରଥମ ଇନିଂସ୍ ୪୯୪ରନ ଜବାବରେ ଓଡ଼ିଶା ୨୬୮ରନରେ ଅଲଆଉଟ ହୋଇଥିଲା। ଦଳ ଫଲୋଅନ ପାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବା ସହ ସମସ୍ତ ୱିକେଟ ହରାଇ ମାତ୍ର ୭୬ରନ କରିଥିଲା। ଚଳିତ ସି.କେ ନାଇଡୁ ଟ୍ରଫିରେ ଓଡ଼ିଶାର ଅଭିଯାନ ଏକପ୍ରକାର ଶେଷ ହୋଇଛି। ୫ଟି ଲିଗ ମ୍ୟାଚ୍‌ରୁ ୪ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ଦଳ ୧ ପଏଣ୍ଟ ପାଇ ଏଲିଟ ଗ୍ରୁପ-ସି ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଆଉ ୨ଟି ଲିଗ ମ୍ୟାଚ ବାକି ରହିଛି।

**● ୧୯ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିଅନସିପ୍**

# ଭାରତ-ବାଂଲାଦେଶ ଫାଇନାଲ



**ଢ଼ାକା,୬।୨(ଏଜେନ୍ସି):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିଅନସିପ୍‌ରେ ଭାରତ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ- ରବିନ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ନେପାଳକୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛି। ଗୁରୁବାର ଟାଇଟଲ ପାଇଁ ଭାରତ ଫାଇନାଲରେ ବାଂଲାଦେଶକୁ ଭେଟିବ। ଭାରତ ତରଫରୁ ନେହା ୫୪ ଓ ୮୦ତମ, ସୁଲଞ୍ଜନା ରାଉଲ ୮୫, ସିଣ୍ଡି ରେମରୁଆତପୁଲି ୯୦+୩ ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଅପରପକ୍ଷରେ ନେପାଳ ଗୋଟିଏ ହେଲେ ବି ଗୋଲ ଦେବାରେ ସଫଳ ହୋଇ ନଥିଲା। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ୧୦-୦ ଗୋଲରେ ଭୁଟାନକୁ ପରାସ୍ତ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍ ୦-୧ ଗୋଲରେ ବାଂଲାଦେଶଠାରୁ ହାରିଥିଲା।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- HINDI

**खंड - 'अ'(वस्तुपरक)**

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिकउपयुक्त उत्तर वाले विकल्प चुनकर लिखिए।** (1x5=5)

चेन्नई में आई बाढ़ अब उतार पर है। इस त्रासदी से निबटने में इस शहर ने जिस साहस का परिचय दिया, जिस तरह से सोशल मीडिया ने एक बार फिर बचाव के काम में अहम किरदार निभाया, बल्कि कुछ मामलों में तो जान बचाने में भी उसकी भूमिका रही इसे देखते हुए उसकी जितनी तारीफ़ की जाए वह कम है। इन तमाम अच्छी बातों के बावजूद इस वास्तविकता को भी नहीं झुठलाया जा सकता कि इस त्रासदी से बचा जा सकता था। चेन्नई में आई बाढ़ की असली वजह थी अड्यार नदी-बेसिन का नये हवाई अड्डे के लिए अतिक्रमण । ठीक उसी तरह, जैसे दूसरे नदी विस्तारों का आवासीय निर्माण के लिए इस्तमाल कर लिया गया है। नदी के कुदरती रास्तों को अवरुद्ध किए जाने से इसका जल आसपास के इलाकों में उमड़ गया। जब तक प्रकृति अपना क्रोध नहीं दिखाती हमारे योजनाकार हर जोखिम को नज़रअंदाज करते रहते हैं और उस चीज़ की तलाश में रहते हैं जिसे वे ले सकते हैं। हमने इसी तरह का विध्वंसक सैलाब मुम्बई में भी देखा। कुछ ही समय पहले श्रीनगर में भी ऐसी ही बर्बादी देखी। हर जगह मुख्य वजह मिली - अनियोजित शहरीकरण और बुनियादी नियमों की अनदेखी। फिर भी हर बार त्रासदी की गम्भीरता लोगों की यादों में धुँधली पड़ जाती है। चेन्नई की तरह दिल्ली में भी ऐसे सैलाब की सम्भावना है। इसलिए हमें यमुना नदी के बेसिन से छेड़छाड़ करने की'बुद्धिमानी' से बचना होगा।

i. गद्यांश में प्रयुक्त 'गम्भीरता' पद व्याकरण की दृष्टि से कौन-सा पद है?
(क) क्रिया (ख) सर्वनाम (ग) संज्ञा (घ) विशेषण

ii. दिल्ली में सैलाब से बचने के लिए क्या करना चाहिए?
(क) दिल्ली में सैलाब से बचाव के विज्ञापन दिखाना
(ख) यमुना नदी के बेसिन से छेड़छाड़ करने से बचना
(ग) वन पर्यावरण की सुरक्षा के उपाय
(घ) वनों से रोजी-रोटी चलाने के उपाय

iii. मुंबई, श्रीनगर जैसे स्थानों में बाढ़ से हुई बर्बादी के पीछे क्या कारण था?
(क) प्रकृति का असहयोग (ख) अनियोजित शहरीकरण
(ग) त्रासदी की गम्भीरता (घ) शहरों का विस्तार

iv. "अपनी 'बुद्धिमानी' का परिचय देते हुए "- यहाँ 'बुद्धिमानी' से लेखक का मन्तव्य क्या है?
(क) समझदारी (ख) विद्वता (ग) अक्लमन्दी (घ) मूर्खता

v. कथन (A) तथा कारण (R) को ध्यानपूर्वक पढ़ें। उसके बाद दिए गए विकल्पों में से उत्तर के रूप में सही विकल्प का चुनाव कीजिए।
कथन (A) : चेन्नई की बाढ़ के समय सोशल मीडिया ने नकारात्मक भूमिका निभाई।
कारण (R) : बुनियादी नियमों की अनदेखी और अनियोजित शहरीकरण इस भूमिका का मुख्य कारण था।
(क)कथन (A) गलत है और कारण (R) सही है
(ख)कथन (A) और कारण (R) दोनों गलत हैं।
(ग)कथन (A) सही है परंतु कारण (R) कथन की गलत व्याख्या करता है।
(घ)कथन (A) और कारण (R) दोनों सही हैं और कारण कथन की सही व्याख्या करता है ।

**व्याकरण विभाग**

2. i) वर्णों के सार्थक समूह को क्या कहते हैं? (1x5)
क)वर्णमाला ख)वाक्य ग) शब्द घ) पद

ii) पदबंध किसे कहते हैं ?
क) वाक्य में प्रयोग सभी पदों को ख) वाक्य में प्रयोग केवल एक पद को।
ग) दो या दो से अधिक पदों का समूह जो एक व्याकरणिक रूप को अभिव्यक्त करें।
घ) वाक्य में प्रयोग, संज्ञा, सर्वनाम, विशेषण क्रिया आदि ।

iii) पदबंध कितने प्रकार के होते हैं ?
क)4 ख)2 ग)3 घ)5

iv) तेज दौड़ने वाली गाड़ी दुर्घटनाग्रस्त हो गई। रेखांकित पदबंध का भेद चुनिए ।
क) संज्ञा पदबंध ख) सर्वनाम पदबंध ग) क्रिया पदबंध घ) विशेषण पदबंध

v) शरद पूर्णिमा की शीतल, सुखद व मनमोहक चाँदनी मेरा मन मोह लिया।
क) संज्ञा पदबंध ख) सर्वनाम पदबंध ग) क्रिया पदबंध घ) विशेषण पदबंध

3. **रचना के आधार पर पूछे गए निम्नलिखित वाक्यों का उत्तर विकल्पों से चुनकर लिखिए।**

i) धनी व्यक्ति कितना मनचाहा सामान खरीद सकता है।इस वाक्य का मिश्रित रूप छाँटिए। **(1x5)**
क)वह धनी व्यक्ति है इसलिए मनचाहा सामान खरीद सकता है।
ख)धनी व्यक्ति होने के कारण वह मनचाहा सामान खरीद सकता है ।
ग)जो व्यक्ति धनी है ,वह मनचाहा सामान खरीद सकता है ।
घ) मनचाहा सामान खरीदने के कारण वह व्यक्ति धनी ।

ii) निम्नलिखित वाक्यों में सही संयुक्त वाक्य रूपांतरण को चुनिए।
क) नेताजी और ठाकुर जी एक साथ जेल गए ।
ख) हम ,तुम और सारे विद्यार्थी एक साथ जुलूस निकालेंगे।
ग) ईमानदार इंस्पेक्टर को पुरस्कार मिलेगा ।
घ) वह घूम-घूमकर कर आया और नहाने चला गया।

iii) सही सरल वाक्य को चुनिये ।
क) पिता के बहुत समझाने पर भी वह विदेश चला गया।
ख) जब संकट आए तब हमें घबराना नहीं चाहिए।
ग) पिताजी बीमार पड़ गए हैं इसलिए वे विद्यालय नहीं आ सके।
घ) जो व्यक्ति परिश्रमी होता है वो उन्नति करता है।

iv) वह छह मंजिली इमारत की छत थी जिस पर एक पर्णकुटी थी। रचना के आधार पर सही वाक्य चुनिए।
क)सरल वाक्य ख) मिश्रित वाक्य ग) संयुक्त वाक्य घ)प्रश्न वाचक वाक्य

v) कृपया सभी यहाँ आकर सुनें। रचना के आधार पर सही वाक्य चुनिए।
क)सरल वाक्य ख) मिश्रित वाक्य ग) संयुक्त वाक्य घ)विधान वाचक वाक्य

4. **समास के आधार पर पूछे गए छह प्रश्नों में से किन्हीं चार प्रश्नों का उत्तर दीजिए(1x4)**

i) समास शब्द का अर्थ क्या है ?
क) संक्षिप्त करना ख) मिलाकर लिखना
ग) जोड़ तोड़कर लिखना घ) उपर्युक्त सभी।

ii) समास के कितने भेद होते हैं ?
क)चार ख)पाँच ग)आठ घ) छः

iii) कौन से समास में उत्तर पद प्रधान होता है?
क) तत्पुरुष समास। ख) कर्म धारय समास
ग) बहुव्रीहि समास घ) अव्ययीभाव समास

iv) 'मुरलीधर' -सही विग्रह रूप चुनिए ।
क)मुरली है हाथों में जिनके ख)मुरली को धारण करने वाला- अर्थात कृष्ण
ग)मुरली और धर घ) मुरली है धारणा में जिनके।

v) बेफायदा - सही भेद चुनिए।
क) तत्पुरुष समास। ख) कर्म धारय समास
ग) बहुव्रीहि समास घ) अव्ययीभाव समास

vi) द्विगु समास का सही उदाहरण छाँटिए।
क)नर- नारी ख) यथा पति ग) सप्ताह घ)कमल नयन

**पाठ्य पुस्तक विभाग**

5. उसी उदार की कथा सरस्वति बखानती (1x5)
उसी उदार की सदा सजीव कीर्ति कूजती
तथा उसी उदार को समस्त सृष्टि पूजती ।
अखंड आत्म भाव जो असीम विश्व में भरे
वही मनुष्य है कि जो मनुष्य के लिए मरे ।

क) प्रस्तुत पद्यांश में कवि उन उदार मनुष्यों का गुणगान करता है जो इस अनंत संसार के साथ अखंड आत्मीयता रखता है। इससे ज्ञात होता है कि कवि......के पक्षधर हैं ।
i) एकता ii) परोपकारिता iii) अखंडता iv)ये सभी

ख) 'कृतार्थ भाव' से तात्पर्य है ।
i) किए गए उपकार को मानने वाला भाव ii) परोपकार का भाव
iii) संसार के प्रति प्रेम भाव iv) किए गए उपकार को न मानने वाला भाव

ग) उदार व्यक्ति के प्रति पृथ्वी का भाव रहता है
i) कृतज्ञता और निंदा का ii) सहनशीलता और क्षमा का
iii) कृतज्ञता और आभार का iv) घृणा और निंदा का

घ) वैश्विक एकता और अखंडता को नई दिशा किसके माध्यम से मिलती है?
i) बैषम्य के भाव से ii) उदारता के भाव से
iii) घृणा के भाव से iv) परनिंदा के भाव से

ङ) निम्नलिखित वाक्यों को ध्यानपूर्वक पढ़िए ।
1) सच्चा मनुष्य वह है, जो संपूर्ण मनुष्यता के लिए जीता और मरता है।
2) उदार चेतना से वैश्विक एकता और अखंडता को एक नई दिशा मिलती है ।
3) जो इस संसार के साथ अखंड आत्मीयता रखता है पृथ्वी ऐसे व्यक्तियों के प्रति कृतज्ञ होती है।
4) महर्षि दधीचि ने योगबल से अपने अस्थि-पंजर को भी दान कर दिया।
5) देश की बागडोर तुम्हारे हाथ में है इसकी रक्षा करना तुम्हारा कर्त्तव्य है।
उपर्युक्त कथनों में से कौन-सा/से कथन सही है/हैं
(i) 1,2 और 3 (ii)1,3 और 5 (iii)2,3 और 4 (iv)2 और 3

**लेखन**

6. आपके मुहल्ले से एक लडकी को अगवा कर लिया गया है उसी से संबंधित सूचना आपको अखबार में देनी है । विस्तृत जानकारी के साथ एक सूचना पत्र तैयार कीजिए।

7. आने वाले सी.बी.एस.ई दशवीं परीक्षा के लिए कुछ ही दिन बचा है , परंतु आपको अभी तक प्रवेश पत्र प्राप्त नहीं हुआ। प्रवेश पत्र पाने हेतु आपके अध्यक्षा महोदया को एक आवेदन पत्र लिखिए।

*****

*All the Best...*

**ANSWER KEY**

| | | | | | |
|---|---|---|---|---|---|
| **1.** | i)घ | ii)ख | iii)ख | iv)क | v)ख |
| **2.** | i)क | ii)ग | iii)घ | iv)क | v)घ |
| **3.** | i)ग | ii)घ | iii)क | iv)ख | v)क |
| **4.** | i)क | ii)घ | iii)क | iv)ख | v)घ |
| **5.** | क)(iv) | ख)(i) | ग)(iii) | घ)(ii) | ङ)(iii) |

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳ ହେବେ। ଦୀର୍ଘ ଦିନରୁ ଅଟକି ଥିବା କାର୍ଯ୍ୟ ପୂରା ହେବ। ଚାକିରିରେ ପରିବର୍ତ୍ତନ ଦେଖାଦେବ। ରାଜନୀତିରେ ସକ୍ରିୟ ହୋଇପାରନ୍ତି।

**ବୃଷ:** ବ୍ୟସ୍ତତା ଭିତରେ ସମୟ ବିତିବ। ନୂତନ ବ୍ୟବସାୟ ପାଇଁ ଯୋଜନା କରିପାରନ୍ତି। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ବାଦବିବାଦରୁ ଦୂରେଇ ରୁହନ୍ତୁ। ଉଧାର ଟଙ୍କା ଫେରିପାଇବାରେ ବିଳମ୍ୱ ହେବ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟୟ ବୃଦ୍ଧି ହେବ। ଚାକିରିରେ ନୂଆ ସୁଯୋଗ ଜୁଟିବ। ନିଜ ଲୋକଙ୍କ ଠାରୁ ପ୍ରତାରିତ ହୋଇପାରନ୍ତି।

**ସିଂହ:** ବାଦବିବାଦରେ ପଡ଼ିପାରନ୍ତି। ବ୍ୟବହାରରେ ସଂଯମତା ରକ୍ଷା କରନ୍ତୁ। ତରିବରିଆ ନିଷ୍ପତ୍ତି ନିଅନ୍ତୁନି। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କନ୍ୟା:** ପଡ଼ୋଶୀଙ୍କ ସହ ମତାନ୍ତର ହୋଇପାରେ। ଚାକିରିରେ ସହକର୍ମୀଙ୍କ ସହଯୋଗ ରହିବ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ଅକସ୍ମାତ ଧନପ୍ରାପ୍ତି ହେବ।

**ତୁଳା:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି। ଧାର କରଜ କରିପାରନ୍ତି। ମହିଳାମାନେ ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ କରିବେ।

**ଧନୁ:** କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତି ହୋଇପାରେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ ଦେବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖାଦେବ। ଭାବିଚିନ୍ତି କଥାବାର୍ତ୍ତା କରନ୍ତୁ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ପିଲାମାନେ ଖେଳ ମନସ୍କ ହୋଇପାରନ୍ତି।

## ଆଜିର ଐତିହ୍ୟ

- ୧୮୮୪ - କାନାଡ଼ାରେ ରଗ୍‌ବୀ କ୍ରୀଡ଼ା ସଂଘ ଗଠିତ।
- ୧୯୪୦- ବ୍ରିଟେନରେ ରେଳୱେର ରାଷ୍ଟ୍ରୀୟକରଣ ହେଲା।
- ୧୯୭୬ - ରୁଷିଆରେ ବିଶ୍ୱର ସବୁଠାରୁ ବଡ଼ ଟେଲିସ୍କୋପ୍ ନିର୍ମିତ।
- ୧୯୮୩-କଲିକତାରେ ଇଷ୍ଟର୍ଣ୍ଣ ନ୍ୟୁଜ୍ ଏଜେନ୍ସିର ସ୍ଥାପନା।
- ୨୦୦୮ - କେନ୍ଦ୍ର ସରକାର 'ସିମି' ଉପରେ ଲଗାଇଥିବା ପ୍ରତିବନ୍ଧକ ଅବଧିକୁ ବଢ଼ାଇଲେ।
- ୨୦୧୩ - ଆଜାରବୈଜାନ ପ୍ରଥମ ଥର ମହାକାଶକୁ ଉପଗ୍ରହ ପ୍ରେରଣ କଲା।

# ପ୍ରେମର ପହିଲି ଆଭାସ




ମାନ-ଅଭିମାନରେ ଦୃଢ଼ ହୁଏ ପ୍ରେମ ସମ୍ପର୍କ। ପ୍ରେମ ସଫଳ ହେଉ ବା ବିଫଳ, କିନ୍ତୁ ଏହାର ଅନୁଭବ ନିଶ୍ଚୟ ନିଆରା। ପ୍ରାପ୍ତି ଓ ଅପ୍ରାପ୍ତିର ଦୋଛକିରେ ସବୁବେଳେ ମନ ଖୋଜୁଥାଏ ସାଥୀଟିଏ। ସାମାଜିକ ଆକଟ ଯୋଗୁଁ ପ୍ରେମ କେବେ ଯନ୍ତ୍ରଣାଦାୟକ ହୋଇଉଠେ ତ କେବେ ପୁଣି ବସନ୍ତର ମଳୟ ସ୍ପର୍ଶରେ ପୁଲକିତ ହୋଇ ଉଠେ। ସେ ଯାହା ହେଉ ନା କାହିଁକି, ପ୍ରେମ ଏକ ଭାବନା, ଏକ ସମର୍ପଣ। ଜୀବନରେ ଯେତେ ଦୁଃଖ କଷ୍ଟ ଆସୁ ନା କାହିଁକି ପ୍ରେମ ଦ୍ୱାରା ସମସ୍ତ ବାଧା ବିଘ୍ନ ଦୂର ହେଇଯାଏ। ପ୍ରେମକୁ ପରିପ୍ରକାଶ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରେମ ସପ୍ତାହ ପାଳନ କରାଯାଏ। ଆଜି ହେଉଛି, ପ୍ରେମ ସପ୍ତାହର ପ୍ରଥମ ଦିନ। ଆଜି ଗୋଲାପ ଦିବସ ବା ରୋଜ୍ ଡେ। ପ୍ରେମିକ ପ୍ରେମିକମାନେ ଏହି ଦିନଟିକୁ ବର୍ଷ ସାରା ଅପେକ୍ଷା କରି ରହିଥାନ୍ତି। ଆଉ ଆଜି

ପ୍ରେମ ନିଃସ୍ୱାର୍ଥ ଆଉ ଶାଶ୍ୱତ। ପ୍ରକୃତିର ଛଅ ଋତୁ। କିନ୍ତୁ ପ୍ରେମୀ ଯୁଗଳଙ୍କ ପାଇଁ ଏହା ସାତ ଋତୁ। ତାହା ହେଉଛି ପ୍ରେମର ଋତୁ। ପ୍ରତ୍ୟେକଙ୍କ ଜୀବନରେ କେବେ ନା କେବେ ଆସେ ପ୍ରେମ ଋତୁ। ଆଉ ଏହି ଋତୁ ଯେମିତି ଜୀବନକୁ ରଙ୍ଗିନ କରିଦିଏ। ପ୍ରେମରେ ଋତୁରେ ଭିଜନ୍ତି ପ୍ରେମୀ ଯୁଗଳ। ରାଗ-ରୁଷା,

### ଭାଲେଣ୍ଟାଇନ୍ସ ସପ୍ତାହ

- ଫେବୃଆରୀ ୭ : ରୋଜ୍ ଡେ'
- ଫେବୃଆରୀ ୮ : ପ୍ରପୋଜ୍ ଡେ'
- ଫେବୃଆରୀ ୯ : ଚକୋଲେଟ୍ ଡେ'
- ଫେବୃଆରୀ ୧୦ :ଟେଡି ଡେ'
- ଫେବୃଆରୀ ୧୧ : ପ୍ରମିଜ୍ ଡେ'
- ଫେବୃଆରୀ ୧୨ : ହଗ୍ ଡେ'
- ଫେବୃଆରୀ ୧୩ : କିସ୍ ଡେ'
- ଫେବୃଆରୀ ୧୪ : ଭାଲେଣ୍ଟାଇନ୍ସ ଡେ'

ରୋଜ୍ ଡେ'ରେ ପରସ୍ପରକୁ ଗୋଲାପ ଦେଇ ନିଜ ମନର ଭାବନା ପରିପ୍ରକାଶ କରିଥାଆନ୍ତି ପ୍ରେମୀ ଯୁଗଳ। ନିଜ ହୃଦୟରେ ଥିବା ପ୍ରେମକୁ ପ୍ରକାଶ ପାଇଁ ଗୋଲାପ ସବୁଠାରୁ ଭଲ ମାଧ୍ୟମ ବୋଲି ବିବେଚନା କରାଯାଉଥିବା ବେଳେ ଗୋଲାପ ଦିବସ ଅବସରରେ ଏହାର ଗୁରୁତ୍ୱ ଅଧିକ ବଢ଼ିଯାଇଥାଏ। ଲାଲ୍ ଗୋଲାପକୁ ପ୍ରେମର ପ୍ରତୀକ ବୋଲି କୁହାଯାଏ। ତେଣୁ ପ୍ରେମ ସପ୍ତାହରେ ଲାଲ୍ ଗୋଲାପର ଚାହିଦା ସବୁଠାରୁ ଅଧିକ ଥାଏ। ଏହିଦିନ ଗୋଲାପ ଫୁଲଟିଏ ପରି ସାଥୀଙ୍କ ଜୀବନ ସୁବାସିତ କରିବାକୁ ସଂକଳ୍ପ ନେଇଥାନ୍ତି ପ୍ରେମୀଯୁଗଳ। ସାମାଜିକ ଗଣମାଧ୍ୟମ ମଧ୍ୟ ରୋଜ୍ ଡେ' ଶୁଭେଚ୍ଛାରେ ଚଳଚଞ୍ଚଳ ହୋଇ ଉଠିଛି।

# ବ୍ରେକ୍ ନେଲେ ପ୍ରଭାସ

ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଶେଷ ଥର ପାଇଁ 'ସାଲାର୍' ଫିଲ୍ମରେ ଦେଖାଯାଇଥିଲେ। ଏହି ଫିଲ୍ମ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ଏହାର ସଫଳତାକୁ ନେଇ ପ୍ରଭାସ ମଧ୍ୟ ବେଶ୍ ଖୁସି ଅଛନ୍ତି। କାରଣ ପ୍ରଭାସଙ୍କ ଲଗାତାର ତିନୋଟି ଫିଲ୍ମ ଫ୍ଲପ୍ ହୋଇଥିଲା। 'ସାଲାର୍'ର ସଫଳତା ପରେ ପ୍ରଭାସ୍ ପୁଣି ଥରେ ନିଜକୁ ସୁପରଷ୍ଟାର୍ ସାବ୍ୟସ୍ତ କରିପାରିଛନ୍ତି। ତେବେ 'ସାଲାର' ପରେ ପ୍ରଭାସ କିଛିଦିନ ପାଇଁ ବ୍ରେକ୍ ନେଇଛନ୍ତି। ଏହାପରେ ସେ ମାର୍ଚ୍ଚରୁ କାମ ଆରମ୍ଭ କରିବେ। ଏହି ସମୟରେ ପ୍ରଭାସ ତାଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦେବେ ବୋଲି ଜଣାପଡ଼ିଛି। ମାର୍ଚ୍ଚରୁ ସେ ନାଗ ଅଶ୍ୱିନ୍‌ଙ୍କ ଫିଲ୍ମ 'କଲ୍‌କି ୨୮୯୮ ଏଡି'ର ସୁଟିଂ ଆରମ୍ଭ କରିବେ। ଏହା ସହ ସେ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ 'ସ୍ପିରିଟ୍' ଓ ମାରୁଥିଙ୍କ 'ଦ ରାଜାସାବ୍'ରେ କାମ କରିବେ। ତେବେ ଏବେ ପ୍ରଭାସ ନିଜର ଅସ୍ତ୍ରୋପଚାର ପାଇଁ ୟୁରୋପ ଯାଇଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଏଥିରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିନାହାନ୍ତି। ତେଣୁ ସେ ୟୁରୋପରୁ ଫେରିବା ପରେ କାମରେ ଲାଗିପଡ଼ିବେ ବୋଲି ଜଣାପଡ଼ିଛି।



# ହିଟ୍‌ପ୍ରୁଫ୍ ମହିଳା

## ହାତରେ ଛାଣନ୍ତି ବଡ଼ାପାଓ୍ୱ



ଭାରତରେ ପ୍ରତ୍ୟେକ ସ୍ଥାନରେ ସ୍ୱାଦିଷ୍ଟ ଚଟ୍‌ପଟା ଖାଦ୍ୟର ସ୍ୱତନ୍ତ୍ରତା ରହିଛି। ଗୁପ୍‌ଚୁପ୍, ବଡ଼ାପାଓ୍ୱ, ଭେଲପୁରୀ, ପାଓ୍ୱଭାଜି ଆଦି ଲୋକେ ଅଧିକ ଖାଇବାକୁ ପସନ୍ଦ କରୁଛନ୍ତି। ତେବେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଦୋକାନୀମାନେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଏବେ ମହାରାଷ୍ଟ୍ର ନାସିକ୍‌ର ଜଣେ ମହିଳା ଗ୍ରାହକଙ୍କୁ ନିଆରା ଢ଼ଙ୍ଗରେ ଖାଦ୍ୟଦେଇ ଚର୍ଚ୍ଚାରେ ରହିଛନ୍ତି। ତାଙ୍କର ଅନ୍ୟ ପରିଚୟ ହେଉଛି 'ହିଟ୍‌ପ୍ରୁଫ୍ ମହିଳା'। କାରଣ ଏହି ମହିଳା ଜଣକ ବଡ଼ାପାଓ ପ୍ରସ୍ତୁତ କରିବାକୁ କରଚୁଲି ବା ଖଡ଼ିକା ବଦଳରେ ନିଜ ହାତ ବ୍ୟବହାର କରନ୍ତି। ଏମିତିକି କଡ଼େଇରେ ଫୁଟୁଥିବା ତେଲରେ ସେ ବେଶ୍ ଆରାମରେ ନିଜ ହାତରେ ବଡାପାଓ୍ୱକୁ ଏପଟସେପଟ କରନ୍ତି। ଆଉ ଗରମ ଗରମ ବଡ଼ାପାଓ୍ୱକୁ ହାତରେ ଗ୍ରାହକଙ୍କୁ ପରଷି ଦିଅନ୍ତି। ତେବେ ମହିଳାଙ୍କ ଏପରି କାର୍ଯ୍ୟକୁ ଅନେକ ପ୍ରଶଂସା କରିଥିବାବେଳେ ଆଉ କିଛି ଜଣ ଏହାକୁ ଅସ୍ୱାସ୍ଥ୍ୟକର ବୋଲି କହିଛନ୍ତି।

# 'କେ-ଡ୍ରାମା' ସିରିଏଲ୍ ଦେଖିବାରୁ ବାଳକଙ୍କୁ ୧୨ ବର୍ଷ ଶ୍ରମଦଣ୍ଡ



ଉତ୍ତର କୋରିଆ ସରକାରଙ୍କ କଠୋର ଆଇନ ବାବଦରେ ସମସ୍ତେ ଜାଣନ୍ତି। ନିକଟରେ ଦୁଇଜଣ ନାବାଳକଙ୍କୁ ଦକ୍ଷିଣ କୋରିଆର ଟିଭି ସିରିଏଲ ଦେଖିବା କାରଣରୁ ଦଣ୍ଡ ଦିଆଯାଇଥିବା ଜଣାପଡ଼ିଛି। ଯାହା ବର୍ତ୍ତମାନ ସମୟରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଦକ୍ଷିଣ କୋରିଆର କେ-ଡ୍ରାମା ନାମକ ଏକ ଟିଭି ସିରିଏଲ ଦେଖିବା ଏବଂ ଏହାକୁ ସେୟାର କରିବାରୁ ୧୬ ବର୍ଷର ଦୁଇଜଣ ବାଳକଙ୍କୁ ୧୨ ବର୍ଷ ପର୍ଯ୍ୟନ୍ତ କଡ଼ା ଶ୍ରମର ଦଣ୍ଡ ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିବା ଭିଡିଓରେ ଦେଖାଯାଇଛି, ଧୂସର ରଙ୍ଗର ପୋଷାକ ପରିହିତ ଦୁଇଜଣ ବାଳକଙ୍କୁ ହାତକଡ଼ି ପିନ୍ଧାଇ ଦିଆଯାଇଛି। ସେମାନେ ଏକ ମଞ୍ଚ ଉପରେ ଉପସ୍ଥିତ ଅଛନ୍ତି। ମଞ୍ଚତଳେ ଶତାଧିକ ଲୋକ ଅଛନ୍ତି। ଏହି ମଞ୍ଚରେ ସେମାନଙ୍କୁ ଦଣ୍ଡ ଶୁଣାଇ ଦିଆଯାଉଛି। ଉତ୍ତର କୋରିଆରେ ପ୍ରଚଳିତ ଆଇନ ଅନୁସାରେ, ଏଠାକାର ଲୋକେ କେବଳ ଉତ୍ତର କୋରିଆର ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ହିଁ ଦେଖିବେ। ଦକ୍ଷିଣ କୋରିଆର ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଦେଖିଲେ କିମ୍ବା ସେୟାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। କିନ୍ତୁ, କିଛି ଲୋକ ଏହି ଦଣ୍ଡକୁ ଖାତିର୍ କରନ୍ତି ନାହିଁ। ନିଜ ଜୀବନକୁ ବାଜି ଲଗାଇ ଦେଖିଥାନ୍ତି। ଯାହାର ସଦ୍ୟ ଶିକାର ହୋଇଛନ୍ତି ଏହି ଦୁଇ ନାବଳକ। ସେହିପରି ସବୁଠାରୁ ରୋଚକୀୟ କଥା ହେଉଛି, ଏଠାକାର ଲୋକମାନେ ଆମେରିକା ସିରିଏଲ ଦେଖି ଯଦି ଧରାପଡ଼ନ୍ତି, ତେବେ ସେମାନେ ଲାଞ୍ଚ ଦେଇ ଖସିଯାଆନ୍ତି। କିନ୍ତୁ ଦକ୍ଷିଣ କୋରିଆର ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଦେଖିଲେ ମୃତ୍ୟୁଦଣ୍ଡ ମିଳିବା ନଜିର୍ ରହିଛି।

# ଆତ୍ମସମ୍ମାନ ବୃଦ୍ଧି ପାଇଁ...

**ଯେଉଁ କଥାରେ ଅନ୍ୟମାନଙ୍କର ନିନ୍ଦା ହୋଇଥାଏ, ସେଭଳି କଥା କହିବା ଆଦୌ ଉଚିତ ନୁହେଁ। କାରଣ ମଣିଷର ଶବ୍ଦ ହିଁ ତାକୁ ଆତ୍ମସମ୍ମାନ ଦିଏ। ତେଣୁ ସର୍ବଦା କଥାବାର୍ତ୍ତା ସମୟରେ ଭାବିଚିନ୍ତି ଶବ୍ଦର ବ୍ୟବହାର କରିବାର ଆବଶ୍ୟକତା ରହିଛି। ତେବେ ଏମିତି କିଛି ବାକ୍ୟ ରହିଛି, ଯାହା ଜଣଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଥାଏ। ସେଥିପାଇଁ କଥାବାର୍ତ୍ତା କରିବା ସମୟରେ ଆତ୍ମସମ୍ମାନକୁ ଆଞ୍ଚ୍ ଆଣୁଥିବା ବାକ୍ୟରୁ ସର୍ବଦା ନିଜକୁ ଦୂରେଇ ରୁହନ୍ତୁ।**



- ପ୍ରତ୍ୟେକ କଥାରେ 'ମୁଁ କରିପାରିବି ନାହିଁ' କହିବା ଅନୁଚିତ। କାରଣ ଏଥିରୁ ଜଣେ ବ୍ୟକ୍ତି ହାର ମାନିଥିବା ପ୍ରମାଣିତ ହୁଏ। ତେଣୁ ଏହା ବଦଳରେ 'ମୁଁ କରିବାକୁ ଚାହେଁ ନାହିଁ' ବାକ୍ୟ ବ୍ୟବହାର କରି ନିଜ ବୁଦ୍ଧିମତ୍ତାର ପରିଚୟ ଦେବା ଆବଶ୍ୟକ।
- 'ମତେ କରିବାକୁ ହିଁ ହେବ' ବାକ୍ୟ ଜଣେ ବ୍ୟକ୍ତିର ଶକ୍ତିହୀନତାର ପରିଚୟ ଦେଇଥାଏ। ଏହା ବଦଳରେ 'ମତେ ଚୟନ କରିବାର ଆବଶ୍ୟକତା ଅଛି' ବ୍ୟବହାର କରିହେବ। ଏହା ଦ୍ୱାରା ନିଜର ଆତ୍ମସମ୍ମାନ ବୃଦ୍ଧି ହୁଏ। ଅନ୍ୟମାନଙ୍କୁ ଆପଣଙ୍କ ବିଷୟରେ ଚିନ୍ତା କରିବାକୁ ସମୟ ମିଳେନି।
- 'ମତେ ଏହା କରିବାର ଅଛି' ଜଣେ ବ୍ୟକ୍ତିର ବିଚଳିତ ମନୋଭାବକୁ ଦର୍ଶାଇ ଥାଏ। ଏଥିରେ ସ୍ପଷ୍ଟ ହୁଏ ଯେ, ଯେକୌଣସି ମତେ ବ୍ୟକ୍ତି ଏହି କାର୍ଯ୍ୟ କରିବାକୁ ଚାହୁଁଛି। ତେଣୁ ଏହା ବଦଳରେ ଜଣେ 'ମୁଁ କରି ପାରିବି' ବ୍ୟବହାର କରିବା ଉଚିତ।
- ଯେତେବେଳେ ଜଣେ ବ୍ୟକ୍ତି 'କିନ୍ତୁ' ବ୍ୟବହାର କରିଥାଏ, ସେ ନିଜର କାର୍ଯ୍ୟକୁ ନେଇ ନିଜେ ବି ଦ୍ୱନ୍ଦ୍ୱରେ ଥାଏ ବୋଲି ସାମ୍ନା ଲୋକ ଅନୁଭବ କରେ। ଏହା ଜଣକର କଥାବାର୍ତ୍ତାକୁ ବିଗାଡ଼ି ଦେଇପାରେ। ତେଣୁ ଏପରି ସ୍ଥାନରେ 'ଓ' ର ବ୍ୟବହାର କରିବା ଆବଶ୍ୟକ।
- 'ମୁଁ ଚେଷ୍ଟା କରିବି' ବାକ୍ୟରୁ ପ୍ରମାଣିତ ହୁଏ ଯେ , ଜଣେ ନିଜ କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ପୂରା ଭାବରେ ପ୍ରସ୍ତୁତ ନାହିଁ। ବିନା ଲଢେଇରେ ସେ ହାରିବା ପାଇଁ ପ୍ରସ୍ତୁତ। ସେଥିପାଇଁ ଏହା ବଦଳରେ 'ମୁଁ ନିଶ୍ଚୟ କରିବି' କହିବା ଉଚିତ। ଏହା ଦ୍ୱାରା ଜଣେ ବ୍ୟକ୍ତିର ଦୃଢ଼ ଇଚ୍ଛାଶକ୍ତି ଓ କାର୍ଯ୍ୟ କରିବାର କ୍ଷମତାକୁ ଚିହ୍ନିହୁଏ।

# ପରୀକ୍ଷା ପାଇଁ ସଫଳତାର ମନ୍ତ୍ର

**ଆଗକୁ ପରୀକ୍ଷା ଋତୁ। ସେଥିପାଇଁ ଏବେ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷାକୁ ନେଇ ବ୍ୟସ୍ତ ଓ ଚିନ୍ତିତ। ଯଦିଓ ଅନେକ ପରୀକ୍ଷାର୍ଥୀ କଠିନ ପରିଶ୍ରମ କରନ୍ତି, କିନ୍ତୁ ସମସ୍ତଙ୍କୁ ଆଶାଜନକ ସଫଳତା ମିଳି ନ ଥାଏ। କଠିନ ପରିଶ୍ରମ କରିବା ପରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ବିଫଳତାର ସ୍ୱାଦ ଚାଖିଥାନ୍ତି। ତେବେ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ନିମ୍ନ ପ୍ରଦତ୍ତ କିଛି ଟିପ୍ସ ଉପରେ ଧ୍ୟାନ ରଖନ୍ତୁ।**



**ସମୟ ପରିଚାଳନା:** ଯେକୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥାନ୍ତୁ ନା କାହିଁକି, ସମୟ ପ୍ରତି ସଜାଗ ହେବା ନିହାତି ଦରକାର। ସମୟକୁ ସମ୍ମାନ ଦେଲେ, ସେ ମଧ୍ୟ ସମ୍ମାନ ଦେଇଥାଏ।

**ସ୍ମାର୍ଟ ଷ୍ଟଡି:** ପ୍ରତିଯୋଗିତାମୂଳକ ପରୀକ୍ଷା ବା ଅନ୍ୟାନ୍ୟ ବୋର୍ଡ ପରୀକ୍ଷାରେ କେବଳ କଠିନ ପରିଶ୍ରମ କାମ ଦେଇ ନ ଥାଏ। ତାହା ସହ ସ୍ମାର୍ଟ ଷ୍ଟଡିକୁ ଆପଣାଇଲେ ଶୀଘ୍ର ସଫଳତା ମିଳିଥାଏ। ଅନ୍ୟମାନଙ୍କୁ ଅନୁସରଣ ନ କରି ନିଜସ୍ୱ ବୁଦ୍ଧିକୁ ବିନିଯୋଗ କରି ଭିନ୍ନ ଭିନ୍ନ ଉପାୟ ଆପଣାଇ ପାଠ ପଢନ୍ତୁ।

**ସବୁବେଳେ ନୂଆ କିଛି ଶିଖନ୍ତୁ:** ପଢ଼ା ସହ ନୂଆ କଥା ଶିଖିବା ଉଚିତ। ଦେଶ ବିଦେଶର ପ୍ରତିଟି ଘଟଣା ଉପରେ ନଜର ରଖନ୍ତୁ। ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି କରୁଥିବା ପିଲାମାନେ ପ୍ରତିଦିନ ଖବରକାଗଜ ଓ ଟିଭି ସହ ଜଡ଼ିତ ରହିବା ଆବଶ୍ୟକ।

**ସଠିକ୍ ସମୟରେ ପଚାରନ୍ତୁ ସଠିକ୍ ପ୍ରଶ୍ନ:** ଅନେକ ଛାତ୍ରଛାତ୍ରୀ କୋଚିଂ କ୍ଲାସ୍‌ରେ ନିଜର ପାଠ୍ୟକ୍ରମ ଦ୍ୱନ୍ଦ୍ୱକୁ ଶିକ୍ଷକଙ୍କୁ ପଚାରନ୍ତି ନାହିଁ। ଫଳରେ ସେମାନେ ପରବର୍ତ୍ତୀ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ଥାଆନ୍ତି। ଏଭଳି କ୍ଷେତ୍ରରେ ସେମାନେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ମଧ୍ୟ ହୋଇ ପାରନ୍ତି ନାହିଁ। ପଢାକୁ ନେଇ ଯାହା ବି ଦ୍ୱନ୍ଦ୍ୱ ରହିଛି, ସଠିକ୍ ସମୟରେ ଦୂର କରି ନେବା ଆବଶ୍ୟକ।

**ଭୁଲ୍‌ରୁ ଶିଖନ୍ତୁ:** ଛାତ୍ରଛାତ୍ରୀ ନିଜ ତ୍ରୁଟିକୁ ସ୍ୱୀକାର କରିବା ଆବଶ୍ୟକ। ଯଦ୍ୱାରା ଆଗାମୀ ଦିନରେ ତାହାକୁ ସୁଧାରିବା ଓ ସେ ନେଇ ନୂଆ ଯୋଜନା ସହ ପାଠ ପଢ଼ିବା ଦରକାର। ତେବେ ଯାଇ ପରୀକ୍ଷାରେ ଭଲ ଫଳ ପାଇବା ସମ୍ଭବ।

**ସେଲ୍ଫ ଷ୍ଟଡ଼ି:** ସମ୍ପ୍ରତି ବହୁ ବିଦ୍ୟାର୍ଥୀ କୋଚିଂ ଉପରେ ନିର୍ଭରଶୀଳ। ମାତ୍ର ଉଲ୍ଲେଖନୀୟ ସଫଳତା ପାଇଁ କୋଚିଂ ସହ ସେଲଫ୍ ଷ୍ଟଡିକୁ ଗୁରୁତ୍ୱ ଦିଅନ୍ତୁ।

**ମୁଖସ୍ଥ କରିବା ଛାଡନ୍ତୁ:** ମୁଖସ୍ଥ ଅଭ୍ୟାସକୁ ଛାଡ଼ି ବିଷୟବସ୍ତୁକୁ ସଠିକ ଭାବରେ ବୁଝିବାକୁ ଗୁରୁତ୍ୱ ଦିଅନ୍ତୁ। ଫଳରେ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇପାରିବେ।

# ସମ୍ଭାବନା



## ବୃତ୍ତିଗତ ଶିକ୍ଷା



# ପ୍ରକୃତିପ୍ରେମୀଙ୍କ ପାଇଁ କ୍ୟାରିୟର

**ଜଳବାୟୁ ପରିବର୍ତ୍ତନ ଏବେ ଏକ ଉତ୍କଟ ସମସ୍ୟା ଭାବେ ଉଭା ହୋଇଛି। ତେବେ ଭବିଷ୍ୟତରେ ପରିବେଶବିତ୍ ହିଁ ପୃଥିବୀକୁ ଏହି ଦୁର୍ଦ୍ଦିନରୁ ରକ୍ଷା କରିବେ। ଏହାକୁ ଦୃଷ୍ଟି ଦେଲେ, ପରିବେଶବିତ୍ ମଧ୍ୟ ଏକ ସୁନ୍ଦର କ୍ୟାରିୟର ବିକଳ୍ପ ହୋଇପାରିବ। ଏହା ଏମିତି ଏକ କ୍ୟାରିୟର, ଯେଉଁଥିରେ ପରିବେଶବିତ୍ ପୃଥିବୀକୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ ଅଟନ୍ତି। ସେମାନେ ଭୂମି ଓ ଜଳ ସଂରକ୍ଷଣ ତଥା ପରିବେଶ ସହ ଜଡ଼ିତ ଅନେକ ସମସ୍ୟା ଉପରେ କାର୍ଯ୍ୟ କରିଥାନ୍ତି। ଏ କ୍ଷେତ୍ରରେ ରୋଜଗାରର ଭଲ ଅବସର ଥିବାରୁ ପଢ଼ା ପରେ ଅଧିକାଂଶ ଯୁବପିଢ଼ି ଏଥିରେ କ୍ୟାରିୟର କରିବାକୁ ଆଗକୁ ବଢ଼ୁଛନ୍ତି।**

### ଆବଶ୍ୟକ ଜ୍ଞାନକୌଶଳ

- ପ୍ରକୃତି ପ୍ରତି ଭଲପାଇବା ରହିବା ଦରକାର।
- କମ୍ୟୁନିକେସନ୍‌ରେ ଉତ୍ତମ ଦକ୍ଷତା।
- ଟେକ୍ନୋଲୋଜି ସମ୍ବନ୍ଧିତ ଜ୍ଞାନ ରହିବା ଜରୁରି। ତା'ସହ ସମସ୍ୟା ସମାଧାନ କରିବାର ଦକ୍ଷତା ଓ ତଥ୍ୟକୁ ବିଶ୍ଳେଷଣ କରିବାର କଳା କୌଶଳ ଜାଣିବା ଆବଶ୍ୟକ।

### ଶିକ୍ଷାଗତ ଯୋଗ୍ୟତା

ଯୁକ୍ତ ଦୁଇ ବିଜ୍ଞାନ (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ) ପାସ୍ କରିବା ଅନିବାର୍ଯ୍ୟ। ଏହାପରେ ଏନ୍‌ଭର୍ଣ୍ଣମେଣ୍ଟାଲ ସାଇନ୍ସ କିମ୍ବା ବାୟୋଲୋଜିରୁ ଏମ୍‌ଏସ୍‌ଏସି କରିପାରିବେ।



ଏହାବାଦ୍ ଯଦି ଚାହିଁବେ, ଏନ୍‌ଭର୍ଣ୍ଣମେଣ୍ଟାଲ ଇଞ୍ଜିନିୟରିଂ କରିପାରିବେ। ଏଥିପାଇଁ ଗଣିତ ଜ୍ଞାନ ଥିବା ଜରୁରି। ତେବେ ସ୍ନାତକ ଡିଗ୍ରୀ ପରେ ମଧ୍ୟ ଏକ୍ଷେତ୍ରରେ କ୍ୟାରିୟର କରିବା ସମ୍ଭବ। ଏହାବାଦ୍ ବାୟୋଲୋଜି, ଅର୍ଗାନିକ୍ କେମେଷ୍ଟ୍ରି ଓ ଉଦ୍ଭିଦବିଜ୍ଞାନରେ ଦକ୍ଷତା ରଖୁଥିବା ବିଦ୍ୟାର୍ଥୀ ପରିବେଶବିତ୍ ହୋଇପାରିବେ।

### ନିଯୁକ୍ତି ସୁଯୋଗ

ଜଣେ ପରିବେଶବିତ୍ ବିଭିନ୍ନ ସଂସ୍ଥାରେ କାମ କରିପାରିବେ। ପରିବେଶକୁ ନେଇ ଗବେଷଣା ପାଇଁ ସେମାନଙ୍କୁ ଫେଲୋସିପ୍ ମଧ୍ୟ ମିଳିଥାଏ। ଏ କ୍ଷେତ୍ରରେ ବୈଜ୍ଞାନିକ, ଗବେଷକ, ଇଞ୍ଜିନିୟର୍, କମ୍ପ୍ୟୁଟର ପର୍ଯ୍ୟବେକ୍ଷକ, ଲ୍ୟାବ୍ ଆସିଷ୍ଟାଣ୍ଟ, ଜିୟୋ ସାଇଣ୍ଟିଷ୍ଟ ସଂରକ୍ଷଣ ବୈଜ୍ଞାନିକ, ଏନଭର୍ଣ୍ଣମେଣ୍ଟାଲ ଜର୍ଣ୍ଣାଲିଷ୍ଟ ଆଦି ପଦରେ ନିଯୁକ୍ତି ମିଳିଥାଏ। ସେହିପରି ସ୍ୱେଚ୍ଛାସେବୀ ଭାବେ ମଧ୍ୟ କାର୍ଯ୍ୟ କରିବା ସମ୍ଭବ। କେବଳ ସେତିକି ନୁହେଁ, ସେମିନାର ଓ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନତା କରି ଲାଭାନ୍ୱିତ ହୋଇପାରିବେ। ଏହାବାଦ୍ ସରକାରୀ ଏଜେନ୍ସି, ଏନ୍‌ଜିଓ, ଫାର୍ମ, କଲେଜ ଆଦିରେ ମଧ୍ୟ ନିଯୁକ୍ତି ସୁଯୋଗ ଅଛି।

### ରୋଜଗାର

ଆମ ଦେଶରେ ଏହି ଚାକିରି ପାଇଁ ଭଲ ଦରମା ମିଳିଥାଏ। ଜଣେ ପରିବେଶବିତ୍‌ଙ୍କୁ ବର୍ଷକୁ ପ୍ରାରମ୍ଭିକ ଅବସ୍ଥାରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିଥାଏ। ତେବେ ଏହାର ପାରିଶ୍ରମିକ ଅଭିଜ୍ଞତା ଅନୁସାରେ ବୃଦ୍ଧି ପାଏ।

### ପ୍ରମୁଖ ସଂସ୍ଥାନ

- ଆଇଆଇଟି, ଖଡ଼ଗପୁର
- ଇଣ୍ଡିଆନ୍ କାଉନ୍‌ସିଲ ଫର୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ, ନୂଆଦିଲ୍ଲୀ
- ଆଇଆଇଟି ରୁର୍‌କି
- ଇଣ୍ଡିଆନ କାଉନ୍‌ସିଲ୍ ଫର୍ ଫରେଷ୍ଟ୍ରି ରିସର୍ଚ୍ଚ ଆଣ୍ଡ ଏଜୁକେସନ, ଡେରାଡୁନ୍

## ଇନ୍‌ଷ୍ଟାଗ୍ରାମ୍‌ର ନୂଆ ଫିଚର୍

# 'ଫ୍ଲିପ୍ ସାଇଟ୍'

ବିଶ୍ୱର କୋଟି କୋଟି ଲୋକ ଇନ୍‌ଷ୍ଟାଗ୍ରାମ୍ ବ୍ୟବହାର କରୁଥିବା ବେଳେ ଏହି କମ୍ପାନି ତା'ର ବ୍ୟବହାରକାରୀଙ୍କ ପାଇଁ କିଛି ନା କିଛି ନୂଆ ନୂଆ ଫିଚର୍ ବିଭିନ୍ନ ସମୟରେ ପରିଚିତ କରାଏ। ସେମିତି ଏକ ନୂଆ ଫିଚର୍ ଉପରେ ଇନଷ୍ଟାଗ୍ରାମ୍ ଏବେ କାମ କରୁଛି। ଯାହାର ନାଁ 'ଫ୍ଲିପ୍ ସାଇଟ୍।' ଏହି ନୂଆ ଫିଚର୍ ବ୍ୟବହାରକାରୀଙ୍କୁ ନିଜର ସମ୍ପର୍କୀୟ ଓ ବିଶେଷ ବ୍ୟକ୍ତିଙ୍କ ପାଇଁ ପ୍ରାଇଭେଟ୍ ବା ବ୍ୟକ୍ତିଗତ ପୋଷ୍ଟ ତିଆରି କରିବାରେ ସେମାନଙ୍କୁ ସହାୟତା କରିବ। ଫ୍ଲିପ୍ ସାଇଟ୍ ୟୁଜର୍ସଙ୍କୁ ପ୍ରାଇଭେଟ୍ ପୋଷ୍ଟ ତିଆରି ପାଇଁ ସୁଯୋଗ ଦେବ। ବ୍ୟବହାରକାରୀ କେଉଁ ପୋଷ୍ଟ ଦେଖିବେ ଏବଂ ଦେଖିବେନି ତାହା ସହଜରେ ଜାଣିପାରିବେ। ଏହି ଫିଚର ଦ୍ୱାରା ଲୋକେ ବ୍ୟକ୍ତିଗତ କଣ୍ଟେଣ୍ଟକୁ ସେୟାର କରିପାରିବେ। ୟୁଜର୍ସଙ୍କୁ 'ଫିନଷ୍ଟା' ବା 'ଫେକ୍ ଆକାଉଣ୍ଟ'ର ବ୍ୟବହାର କରିବାକୁ ପଡିବ ନାହିଁ। ଏହା ବ୍ୟକ୍ତିଗତ ଫଟୋ ଓ ଭିଡିଓକୁ ନେଇ ଥିବା ସମସ୍ୟାକୁ ଦୂର କରିବ। ଉକ୍ତ ଫିଚର୍‌ଫ୍ଲିପ୍ ସାଇଟ୍ ପ୍ରୋଫାଇଲ୍ ପିକ୍‌ଚର, ନାମ ଓ ନିଜର ବାୟୋଡାଟା ତିଆରି କରିବା ପାଇଁ ଅନୁମତି ପ୍ରଦାନ କରିବ। ଫ୍ଲିପ୍ ସାଇଟ ଫିଚର୍ ବର୍ତ୍ତମାନ କେତେକ ଇନଷ୍ଟାଗ୍ରାମ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ଥିବା ବେଳେ ଆଗାମୀ ଦିନରେ ଏହା ସମସ୍ତ ବ୍ୟବହାରକାରୀଙ୍କ ଉଦ୍ଦେଶ୍ୟରେ ଜାରି କରାଯିବ।

### ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି: ହର୍ମନପ୍ରୀତ୍

**ଭୁବନେଶ୍ୱର, ୬।୨ (ସମିସ)**

ଏଠାରେ ଖେଳାଯିବାକୁ ଥିବା ଏଫ୍ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ) ଲାଗି ହରମନ୍ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ଜୋରଦାର ପ୍ରସ୍ତୁତି କରିଛି। ପ୍ରୋ ଲିଗ୍ର ଗତ ସଂସ୍କରଣରେ ଭାରତୀୟ ପୁରୁଷ ହକି ଦଳ ନେଦରଲାଣ୍ଡସ, ଗ୍ରେଟ୍ ବ୍ରିଟେନ ଓ ବେଲ୍ଜିୟମ ପଛକୁ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ୍ କରିବାରୁ ବଞ୍ଚିତ ହୋଇଥିଲା। ଚଳିତ ସଂସ୍କରଣରେ କିନ୍ତୁ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଅଧିନାୟକ ହର୍ମନପ୍ରୀତ୍ ସିଂହ କହିଛନ୍ତି। 'ନିକଟରେ ଆମେ ସଫଳତାର ସହ ଦକ୍ଷିଣ ଆଫ୍ରିକା ଗସ୍ତ ଶେଷ କରିଛୁ। ଯେଉଁଥିରେ ଆମେ ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡସ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲୁ। ପ୍ରୋ ଲିଗ୍ ପାଇଁ କିଛି ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି ଏବଂ ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ନିଜକୁ ଯୋଗ୍ୟ ପ୍ରତିପାଦିତ କରିବା ପାଇଁ ଏହା ଆମ ଲାଗି ଏକ ଭଲ ସୁଯୋଗ' ବୋଲି



ହର୍ମନପ୍ରୀତ୍ ଏହି ଅବସରରେ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଯେ 'ଆମେ ଚଳିତ ପ୍ରୋ ଲିଗ୍କୁ ଗୁରୁତ୍ୱର ସହ ନେଉଛୁ। ଏଥର ଚାମ୍ପିଅନ ହୋଇ ଆମେ କେବଳ ଯେ ୨୦୨୬ ବିଶ୍ୱକପ୍କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବୁ ତାହା ନୁହେଁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଲାଗି ଏହା ଆମ ପାଇଁ ଭଲ ପ୍ରସ୍ତୁତି ହେବ।' ଏଥିପୂର୍ବରୁ ରବିବାର ରାତିରେ ଆୟର୍ଲାଣ୍ଡ ଦଳ ଭୁବନେଶ୍ୱରରେ ପହଞ୍ଚିଥିଲା। ମଙ୍ଗଳବାର ଅଷ୍ଟ୍ରେଲିଆ ଦଳ ମଧ୍ୟ ଭାରତରେ ଆସି ପହଞ୍ଚିଛି। ଯାହା ଫଳରେ ରାଜଧାନୀରେ ହକି ଫିଭର ଆରମ୍ଭ ହୋଇଯାଇଛି। ପ୍ରଥମେ ମହିଳା ଏବଂ ଏବେ ପୁରୁଷ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ।

ଏଫ୍ଆଇଏଚ୍ ପ୍ରୋ ଲିଗ୍ର ଭାରତୀୟ ପର୍ଯ୍ୟାୟ ପୂର୍ବପରି ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯିବ। ପୁରୁଷ ସଂସ୍କରଣ ଚଳିତ ମାସ ୧୦ରୁ ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଓ ଫେବୃଆରୀ ୧୯ରୁ ୨୫ ପର୍ଯ୍ୟନ୍ତ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଥିରେ ଘରୋଇ ଭାରତ ବ୍ୟତୀତ ନେଦରଲାଣ୍ଡସ, ଆୟର୍ଲାଣ୍ଡ, ସ୍ପେନ ଓ ଅଷ୍ଟ୍ରେଲିଆ ଦଳ ପରସ୍ପର ବିପକ୍ଷରେ ଉଭୟ ଗ୍ରାଉଣ୍ଡରେ ଦୁଇଥର ଲେଖାଏ ଖେଳିବେ। କଳିଙ୍ଗରେ ଫେବୃଆରୀ ୧୦ରେ ସ୍ପେନ ବିପକ୍ଷ ମ୍ୟାଚ୍ ଖେଳି ଭାରତ ପ୍ରୋ ଲିଗ୍ରେ ଅଭିଯାନ ଆରମ୍ଭ କରିବ।

**ଭାରତର କାର୍ଯ୍ୟସୂଚୀ**

୧୦।୨ ବନାମ ସ୍ପେନ, ୧୧।୨ ବନାମ ନେଦରଲାଣ୍ଡସ, ୧୫।୨ ବନାମ ଅଷ୍ଟ୍ରେଲିଆ, ୧୬।୨ ବନାମ ଆୟର୍ଲାଣ୍ଡ।

**ଉପରୋକ୍ତ ମ୍ୟାଚ୍ କଳିଙ୍ଗରେ ରାତି ୭ଟା ୩୦ରେ ଖେଳାଯିବ**

୧୯।୨ ବନାମ ସ୍ପେନ, ୨୧।୨ ବନାମ ନେଦରଲାଣ୍ଡସ, ୨୪।୨ ବନାମ ଅଷ୍ଟ୍ରେଲିଆ, ୨୫।୨ ବନାମ ଆୟର୍ଲାଣ୍ଡ।

**ଉପରୋକ୍ତ ମ୍ୟାଚ୍ ବିର୍ସା ମୁଣ୍ଡାରେ ରାତି ୭ଟାରେ ଖେଳାଯିବ**

# ରାଉରକେଲା ଲେଗ୍ ଲାଗି ଗୁରୁବାରରୁ ଟିକଟ ବିକ୍ରି

**ଭୁବନେଶ୍ୱର, ୬।୨ (ସମିସ):** ଏଫ୍ଆଇଏଚ୍ ମହିଳା ହକି ପ୍ରୋ-ଲିଗ୍ର ଦ୍ୱିତୀୟ ପର୍ଯ୍ୟାୟ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍ରେ ଫେବୃଆରୀ ୧୨ ତାରିଖରୁ ଆରମ୍ଭ ହେବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଭଳି ଏଠାରେ ମଧ୍ୟ ଭଲ ଖେଳ ହେବ ବୋଲି ଆୟୋଜକ ହକି ଇଣ୍ଡିଆ ଆଶା ପ୍ରକାଶ କରିଛି। ବିର୍ସା ମୁଣ୍ଡାରେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡିକ ସହ ଭାରତ ମୁକାବିଲା କରିବ। ରାଉରକେଲା ପର୍ଯ୍ୟାୟ ଲାଗି ଅଫ୍ଲାଇନ୍ ଟିକଟ ବିକ୍ରି ଫେବୃଆରୀ ୮ ତାରିଖ ବା ଗୁରୁବାରଠାରୁ ଷ୍ଟାଡିୟମ କାଉଣ୍ଟରରେ ଆରମ୍ଭ ହେବ। ଷ୍ଟାଡିୟମ୍ର ଗେଟ ନଂ-୬'ରେ ଥିବା କାଉଣ୍ଟରରେ ପୂର୍ବାହ୍ନ ୧୧ଟାରୁ ଟିକଟ ବିକ୍ରି ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିବ। ଭୁବନେଶ୍ୱର ଭଳି ଏଠାରେ ମଧ୍ୟ ସମାନ ଦାମ ରଖାଯାଇଛି। ଷ୍ଟାଡିୟମ୍ର ୱେଷ୍ଟ ଷ୍ଟାଣ୍ଡ ଲାଗି ୫୦୦, ଇଷ୍ଟ ଷ୍ଟାଣ୍ଡ ଲାଗି ୨୦୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଲାଗି ଟିକଟ ଦାମ ୧୦୦ ଟଙ୍କା ଲେଖାଏଁ ରଖାଯାଇଛି। ହକି ପ୍ରେମୀଙ୍କ ଲାଗି ଏହା ଏକ ସୁଯୋଗ।

ରାଉରକେଲାରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ମହିଳା ବିଭାଗରେ ମୋଟ ୧୦ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଫେବୃଆରୀ ୧୨ରୁ ଆରମ୍ଭ ହୋଇ ୧୮ରେ ଶେଷ ହେବ। ଏହି ବିଭାଗରେ ଭାରତ ସମେତ ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ, ଦୁଇ ଚ୍ୟାଲେଞ୍ଜିଂ ଦଳ ଚୀନ ଓ ଆମେରିକା ଭାଗ ନେବେ। ସେହିପରି ପୁରୁଷ ବିଭାଗରେ ମଧ୍ୟ ୧୦ଟି ମ୍ୟାଚ୍ ଖେଳାଯିବ। ଏହା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ପୁରୁଷ ବିଭାଗରେ ଭାରତ ସମେତ ନେଦରଲାଣ୍ଡସ, ସ୍ପେନ୍, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୨ରେ ଚାଇନା, ୧୪ରେ ନେଦରଲାଣ୍ଡସ, ୧୭ରେ ଅଷ୍ଟ୍ରେଲିଆ ଓ ୧୮ରେ ଆମେରିକା ସହ ଖେଳିବ। ସେହିପରି ପୁରୁଷ ବିଭାଗରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୯ରେ ସ୍ପେନ୍, ୨୧ରେ ନେଦରଲାଣ୍ଡସ, ୨୪ରେ ଅଷ୍ଟ୍ରେଲିଆ ଓ ୨୫ରେ ଆୟର୍ଲାଣ୍ଡ ସହ ଖେଳିବ। ଉଭୟ ମହିଳା ଓ ପୁରୁଷ ବିଭାଗର ମ୍ୟାଚ୍ ଗୁଡିକ ଭାରତୀୟ ସମୟ ରାତି ୭ଟା ୩୦ରୁ ଆରମ୍ଭ ହେବ।

### ହରାରେରେ ଖେଳିବ ୫ ଟି-୨୦ ମ୍ୟାଚ୍

# ଜୁଲାଇରେ ଜିମ୍ବାୱେ ଯିବ ଭାରତ

**ନୂଆଦିଲ୍ଲୀ, ୬।୨(ଏଜେନ୍ସି)**

ଜୁନ୍ରେ ଟି-୨୦ ବିଶ୍ୱକପ୍ ଖେଳିବା ପରେ ଭାରତୀୟ କ୍ରିକେଟ ଦଳ ଜୁଲାଇରେ ଜିମ୍ବାୱେ ଗସ୍ତ କରିବ। ମଙ୍ଗଳବାର ଜିମ୍ବାୱେ କ୍ରିକେଟ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମିଳିତ ଭାବେ ଏ ନେଇ ଘୋଷଣା କରିଛନ୍ତି। ଏହି ଗସ୍ତରେ ହରାରେରେ ଦୁଇ ଦଳ ଏକ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳିବେ। ଜୁଲାଇ ୬ରୁ ୧୪ ମଧ୍ୟରେ ସବୁ ୫ଟି ଯାକ ଟି-୨୦ ମ୍ୟାଚ୍ ଖେଳାଯିବ। ଆୟୋଜନ କରିବାର ସୁଯୋଗ ପାଇଥିବାରୁ ଜିମ୍ବାୱେ ଖୁସି ଜାହିର କରିଛି। ଜିମ୍ବାୱେ କିନ୍ତୁ ଆଗାମୀ ଟି-୨୦ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଏଥର ବିଶ୍ୱକପ୍ରେ ଆଫ୍ରିକାର ନାମ୍ବିଆ, ଉଗାଣ୍ଡା ଓ ଦକ୍ଷିଣ ଆଫ୍ରିକା ଅଂଶଗ୍ରହଣ କରିବେ। ଜିମ୍ବାୱେ ଶେଷଥର ପାଇଁ ୨୦୨୨ରେ ଟି-୨୦ ବିଶ୍ୱକପ୍ ଖେଳିଥିଲା। ୨୦୨୨ରେ ଶେଷଥର ପାଇଁ ଭାରତୀୟ ଦଳ ଜିମ୍ବାୱ ଗସ୍ତ କରିଥିଲା ଓ ଦିନିକିଆ ସିରିଜରେ ୩-୦ରେ ଓ ଟି-୨୦ ସିରିଜରେ ୨-୧ରେ ବିଜୟୀ ହୋଇଥିଲା।

**ଜିମ୍ବାୱେ ଗସ୍ତ ସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୬/୭ | ପ୍ରଥମ ଟି-୨୦ | ହରାରେ | ଅପରାହ୍ନ ୪.୩୦ |
| ୭/୭ | ଦ୍ୱିତୀୟ ଟି-୨୦ | ହରାରେ | ଅପରାହ୍ନ ୪.୩୦ |
| ୧୦/୭ | ତୃତୀୟ ଟି-୨୦ | ହରାରେ | ରାତି ୯.୩୦ |
| ୧୩/୭ | ଚତୁର୍ଥ ଟି-୨୦ | ହରାରେ | ଅପରାହ୍ନ ୪.୩୦ |
| ୧୪/୭ | ପଞ୍ଚମ ଟି-୨୦ | ହରାରେ | ଅପରାହ୍ନ ୪.୩୦ |

## ନ୍ୟୁଜିଲାଣ୍ଡର ସ୍ଥିତି ଦୃଢ଼

**ମାଉଣ୍ଟ ମାଉନଗାନୁଇ, ୬।୨(ଏଜେନ୍ସି):** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ରେ କେନ୍ ୱିଲିୟମସନଙ୍କ ଦୁଇଟି ଶତକ ସହାୟତାରେ ଘରୋଇ ନ୍ୟୁଜିଲାଣ୍ଡ ତା'ର ସ୍ଥିତି ଦୃଢ କରିଛି। ୱିଲିୟମସନ ପ୍ରଥମ ପାଳିରେ ୧୧୮ ଓ ଦ୍ୱିତୀୟ ପାଳିରେ ୧୦୯ ରନର ଶତକୀୟ ପାଳି ଖେଳିଛନ୍ତି। ପ୍ରଥମ ପାଳିରେ ନ୍ୟୁଜିଲାଣ୍ଡ ୫୧୧ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୧୬୨ ରନ କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ୩୪୯ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ମଙ୍ଗଳବରେ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୩ ଓଭରରେ ୪ ୱିକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଫଳରେ ୬ ୱିକେଟ ବାକି ରଖି ନ୍ୟୁଜିଲାଣ୍ଡ ଏବେ ୫୨୮ ରନରେ ଅଗ୍ରଣୀ ହୋଇ ମ୍ୟାଚ୍କୁ ନିୟନ୍ତ୍ରଣରେ ରଖିଛି।

## ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**କାନବେରା, ୬।୨(ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ସିରିଜରେ ଘରୋଇ ଅଷ୍ଟ୍ରେଲିଆ ୨୫୯ ବଲ ଅର୍ଥାତ ୪୩.୧ ଓଭର ବାକିଥାଇ ୮ ୱିକେଟରେ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୪.୧ ଓଭରରେ ୮୬ ରନକରି ଆଉଟ ହୋଇଥିଲା। ଅଷ୍ଟ୍ରେଲିଆ ପାଇଁ ବୋଲିଂରେ ଜାଭିଅର ବାର୍ଟଲେଟ୍ ୪, ଲାନ୍ସ ମୋରିସ ଓ ଆଡାମ ଜାମ୍ପା ୨ଟି ଲେଖାଏ, ସିନ ଆବୋଟ୍ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୬.୫ ଓଭରରେ ୨ ୱିକେଟ ହରାଇ ୮୭ ରନକରି ବିଜୟୀ ହୋଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୩-୦ରେ କ୍ଲିନ୍ ସୁଇପ୍ କରିଛି।

### ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ; ରୋମାଞ୍ଚକ ପ୍ରଥମ ସେମିଫାଇନାଲ୍

# ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ଭାରତ

**ବେନୋନି, ୬।୨ (ଏଜେନ୍ସି)**

ଆୟୋଜକ ଦକ୍ଷିଣ ଆଫ୍ରିକାକୁ ଏକ ରୋମାଞ୍ଚ ମୁକାବିଲାରେ ୨ ୱିକେଟ ହରାଇ ୫ଥରର ଚାମ୍ପିଅନ ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଫେବୃଆରୀ ୮ ତାରିଖ ଗୁରୁବାର ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍ର ବିଜେତା ସହ ଭାରତ ଫେବୃଆରୀ ୧୧ରେ ଫାଇନାଲ ଖେଳିବ। ୱିଲୋମୁର ପାର୍କରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୪୪ ରନ୍ କରିଥିଲା। ଜବାବରେ ଭାରତ ୩୨ ରନ୍ରେ ୪ ୱିକେଟ ହରାଇବା ସତ୍ତ୍ୱେ ୭ଟି ବଲ ଓ ୨ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଅଧିନାୟକ ଉଦୟ ସାହରନ ଓ ସଚିନ ଧାସ ଚମତ୍କାର ବ୍ୟାଟିଂ କରି ଭାରତକୁ ଏହି ରୋମାଞ୍ଚକ ଓ ଉତ୍କଣ୍ଠାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ।

ଏହି ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଜିତିବାକୁ ଭାରତ ଆଗରେ ୨୪୫ ରନ୍ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱାଦଶ ଓଭରରେ ୩୨ ରନ୍ କରି ପ୍ରଥମ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା।



ଉଦୟ ଓ ସଚିନ

ଏହି ସମୟରେ ଅଧିନାୟକ ଉଦୟଙ୍କ ସହ ସଚିନ ଧାସ ଯୋଗ ଦେବା ପରେ ଖେଳର ସ୍ଥିତି ବଦଳି ଯାଇଥିଲା। ଉଭୟ ଖେଳାଳି ପ୍ରଥମେ ସ୍ଥିତି ଦେଖି ଖେଳିଥିଲେ। ସଚିନ କିଛିଟା ଆକ୍ରମଣାତ୍ମକ ଖେଳିଥିଲାବେଳେ ଉଦୟ ପୂରା ଧୈର୍ଯ୍ୟର ସହ ବ୍ୟାଟିଂ କରି କ୍ରିଜ୍ରେ ତିଷ୍ଠି ରହିଥିଲେ। ଏମାନେ ୫ମ ୱିକେଟ ଭାଗୀଦାରୀରୁ ୧୮୭ ବଲ୍ରେ ୧୭୧ ରନ୍ ଉଠାଇ ଦଳକୁ ବିଜୟ ଆଶା ଦେଇଥିଲେ। ୯୫ ବଲ୍ରୁ ୧୧ ଚୌକା ଓ ୧ ଛକା ସହ ୯୬ ରନ୍ କରି ଆଉଟ ହୋଇଯାଇଥିଲେ। ତାଙ୍କ ପରେ ୱିକେଟ ରକ୍ଷକ ଅଭନିଶ ଓ ମୁରୁଗାନ ଅଭିଷେକ ମଧ୍ୟ ଆଉଟ ହୋଇଯାଇଥିଲେ। ଉଦୟଙ୍କ ସଂ ରାଜ ଲିମ୍ବାନି ଯୋଗ ଦେବା ପରେ ଦ୍ରୁତ ରନ୍ ସଂଗ୍ରହ କରି ୩ଟି ବଲରୁ ୯ ରନ୍ ଉଠାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ଗୋଟିଏ ରନ୍ ଥିଲାବେଳେ ୧୨୪ ବଲ୍ରୁ ମାତ୍ର ୬ ଚୌକା ସହ ୮୧ ରନ୍ କରିଥିବା ଉଦୟ ବିଜୟ ସୂଚକ ରନ୍ ନେବା ଲକ୍ଷ୍ୟରେ ରନ୍ ଆଉଟ ହୋଇଯାଇଥିଲେ। ଏହି ସମୟରେ ୮ଟି ବଲ୍ରେ ମ୍ୟାଚ୍ ଜିତିବାକୁ ୧ ଦଳରକାର ହେଉଥିଲାବେଳେ ଲିମ୍ବାନି ଚୌକା ମାରି ଦଳକୁ ଏହି ରୋମାଞ୍ଚକ ବିଜୟ ଭେଟିଦେଇଥିଲେ। ଦକ୍ଷିଣ ଆଫ୍ରିକାର ଦୁଇ ଫାଷ୍ଟ ବୋଲର ଟ୍ରିଷ୍ଟାନ ଲୁସ୍ ଓ କ୍ୱେନା ମାଫକା ୩ଟି ଲେଖାଏଁ ୱିକେଟ ନେଇ ଭାରତୀୟ ଶିବିରରେ ଆତଙ୍କ ଖେଳାଇଦେଇଥିଲେ।

### ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍

# ନେଦରଲାଣ୍ଡସର ବିଜୟ

**ଭୁବନେଶ୍ୱର, ୬।୨(ସମିସ):** ଚଳିତ ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍ଆଇଏଚ୍) ମହିଳା ପ୍ରୋ ଲିଗ୍ରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍ରେ ଶକ୍ତିଶଳୀ ନେଦରଲାଣ୍ଡସ ୩-୧ ଗୋଲରେ ଚୀନକୁ ପରାସ୍ତ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡୟମ ହକି କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ମ୍ୟାଚ୍ରେ ଝୋଙ୍ଗ ଜିଆକି ୧୯ତମ ମିନିଟ୍ରେ ଗୋଲ ଦେଇ ଚୀନ୍କୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ନେଦରଲାଣ୍ଡସ



ପ୍ରତ୍ୟାବର୍ତ୍ତନ କରି ଗୋଟିଏ ପରେ ଗୋଟିଏ ଗୋଲ ଦେଇ ମ୍ୟାଚ୍ ନିୟନ୍ତ୍ରଣକୁ ନେଇଥିଲା। ନେଦରଲାଣ୍ଡସ ତରଫରୁ ମୋଏସ୍ ଫ୍ରିକେ ୨୨ ଓ ୩୮ତମ ମିନିଟ୍ରେ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଦଳ ତରଫରୁ ଭିନ୍ ମାର୍ଜିନ ୨୫ତମ ମିନିଟ୍ ଦଳ ତରଫରୁ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ବିଜୟ ସହ ନେଦରଲାଣ୍ଡସ ଚଳିତ ସିଜନରେ ୭ଟି ମ୍ୟାଚ୍ ଖେଳି ୭ଟିରେ ବିଜୟ ହାସଲ କରି ମୋଟ୍ ୨୧ ଅଙ୍କ ହାସଲ କରି ତାଲିକା ଶୀର୍ଷରେ ରହିଛି।

**ଅଷ୍ଟ୍ରେଲିଆର ବଡ଼ ବିଜୟ:** ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍ରେ ଅଷ୍ଟ୍ରେଲିଆ ତରଫରୁ ୭ମ ମିନିଟ୍ରେ ଟାଟମ ଷ୍ଟୁଆର୍ଟ ଓ ୨୩ ତମ ମିନିଟ୍ରେ ଷ୍ଟିଫାନି କେରଶ ପେନାଲ୍ଟି ଜରିଆରେ ଗୋଲ ସ୍କୋର କରିଥିବା ବେଳେ ୩୭ତମ ମିନିଟ୍ରେ ଗ୍ରେସ୍ ଷ୍ଟୁଆର୍ଟ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଆମେରିକା ଗୋଲ ଦେବାରେ ବିଫଳ ହୋଇଥିଲା। ବୁଧବାର ଆମେରିକା ଓ ଚୀନ, ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର